- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-272 ♦BHUBANESWAR ♦MONDAY ♦31 MARCH 2025 ♦PAGE-14 ♦₹ 6.00


♦ବର୍ଷ-୪୨ ♦ସଂଖ୍ୟା-୨୭୨ ♦ଭୁବନେଶ୍ୱର ♦ସୋମବାର ♦୩୧ ମାର୍ଚ୍ଚ ୨୦୨୫ ♦ପୃଷ୍ଠା-୧୪ ♦ଟ.୬.୦୦




ସାବାଲେଙ୍କାଙ୍କୁ ମିଆମି ଓପନ୍ ଟାଇଟଲ୍

▶ପୃଷ୍ଠା ୧୩ ଦେଖନ୍ତୁ...

# ହିମାଚଳରେ ଭୂସ୍ଖଳନ; ୬ ମୃତ



■ **କୁଲୁ, ୩୦ା୩ (ଏଜେନ୍ସି):** ହିମାଚଳ ପ୍ରଦେଶର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ କୁଲୁର 'ମଣିକର୍ଣ୍ଣ ସାହିବ' ଗୁରୁଦ୍ୱାରର ପାର୍କିଂ ନିକଟରେ ରବିବାର ଉପରବେଳା ବଡ଼ ଅଘଟଣ ଘଟିଛି। ଝଡ଼ତୋଫାନ ଯୋଗୁଁ ଏକ ବିରାଟ ଗଛ ଉପୁଡି ପଡିବାରୁ ଭୂସ୍ଖଳନ ହୋଇଛି। ଏହି ଗଛ ସହିତ ପାହାଡର ଅବଶେଷ ତଳେ ଛିଡ଼ା ହୋଇଥିବା ୫-୬ ଗାଡ଼ି ଉପରେ ପଡିଛି। ଘଟଣାସ୍ଥଳରେ ୬ ଜଣଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରେ ବିଦେଶୀ ମହିଳାଙ୍କ ସମେତ ୩ ପର୍ଯ୍ୟଟକ ଏବଂ ଜଣେ ଗ୍ରାମବାସୀ ସାମିଲ ▶ପୃଷ୍ଠା-୭

## ପୁଣି ରେଳ ଯାତନା

# କାମାକ୍ଷା ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ

## ୧ ମୃତ, ୧୬ ଗୁରୁତର

- ରେଳ ଧାରଣାରୁ ଖସିଗଲା ୧୧ ବଗି; ଏସ୍‌ସିବିରେ ଚାଲିଛି ଗୁରୁତରଙ୍କ ଚିକିତ୍ସା
- ବଦଳିଲା ୨୨ ଦୂରଗାମୀ ଟ୍ରେନ୍‌ର ଗତିପଥ; ସ୍ୱତନ୍ତ୍ର ଟ୍ରେନ୍‌ରେ ଗନ୍ତବ୍ୟ ସ୍ଥଳକୁ ଗଲେ ଯାତ୍ରୀ
- ମୃତକଙ୍କ ପରିବାରକୁ ୫ଲକ୍ଷ, ଗୁରୁତରଙ୍କୁ ୨.୫ ଲକ୍ଷ ଏବଂ ଆହତଙ୍କୁ ୫୦ ହଜାର ସହାୟତା
- ଘଟଣାର ତଦନ୍ତ କରିବେ ଦକ୍ଷିଣ-ପୂର୍ବ ରେଳ ସୁରକ୍ଷା କମିଶନର୍




■ **ଚୌଦ୍ୱାର/ମଙ୍ଗୁଳି, ୩୦ା୩ (ସମିସ):** କିଛି ମାସର ବ୍ୟବଧାନ ପରେ ପୁଣି ଥରେ ଯାତ୍ରୀଙ୍କୁ ମିଳିଛି ରେଳ ଯାତନା। କଟକ ଷ୍ଟେସନର ଅନତି ଦୂର ମଙ୍ଗୁଳି-ଚୌଦ୍ୱାର ପାସେଞ୍ଜର ହଲ୍ଟ ନିକଟରେ ବେଙ୍ଗାଲୁରୁ-କାମାକ୍ଷା ସୁପରଫାଷ୍ଟ ଏକ୍ସପ୍ରେସ୍ ଲାଇନଚ୍ୟୁତ ହୋଇଛି। ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅ ।।ନେକ ଯାତ୍ରୀ ଆହତ ହୋଇଛନ୍ତି। ୧୬ ଗୁରୁତରଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁସାରେ, ରବିବାର ପୂର୍ବାହ୍ନ ପ୍ରାୟ ୧୧ଟା ୪୫ରେ ଟ୍ରେନ୍‌ଟି କଟକ ଷ୍ଟେସନ ଛାଡ଼ିଥିଲା। ମଙ୍ଗୁଳି-ଚୌଦ୍ୱାର ପାସେଞ୍ଜର ହଲ୍ଟର କିଛି ବାଟ ପୂର୍ବରୁ ଟ୍ରେନର କିଛି ବଗି ପ୍ରଚଣ୍ଡ ଶବ୍ଦ କରି ରେଳ ଧାରଣାରୁ ଖସି ଯାଇଥିଲା। ଇଞ୍ଜିନ୍ ଓ ପାଖ ୭ଟି ବଗି ଟ୍ରାକ୍ ଉପରେ ଥିବାବେଳେ ଏସ୍-୭ରୁ ପଛକୁ ୧୧ଟି ବଗି ଲାଇନ୍‌ଚ୍ୟୁତ ହୋଇଥିଲା। ପ୍ରଚଣ୍ଡ ଶବ୍ଦ ଶୁଣି ଯାତ୍ରୀମାନେ ଭୟରେ ଚିତ୍କାର କରିବା ସହ ଟ୍ରେନ୍‌ରୁ ଡେଇଁ ପଡ଼ିଥିଲେ। ସ୍ଥାନୀୟ ଅଞ୍ଚଳର ଅଧିବାସୀମାନେ ▶ପୃଷ୍ଠା-୭

# ୩ ବର୍ଷରେ ନିର୍ମାଣ ହେବ ୫ ଲକ୍ଷ ଘର

## କଳାହାଣ୍ଡିରେ ରାଜ୍ୟସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ

■ **ଭବାନୀପାଟଣା, ୩୦ା୩ (ସମିସ):** କଳାହାଣ୍ଡିରୁ ରାଜ୍ୟସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ସେ ଆଗାମୀ ୩ ବର୍ଷରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଘର ନିର୍ମାଣ କରାଯିବାର ଲକ୍ଷ୍ୟ ରଖାଯାଇଛି ଓ ଏଥିପାଇଁ ୭୫୫୦ କୋଟି ଟଙ୍କା ବ୍ୟୟ ହେବ ବୋଲି ସୂଚନା ଦେଇଛନ୍ତି।

ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ହିନ୍ଦୁ ନବ ବର୍ଷର ଶୁଭେଚ୍ଛା ଜଣାଇବା ସହ କହିଛନ୍ତି, ଏହି ଯୋଜନା ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାର ପାଇଁ ସମ୍ମାନର ସହ ବଞ୍ଚିବାକୁ ଆଶା ଓ ଭରସା ଯୋଗାଇଦେବ। ଯୋଜନାର ଲାଭାର୍ଥୀମାନଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବା ସହିତ ଏଥିରେ ଅନ୍ୟାନ୍ୟ ଯୋଜନାର ସମନ୍ୱୟ କରାଯାଇ ବିଭିନ୍ନ ଆବଶ୍ୟକ ସୁବିଧା ଦିଆଯିବ। ସ୍ୱଚ୍ଛ ଭାରତ ମିଶନରୁ ଶୌଚାଳୟ, ଉଜ୍ଜ୍ୱଳା



ଯୋଜନାରୁ ରନ୍ଧନ ଗ୍ୟାସ୍, ଜଳ ଜୀବନ ମିଶନରୁ ସ୍ୱଚ୍ଛ ପାନୀୟ ଜଳ, ସୌଭାଗ୍ୟ ଯୋଜନାରୁ ବିଦ୍ୟୁତ୍ ସଂଯୋଗ ଆଦି ଯୋଗାଇ ଦିଆଯିବ। ପୁନଶ୍ଚ ହିତାଧିକାରୀମାନଙ୍କୁ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୯୦ରୁ ୯୫ ଦିନ ପର୍ଯ୍ୟନ୍ତ ଅଣକୁଶଳୀ ଶ୍ରମିକ ଭାବରେ ପାରିଶ୍ରମିକ ସହ କାମ ଯୋଗାଇ ଦିଆଯିବ। ଏହି ଯୋଜନାରେ ଭିନ୍ନକ୍ଷମ, ବିଧବା, କର୍କଟ ଭଳି ଅନ୍ୟାନ୍ୟ ଗୁରୁତର ରୋଗରେ ପୀଡ଼ିତ ପରିବାର, ସହିଦ୍ ପରିବାର, ଘରପୋଡ଼ି, ହାତୀ ଉପଦ୍ରବ ତଥା ବନ୍ୟା-ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟରେ ଭୀଷଣ ଭାବେ ପ୍ରଭାବିତ ହୋଇଥିବା ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୃହ ମଞ୍ଜୁର କରାଯିବ। ସେହିପରି ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ, ମୁକ୍ତ ଗୋତି ଶ୍ରମିକ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର କ୍ରୀଡାବିତ୍‌ମାନେ ମଧ୍ୟ ଏହି ଯୋଜନାରେ ଉପକୃତ ହୋଇପାରିବେ। ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2025

Empowering students for a brighter future

EMERGING B.TECH PROGRAMMES IN COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in



DSPL-439



सत्यमेव जयते



ପବିତ୍ର ଇଦ୍-ଉଲ୍-ଫିତର -୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଲ୍-ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଶାନ୍ତି-ମୈତ୍ରୀ-ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ଡ. ହରି ବାବୁ କମ୍ଭମ୍ପାଟି)



ଓଡ଼ିଶା ଶାସନ

ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଇଦ୍ ମୁବାରକ !

ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR - 15001/13/0465/2425

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟାର ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ଛାତ୍ରଛାତ୍ରୀଙ୍କୁ ପରିଶ୍ରମର ଉଚିତ ଫଳ ମିଳିବ।

**ତୁଳା:** ବୁଝିବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୫୦୪- ଦ୍ୱିତୀୟ ଶିଖ୍‌ଗୁରୁ ଅଙ୍ଗଦ ଦେବଙ୍କ ଜନ୍ମ।
- ୧୭୭୪- ଭାରତରେ ଡାକସେବା ଆରମ୍ଭ।
- ୧୮୮୯- ଫ୍ରାନ୍ସରେ ଏଫିଲ୍ ଟାୱାରକୁ ବିଧିବଦ୍ଧ ଭାବେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲି ଦିଆଗଲା।
- ୧୯୬୪- ବମ୍ବେରେ ଇଲେକ୍ଟ୍ରିକ୍ ଟ୍ରାମ୍ ଶେଷ ଥର ପାଇଁ ଚାଲିଲା।
- ୧୯୬୬- ସୋଭିଏତ୍ ରୁଷ୍ ପ୍ରଥମ ଚନ୍ଦ୍ରଯାନ ଲୁନା-୧୦ ଲଞ୍ଚ୍ କଲା।

# ମୁଣ୍ଡରେ ଭାଙ୍ଗିଲେ ୩୯ଟି କ୍ୟାନ୍



ଆଜିକାଲି ବିଶ୍ୱ ରେକର୍ଡରେ ସାମିଲ ହେବା ଲାଗି କିଛି ଲୋକେ ଅନେକ ବିପଜ୍ଜନକ କାର୍ଯ୍ୟ କରି ଦେଖାଉଛନ୍ତି। ଏହି କ୍ରମରେ ପାକିସ୍ତାନ କରାଚିର ଜଣେ ବ୍ୟକ୍ତି ତାଙ୍କ ମୁଣ୍ଡରେ ୩୯ଟି କ୍ୟାନ୍ (ଟିଣ ପାନୀୟ ବୋତଲ)କୁ ଭାଙ୍ଗି ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି। ମହମ୍ମଦ ରସିଦ୍ ମାତ୍ର ୩୦ ସେକେଣ୍ଡ ମଧ୍ୟରେ ସମସ୍ତ କ୍ୟାନ୍‌କୁ ମୁଣ୍ଡରେ ପିଟି ଭାଙ୍ଗିଛନ୍ତି। ଗତବର୍ଷ ସେ ଏହି ଉପଲବ୍ଧି ହାସଲ କରିଥିଲେ। ସାମାଜିକ ଗଣମାଧ୍ୟମରେ ଏହାର ଏକ ଭିଡିଓ ପୁଣି ଥରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଭିଡିଓରୁ ଦେଖିବାକୁ ମିଳୁଛି ଯେ, ମୁଣ୍ଡରେ ସେ ୩୯ଟି ଯାକ କ୍ୟାନ୍‌କୁ ବେଶ୍ ସହଜରେ ଭାଙ୍ଗି ଦେଉଛନ୍ତି। ସେହିପରି ମୁଣ୍ଡରେ ସେ ଏତେ ଜୋର୍‌ରେ କ୍ୟାନ୍‌କୁ ଆଘାତ ଦେଇଛନ୍ତି, ତା' ଭିତରେ ଥିବା ପାନୀୟ ବାହାରି ଆସୁଛି। ଅବଶ୍ୟ ଲୋକେ ଏହାକୁ ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି। କାରଣ ଆହତ ନ ହୋଇ ସେ ଏହି ଚମତ୍କାରିତା ଦେଖାଇଛନ୍ତି। କିଛି ଲୋକ ତାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ମଧ୍ୟ କରିଛନ୍ତି।

# ଆସିବ 'ବଜରଙ୍ଗୀ ଭାଇଜାନ୍'ର ସିକ୍ୱେଲ



ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ ୩୭ ବର୍ଷର ବଲିଉଡ୍ କ୍ୟାରିୟରରେ ତାଙ୍କର ପ୍ରଶଂସକମାନଙ୍କୁ ଅନେକ ହିଟ୍, ସୁପରହିଟ୍, ବ୍ଲକ୍‌ବଷ୍ଟର୍ ଫିଲ୍ମ ଭେଟି ଦେଇଛନ୍ତି। ତେବେ ସଲମାନ୍‌ଙ୍କ କିଛି ଫିଲ୍ମର ସିକ୍ୱେଲକୁ ତାଙ୍କର ପ୍ରଶଂସକମାନେ ଅପେକ୍ଷା କରିଛନ୍ତି। ତନ୍ମଧ୍ୟରେ 'ବଜରଙ୍ଗୀ ଭାଇଜାନ୍' ରହିଛି। ୨୦୧୫ରେ ରିଲିଜ୍ ହୋଇଥିବା ଏହି ଫିଲ୍ମର ସିକ୍ୱେଲ ଆସିପାରେ ବୋଲି ନିକଟରେ ସଲମାନ କହିଛନ୍ତି। ଅବଶ୍ୟ ଏହା କେବେ ଆସିବ, ସେକଥା ସେ କିଛି ସ୍ପଷ୍ଟ ଭାବେ କହି ନାହାନ୍ତି। 'ସିକନ୍ଦର' ସିନେମାର ପ୍ରମୋସନ୍ ସମୟରେ ସେ 'ବଜରଙ୍ଗୀ ଭାଇଜାନ'ର ସିକ୍ୱେଲକୁ ନେଇ ଆଲୋଚନା କରିଥିଲେ। ଏହାକୁ ଶୁଣି ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ହୋଇଛନ୍ତି। ଏହାର ଦ୍ୱିତୀୟ ଭାଗ ନିର୍ମାଣ ହୋଇପାରିବ ବୋଲି ସେ କଥା କଥାରେ କହିଛନ୍ତି। ତେବେ, ସମସ୍ୟା ହେଉଛି ସିନେମା ନିର୍ମାଣ ହେବା ବେଳକୁ, ମୁନୀ କଥା କହିବା ଆରମ୍ଭ କରି ଦେଇଥିବ ବୋଲି ସଲମାନ୍ ମଜାଳିଆ ଅନ୍ଦାଜରେ କହିଛନ୍ତି। ସେହିପରି ତାଙ୍କର ଏହି କଥାରୁ ଅନୁମାନ କରାଯାଉଛି ଯେ, ଏହି ସିନେମା ଉପରେ କାମ ଆରମ୍ଭ ହୋଇପାରେ। ୯୦ କୋଟି ବଜେଟ୍‌ରେ ନିର୍ମିତ 'ବଜରଙ୍ଗୀ ଭାଇଜାନ୍' ସାରା ବିଶ୍ୱରେ ୯୨୨ କୋଟି ଆୟ କରିଥିଲା। କବୀର ଖାନ୍ ଏହାର ନିର୍ଦ୍ଦେଶନା ଦେଇଥିଲେ।

# ରୋବଟିକ୍ ହାତରେ କୃତ୍ରିମ ତ୍ୱଚା



କୃତ୍ରିମ ଅଙ୍ଗ ଲଗାଇ ଲୋକେ ଅନେକ କିଛି କାମ କରିବାକୁ ସକ୍ଷମ ହେଉଥିଲେ ବି କିଛି ଜିନିଷକୁ ସେମାନେ ଅନୁଭବ କରି ପାରନ୍ତି ନାହିଁ। ତେବେ ଆଗାମୀ ଦିନରେ କୃତ୍ରିମ ଅଙ୍ଗଦ୍ୱାରା ହାତରେ ଧରିଥିବା ଜିନିଷକୁ ଅନୁଭବ କରି ହେବ। ଆଇଆଇଟି ମଣ୍ଡିର ଗବେଷକ ଏବଂ ଛତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା କୃତ୍ରିମ ତ୍ୱଚା ଦ୍ୱାରା ଏହା ସମ୍ଭବ ହେବ। ମୁଖ୍ୟତଃ ସେମାନେ ଏକ ରୋବଟିକ୍ ହ୍ୟାଣ୍ଡ ମଡେଲ ବିକଶିତ କରିଛନ୍ତି। ତା'ସହ ସେମାନେ ଦାବି କରିଛନ୍ତି ଯେ, ଭବିଷ୍ୟତରେ ଏହି ମଡେଲ ମେଡିକାଲ କ୍ଷେତ୍ରରେ ଡାକ୍ତର ଏବଂ ନର୍ସଙ୍କ ପାଇଁ ଏକ ସହାୟକ ଭାବେ କାମ କରିବ। ସେହିପରି ରୋବଟିକ୍ ହାତରେ ଲାଗିଥିବା କୃତ୍ରିମ ତ୍ୱଚା ଦ୍ୱାରା ହାତରେ ଥିବା ସମସ୍ତ ଜିନିଷକୁ ଅନୁଭବ କରିହେବ। ରୋବଟିକ୍ ହାତ ମଣିଷର ମସ୍ତିଷ୍କ ପଢ଼ିବାକୁ ସକ୍ଷମ ନୁହେଁ। ତେଣୁ ଏହି ହାତରେ ଧରାଯାଉଥିବା ଜିନିଷକୁ ଅନୁଭବ କରି ହୁଏ ନାହିଁ ବୋଲି ଜଣେ ଗବେଷକ କହିଛନ୍ତି। ତେବେ ସେମାନେ ଯେଉଁ ତ୍ୱଚା ବିକଶିତ କରିଛନ୍ତି, ତାହାକୁ ଲଗାଇବା ଦ୍ୱାରା ଏହା ଜିନିଷ ଚିହ୍ନଟ କରିବା ଏବଂ ଅନୁଭବ କରିବାକୁ ପୂରାପୂରି ସକ୍ଷମ। ଏହି ତ୍ୱଚାକୁ ତିଆରି କରିବା ପାଇଁ ପଲିଡାଇମିଥାଇଲ ସିଲୋକ୍ସେନ୍ ଏବଂ ହାଇଡ୍ରୋଜେଲ୍‌ର ବ୍ୟବହାର କରାଯାଇଛି। ୧୨ ଜଣିଆ ଟିମ୍ ଦୁଇ ବର୍ଷ ହେବ ଏହି ମଡେଲ୍ ଉପରେ ଗବେଷଣା କରି ଆସୁଛନ୍ତି। ଏହାର ସଂପୂର୍ଣ୍ଣ ଗବେଷଣା ଆଇଆଇଟି ମଣ୍ଡିରେ ହିଁ କରାଯାଇଛି। ଏବେ ଏହି ମଡେଲ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି। ଅନ୍ୟପକ୍ଷରେ ଏହି ତ୍ୱଚା ସାଧାରଣ ତାପମାତ୍ରାରେ ୪-୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରି ପାରିବ।

# ପଞ୍ଚେଇ ପୂଜା

ଓଡ଼ିଆ ଘରେ ମହିଳାମାନେ ବର୍ଷସାରା ବିଭିନ୍ନ ଓଷାବ୍ରତ ପାଳନ କରିଥାନ୍ତି। ସେଥିରୁ କେଉଁଟିକୁ ଘରେ ତ କେଉଁଟିକୁ ମନ୍ଦିରରେ, ଆଉ କେଉଁଟିକୁ ଦାଣ୍ଡରେ ପାଳନ କରିଥାନ୍ତି। ଦାଣ୍ଡରେ ପାଳିତ ହେଉଥିବା ଓଷା ମଧ୍ୟରେ ଚଇତି ମଙ୍ଗଳବାର ବା ପଞ୍ଚେଇ ପୂଜା ଅନ୍ୟତମ। ମା' ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ଚୈତ୍ର ମାସରେ ପ୍ରତି ମଙ୍ଗଳବାରରେ ଏହି ଓଷା ପାଳନ କରାଯାଏ। ଖରାକୁ ଖାତିର ନ କରି ପରିବାର ତଥା ସନ୍ତାନଙ୍କ ଶୁଭ ମନାସୀ ସଧବା ନାରୀମାନେ ମେଳ ହୋଇ ଏହି ପୂଜା ନିଷ୍ଠାର ସହ କରନ୍ତି। ଏହି ଅବସରରେ ଘଟଗାଁ ସ୍ଥିତ ମା' ତାରିଣୀ ମନ୍ଦିର ଓ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠ ଚଳଚଞ୍ଚଳ ହୋଇଥାଏ।



ବିଧି ଅନୁସାରେ ଦାଣ୍ଡରେ ପଞ୍ଚେଇ ଖୋଳା ଯାଏ ଏବଂ ତାହାକୁ ଗୋବର ପାଣିରେ ଲିପାପୋଛା କରାଯାଏ। ପଞ୍ଚେଇ ଭିତରେ ହଳଦି, ଚୁଆ, କ୍ଷୀର, ଜଳ ଆଦି ଅର୍ପଣ କରାଯାଏ। ପଞ୍ଚେଇର ଚାରିପାର୍ଶ୍ୱରେ ଆମ୍ବ ଡାଳ, ଗୁଆ, ସିନ୍ଦୂର, ନାଲି ମନ୍ଦାର ଏବଂ ମୁରୁଜରେ ସଜାଯାଏ। ଏହାସହ ବିଭିନ୍ନ ପ୍ରକାର ଫଳ, ଦହି, ଛେନା, ନଡ଼ିଆରେ ତିଆରି ପଣା ଲାଗି କରାଯାଏ। ଓଷା ବ୍ରତ ବହି ବ୍ରତଧାରୀ ପଢ଼ନ୍ତି। ବ୍ରତ କରୁଥିବା ମହିଳାମାନେ ଧଳା ସୂତାରେ ୧୩ଟି ଗଣ୍ଠି ପକାଇ ବ୍ରତକୁ ଧାରଣ କରନ୍ତି। ପୂଜା ଶେଷ ହେବା ପରେ ବ୍ରତ କରିଥିବା ମହିଳାମାନେ ପଞ୍ଚେଇରେ ଲାଗି ହୋଇଥିବା ପଣାକୁ ପ୍ରସାଦ ରୂପେ ପାଆନ୍ତି। ଏହି ଅବସରରେ ଗାଁ ଗାଁରେ ମଙ୍ଗଳାଙ୍କ ଘଟ ବୁଲିଥାଏ।

## ସ୍ୱସ୍ତି

# ଅଶୋକାଷ୍ଟମୀ

ଚୈତ୍ର ଶୁକ୍ଳ ଅଷ୍ଟମୀ 'ଅଶୋକାଷ୍ଟମୀ' ଭାବେ ପରିଚିତ। ଏହିଦିନ ଏକାମ୍ର କ୍ଷେତ୍ରରେ ଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହୁଏ। ମହାପ୍ରଭୁ ଲିଙ୍ଗରାଜ ଦୋଳଗୋବିନ୍ଦ (ବାସୁଦେବ) ଏବଂ ଭଉଣୀ ରୁକୁଣା ବା ରୁକ୍ମିଣୀଙ୍କ ସହ ରୁକୁଣା ରଥରେ ବିଜେ ହୋଇ ମାଉସୀ ଘର (ରାମେଶ୍ୱର ମନ୍ଦିର) ଯାଆନ୍ତି। ମହାପ୍ରଭୁ ଲିଙ୍ଗରାଜ ୬ ଦିନ ପାଇଁ ମନ୍ଦିର ଓ ପତ୍ନୀ ପାର୍ବତୀଙ୍କୁ ଛାଡ଼ି ମାଉସୀ ଘର ଯାଉଥିବାରୁ ସେ ମାନ କରନ୍ତି। ଏପରିକି କ୍ରୋଧରେ ରଥ ଭାଙ୍ଗନ୍ତି। ପ୍ରଭୁ ଲିଙ୍ଗରାଜ ମଧ୍ୟ ମାତା ପାର୍ବତୀଙ୍କ ମାନଭଞ୍ଜନ କରିଥାନ୍ତି। ଅନ୍ୟପକ୍ଷରେ ରାମେଶ୍ୱର ମାଉସୀ ଘରେ ହରିହର ଭେଟ ହୁଏ। ସବୁଠୁ ରୋଚକୀୟ କଥା ହେଉଛି, ଏହି ରଥ ଅଣଲେଉଟା।



ରୁକୁଣା ରଥଯାତ୍ରାକୁ ନେଇ ପୁରାଣରେ ବହୁ କଥା ବର୍ଣ୍ଣନା ରହିଛି। ତ୍ରିପୁର ବିଜୟୀ ତ୍ରିପୁରାସୁରର ଅତ୍ୟାଚାରରେ ଦେବଲୋକ ଓ ମର୍ତ୍ତ୍ୟଲୋକ ଅତିଷ୍ଠ ହୋଇ ପଡ଼ିଥିଲା। ଏଥିରୁ ତ୍ରାହି ପାଇଁ ସେମାନେ ମହାଦେବଙ୍କ ଶରଣାପନ୍ନ ହୋଇ ତ୍ରିପୁରାସୁରକୁ ବଧ କରିବା ନିମନ୍ତେ ପ୍ରାର୍ଥନା କରିଥିଲେ। ଦେବଗଣଙ୍କ ଅନୁରୋଧ ରକ୍ଷା କରି ଶିବ ଯୁଦ୍ଧ ପାଇଁ ପ୍ରସ୍ତୁତ ହୁଅନ୍ତି। ଏଥିରେ ତାଙ୍କୁ ତାଙ୍କ ଭଉଣୀ ରୁକୁଣା ସହଯୋଗ କରନ୍ତି। ବିଶ୍ୱକର୍ମା ଯୁଦ୍ଧ ପାଇଁ ସ୍ୱତନ୍ତ୍ର ରଥ ତିଆରି କରନ୍ତି। ଏହି ରଥରେ ବିଜେ ହୋଇ ଭାଇ ଭଉଣୀ ଯୁଦ୍ଧ କ୍ଷେତ୍ରକୁ ଯାଇ ତ୍ରିପୁରାସୁରକୁ ନିପାତ କରିଥିଲେ। ସେଥିପାଇଁ ରଥକୁ ଏହି 'ରୁକୁଣା ରଥ' କୁହାଯାଏ।

ତେବେ ଏହି ରଥର ବିଶେଷ କଥା ହେଉଛି, ଏହା ଲେଉଟି ନ ଥାଏ। ଅର୍ଥାତ୍ ଏହି ରଥ କୌଣସି ମୋଡ଼ ନେଇ ପଛକୁ ଫେରି ନ ଥାଏ। ତେବେ ଏହା ଯେମିତି ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଏ, ଠିକ୍ ସେମିତି ପଛକୁ ଫେରିଥାଏ। ରଥର ପଛପଟ ଦ୍ୱାର ଖୋଲାଯାଇ ଘୋଡ଼ା ମାନଙ୍କୁ ଯୋଚାଯାଏ। ସେଥିପାଇଁ କୁହାଯାଏ, ରୁକୁଣା ରଥ ଅଣଲେଉଟା। ରଥର ଉଚ୍ଚତା ୩୫ ଫୁଟ୍ ଏବଂ ଓସାର ୨୦ ଫୁଟ୍। ରଥରେ ୬ଟି ବିଶିଷ୍ଟ ଚାରିଚକ ବ୍ୟବହୃତ ହୁଏ। ରଥର ପାର୍ଶ୍ୱଦେବତା ହେଲେ ସୂର୍ଯ୍ୟ, ବରୁଣ, ଅଗ୍ନି, ଇନ୍ଦ୍ର, ଦୁର୍ଗା, ଶିବ, ଯମ ଏବଂ କାର୍ତ୍ତିକେୟ। ରଥର ସାରଥି ବ୍ରହ୍ମା। ଏଥିରେ ଚାରୋଟି ଚକରେ ଦୁଇଟି ଅଖ ଲାଗିଥାଏ। ରଥକୁ ନୀଳ, ହଳଦିଆ, ନାଲି ଓ ଧଳା ରଙ୍ଗ କପଡ଼ାରେ ଆଚ୍ଛାଦିତ କରାଯାଇଥାଏ। ରଥର ଉପର ପାର୍ଶ୍ୱରେ କଳସ, ଓଲଟଶୁଆ ଓ ଧ୍ୱଜା ଲାଗିଥାଏ। ଚାରୋଟି ଅଶ୍ୱ ଏକପ୍ରକାର ରଙ୍ଗରେ ରଙ୍ଗାୟିତ ହୋଇଥାନ୍ତି।

# ପବିତ୍ର ରାମନବମୀ

ଭଗବାନ ଶ୍ରୀରାମ ହେଉଛନ୍ତି ମର୍ଯ୍ୟାଦା ପୁରୁଷୋତ୍ତମ। ସେ ହେଉଛନ୍ତି ହିନ୍ଦୁଙ୍କ ଆସ୍ଥାର ପ୍ରତୀକ। ଭଗବାନ ରାମଙ୍କ ଚରିତ୍ରରୁ ଅନେକ କିଛି ଶିଖିବାକୁ ମିଳେ। ପିତୃସତ୍ୟ ପାଳନ କରି ସେ ଚଉଦ ବର୍ଷ ବନବାସ କରିଥିଲେ ଏବଂ ଘଟଣାକ୍ରମେ ଲଙ୍କେଶ ରାବଣକୁ ବଧ କରି ମା ସୀତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କ ଜନ୍ମୋତ୍ସବକୁ 'ରାମନବମୀ' ଭାବେ ପାଳନ କରାଯାଏ। ଏହା ଚୈତ୍ର ଶୁକ୍ଳ ନବମୀ ତିଥିରେ ପଡ଼ିଥାଏ। ତା'ସହ ଚୈତ୍ର ନବରାତ୍ରୀର ଶେଷ ଦିନ ଭାବେ ଏହାକୁ ପାଳନ ବି କରାଯାଏ।



ଭଗବାନ ଶ୍ରୀରାମ ଅଯୋଧ୍ୟାର ରାଜା ଦଶରଥ ଏବଂ ରାଣୀ କୌଶଲ୍ୟାଙ୍କ ସୁପୁତ୍ର। ହିନ୍ଦୁ ଧର୍ମ ଅନୁସାରେ, ଭଗବାନ ରାମ ବିଷ୍ଣୁଙ୍କ ସପ୍ତମ ଅବତାର। ତ୍ରେତୟା ଯୁଗରେ ଅସୁରମାନଙ୍କ ଉତ୍ପାତ ବଢ଼ି ଯାଇଥିଲା। ସେମାନେ ସର୍ବଦା ମୁନି-ଋଷିଙ୍କ ଯଜ୍ଞ ଭଙ୍ଗ କରିବାକୁ ଚାହୁଁଥିଲେ। ଅସୁରମାନଙ୍କ ବିନାଶ ପାଇଁ ଭଗବାନ ବିଷ୍ଣୁ ଶ୍ରୀରାମ ଅବତାରରେ ଅବତରିଲେ। ଶ୍ରୀରାମଙ୍କ ଜନ୍ମୋତ୍ସବର ଉତ୍ସାହ ପୂରା ଭାରତରେ ଦେଖିବାକୁ ମିଳିଥାଏ। ରାମନବମୀ ଦିନ ଶ୍ରୀରାମଙ୍କ ବିଶେଷ ପୂଜାର୍ଚ୍ଚନା କରାଯାଏ। ବିଶେଷକରି ଏହି ଅବସରରେ ଶ୍ରୀରାମଙ୍କ ଉପାସନା ତଥା ବ୍ରତ ରଖିବା ଦ୍ୱାରା ଜୀବନରେ ସୁଖସମୃଦ୍ଧି ପ୍ରାପ୍ତହୁଏ। ଶ୍ରୀରାମଙ୍କ ସମେତ ଦେବୀ ସୀତା, ଲକ୍ଷ୍ମଣ ଏବଂ ହନୁମାନଙ୍କ ପୂଜା କରାଯାଏ। ଏହିଦିନ ରାମଚରିତ, ରାମ ସ୍ତୋତ୍ର, ରାମାୟଣ ପାଠ କରିବାକୁ ଶୁଭ ବୋଲି ବିବେଚନା କରାଯାଏ। ସେହିପରି ପବିତ୍ର ରାମନବମୀରେ ଶ୍ରୀମନ୍ଦିରରେ ଶ୍ରୀରାମଙ୍କ ଜନ୍ମନୀତି ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ରାମଜନ୍ମଭୂମି ଅଯୋଧ୍ୟା ଉତ୍ସବମୁଖର ହୋଇଉଠେ।

# ରକ୍ଷାସୂତ୍ର ଉତାରିବାର ନିୟମ

**ହିନ୍ଦୁଧର୍ମରେ ରକ୍ଷାସୂତ୍ରର ଅନେକ ମହତ୍ତ୍ୱ ଅଛି। କୌଣସି ଶୁଭକାର୍ଯ୍ୟ ତଥା ପୂଜାପାଠ କରିବା ବେଳେ ଏହାକୁ ହାତରେ ବନ୍ଧା ଯାଏ। ତେବେ ରକ୍ଷାସୂତ୍ର ପିନ୍ଧିବା ତଥା ଉତାରିବାର ଶୁଭ ଦିନ ବି ଅଛି।**

ଶାସ୍ତ୍ର ଅନୁସାରେ, ରକ୍ଷାସୂତ୍ର ବାହାର କରିବାର ମଙ୍ଗଳବାର ଏବଂ ଶନିବାର ହେଉଛି ସବୁଠୁ ଶୁଭଦିନ। ଥରେ ପିନ୍ଧିଥିବା ରକ୍ଷାସୂତ୍ରକୁ ଅନ୍ୟ କାହା ପାଇଁ ବ୍ୟବହାର କରିବା ଅନୁଚିତ। ତେବେ ଏହାକୁ ରକ୍ଷାବନ୍ଧନ, ଜନ୍ମାଷ୍ଟମୀରେ ବନ୍ଧାଗଲେ ଏହି ଉତ୍ସବ ଶେଷ ନ ହେବା ଯାଏଁ ଏହାକୁ ହାତରୁ ବାହାର କରିବା ଅନୁଚିତ। ସେହିପରି ଏହାକୁ କାଢ଼ି ଏଣେତେଣେ ଫିଙ୍ଗି ଦେବା ଭଲ ନୁହେଁ। ଏହାକୁ ଅଶୁଭ ବୋଲି କୁହାଯାଏ। ହାତରୁ ରକ୍ଷାସୂତ୍ର ବାହାର କରିବା ପରେ ପବିତ୍ର ନଦୀ ତଥା ଅଶ୍ୱତ୍ଥ କିମ୍ବା ତୁଳସୀ ଗଛ ପାଖରେ ରଖିବା ଉଚିତ।

ସକାଳ THE SAKALA
ସୋମବାର ୩୧ ମାର୍ଚ୍ଚ, ୨୦୨୫








**ପୁଣି ରେଳ ଯାତନା** ନିର୍ଗୁଣ୍ଡି ଷ୍ଟେସନ ନିକଟରେ କାମାକ୍ଷା ଏକ୍ସପ୍ରେସ ଲାଇନ୍‌ଚ୍ୟୁତ : ପ୍ରଚଣ୍ଡ ଖରାରେ ଯାତ୍ରୀ ହନ୍ତସନ୍ତ, ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ, ଏନ୍‌ଡିଆର୍‌ଏଫ୍ ଓ ଏସ୍‌ଡିଆର୍‌ଏଫ୍

# ରାଜ୍ୟବ୍ୟାପୀ ଓଡ଼ିଶା ଦିବସ ପାଳିବ ବିଜୁ ଜନତା ଦଳ

**ଭୁବନେଶ୍ୱର, ୩୦।୩ (ସମିସ):** ଏପ୍ରିଲ ୧ ତାରିଖ ଦିନ ପାଳିତ ହେବାକୁ ଥିବା ୮୯ତମ ଓଡ଼ିଶା ଦିବସକୁ ବିଜୁ ଜନତା ଦଳ ରାଜ୍ୟବ୍ୟାପୀ ପାଳିବ। ଏନେଇ ପ୍ରସ୍ତୁତି ଆରମ୍ଭ ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ ନିର୍ବାଚନମଣ୍ଡଳୀର କର୍ମକର୍ତ୍ତାମାନଙ୍କୁ ପତ୍ର



ଲେଖି ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଆଲୋଚନାଚକ୍ର ଅନୁଷ୍ଠିତ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଆଜି ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀପ୍ରସାଦ ମିଶ୍ର ଓ ଦଳର ସଭ୍ୟ ସଂଗ୍ରହ ଅଭିଯାନ କମିଟିର ଆବାହକ ଅତନୁ ସବ୍ୟସାଚୀ ନାୟକ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ଶ୍ରୀ ମିଶ୍ର କହିଥିଲେ, ଓଡ଼ିଶାର ଅନେକ ବରପୁତ୍ରମାନଙ୍କ ସଂଘର୍ଷ, ତ୍ୟାଗ ଓ ବଳିଦାନ ଫଳରେ ୧୯୩୬ ମସିହା ଏପ୍ରିଲ ୧ତାରିଖ ଦିନ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା। କଳା, ଭାସ୍କର୍ଯ୍ୟ ଓ ଐତିହ୍ୟ ପାଇଁ ଓଡ଼ିଶାର ପ୍ରସିଦ୍ଧି ରହିଛି। ପ୍ରତ୍ୟେକ ଓଡ଼ିଆ ଏହାକୁ ନେଇ ଗର୍ବିତ। ଏହାକୁ ସ୍ମରଣୀୟ କରିବା ପାଇଁ ଓଡ଼ିଶା ଦିବସ ପାଳିତ ହୋଇଆସୁଛି।

ଶ୍ରୀ ନାୟକ କହିଥିଲେ, ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ତଥା ଜିଲ୍ଲା କାର୍ଯ୍ୟାଳୟରେ ବିଜୁ ଜନତା ଦଳ ତରଫରୁ ଓଡ଼ିଶା ଦିବସ ପାଳନ କରାଯିବ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିବା ବରପୁତ୍ରମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ଆଲୋଚନାଚକ୍ର କାର୍ଯ୍ୟକ୍ରମ କରାଯିବ। ଏଥିସହ ନିଜ ଅଞ୍ଚଳରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ଦଳ ତରଫରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ କରାଯିବ। ବିଜୁ ଜନତା ଦଳର ଭୁବନେଶ୍ୱର ଜିଲ୍ଲା ବିଜେଡି ଆନୁକୂଲ୍ୟରେ ଶଙ୍ଖ ଭବନରେ ଓଡ଼ିଶା ଦିବସ କାର୍ଯ୍ୟକ୍ରମ ପାଳନ କରାଯିବ। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେବା ଲାଗି ଆମେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛୁ ବୋଲି ଶ୍ରୀ ନାୟକ କହିଛନ୍ତି।

# ଅଧା ବି ସରିଲାନି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ

## ଟେଣ୍ଡର୍ ପ୍ରକ୍ରିୟାରେ ଘାଣ୍ଟି ହେଉଛି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା

**ଭୁବନେଶ୍ୱର,୩୦।୩(ସମିସ):** ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ କରିବେ ବୋଲି ସରକାର କହୁଛନ୍ତି। ସେହି ଲକ୍ଷ୍ୟରେ ୫ବର୍ଷ ଭିତରେ ୭୫ହଜାର କିମି ସଡ଼କ ନିର୍ମାଣ ପାଇଁ ସରକାର ଘୋଷଣା କରିଛନ୍ତି। କିନ୍ତୁ ବିକାଶର ମାର୍ଗ ଏବେ ଅଧପନ୍ତରିଆ ଅବସ୍ଥାରେ ପହଞ୍ଚି ଗଲାଣି। ଚଳିତ ଆର୍ଥିକ ବର୍ଷରେ ଗ୍ରାମାଞ୍ଚଳର ଜନତା ଗୋଟିଏ ଭଲ ସଡ଼କ କିମ୍ବା ସେତୁ ଦେଖିପାରିଲେ ନାହିଁ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ଏବଂ ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ଏମ୍‌ଏମ୍‌ଏସ୍‌ୱାଇ) ଲକ୍ଷ୍ୟଠାରୁ ବହୁ ଦୂରରେ ରହିଯାଇଛି।

୨୦୨୪-୨୫ ଆର୍ଥିକ ବର୍ଷରେ ସର୍ବମୋଟ ୧୭୦୦ କୋଟି ଟଙ୍କା ବ୍ୟୟ କରାଯାଇ ୧୭୭୦ କିମି ରାସ୍ତା ଓ ୫୦ଟି ସେତୁ ନିର୍ମାଣ ଲକ୍ଷ୍ୟ ରଖାଯାଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ମାତ୍ର ୬୫୭ କିମି ରାସ୍ତା ଓ ୨୮ଟି ସେତୁର ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରିଛି। ଏଥିପାଇଁ ଧାର୍ଯ୍ୟ ୧୭୦୦ କୋଟି ଟଙ୍କାରୁ ୬୭୦ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା (ଏମ୍‌ଏମ୍‌ଏସ୍‌ୱାଇ)-ପୁରୁଣା ଗ୍ରାମ୍ୟ ସଡ଼କର ଉନ୍ନୟନ ଯୋଜନାରେ ୫୦୦ଟି (୨୫୩୫ କିମି) ରାସ୍ତା ନିର୍ମାଣ ପାଇଁ ୧୨୯୦କୋଟି, ଏମ୍‌ଏମ୍‌ଏସ୍‌ୱାଇ-ସିଏମ୍‌ଆରଏଲ୍ ଯୋଜନାରେ ୧୧୩ଟି (୪୭୨କିମି) ରାସ୍ତାର ନିର୍ମାଣ ପାଇଁ ୪୪୧ କୋଟି ଟଙ୍କା ଏବଂ ଏମ୍‌ଏମ୍‌ଏସ୍‌ୱାଇ-ସିୟୁଭିଡିଏ ଯୋଜନାରେ ୫୭ଟି (୪୦୧କିମି) ରାସ୍ତାର ନିର୍ମାଣ ପାଇଁ ୪୮ କୋଟି ଟଙ୍କା ରାଜ୍ୟ ସରକାର ମଞ୍ଜୁର କରିଛନ୍ତି। କିନ୍ତୁ ଏସବୁ ପ୍ରକଳ୍ପରେ ହାତ

**ବଡ଼ ବଜେଟ କଲେ ହେବ ନାହିଁ, ଖର୍ଚ୍ଚ କରିବା ଦରକାର: ବିରୋଧୀ**

ବାଜି ନାହିଁ। ବିଭାଗ ଏଥିପାଇଁ ଟେଣ୍ଡର୍ ପ୍ରକ୍ରିୟାରେ ଅଟକିଛି। ବିଧାନସଭାରେ ବିଭାଗୀୟମନ୍ତ୍ରୀ ମଧ୍ୟ ଏହାକୁ ସ୍ୱୀକାର କରିଛନ୍ତି।

ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ବଜେଟରେ ରାସ୍ତା ନିର୍ମାଣ ଯୋଜନାରେ ଆଗରୁ ଚାଲୁ ରହିଥିବା ରାସ୍ତାଗୁଡ଼ିକ ସହ ଏହି ସବୁ ନୂତନ ରାସ୍ତା ନିର୍ମାଣ ପାଇଁ ୩୨୮୯କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ସେଥିରୁ ଫେବୃଆରୀ ଶେଷ ସୁଦ୍ଧା ୨୦୪୮ କୋଟି ଟଙ୍କା ବ୍ୟୟରେ ୧୪୬୨ କିମି ରାସ୍ତା ନିର୍ମାଣ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଖରାପ ପ୍ରଦର୍ଶନକୁ ନେଇ ଗୃହ ଭିତରେ ଓ ବାହାରେ ସରକାରଙ୍କୁ ତୀବ୍ର ସମାଲୋଚନା କରିଛି ବିଜୁ ଜନତା ଦଳ।

ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ଗାଁର ବିକାଶ ହେଲେ ଦେଶର ବିକାଶ ହେବ; କିନ୍ତୁ ନୂଆ ସରକାର କାମ ନକରି କେବଳ ପ୍ରଚାରରେ ପ୍ରଥମ ବର୍ଷ ବିତାଇଦେଲେ। ସରକାର କହୁଛନ୍ତି, ଆମେ ଚଳିତ ବର୍ଷ ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରିଛୁ; କିନ୍ତୁ ଏହି ଟଙ୍କା କେଉଁଠି, କାହା ଦ୍ୱାରା ଏବଂ କେମିତି ଖର୍ଚ୍ଚ କରାଗଲା, ତାହାର ସୂଚନା ସରକାର ଦେଉନାହାନ୍ତି। ବିଜେଡି ସରକାର ଅମଳରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ରାସ୍ତା ସମେତ ରାଜ୍ୟ ରାଜପଥ ପ୍ରକଳ୍ପ କେତେ ଭଲ ହୋଇଛି, ତାହା ଓଡ଼ିଶାବାସୀ ଦେଖିଛନ୍ତି। ଖାଲି ବଡ଼ ବଜେଟ କରିଦେଇ ସରକାର ବାହା ବାହା ନେବାରେ ବ୍ୟସ୍ତ। କିନ୍ତୁ ବଜେଟ କିପରି ଖର୍ଚ୍ଚ ହେବ ତାହା ଉପରେ ସରକାରଙ୍କ ନଜର ନାହିଁ। ଦେଶର ଆତ୍ମା ବୋଲାଉଥିବା ଗ୍ରାମାଞ୍ଚଳରେ ଯଦି ଭଲ ସଡ଼କ ଓ ସେତୁ ନିର୍ମାଣ ହୋଇପାରିବ ନାହିଁ; ତା'ହେଲେ ରାଜ୍ୟ ଆଗକୁ ବଢ଼ିବ କେମିତି ବୋଲି ସେ ପ୍ରଶ୍ନ କରିଛନ୍ତି।

# ରାଜ୍ୟରେ ଅପପୁଷ୍ଟି ଚିନ୍ତାଜନକ

## ସରକାରୀ ଭାବେ ୧୦ ହଜାର, ବେସରକାରୀ ଭାବେ ଢେର୍ ଅଧିକ

**ଭୁବନେଶ୍ୱର, ୩୦।୩(ସମିସ):** ବିଗତ କିଛି ବର୍ଷ ହେଲା ଶିଶୁମାନଙ୍କ ମଧ୍ୟରେ ଅପପୁଷ୍ଟି ଦୂର କରିବାରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ପାଇଥିଲା। ଏଥିପାଇଁ ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ଓଡ଼ିଶାକୁ ପୁରସ୍କୃତ କରାଯାଇଥିଲା; ମାତ୍ର ସମୟ ବଦଳିବା ସହ ରାଜ୍ୟରେ ଅପପୁଷ୍ଟି ହାର ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି। ୧୦ ହଜାରରୁ ଅଧିକ ଶିଶୁ (୬ ମାସରୁ ୫ ବର୍ଷରୁ) ଉତ୍କଟ ଅପପୁଷ୍ଟିର ଶିକାର ହୋଇଛନ୍ତି। ମୟୂରଭଞ୍ଜ, କେନ୍ଦୁଝର, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି, ଗଞ୍ଜାମ, ବାଲେଶ୍ୱରରେ ସ୍ଥିତି ସଂଗୀନ୍ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସବୁ ପ୍ରକାର ବ୍ୟବସ୍ଥା ଉପଲବ୍ଧ ଏବଂ ପର୍ଯ୍ୟାପ୍ତ ଟଙ୍କା ଖର୍ଚ୍ଚ ସତ୍ତ୍ୱେ ବି ସ୍ଥିତି ଏତେ ଖରାପ ଆଡ଼କୁ ଯିବା ବିଭାଗର କାର୍ଯ୍ୟଧାରା ଉପରେ ପ୍ରଶ୍ନବାଚୀ ଲଗାଇଛି। ୧୦ହଜାର ଶିଶୁ ଉତ୍କଟ ଅପପୁଷ୍ଟିର ଶିକାର ବୋଲି ସରକାର କହୁଥିବା ବେଳେ ବେସରକାରୀ ଭାବେ ଏହି ସଂଖ୍ୟା ଢେର୍ ଅଧିକ ହେବ ବୋଲି ବିଶେଷଜ୍ଞ ମତପୋଷଣ କରିଛନ୍ତି।

ଉତ୍କଟ ଅପପୁଷ୍ଟିର ଶିକାର ଶିଶୁଙ୍କ ପାଇଁ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା'ରେ ପ୍ରତିଦିନ ୧୦୦ ଗ୍ରାମ ଛତୁଆ ଓ ଗୋଟିଏ ଅଣ୍ଡା ୧୧୨ ଦିନ ପାଇଁ ଯୋଗାଇ ଦିଆଯାଉଛି। ସେହିପରି ଚିନ୍ତାଜନକ ଭାବେ କମ୍ ଓଜନର ଶିଶୁ ଓ ମଧ୍ୟମ ଉତ୍କଟ ଅପପୁଷ୍ଟିଗ୍ରସ୍ତ ଶିଶୁଙ୍କ ପାଇଁ ବେସନ ଅଟା ମିଶ୍ରଣ, କଦଳୀ ଓ ଅଣ୍ଡା କ୍ରମାଗତ ଭାବେ ୭୫ଦିନ ପାଇଁ ପ୍ରଦାନ କରାଯାଉଛି। ଏହି ଯୋଜନାରେ ଗର୍ଭବତୀ ମହିଳାମାନଙ୍କୁ ମଧ୍ୟ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି। ଅଙ୍ଗନବାଡ଼ି ଜରିଆରେ ଶିଶୁଙ୍କୁ ବର୍ଷର ୩୦୦ ଦିନ ଖାଦ୍ୟ ଯୋଗାଇ ଦିଆଯାଉଛି। ପୂର୍ଣ୍ଣ ଆହାର, ପଢ଼ା ପୁଷ୍ଟି କାର୍ଯ୍ୟକ୍ରମ ଦ୍ୱାରା ପିଲାମାନଙ୍କ କ୍ଷେତ୍ରରେ ପୋଷଣ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯାଉଛି; ତଥାପି ଓଡ଼ିଶାର ଶିଶୁମାନେ ସମ୍ପୂର୍ଣ୍ଣ ସୁସ୍ଥତା ଲାଭ କରିପାରୁନାହାନ୍ତି। ଚଳିତବର୍ଷ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ ୫୫୪କୋଟି ଓ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ୧୩୬୬ କୋଟି ଟଙ୍କା ବ୍ୟୟବରାଦ କରିଥିଲେ। ସେହିପରି ମିଶନ୍ ପୋଷଣ-୨.୦ରେ କେନ୍ଦ୍ର ସରକାର ମଧ୍ୟ ଆର୍ଥିକ ସହାୟତା ଦେଉଛନ୍ତି। ଓଡ଼ିଶାରେ ୭୪,୧୮୬ଟି ଅଙ୍ଗନବାଡ଼ି କେନ୍ଦ୍ର ଥିବା ବେଳେ ସେଥିରୁ ୧୨ହଜାର କେନ୍ଦ୍ର ଆଦିବାସୀ ବହୁଳ ଜିଲ୍ଲାରେ ଅବସ୍ଥିତ।

ଓଡ଼ିଶାରେ ଅପପୁଷ୍ଟି ଦୂର କରିବା ଲକ୍ଷ୍ୟରେ ତତ୍‌କାଳୀନ ନବୀନ ସରକାର ଦେଶରେ ପ୍ରଥମଥର ପାଇଁ ପୋଷଣ ବଜେଟ୍ ଆଣିଥିଲେ। ପିଲାମାନଙ୍କ କ୍ଷେତ୍ରରେ କୁପୋଷଣ ଦୂର କରିବା ଦିଗରେ ଅଙ୍ଗନବାଡ଼ି ଓ ଆଶାକର୍ମୀ ବେଶ୍ ପ୍ରଶଂସନୀୟ ଭୂମିକା ନେଇଥିଲେ। ଏହାଦ୍ୱାରା ରାଜ୍ୟରେ କୁପୋଷଣ ଦୂର ହୋଇପାରିଥିଲା। ମାତ୍ର ବର୍ତ୍ତମାନ ସବୁ ଜିଲ୍ଲାରେ ହଜାରହଜାର ସଂଖ୍ୟାରେ ଶିଶୁ ଉତ୍କଟ ଅପପୁଷ୍ଟିର ଶିକାର ହେବା ଚିନ୍ତା ବଢ଼ାଇଛି।

## ଭୁଶୁଡ଼ିଗଲାଣି ଆଇନଶୃଙ୍ଖଳା

# ଗୁଳିମାଡ଼ରେ ଟଳି ପଡ଼ିଲେ ବିଜେପି କର୍ମୀ

**କବିସୂର୍ଯ୍ୟନଗର,୩୦।୩(ସମିସ):** କବିସୂର୍ଯ୍ୟନଗର ଥାନା ପଥରାପଲ୍ଲୀ ଗାଁର ମୁଖ୍ୟ ରାସ୍ତାରେ ରବିବାର ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ଆଠଗଡ଼ପାଟଣା ଗ୍ରାମର ଠିକାଦାର ତଥା ବିଜେପି କର୍ମୀ ଲକ୍ଷ୍ମୀ ନାରାୟଣ ଓରଫ୍ କୁନା ପାଇକରାୟ। ଦୁର୍ବୃତ୍ତମାନେ ଅତି ନିକଟରୁ ତାଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ଲକ୍ଷ୍ମୀନାରାୟଣ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକଙ୍କର ଜଣେ ଦୃଢ଼ ସମର୍ଥକ ଭାବେ ଜଣାଶୁଣା। ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁରୁଷୋତ୍ତମପୁର ଏସ୍‌ଡିପିଓ ଓ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଏକ ଟିମ ଗଠନ ହୋଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ କରାଯିବ ବୋଲି ପୁଲିସ୍ କହିଛି। ହତ୍ୟାକାଣ୍ଡ ପରେ ହତ୍ୟାକାରୀମାନେ ଫେରାର୍ ହୋଇଯାଇଛନ୍ତି। ଅପରପକ୍ଷେ, ଏହି ଘଟଣା ପଛରେ କାହାର ସମ୍ପୃକ୍ତି ରହିଛି, ସେନେଇ ମୃତକଙ୍କ ପରିବାରବର୍ଗଙ୍କ ପକ୍ଷରୁ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ପଥରାପଲ୍ଲୀଠାରେ କଲଭର୍ଟ କାମ ଦାୟିତ୍ୱ ନେଇଥିଲେ ଠିକାଦାର ଲକ୍ଷ୍ମୀନାରାୟଣ। କାମ ଚାଲୁଥିବା ବେଳେ ୩ଜଣ ଦୁର୍ବୃତ୍ତ ଆଜି ସେଠାରେ ପହଞ୍ଚି ପ୍ରକଳ୍ପ କାର୍ଯ୍ୟର ଭିଡିଓ କରିବା ସହ ଠିକାଦାରଙ୍କୁ ଘଟଣାସ୍ଥଳକୁ ଡାକିବାକୁ କାର୍ଯ୍ୟରତ ଶ୍ରମିକଙ୍କୁ କହିଥିଲେ। ଖବର ପାଇ ଲକ୍ଷ୍ମୀନାରାୟଣ ଘଟଣାସ୍ଥଳରେ ପହଞ୍ଚୁ ପହଞ୍ଚୁ ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଅତି ନିକଟରୁ ଗୁଳି କରିଥିଲେ। ଫଳରେ ନିଜ ଗାଡ଼ି ଉପରେ ହିଁ ଠିକାଦାରଜଣଙ୍କ ଟଳି ପଡ଼ିଥିଲେ। ଶ୍ରମିକମାନେ ତାଙ୍କୁ ତୁରନ୍ତ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଲକ୍ଷ୍ମୀନାରାୟଣଙ୍କ ନାମରେ ଜିଲ୍ଲା ତଥା ଜିଲ୍ଲା ବାହାରର ବିଭିନ୍ନ ଥାନାରେ ଏକାଧିକ ଅପରାଧିକ ମାମଲା ରହିଛି।

# ପୁଲିସ୍‌କୁ ଢେଲାମାଡ଼, ଭ୍ୟାନ୍ ଭଙ୍ଗାରୁଜା

**ରଗଡ଼ି, ୩୦।୩ (ସମିସ):** କଣ୍ଡୋର ପଞ୍ଚାୟତର ପୂର୍ବକୋଟସ୍ଥ ତେଲଙ୍ଗା ବସ୍ତିରେ ଚଢ଼ଉ ବେଳେ କୋରେଇ ପୁଲିସ୍ ଆକ୍ରମଣର ଶିକାର ହୋଇଛି। ଏଥିରେ ଥାନା ଅଧିକାରୀଙ୍କ ସମେତ କିଛି ପୁଲିସ୍ କର୍ମଚାରୀ ଆହତ ହୋଇଛନ୍ତି। ଦୁର୍ବୃତ୍ତମାନେ ଥାନା ଗାଡ଼ିକୁ ଭଙ୍ଗାରୁଜା କରିବା ସହ ଏକ ଚୋରା ବାଇକ୍‌କୁ ଛଡ଼ାଇ ନେଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର



**ଛଡ଼ାଇନେଲେ ଚୋରା ଗାଡ଼ି**

ଉତ୍ତେଜନା ପ୍ରକାଶ ପାଇଛି। ଅପରପକ୍ଷେ, ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ୍ ପକ୍ଷରୁ ଚଢ଼ଉ ଜାରି ରହିଛି।

ସୂଚନା ମୁତାବକ, ଯାଜପୁର ଜିଲ୍ଲା କୁଆଖିଆ ଥାନା ଅନ୍ତର୍ଗତ ଆମ୍ଭୋର ଗ୍ରାମର ନରେନ୍ଦ୍ର ରଣାଙ୍କ ଏକ ବାଇକ୍ ଚୋରି ହୋଇଥିଲା। ଉକ୍ତ ବାଇକ୍ କୋରେଇ ଥାନା ଅନ୍ତର୍ଗତ କନ୍ତୋର ପଞ୍ଚାୟତର ପୂର୍ବକୋଟ ତେଲେଙ୍ଗା ବସ୍ତିରେ ଥିବା କୁଆଖିଆ ଥାନାକୁ ଜଣାଇଥିଲେ। କୁଆଖିଆ ଥାନା ପକ୍ଷରୁ ଏ ବିଷୟରେ କୋରେଇ ଥାନାକୁ ଜଣାଇ ଦିଆଯାଇଥିଲା। ରବିବାର କୋରେଇ ଆଇଆଇସି ରାକେଶ କୁମାର ତ୍ରିପାଠୀ କିଛି ପୁଲିସ୍ କର୍ମଚାରୀଙ୍କ ସହ ବସ୍ତିରେ ପଶି ଚୋରି ଗାଡ଼ିକୁ ଜବତ କରିଥିଲେ। ଏହି ସମୟରେ ବାଇକ୍ ନିକଟରେ ଥିବା ଜଣେ ଯୁବକ ଖସିଯିବାକୁ ଉଦ୍ୟମ କରିବାରୁ ପୁଲିସ୍ ତାକୁ ଧରି ପକାଇଥିଲା। ସେହିପରି ଅନ୍ୟ ଜଣେ ଯୁବକଙ୍କୁ ମଧ୍ୟ ପୁଲିସ୍ ଧରି ଗାଡ଼ିରେ ବସାଇଥିଲା। ଏହା ଦେଖି ବସ୍ତିର କିଛି ପୁରୁଷ ଓ ମହିଳା ସଂଘବଦ୍ଧ ଭାବେ ଆସି ଜୋରଜବରଦସ୍ତ ଅଟକ ଥିବା ଦୁଇ ଯୁବକଙ୍କୁ ଗାଡ଼ିରୁ ନେଇଯାଇଥିଲେ। ପରେ ପୁଲିସ ଉପରେ ଢେଲା ମାଡ଼ କରିବା ସହ ପୁଲିସ୍ ଭ୍ୟାନ୍ ଭଙ୍ଗାରୁଜା କରିଥିଲେ।

କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଯାଜପୁରରୋଡ୍ ଥାନା ଆଇଆଇସି ଉପେନ୍ଦ୍ର କୁମାର ପ୍ରଧାନ, ଯଖପୁରା ଆଇଆଇସି ଲିଜାରାଣୀ ବିଶ୍ୱାଳ, ପାଣିକୋଇଲି ଥାନା ଆଇଆଇସି ରଞ୍ଜିତ ମହାନ୍ତି, କୁଆଖିଆ ଥାନା ଆଇଆଇସି ଚିନ୍ମୟୀ ସାହୁ, ଯାଜପୁରରୋଡ ଏସଡିପିଓ ଲକ୍ଷ୍ମୀଧର ସ୍ୱାଇଁ ଓ ଦୁଇ ପ୍ଲାଟୁନ ପୁଲିସ ଫୋର୍ସ ପହଞ୍ଚି ଚଢ଼ଉ କରିଥିଲେ। ସ୍ଥାନୀୟ ସରପଞ୍ଚ ସାରଙ୍ଗଧର ପ୍ରଧାନ ବସ୍ତିର ଅନ୍ୟତମ ମୁଖିଆ କଟେଶ୍ୱର ରାଓଙ୍କ ସମେତ ୧୩ଜଣ ମହିଳା ଓ ୫ଜଣ ପୁରୁଷଙ୍କୁ ଉଠାଇ ଆଣି କୋରେଇ ପୁଲିସ ଅଟକ ରଖିଥିବା ବେଳେ ବସ୍ତିରୁ ୫ଟି ବାଇକ୍‌କୁ ମଧ୍ୟ ପୁଲିସ ଜବତ କରିଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି।

**କଥା ଗୋଟାଏ; କାମ ଅଲଗା**

# ମଳିନ ହେଉଛି ପୁଲିସ୍ ଚେହେରା

**ଭୁବନେଶ୍ୱର,୩୦।୩(ସମିସ):** ସରକାର ବଦଳିବା ପରେ ରାଜ୍ୟ ପୁଲିସର ଚେହେରା ବି ପୂରା ବଦଳି ଯାଇଛି। ପୁଲିସର କଥା ଓ କାମ ମଧ୍ୟରେ ପାର୍ଥକ୍ୟ ସହ ବିବାଦୀୟ ନିଷ୍ପତ୍ତି ପୁଲିସର ଚେହେରାକୁ ମଳିନ କରିଛି। ଗତ ୨୯ତାରିଖରେ କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ ବେଳେ ପୁଲିସ ଉପରକୁ ଢ଼େଲା ଫିଙ୍ଗିଥିବା ଅଭିଯୋଗରେ ଖୋଜିଖୋଜି କଂଗ୍ରେସ କର୍ମୀଙ୍କୁ ପୁଲିସ ଗିରଫ କରୁଛି। ରବିବାର ଜଟଣୀରୁ ଜଣେ ଯୁବକଙ୍କୁ ଗିରଫ କରିବା ପରେ ଏହି ସଂଖ୍ୟା ୨ରେ ପହଞ୍ଚିଛି।

ଅନ୍ୟପଟେ ପୁଲିସ ଏହି ଆନ୍ଦୋଳନକୁ ଆସିଥିବା ଲୋକଙ୍କୁ ଜିଲ୍ଲାସ୍ତରରେ ଗିରଫ କରିବା ପାଇଁ ତତ୍ପର ହୋଇପଡ଼ିଛି। ଆଇନଶୃଙ୍ଖଳା ଓ ସୁରକ୍ଷା ଦୃଷ୍ଟିରୁ ପୁଲିସ୍ ଏପରି ପଦକ୍ଷେପ ଗ୍ରହଣ କରିବାରେ କାହାରି ଆପତ୍ତି ନାହିଁ; ମାତ୍ର ଏହି ଘଟଣାରେ ପୁଲିସ ଯେପରି ଅତିମାତ୍ରାରେ ପ୍ରତିକ୍ରିୟାଶୀଳ ଓ ସକ୍ରିୟ ହୋଇଛି; ଅନ୍ୟ ଘଟଣାଗୁଡ଼ିକରେ ସେପରି ସକ୍ରିୟତା ପ୍ରଦର୍ଶନ ନ କରିବା ପୁଲିସ୍‌ର ଦ୍ୱୈତଚେହେରାକୁ ପଦାରେ ପକାଇଛି।

ଗତବର୍ଷ ଜୁଲାଇରେ ଜନୈକ ପୂର୍ବ ସେନା କର୍ମଚାରୀ ତଥା ରାଜ୍ୟ ସରକାରଙ୍କ ଏଏସ୍‌ଓ ପାହ୍ୟାର କର୍ମଚାରୀଙ୍କୁ ତତ୍‌କାଳୀନ ରାଜ୍ୟପାଳଙ୍କ ପୁଅ ଓ ତାଙ୍କର ବନ୍ଧୁମାନେ ପିଟିଲେ। ଜୋତାରେ ଛେପ ପକାଇ ସମ୍ପୃକ୍ତ ଏଏସ୍‌ଓଙ୍କୁ ଚାଟିବାକୁ ବାଧ୍ୟ କଲେ। ଏ ସମ୍ପର୍କରେ ସେ ଏତଲା ଦେବାକୁ ଗଲା ବେଳେ ପୁଲିସ ଏତଲା ରଖିଲା ନାହିଁ। ତେଣୁ ସେ ବାଧ୍ୟ ହୋଇ ଅନଲାଇନରେ ଏତଲା ଦେଲେ। ଏହି ପ୍ରସଙ୍ଗକୁ ନେଇ ପୂର୍ବତନ ସେନା କର୍ମଚାରୀମାନେ

- ଢ଼େଲା ଫିଙ୍ଗା ଅଭିଯୋଗରେ ଖୋଜି ଖୋଜି କଂଗ୍ରେସ କର୍ମୀଙ୍କୁ ଗିରଫ
- ମାଡ଼ ମାରିଥିବା ପୂର୍ବ ରାଜ୍ୟପାଳଙ୍କ ପୁଅଙ୍କୁ ନୋଟିସ ବି ହେଲା ନାହିଁ
- ଜାମିନ ଖାରଜ ସତ୍ତ୍ୱେ ଖୋଲାଖୋଲି ବୁଲୁଛନ୍ତି ବିଜେପି ନେତା
- ପୁଲିସ ଡିଜିଙ୍କ କାମ ରାଜନୈତିକ ଦଳର କର୍ମୀଙ୍କ ଭଳି: କଂଗ୍ରେସ

ଆନ୍ଦୋଳନ କଲେ। ବିଧାନସଭାରେ ଏହି ପ୍ରସଙ୍ଗ ଉଠିଲା, ଦିଲ୍ଲୀରେ ଜନ୍ତରମନ୍ତରରେ ଯୁବକଂଗ୍ରେସ ଧାରଣା ଦେଲା। ସାରା ରାଜ୍ୟରେ ଏହି ଘଟଣା ଆଲୋଡ଼ନ ସୃଷ୍ଟି କରିଥିବା ସତ୍ତ୍ୱେ ପୁଲିସ୍ ଏଯାଏ ଅନଲାଇନ୍‌ରେ ଦିଆଯାଇଥିବା ଏତଲା ପଞ୍ଜୀକରଣ କରିନାହିଁ। ପୁରୀ ସମୁଦ୍ରକୂଳ ଥାନାରେ ଅନଲାଇନ୍ ଅଭିଯୋଗକୁ ପୁଲିସ ଏଯାଏ ଗ୍ରହଣ କରିନାହିଁ। କିନ୍ତୁ କଂଗ୍ରେସ ପକ୍ଷରୁ ନାରୀ ସୁରକ୍ଷା ପ୍ରସଙ୍ଗରେ ହୋଇଥିବା ଆନ୍ଦୋଳନ ବେଳେ କଥିତ ବିଶୃଙ୍ଖଳାକାରୀଙ୍କୁ ଖୋଜିଖୋଜି ପୁଲିସ ଗିରଫ କରିବାକୁ ଲାଗିପଡ଼ିଛି।

କେବଳ ଏହି ଗୋଟିଏ ପ୍ରସଙ୍ଗ ନୁହେଁ; ରାଜ୍ୟ ବିଜେପିର ଜଣେ ବରିଷ୍ଠ ନେତା ତଥା ସମ୍ବଲପୁର ବିଧାୟକ ଜଣେ କର୍ତ୍ତବ୍ୟରତ ମହିଳା ଅଧିକାରୀଙ୍କୁ ପିଟିଥିଲେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ପୁଲିସର ରହସ୍ୟମୟ ନିରବତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସର୍ବସମକ୍ଷରେ ଜଣେ ମହିଳା ଥାନା ଅଧିକାରୀଙ୍କ କଲର ଧରି ଜୟନାରାୟଣ ଦୁର୍ବ୍ୟବହାର କଲେ। ଏ ସମ୍ପର୍କରେ ଥାନାରେ ଏତଲା ହେଲା। ଗିରଫରୁ ବର୍ତ୍ତିବା ପାଇଁ ଜୟନାରାୟଣ ସୁପ୍ରିମକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ ହେଁ ତାହାକୁ ଅଦାଲତ ଗତ ନଭେମ୍ବର ୧୪ ତାରିଖରେ ଖାରଜ କରିଦେଲେ। ଇତିମଧ୍ୟରେ ୫ ମାସ ବିତିଲାଣି, ଜଣେ ମହିଳା ପୁଲିସ ଅଧିକାରୀଙ୍କ କଲର ଧରି ଧକ୍କା ମାରିଥିବା ବିଜେପି ନେତାଙ୍କୁ ଗିରଫ କରିବା ତ ଦୂରର କଥା, ତାଙ୍କୁ ଛୁଇଁବାକୁ ବି ପୁଲିସ ସାହସ କରିନାହିଁ। କାର୍ଯ୍ୟାନୁଷ୍ଠାନ ବଦଳରେ ଏବେ ପୁଲିସ ତାଙ୍କୁ ସୁରକ୍ଷା ଦେଉଛି। କିନ୍ତୁ ଢ଼େଲା ଫିଙ୍ଗିବା ଅଭିଯୋଗରେ ସାଧାରଣ କଂଗ୍ରେସ କର୍ମୀଙ୍କୁ ଗିରଫ କରି ପୁଲିସ ବାହାଦୂରୀ ମାରୁଛି। କେବଳ ଏହି ଦୁଇ ଘଟଣା ନୁହେଁ; ଯାଜପୁର ଜିଲ୍ଲାରେ ମଧ୍ୟ ଅନୁରୂପ ଘଟଣା ଘଟିଛି। ପଥର ଚୋରି ବେଳେ ବ୍ୟବହୃତ ଗାଡ଼ିମୋଟର ଓ ଯନ୍ତ୍ରାଂଶକୁ ଜବତ କରି ଲୋକମାନେ ପୁଲିସକୁ ହସ୍ତାନ୍ତର କଲେ, ମାତ୍ର ଯେଉଁମାନେ ଚୋରି ରୋକିଲେ ସେମାନଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କଲା। ଯାହାକୁ ନେଇ ପୁଲିସର ଭୂମିକା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

ଏପରି ସ୍ଥିତିରେ ନିଜେ ପୁଲିସ ଡିଜି କଂଗ୍ରେସ ଆନ୍ଦୋଳନ ଘଟଣାରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ଦେବା ଲୋକଙ୍କୁ ଅଧିକ ପ୍ରତିକ୍ରିୟାଶୀଳ କରିଛି। ପିସିସି ସଭାପତି ଭକ୍ତଚରଣ ଦାସ ରାଜ୍ୟ ପୁଲିସ ଡିଜିଙ୍କୁ କଟୁ ସମାଲୋଚନା କରିବା ସହ ପୁଲିସ୍‌ର କାର୍ଯ୍ୟ ପଦ୍ଧତିକୁ ନାପସନ୍ଦ କରିଛନ୍ତି। ସେ କହିଛନ୍ତି ଯେ ପୁଲିସ୍ ଡିଜି ଏକ ରାଜନୈତିକ ଦଳର କର୍ମୀଙ୍କ ପରି ଟିପ୍ପଣୀ ଦେଉଛନ୍ତି। ଏତେ ପୁଲିସ୍ ଥାଉଥାଉ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଏତେ ପଥର କେଉଁଠୁ ଆସିଲା ସେ ପ୍ରଶ୍ନ କରିବା ସହ ଏହା ପଛରେ ଷଡ଼ଯନ୍ତ୍ର ରହିଛି ବୋଲି ସେ କହିଛନ୍ତି।

# ପ୍ରଶ୍ନଘେରରେ ଓପିଏସ୍‌ସିର ପରୀକ୍ଷା ପରିଚାଳନା

## ଏସ୍‌ଡିଆଇପିଆର୍‌ଓ ପ୍ରଶ୍ନରେ ୧୦୦ ବଦଳରେ ୯୪ ମାର୍କ

**କଟକ,୩୦।୩(ସମିସ):** ତ୍ରୁଟିପୂର୍ଣ୍ଣ ପରୀକ୍ଷା ପରିଚାଳନାକୁ ନେଇ ବାରମ୍ବାର ସମାଲୋଚନାର ଶରବ୍ୟ ହେଉଥିବା ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ର କାର୍ଯ୍ୟଦକ୍ଷତା ଉପରେ ଆଜି ପୁଣି ଥରେ ପ୍ରଶ୍ନବାଚୀ ଲାଗିଛି।

ଆୟୋଗ ଦ୍ୱାରା ପରିଚାଳିତ ଓଡ଼ିଶା ସୂଚନା ସେବା କ୍ୟାଡର୍ ପରୀକ୍ଷା ଗତ ୨ଦିନ ଧରି କରାଯାଉଥିଲା। ଆଜି ପରୀକ୍ଷାର ଶେଷ ଦିନରେ ପ୍ରଶ୍ନପତ୍ରରେ ତ୍ରୁଟି ଦେଖାଦେଇଛି। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପାଇଁ କରାଯାଉଥିବା ଏହି ପରୀକ୍ଷାର ପ୍ରଶ୍ନପତ୍ରରେ ତ୍ରୁଟି ରହିଥିବା ପରୀକ୍ଷାର୍ଥୀମାନେ ଅଭିଯୋଗ କରିଛନ୍ତି। ଆଜି ସେକେଣ୍ଡ ସିଟିଂରେ 'ସାମ୍ବାଦିକତା ଏବଂ ଗଣଯୋଗାଯୋଗ' ପରୀକ୍ଷା ଅନୁଷ୍ଠିତ ହୋଇଥିଲା। କିନ୍ତୁ ପ୍ରଶ୍ନପତ୍ରରେ ୧୦୦ମାର୍କ ପ୍ରଶ୍ନ ବଦଳରେ ୯୪ ମାର୍କର ପ୍ରଶ୍ନ ରହିଥିଲା। ତେବେ ଏନେଇ ଓପିଏସି କର୍ତ୍ତୃପକ୍ଷଙ୍କ ସହିତ ଯୋଗଯୋଗ କରାଯାଇଥିବା ବେଳେ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ। ସୂଚନାନୁଯାୟୀ, ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀର ୩୯ଟି ପଦବୀରେ ନିଯୁକ୍ତି ନେଇ ଗତବର୍ଷ ସେପ୍ଟେମ୍ବର ମାସରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯେଉଁ ପଦବୀ ପାଇଁ ମାର୍ଚ୍ଚ ୨୯ ଓ ୩୦ ପରୀକ୍ଷା ଅନୁଷ୍ଠିତ ହୋଇଛି। ଗତକାଲି ଓଡ଼ିଆ ଓ ଇଂରାଜୀ ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ଆଜି ପ୍ରଥମ ସିଫ୍ଟରେ ଜେନେରାଲ ଆୱାରନେସ୍ ଓ ଦ୍ୱିତୀୟ ସିଫ୍ଟରେ ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଷୟର ପରୀକ୍ଷା ହୋଇଥିଲା। ଶେଷ ସିଫ୍ଟରେ ହେଉଥିବା ସାମ୍ବାଦିକତା ଏବଂ ଗଣଯୋଗାଯୋଗ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ଥିବା ଜଣାପଡ଼ିଥିଲା।

# ଓଡ଼ିଶା ଦିବସରୁ ୧୪ ଦିନିଆ ଓଡ଼ିଆ ପକ୍ଷ



■ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତି
■ ପ୍ରଥମେ ଓଡ଼ିଶାର ସ୍ୱାର୍ଥ ପକ୍ଷ କେନ୍ଦ୍ରରେ ରଖନ୍ତୁ: ବିଜେଡି
■ ଅପାରଗତାକୁ ଢ଼ାଙ୍କିବାକୁ ସରକାରଙ୍କ ନାଟକ: କଂଗ୍ରେସ
■ ଆଗ କୋଟିଆରେ ଓଡ଼ିଶାର ସ୍ୱାଭିମାନ ରଖନ୍ତୁ: ଅସ୍ମିତା ପରିଷଦ

ଭୁବନେଶ୍ୱର,୩୦।୩(ସମିସ): ଏପ୍ରିଲ ୧ ତାରିଖ ଓଡ଼ିଶା ଦିବସଠାରୁ ଏପ୍ରିଲ ୧୪ ତାରିଖ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ସରକାରୀସ୍ତରରେ ପାଳନ ହେବ ଓଡ଼ିଆ ପକ୍ଷ। ଏଥିପାଇଁ ବ୍ଲକସ୍ତରରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ସୂଚନା ଦେଇଛନ୍ତି ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ନେଇ କଟାକ୍ଷ କରିଛନ୍ତି ବିରୋଧୀ। ଯାହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି

ରବିବାର ସଂସ୍କୃତିଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି ଯେ ଏପ୍ରିଲ ୧ରେ ସ୍ୱତନ୍ତ୍ର ଭାଷା ଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ଉପଲକ୍ଷେ ରାଜ୍ୟ, ଜିଲ୍ଲା ଏବଂ ଉପଖଣ୍ଡ ସ୍ତରରେ ଓଡ଼ିଶା ଦିବସ ପାଳନ କରାଯିବ। ଏପ୍ରିଲ ୨ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଖଡିଛୁଆଁ ଓ ପ୍ରବେଶ ଉତ୍ସବ ପାଳନ କରାଯିବ। ଏପ୍ରିଲ ୩ରେ "ଆମ ପୋଷାକ ଆମ ପରିଚୟ' ଦିବସ, ଏପ୍ରିଲ ୪ରେ "ଓଡ଼ିଆରେ ନାମ ଫଳକ ଅଭିଯାନ-ସଚେତନତା ପଦଯାତ୍ରା' ର ଆୟୋଜନ କରାଯିବ। ଏପ୍ରିଲ ୫ରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଐତିହ୍ୟ ଗଣଦୌଡ଼ , ୬ତାରିଖରେ ଦେବାଳୟ ଓ ଐତିହ୍ୟସ୍ଥଳୀଗୁଡ଼ିକୁ ସ୍ୱଚ୍ଛ ରଖିବା ପାଇଁ ସ୍ୱଚ୍ଛତା ଅଭିଯାନ, ୭ ତାରିଖରେ ବର୍ଣ୍ଣବୋଧ ଉତ୍ସବ, ୮ରେ ରକ୍ତଦାନ ଅଭିଯାନ, ୯ରେ "ଆସ ବହିଟିଏ କିଣିବା' ଅଭିଯାନ କାର୍ଯ୍ୟକ୍ରମ ସହ ଏପ୍ରିଲ ୧୦ରେ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ। ଏପ୍ରିଲ୍ ୧୧ରେ ଯୁବ ଲେଖକ ସମ୍ମିଳନୀ,୧୨ରେ ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଆଲୋଚନା, ୧୩ରେ ପାରମ୍ପରିକ ଖାଦ୍ୟ ଉତ୍ସବ ଓ ୧୪ ତାରିଖରେ ଓଡ଼ିଆ ନବବର୍ଷକୁ ମହା ଆଡ଼ମ୍ବର ସହକାରେ ପାଳନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଓଡ଼ିଆ ପକ୍ଷ ପାଳନ ପ୍ରସଙ୍ଗକୁ ନେଇ କଟାକ୍ଷ କରିଛି ବିଜେଡି। ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ଡବଲ ଇଞ୍ଜିନ ସରକାରରେ ଗୋଟିଏ ଇଞ୍ଜିନ ଆଉ ଗୋଟେ ଇଞ୍ଜିନର ପକ୍ଷ ଛେଦନ କରୁଛନ୍ତି। କେନ୍ଦ୍ର ସରକାର ପ୍ରତ୍ୟେକ ଦିନ ରାଜ୍ୟର ସ୍ୱାର୍ଥର ପକ୍ଷ ଛେଦନ କରୁଛନ୍ତି। ପ୍ରତ୍ୟେକ ଦିନ ଓଡ଼ିଆ ଅସ୍ମିତା କ୍ଷୁଣ୍ଣ ହେଉଛି। ତେଣୁ ଓଡ଼ିଆ ପକ୍ଷ ପାଳନ ଛଳନା ଛାଡ଼ି ପ୍ରଥମେ ରାଜ୍ୟ ସରକାର ନିଜର ପକ୍ଷ ମଜଭୁତ କରନ୍ତୁ। ବିନା ଭୟରେ ବିନା ରାଜନୀତିରେ ନିଜର ପକ୍ଷ କେନ୍ଦ୍ର ଆଗରେ ରଖନ୍ତୁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

କଂଗ୍ରେସ ମଧ୍ୟ ଓଡ଼ିଆ ପକ୍ଷ ପାଳନକୁ ନେଇ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛି। ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ସରକାର ନିଜ ଅପାରଗତାକୁ ଢ଼ାଙ୍କିବାକୁ ଯାତ୍ରା କରୁଛନ୍ତି। ଓଡ଼ିଆ ଲୋକଙ୍କ ସ୍ୱାର୍ଥହାନି ହେଉଛି, ପଡ଼ୋଶୀ ଓଡ଼ିଶାର ଅସ୍ମିତା ଉପରେ ଆଘାତ ଦେଉଛନ୍ତି। ରାଜ୍ୟରେ ଓଡ଼ିଆ ଠିକାଦାରମାନଙ୍କୁ କାମ ମିଳୁନି। ବଡ଼ ବଡ଼ କମ୍ପାନୀ ଆସି ବାହାରୁ ଆସି ଓଡ଼ିଶାରେ ନିର୍ମାଣ କାମ କରୁଛନ୍ତି। ଓଡ଼ିଆ ବରପୁତ୍ରମାନଙ୍କୁ ସରକାର ସମ୍ମାନ ଦେଇ ପାରୁନାହାନ୍ତି। ଲୋକଙ୍କ ମଧ୍ୟରେ ଏହାକୁ ନେଇ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ତାକୁ ଢ଼ାଙ୍କିବାକୁ ଏପରି ନାଟକ ହେଉଛି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଓଡ଼ିଆ ପକ୍ଷରେ ଓଡ଼ିଶା ସରକାର କୋଟିଆକୁ ଆନ୍ଧ୍ର କବଳରୁ ମୁକୁଳାଇବାକୁ ଆହ୍ୱାନ ଦେଇଛି । ସଂଗଠନ ପକ୍ଷରୁ କୁହାଯାଇଛି ଯେ ରାଜଧାନୀରେ ଓଡ଼ିଆ ପକ୍ଷ ପାଳନ କରି କେବଳ ଭାଷଣ ନ ମାରି କୋଟିଆରେ ଓଡ଼ିଆ ସ୍ୱାଭିମାନ ରକ୍ଷା କରିବା ଆବଶ୍ୟକ। ଆନ୍ଧ୍ର କୋଟିଆରେ ଆଧାର ଅପଡେଟ କରିବା ଆରମ୍ଭ କରିଛି। ଏହା କଲେ ସେମାନେ ସୁପ୍ରିମକୋର୍ଟରେ ପ୍ରମାଣ କରିଦେବେ କୋଟିଆ ଓଡ଼ିଶାର ନୁହେଁ ଆନ୍ଧ୍ରର। ତେଣୁ ସୀମା ସୁରକ୍ଷା ପାଇଁ ସରକାର ଆଗେ ତତ୍ପର ହୁଅନ୍ତୁ। ରାଜ୍ୟ ସରକାର ପ୍ରଥମେ ନିଜ ରାଜ୍ୟ ଅଞ୍ଚଳକୁ ସୁରକ୍ଷିତ କରନ୍ତୁ ଦାବି ରଖିଛି ଓଡ଼ିଆ ଅସ୍ମିତା ପରିଷଦ।

## ଟ୍ରେଡିଂ ଆଳରେ ୧.୪ କୋଟି ଠକେଇ

# ୭ ସାଇବର୍ ଠକ ଗିରଫ

ଭୁବନେଶ୍ୱର, ୩୦।୩ (ସମିସ): ଅନଲାଇନ୍ ଟ୍ରେଡିଂ ଆଳରେ ୧.୪ କୋଟି ଟଙ୍କା ଠକେଇ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ୭ ସାଇବର୍ ଠକଙ୍କୁ ଗିରଫ କରିଛି। ସେମାନେ ହେଲେ, କର୍ଣ୍ଣାଟକର ଜ୍ୟୋତି ରାଜୁ, ରାଜୁ ସି, ଇସ୍ମାଇଲ୍ ରାହାଇଦ, ବାସିମ୍, ତାମିଲନାଡୁର ପଚ୍ଚାରାଜା ଏସ୍, ଜେଗାଥୀଶ୍ ରାଧାକୃଷ୍ଣନ ଏବଂ ଇ ସଖୁକୁମାରାଭେଲ। ସେମାନଙ୍କ ନିକଟରୁ ୧୯ଲକ୍ଷ ଟଙ୍କା ଜବତ ହୋଇଛି। ଏହାସହ ସେମାନଙ୍କ ପାଖରୁ

### ୧୯ ଲକ୍ଷ ଟଙ୍କା ଜବତ

କିଛି ମୋବାଇଲ୍, ସିମ୍ କାର୍ଡ, ହ୍ୱାଟସ୍-ଆପ୍ ଚାଟ୍ ସ୍କ୍ରିନସଟ୍, ଆଧାରକାର୍ଡ, ପ୍ୟାନକାର୍ଡ, ବ୍ୟାଙ୍କ ପାସବୁକ୍, ଚେକ୍‌ବୁକ୍ ଏବଂ ଡେବିଟ୍ କାର୍ଡ ଜବତ କରିଛି।

ଗତ ଜାନୁଆରୀ ୧୩ ତାରିଖରେ ଭୁବନେଶ୍ୱରର ଜଣେ ଯୁବକ ଏମାନଙ୍କ ଦ୍ୱାରା ସାଇବର୍ ଠକେଇର ଶିକାର ହୋଇଥିଲେ। ଆଇପିଓ ଏବଂ ଓଟିସି ଟ୍ରେଡିଂରେ ଅଧିକ ଲାଭର ଲୋଭ ଦେଖାଇ ସେମାନେ ଯୁବକଙ୍କୁ ଠକିଥିଲେ। ନଭେମ୍ବର ୨୦୨୪ରୁ ୧ଜାନୁୟାରୀ ୨୦୨୫ ମଧ୍ୟରେ ଠକମାନେ ତାଙ୍କଠାରୁ ୧କୋଟି ୪୦ ଲକ୍ଷ ଟଙ୍କା ଠକିନେଇଥିଲେ। ତେବେ ଯୁବକଜଣଙ୍କ ଠକାମିର ଶିକାର ହୋଇଥିବା ଜାଣିବା ପରେ ସାଇବର୍ ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ଏହି ଘଟଣାରେ ବଡ଼ ଠକେଇ ଗ୍ୟାଙ୍ଗର ସଂପୃକ୍ତି ଥିବା ସନ୍ଦେହ କରି କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଭାର ନେଇଥିଲା। ତଦନ୍ତକାରୀ ଟିମ୍ ଠକେଇ ଟଙ୍କା ଯାଇଥିବା ଆକାଉଣ୍ଟକୁ ଠାବ କରି ଅଭିଯୁକ୍ତମାନଙ୍କ ପାଖରେ ପହଞ୍ଚି ଯାଇଥିଲା। ଅଭିଯୁକ୍ତମାନେ ନିଜକୁ ଟ୍ରେଡିଂ ଆନାଲିଷ୍ଟ ପରିଚୟ ଦେଇ ଲୋକଙ୍କୁ ଫୋନ୍ କରୁଥିଲେ। କୌଣସି କମ୍ପାନୀର ଆଇପିଓ,



ସେୟାର୍‌ରେ ନିବେଶ ସହ ଟ୍ରେଡିଂ କରିବା ଆଳରେ ଠକୁଥିଲେ। କ୍ରାଇମବ୍ରାଞ୍ଚ ଅଭିଯୁକ୍ତଙ୍କଠାରୁ ୧୫ଲକ୍ଷ ଟଙ୍କା ଏବଂ ବ୍ୟାଙ୍କ୍ ଖାତାଗୁଡିକୁ ଫ୍ରିଜ୍ କରାଯାଇଛି। ସେଥିରେ ୪ଲକ୍ଷ ଟଙ୍କା ଉଦ୍ଧାର କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ରାଜ୍ୟରେ ଏକାଧିକ ଠକେଇ ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

## କୋଚିଆ ଜରିଆରେ ହେଉଛି ଚୋରା କାରବାର

ଭୁବନେଶ୍ୱର,୩୦।୩(ସମିସ): ରାଜସ୍ୱ ଆଦାୟ ପାଇଁ ଅଧିକ ମଦ ବିକ୍ରି ଉପରେ ଗୁରୁତ୍ୱ ଦେଉଛି ଅବକାରୀ ବିଭାଗ। ଚାହିଦା କମ୍ ଥିଲେ ମଧ୍ୟ ଅଧିକ ମଦ ବିକ୍ରି ପାଇଁ ବ୍ୟବସାୟୀଙ୍କ ଉପରେ ଚାପ ପକାଯାଉଛି। ଦୋକାନରେ ମଦ ବିକ୍ରି କମ୍ ହେଉଥିବାରୁ ଚୋରାରେ ମଧ୍ୟ ବିକ୍ରି ହେଉଛି। ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ବିଧାନସଭା।।ରେ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କହିଥିଲେ, ମଦ ବିକ୍ରିରୁ ଯେଉଁ ରାଜସ୍ୱ ଆସୁଛି ତାହା ରାଜ୍ୟର ବିକାଶମୂଳକ କାମରେ ବିନିଯୋଗ ହେଉଛି ସତ। କିନ୍ତୁ ରାଜସ୍ୱ ଆଦାୟ ପାଇଁ ଚୋରା ମଦ କାରବାରକୁ ପ୍ରୋତ୍ସାହନ ଦିଆଯାଉଛି। ଲାଇସେନ୍ସଧାରୀଙ୍କୁ ସେମାନଙ୍କ କ୍ଷମତା ଠାରୁ ଅଧିକ ମଦ ବିକ୍ରି ପାଇଁ ଅବକାରୀ ବିଭାଗ ସର୍ତ୍ତ ରଖୁଛି। ସେମାନେ ମଦ ବିକ୍ରି କରିନପାରିଲେ ଲାଇସେନ୍ସ ବାତିଲ ପାଇଁ ଧମକ ଦିଆଯାଉଛି। ଫଳରେ ବଳକା ମଦକୁ ସେମାନେ କୋଚିଆ ଜରିଆରେ ଦୋକାନ ବାହାରେ ବିକ୍ରି କରାଇବା ପାଇଁ ବାଧ୍ୟ ହେଉଛନ୍ତି। ଏହାଦ୍ୱାରା ଚୋରା ମଦ କାରବାର ବଢୁଛି। ତେଣୁ ଏମ୍‌ଜିକ୍ୟୁ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଉ ବୋଲି ଶ୍ରୀ ଦାସ ଦାବି କରିଥିଲେ। ଏହାର ଲିଖିତ ଉତ୍ତର ରଖି ଅବକାରୀ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ କହିଛନ୍ତି ଯେ ଏମ୍‌ଜିକ୍ୟୁ ଉଚ୍ଛେଦ ପାଇଁ ସରକାରଙ୍କର କୌଣସି ଯୋଜନା ନାହିଁ।

## ଆଉ ଜଣେ ଆନ୍ଦୋଳନକାରୀ ଗିରଫ

ଭୁବନେଶ୍ୱର,୩୦।୩(ସମିସ): କଂଗ୍ରେସ ବିକ୍ଷୋଭ ବେଳେ ଗଣ୍ଡଗୋଳ ଘଟଣାରେ କ୍ୟାପିଟାଲ ଥାନା ପୁଲିସ ଆଉ ଜଣେ ଆନ୍ଦୋଳନକରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଚନ୍ଦନ ସାହୁ ଓରଫ ବାପି। ତାଙ୍କ ଘର ଜଟଣୀ ଥାନା ଅନ୍ତର୍ଗତ ହରିପୁର। ଅଭିଯୁକ୍ତ ଜଣଙ୍କ ପୁଲିସ ଉପରକୁ ପଥର ଓ ଚେୟାର ଫିଙ୍ଗିଥିବା କୁହାଯାଉଛି। ପୂର୍ବରୁ ଅଭିଯୁକ୍ତ ଜଣଙ୍କ ନାଁରେ ମଞ୍ଚେଶ୍ୱରରେ ୨ ଟି ଓ ଖାରବେଳନଗରରେ ୨ ଟି ମାମଲା ରହିଛି ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଗତକାଲି ଏହି ମାମଲାରେ ଜଣେ ଆନ୍ଦୋଳନକାରୀଙ୍କୁ ଗିରଫ କରାଯାଇଥିଲା।

# କାଗଜକଳ ଠିକା ଶ୍ରମିକଙ୍କୁ ହତ୍ୟା

### ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ହାଣିଲେ ଦୁର୍ବୃତ୍ତ

ଜୟପୁର, ୩୦।୩ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ଅଞ୍ଚଳର ବନଗୁଡ଼ା ଗ୍ରାମ ନିକଟରେ ସେୱା କାଗଜକଳର ଠିକା ଶ୍ରମିକଙ୍କୁ ରାସ୍ତାରେ ଗୋଡାଇ ଗୋଡାଇ ହାଣି ହତ୍ୟା କରିଛନ୍ତି ଦୁର୍ବୃତ୍ତ। ସେ ନିଜ ଗ୍ରାମକୁ ବାଇକ ଯୋଗେ ଫେରୁଥିବା ବେଳେ ଦୁର୍ବୃତ୍ତମାନେ ଏଭଳି କାଣ୍ଡ ଘଟାଇଛନ୍ତି। ମୃତକ ହେଲେ, ଫାମ୍ପୁଣି ଗ୍ରାମର ପଦ୍ମନ ହରିଜନ (୪୯)। ଖବର ପାଇ ଘଟଣାସ୍ଥଳରେ ସଦର ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପଦ୍ମନ ସବୁ ଦିନ ଭଳି ରବିବାର ଅପରାହ୍ନରେ କାଗଜକଳରେ କାର୍ଯ୍ୟ ଶେଷ ପରେ ନିଜ ବାଇକ (ଓଡି୧୦ୟୁ-୨୨୮୧) ଯୋଗେ ଗାଗନାପୁରଠାରୁ ରାଣୀପୁଟ ରାସ୍ତା ଦେଇ ଗାଁକୁ ଫେରୁଥିଲେ। ବନଗୁଡ଼ା ଗ୍ରାମର ହନୁମାନ ମନ୍ଦିର ନିକଟ ନିଛାଟିଆ ସ୍ଥାନର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ପଦ୍ମନ ଗାଡ଼ି ଛାଡ଼ି ଦୌଡ଼ିବାକୁ ପ୍ରୟାସ କରିଥିଲେ ହେଁ ଦୁର୍ବୃତ୍ତମାନେ ତାଙ୍କୁ ଗୋଡାଇ ଗୋଡାଇ ରାସ୍ତାରେ ହାଣିଥିଲେ। ତାଙ୍କ ମୁଣ୍ଡ ଓ ବେକରେ ଗଭୀର ଆଘାତ ଲାଗିଥିବା ବେଳେ ଗୋଡ଼ ଓ ହାତରେ ମଧ୍ୟ ଆଘାତ ଲାଗିଥିବା ଦେଖିବାକୁ ମିଳିଛି।

ସ୍ଥାନୀୟ ଗ୍ରାମବାସୀଙ୍କଠାରୁ ସୂଚନା ପାଇ ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ଏବଂ ସ୍ୱତନ୍ତ୍ର ଅପରାଧ ନିୟନ୍ତ୍ରଣ ଅଧିକାରୀ ତଥା ପୂର୍ବତନ ସଦରଥାନା ଅଧିକାରୀ ଈଶ୍ୱର ତାଣ୍ଡୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛନ୍ତି। ସାଇଣ୍ଟିଫିକ ଏବଂ ସନ୍ଧାନୀ କୁକୁର ସହାୟତାରେ ଦୁର୍ବୃତ୍ତଙ୍କୁ ଠାବ କରିବାକୁ ପ୍ରୟାସ ଜାରି ରଖିଛି। ସ୍ଥାନୀୟ ଗ୍ରାମବାସୀ ଓ ମୃତକଙ୍କ ପରିବାର ବର୍ଗଙ୍କ ବୟାନ ଓ ଅନ୍ୟାନ୍ୟ ସୁରାକକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ କରିଛି।

## ଆସିଷ୍ଟାଣ୍ଟ ପ୍ରୋଜେକ୍ଟ ମ୍ୟାନେଜର୍ ଗିରଫ

ଭୁବନେଶ୍ୱର,୩୦।୩(ସମିସ): ଭୁବନେଶ୍ୱର ଜଳଯୋଗାଣ ଓ ସ୍ୱେରେଜ୍ ବୋର୍ଡର ଆସିଷ୍ଟାଣ୍ଟ ପ୍ରୋଜେକ୍ଟ ମ୍ୟାନେଜର ଦେବାଶିଷ ସାହୁଙ୍କୁ ଆଜି ଭିଜିଲାନ୍ସ ଗିରଫ କରିଛି। ଗତକାଲି ଭିଜିଲାନ୍ସ ଭୁବନେଶ୍ୱର, ଜଟଣୀ ଓ କଟକ ସମେତ ୭ଟି ସ୍ଥାନରେ ଚଢ଼ଉ କରି ତାଙ୍କର ବିପୁଳ ସଂପତ୍ତି ଠାବ କରିଥିଲା। ଆୟଠାରୁ ସେ ୧୧୪ ପ୍ରତିଶତ ଅଧିକ ସଂପତ୍ତି ଅର୍ଜନ କରିଛନ୍ତି ବୋଲି ଭିଜିଲାନ୍ସ କହିଛି।

**ଆୟଠାରୁ ୧୧୪ ପ୍ରତିଶତ ଅଧିକ ସଂପତ୍ତି**

ସୂଚନାଯୋଗ୍ୟ, ଗତକାଲି ଭିଜିଲାନ୍ସ ଚଢ଼ଉ କରି ଦେବାଶିଷଙ୍କ ଖୋର୍ଦ୍ଧା ଜଟଣୀ ରୋଡ୍‌ରେ ଦୁଇତାଲା ବିଶିଷ୍ଟ ଗୋଟିଏ କୋଠା, ଜଟଣୀ, ସର୍ଦ୍ଦାର ପଟେଲ ମାର୍ଗରେ ଆଉ ଗୋଟିଏ ଦୁଇ ତାଲା କୋଠା, ସର୍ଦ୍ଦାର ପଟେଲ ମାର୍ଗରେ ୩ତାଲା ବିଶିଷ୍ଟ ଏକ କୋଠା, ଜଟଣୀ ବନଦୁର୍ଗା ମାର୍କେଟ୍‌ରେ ୨ଟି ଦୋକାନ, ଭୁବନେଶ୍ୱର ଏବଂ ଜଟଣୀରେ ୨ଟି ବହୁଦାମୀ ପ୍ଲଟ ଠାବ କରିଥିଲା। ଏହାସହ ତାଙ୍କ ଘରୁ ନଗଦ ୧ଲକ୍ଷ ୫୭ ଟଙ୍କା, ୨୦୦ ଗ୍ରାମର ସୁନା ଅଳଙ୍କାର, ବ୍ୟାଙ୍କ୍ ଏବଂ ଇନ୍ସୁରାନ୍ସରେ ୫୬.୧୯ଲକ୍ଷ ଜମା ଏବଂ ୧୨.୩୯ ଲକ୍ଷ ଟଙ୍କାର ୩ଟି ଦୁଇ ଚକିଆ ଏବଂ ଘର ସାମଗ୍ରୀ ଠାବ କରିଥିଲା।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ; ହତ୍ୟା ଅଭିଯୋଗ

ପାରଳାଖେମୁଣ୍ଡି,୩୦।୩(ସମିସ): ଗଜପତି ଜିଲ୍ଲା ଗାରାବନ୍ଧ ଥାନା ଅନ୍ତର୍ଗତ ବଡହଂସା ଗ୍ରାମରେ ଜଣେ ବିବାହିତ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ଆନ୍ଧ୍ରପ୍ରଦେଶ ପଲାସା ଥାନା ଅନ୍ତର୍ଗତ ରେଣ୍ଟିକୋଟା ଗ୍ରାମର ଈଶ୍ୱର ନାୟକ। ୪ବର୍ଷ ତଳେ ସେ ଲାବଣ୍ୟଗଡ ଗ୍ରାମର ଦମୟନ୍ତୀ ନାୟକଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ପୁତ୍ର ସନ୍ତାନ ରହିଛି। ଏ ନେଇ ଦମୟନ୍ତୀ ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। କେହି ଦୁର୍ବୃତ୍ତ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଛି ବୋଲି ସେ ଏତଲାରେ ଦର୍ଶାଇଛନ୍ତି।

ତାଙ୍କ ଅଭିଯୋଗ ଅନୁଯାୟୀ ବଡହଂସା ଗ୍ରାମର ଜଣେ ମହିଳାଙ୍କ ସହ ତାଙ୍କ ସ୍ୱାମୀଙ୍କ ସମ୍ପର୍କ ରହିଥିଲା। ଗତବର୍ଷ ସେ ଓ ସ୍ୱାମୀ ଈଶ୍ୱର ବଡହଂସା ଗ୍ରାମକୁ ଏକ ଭୋଜିରେ ଯୋଗ ଦେବା ପାଇଁ ଯାଇଥିଲେ। ଈଶ୍ୱର ଭୋଜିରେ ଦମୟନ୍ତୀଙ୍କୁ ଛାଡି ଦେଇ ସମ୍ପୃକ୍ତ ମହିଳାଙ୍କ ଘରକୁ ଯାଇଥିଲେ। ସେ ଜାଣିବା ପରେ ସେଠାକୁ ଯାଇ ପଚରାଉଚରା କରିଥିଲେ। ସେଠାରେ ସମ୍ପୃକ୍ତ ମହିଳା ତାଙ୍କ ସହ ଗଣ୍ଡଗୋଳ କରିଥିଲେ। ଈଶ୍ୱର ଓ ତାଙ୍କ ପୁଅକୁ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିବା ଦମୟନ୍ତୀ କହିଛନ୍ତି। ୧୫ ଦିନ ହେଲା ଈଶ୍ୱର ବଡହଂସା ଗ୍ରାମରେ ରହିଆସୁଥିଲେ। ରବିବାର ତାଙ୍କ ମୃତଦେହ ସମ୍ପୃକ୍ତ ମହିଳାଙ୍କ ଘର ସମ୍ମୁଖରେ ପଡିଥିଲା। ଏ ବିଷୟରେ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ଈଶ୍ୱରଙ୍କ ସମ୍ପର୍କୀୟଙ୍କୁ ଜଣାଇଥିଲେ। ସମ୍ପର୍କୀୟ ନିକଟରୁ ଖବର ପାଇ ଦମୟନ୍ତୀ ନାୟକ ବଡହଂସା ଗ୍ରାମକୁ ଯାଇଥିଲେ। ସନ୍ଧ୍ୟାରେ ଗାରାବନ୍ଧ ଥାନାରେ ତାଙ୍କ ସ୍ୱାମୀଙ୍କୁ ସମ୍ପୃକ୍ତ ମହିଳା ହତ୍ୟା କରିଥିବା ନେଇ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଗାରାବନ୍ଧ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି।

## ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମ

ଡାବୁଗାଁ,୩୦।୩(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଞ୍ଚଳରେ ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ଅପହରଣ କରି ଦୁଷ୍କର୍ମ କରାଯାଇଥିବା ନେଇ ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୁଲିସ୍ ନମ୍ବର ୬୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରବିବାର ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯାଇଛି। ସୂଚନାଯୋଗ୍ୟ, ଗତ ୨୭ ତାରିଖ ଦିନ ଡାବୁଗାଁ ଥାନା ଅଞ୍ଚଳର ଜଣେ ୩୧ବର୍ଷୀୟ ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ସେହି ଅଞ୍ଚଳର ଜଣେ ଯୁବକ ବୋଲେରୋରେ ଅପହରଣ କରିନେଇଥିଲେ। ଗାଁଠାରୁ କିଛି ଦୂରରେ ଏକ ନିର୍ଜନ ସ୍ଥାନରେ ଥିବା ଏକ କୁଡିଆ ଘରେ ସେ ଯୁବତୀଙ୍କୁ ଦୁଷ୍କର୍ମ କରିବା ସହ ମାଡ଼ ମାରିଥିଲା। ଏପରିକି ଯୁବତୀଙ୍କ ନିକଟରେ ଥିବା ୫ ହଜାର ଟଙ୍କା ମଧ୍ୟ ଛଡ଼ାଇନେଇଥିଲା। ୨୮ ତାରିଖ ସକାଳେ ଗ୍ରାମର ଜଣେ ବ୍ୟକ୍ତି ଉକ୍ତ ଯୁବତୀଙ୍କୁ ଦେଖି ତାଙ୍କ ପରିବାରଲୋକଙ୍କୁ ଖବର ଦେଇଥିଲା। ଯୁବତୀଙ୍କ ମାମୁଁ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ।

# ପୁଣି 'ବନ୍ଦେ ଉତ୍କଳ ଜନନୀ'କୁ ଅସମ୍ମାନ

### ଛିଡ଼ା ହେଲେନି ଜୟନାରାୟଣଙ୍କ ଝିଅ ଶୁଭଶ୍ରୀ

ସମ୍ବଲପୁର, ୩୦।୩ (ସମିସ): ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ପରେ ସରକାରୀ କାର୍ଯ୍ୟକ୍ରମରେ 'ବନ୍ଦେ ଉତ୍କଳ ଜନନୀ' ଗାନ ସମୟରେ ଛିଡ଼ା ହେଲେନି ବିଧାୟକଙ୍କ ପ୍ରତିନିଧି ଝିଅ ଶୁଭଶ୍ରୀ ମିଶ୍ର। ରବିବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନ୍ତ୍ୟୋଦୟ ଗୃହ ଯୋଜନାକୁ ନେଇ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭବାନୀପାଟଣାରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ଜିଲ୍ଲାସ୍ତରରେ ଏହାର ପ୍ରସାରଣ ହୋଇଥିଲା। କାର୍ଯ୍ୟକ୍ରମରେ 'ବନ୍ଦେ ଉତ୍କଳ ଜନନୀ' ଗାନ ସମୟରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ପ୍ରତିନିଧି ସୁଶୀଲ କର, ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି



ନାଉରୀ ନାଏକ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହ ଅନ୍ୟ ସମସ୍ତ ଉପସ୍ଥିତ ଲୋକେ ଛିଡ଼ା ହୋଇଥିବା ବେଳେ ଶୁଭଶ୍ରୀ ବସି ରହିଥିଲେ। ଏହାର ଉତ୍ତରରେ ଶୁଭଶ୍ରୀ କହିଥିଲେ, ମତେ ଲାଗୁନି ଏଇଟା ଗୋଟେ ରାଜ୍ୟ ସଙ୍ଗୀତ, ଯୋଉଥିପାଇଁ ଛିଡ଼ା ହେବା ଦରକାର।

ଉଲ୍ଲେଖଯୋଗ୍ୟ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଗତ ମାର୍ଚ୍ଚ ୮ ତାରିଖରେ ଜିଏମ୍‌ୟୁ ପ୍ରେକ୍ଷାଳୟରେ 'ସୁଭଦ୍ରା' ଦ୍ୱିତୀୟ କିସ୍ତି ପ୍ରଦାନ ଉତ୍ସବ ସରକାରୀ କାର୍ଯ୍ୟକ୍ରମରେ 'ବନ୍ଦେ ଉତ୍କଳ ଜନନୀ' ଗାନ ସମୟରେ ବସି ରହିଥିଲେ ଏବଂ ତାଙ୍କ ବକ୍ତବ୍ୟରେ ଏହି ରାଜ୍ୟ ସଙ୍ଗୀତକୁ ବିରୋଧ କରିଥିଲେ।

## ଓଡ଼ିଶାରେ ଚାଲୁଛି ୬ହଜାର ବାହାର ରାଜ୍ୟ ଗାଡ଼ି

ଭୁବନେଶ୍ୱର,୩୦।୩(ସମିସ): ଓଡ଼ିଶାରେ ୬ହଜାର ୬୭୨ଟି ବାହାର ରାଜ୍ୟର ପଞ୍ଜିକୃତ ଗାଡ଼ି ଚଳାଚଳ କରୁଛି। ଏଥି ମଧ୍ୟରେ ସର୍ବାଧିକ ୨୨୯୪ଟି ମାଲ୍ ପରିବହନ ଗାଡ଼ି ରହିଛି। ସେହିଭଳି ୧୯୫୭ ଟି ଦୁଇ ଚକିଆ ଗାଡ଼ି ଓ ୧୬୯୫ଟି ମୋଟର କାର୍ ଚଳାଚଳ କରୁଛି। ଅନ୍ୟ ରାଜ୍ୟରେ ପଞ୍ଜିକୃତ ଗାଡି ଓଡ଼ିଶାରେ ଚାଲିବା ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ତଥ୍ୟ ଦେଇଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁସାରେ, ଅନ୍ୟ ରାଜ୍ୟରେ ପଞ୍ଜିକୃତ ହୋଇଥିବା ୨୯ଟି ଆମ୍ବୁଲାନ୍ସ, ୧୭ଟି ଟ୍ରାକ୍ଟର, ୪୬ଟି କ୍ରେନ୍, ୩୮ଟି ଡମ୍ପର, ୨୯ଟି ଓମିନି ବସ୍ ସହିତ ଅନ୍ୟାନ୍ୟ ଗାଡ଼ି ରହିଛି। ମନ୍ତ୍ରୀ କହିଛନ୍ତି ଯେ ଅନ୍ୟ ରାଜ୍ୟରେ ପଞ୍ଜିକୃତ ହୋଇଥିବା ଗାଡ଼ି ଓଡିଶାରେ ଚଳାଚଳ କରିବା ନିମନ୍ତେ ଧାରା ୪୭ ଅନୁସାରେ ଓଡ଼ିଶାରେ ପଞ୍ଜିକରଣ ନମ୍ବର କରିପାରିବେ। ଅନ୍ୟ ରାଜ୍ୟରେ ପଞ୍ଜିକୃତ ହୋଇଥିବା ମାଲବାହୀ ଯାନ ଉକ୍ତ ରାଜ୍ୟରୁ ଜାତୀୟ ପରମିଟ୍ ଏବଂ କେନ୍ଦ୍ରୀୟ ମୋଟରଯାନ ନିୟମ ଅନୁଯାୟୀ ଓଡ଼ିଶାରେ ଚଳାଚଳ କରିପାରିବେ। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଚଳିତ ଇ-ଚେକ୍‌ଗେଟ୍ ମାଧ୍ୟମରେ ଅନ୍ୟରାଜ୍ୟର ଯାନଗୁଡ଼ିକ ଅନଲାଇନ୍‌ରେ ପରମିଟ୍ ହାସଲକରି ଓଡ଼ିଶାରେ ଚଳାଚଳ କରିପାରିବେ। ବାହାର ରାଜ୍ୟରୁ ଓଡ଼ିଶାକୁ ଆସୁଥିବା ଗାଡ଼ିଗୁଡ଼ିକ ଦ୍ୱାରା ଆମ ରାଜ୍ୟର କୌଣସି ରାଜସ୍ୱ କ୍ଷତି ହେଉନି।

# ବିରଜା ମନ୍ଦିରରେ ପଶିଲେ ବିଦେଶୀ

ଯାଜପୁର, ୩୦।୩ (ସମିସ): ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ମନ୍ଦିରରେ ଢିଲା ସୁରକ୍ଷା ବ୍ୟବସ୍ଥା ଯୋଗୁଁ ବାରମ୍ବାର ଅଘଟଣ ଘଟୁଛି। ଆଜି ଏହାର ଫାଇଦା ଉଠାଇ ୨୦ରୁ ୨୫ ଜଣ ବିଦେଶୀ ପର୍ଯ୍ୟଟକ ମନ୍ଦିର ଭିତରେ ପ୍ରବେଶ କରିବା ସହ ମନ୍ଦିର ପରିସରରେ ଭ୍ରମଣ କରିଥିଲେ। ଏହା ଦେଖିବା ପରେ ମନ୍ଦିର ପରିସରରେ ଥିବା ସେବାୟତ, ଶ୍ରଦ୍ଧାଳୁ ପ୍ରତିବାଦ କରିଥିଲେ। ଘଟଣା ଜଣାପଡ଼ିବା ପରେ ମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସର ଅକଲଗୁଡୁମ୍ ହୋଇଯାଇଥିଲା। ସେବାୟତ ଓ ପୁଲିସର ମିଳିତ ଉଦ୍ୟମରେ ସମସ୍ତ ବିଦେଶୀ ପର୍ଯ୍ୟଟକଙ୍କୁ ମନ୍ଦିର ବାହାରକୁ ଅଣାଯାଇଥିଲା। ଖବର ପ୍ରଚାର ହେବା ପରେ ମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ ନେଇ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ ମହଲରେ ଉତ୍ତେଜନା ପ୍ରକାଶ ପାଇଥିଲା।

**ସୁରକ୍ଷା ବ୍ୟବସ୍ଥା ଢିଲା**

**ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ**



ଆଜି ଅପରାହ୍ନ ପ୍ରାୟ ୩ଟା ୪୫ରେ ୨୦ରୁ ୨୫ଜଣ ରୁଷୀୟ ପର୍ଯ୍ୟଟକ ମନ୍ଦିର ଉତ୍ତର ପାର୍ଶ୍ୱରେ ଖୋଲାଥିବା ପ୍ରବେଶ ପଥ ଦେଇ ମନ୍ଦିର ଭିତରକୁ ପ୍ରବେଶ କରିବା ସହ ଦଳଦଳ ହୋଇ ମନ୍ଦିର ପରିସରରେ ବୁଲାବୁଲି କରିଥିଲେ। କିଏ ମୋବାଇଲରେ ମନ୍ଦିର ଫଟୋ ଉତ୍ତୋଳନ କରୁଥିଲା ତ ଆଉ କିଏ ମନ୍ଦିର ସମ୍ମୁଖରେ ସେଲ୍‌ଫି ନେଉଥିଲା। ଏସବୁ ଦେଖି ମନ୍ଦିରରେ ଥିବା ଶ୍ରଦ୍ଧାଳୁ ଓ ସେବାୟତ ଆଶ୍ଚର୍ଯ୍ୟ ହେବା ସହିତ ମନ୍ଦିର ସୁରକ୍ଷାରେ ଥିବା ପୁଲିସ କର୍ମଚାରୀଙ୍କୁ ଡାକିଥିଲେ। ସୁରକ୍ଷା କର୍ମଚାରୀ, ସେବାୟତ ଓ କିଛି ଶ୍ରଦ୍ଧାଳୁଙ୍କ ଉଦ୍ୟମରେ ପ୍ରାୟ ୨୦ ମିନିଟ୍ ପରେ ସମସ୍ତ ବିଦେଶୀ ପର୍ଯ୍ୟଟକଙ୍କୁ ମନ୍ଦିର ବାହାରକୁ ଅଣାଯାଇଥିଲା। ଏହାକୁ ନେଇ ମନ୍ଦିର ସୁରକ୍ଷାରେ ଥିବା କର୍ମଚାରୀଙ୍କ ଅବହେଳାକୁ ଦାୟୀ କରିବା ସହ ମନ୍ଦିରରେ ବାରମ୍ବାର ଏଭଳି ଘଟଣା ଘଟୁଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ଦିଗରେ ଦୃଢ଼ ପଦକ୍ଷେପ ନିମନ୍ତେ ଦାବି କରାଯାଇଥିଲା। ପୂର୍ବରୁ ଅନେକଥର ଏଭଳି ଅଘଟଣ ଘଟିଥିଲେ ମଧ୍ୟ ମନ୍ଦିର ଓ ଜିଲ୍ଲା ପ୍ରଶାସନ ଏହାକୁ ହାଲୁକା ଭାବେ ଗ୍ରହଣ କରୁଥିବାରୁ ଅସନ୍ତୋଷ ଦେଖାଦେଇଛି। ତେଣୁ ତୁରନ୍ତ ବିରଜା ମନ୍ଦିର ଚତୁଃପାର୍ଶ୍ୱରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି।

## ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେସନ ପକ୍ଷରୁ ୩୦ତମ ସମ୍ମାନ ପ୍ରଦାନ ସମାରୋହ

# ଶୈଳଜ ରବିଙ୍କୁ 'ସାହିତ୍ୟ ଭାରତୀ ସମ୍ମାନ'

କଟକ,୩୦।୩(ସମିସ): ସ୍ରଷ୍ଟାଙ୍କ ମଧ୍ୟରେ କୌଣସି ସ୍ୱାର୍ଥ ନଥାଏ। ସେମାନେ ନିଃସ୍ୱାର୍ଥପର ଭାବେ ସୃଷ୍ଟି କରିଥା'ନ୍ତି। ସେମାନଙ୍କ ମଧ୍ୟରେ ସାମଗ୍ରିକତା ଥାଏ। ଜଣେ ସାଧାରଣଲୋକ ଯାହା ଦେଖେ, ତାହାକୁ ସାହିତ୍ୟିକମାନେ ଅନୁଭବ କରିଥା'ନ୍ତି। ରବିବାର ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେସନ୍ ପକ୍ଷରୁ ୩୦ତମ ସମ୍ମାନ ପ୍ରଦାନ ସମାରୋହରେ ଯୋଗଦେଇଥିବା ଅତିଥିମାନେ ଏପରି ମତବ୍ୟକ୍ତ କରିଛନ୍ତି।



କଳା ବିକାଶ କେନ୍ଦ୍ର ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଂସଦ ଭର୍ତ୍ତୃହରି ମହତାବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ସାହିତ୍ୟିକ ଅସିତ୍ ମହାନ୍ତି କହିଥିଲେ ଯେ କୌଣସି ବ୍ୟକ୍ତି ଶିଖରରେ ପହଞ୍ଚିବା ପରେ କୌଣସି ବାଧା ନଥାଏ। ସମତଳ ଭୂମିରେ ପଦ ଚାଳନା କରୁଥିବା ବ୍ୟକ୍ତିଙ୍କ ପାଇଁ ଅନେକ ଆହ୍ୱାନ ଥାଏ। ଆଜିର ସମୟରେ କବି ଏବଂ ଲେଖକଙ୍କ ପାଇଁ ଅନେକ ଆହ୍ୱାନ ରହିଛି ବୋଲି କହିଥିଲେ। ଏହି ଅବସରରେ ସାହିତ୍ୟରେ ସାମଗ୍ରିକ କୃତି ପାଇଁ ସାରସ୍ୱତ ସାଧକ ଶୈଳଜ ରବିଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ 'ସାହିତ୍ୟ ଭାରତୀ ସମ୍ମାନ' ପ୍ରଦାନ କରାଯାଇଥିଲା। ସମ୍ମାନସ୍ୱରୂପ ତାଙ୍କୁ ୧ ଲକ୍ଷ ଟଙ୍କାର ଉପାୟନ ଓ କୋଣାର୍କ ମନ୍ଦିରର ଏକ ରୌପ୍ୟ ପ୍ରତିରୂପ ଦିଆଯାଇଥିଲା। ସେହିଭଳି ଡା. ଫାଲଗୁନୀ ରାୟଙ୍କୁ "ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ', କବି ସୂର୍ଯ୍ୟ ମିଶ୍ରଙ୍କୁ 'ଭାନୁଜୀ ରାଓ ସ୍ମାରକୀ ପୁରସ୍କାର', ଲେଖିକା ସଂଯୁକ୍ତା ମହାନ୍ତିଙ୍କୁ "ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାର', ସାହିତ୍ୟିକ ବିରଜା ରାଉତରାୟ ଏବଂ ସାହିତ୍ୟିକା ଇପ୍‌ସିତା ଷଡ଼ଙ୍ଗୀଙ୍କୁ 'ସୁବ୍ରତ ରଥ ସ୍ମାରକୀ ପୁରସ୍କାର' ପ୍ରଦାନ କରାଯାଇଛି। ଏହି ଅବସରରେ ରଥୀନ୍ଦ୍ରନାଥ ଜେଠୀଙ୍କ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଫାଉଣ୍ଡେସନ୍‌ର ଟ୍ରଷ୍ଟି ଡା. ଜୟନ୍ତ ରଥ ସମାରୋହରେ ସଭାପତିତ୍ୱ କରିଥିବା ବେଳେ ସଦସ୍ୟ ଡଃ ବିଜୟାନନ୍ଦ ସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଫାଉଣ୍ଡେସନ୍‌ର ସମ୍ପାଦିକା ସୁସ୍ମିତା ରଥ ଧନ୍ୟବାଦ ଦେଇଥିଲେ। ନିରୁପମା କର, ବୈଜୟନ୍ତୀ ମିଶ୍ର, ଅଭୟ କୁମାର ରାଉତ, ବିଦ୍ୟୁତ୍ ମଞ୍ଜରୀ ପ୍ରଧାନ ମାନପତ୍ର ପାଠ କରିଥିଲେ। ସ୍ନେହଲତା ପୃଷ୍ଟି ସଭା ସଂଯୋଜନା କରିଥିବା ବେଳେ ଆଇନଜୀବୀ ସଞ୍ଜୟ ରଥ, ହର୍ଷବର୍ଦ୍ଧନ ରଥ, ଲିପ୍‌ସିତା ରଥ ସଭା ପରିଚାଳନା କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ସଭା ପୂର୍ବରୁ କଳାପତାକା ପ୍ରଦର୍ଶନ

## କଂଗ୍ରେସ ନେତା, କର୍ମୀଙ୍କୁ ଉଠାଇନେଲା ପୁଲିସ୍



ଭବାନୀପାଟଣା, ୩୦।୩(ସମିସ): କଳାହାଣ୍ଡିରୁ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି। ତେବେ କଳାହାଣ୍ଡିର ବରିଷ୍ଠ କଂଗ୍ରେସ ନେତା ତଥା ପିସିସି ସଭାପତି ଭକ୍ତ ଦାସଙ୍କ ନିଜ ଅଞ୍ଚଳ ହୋଇଥିବାରୁ ପୁଲିସ ଓ ଜିଲ୍ଲା ପ୍ରଶାସନ ଆଗୁଆ ସତର୍କ ହୋଇପଡ଼ିଥିଲା। ପ୍ରାୟ ୨୫ରୁ ଅଧିକ କଂଗ୍ରେସ କର୍ମୀ ଓ ନେତାଙ୍କୁ ପୁଲିସ ଆଗୁଆ ଉଠାଇ ନେଇଥିଲା। ମୁଖ୍ୟମନ୍ତ୍ରୀ ପୁଲିସ ରିଜର୍ଭ ପଡ଼ିଆରେ ଓହ୍ଲାଇ ସହର ମଧ୍ୟ ଦେଇ ସଭାସ୍ଥଳକୁ ଆସିବାର ଥିଲା। କିନ୍ତୁ ଅଣ୍ଡାମାଡ଼ କିମ୍ବା କଳାପତାକା ପ୍ରଦର୍ଶନ ଭୟ କାରଣରୁ ସିଧା ସଭାସ୍ଥଳରେ ହେଲିକ୍ୟାପ୍ଟର୍ ଓହ୍ଲାଇଥିଲା। ସଭାସ୍ଥଳକୁ ଯିବା ପୂର୍ବରୁ କଟକଣା ଏମିତି ହୋଇଥିଲା ଯେ ଅଣ୍ଡା ତ ଦୂରର କଥା, ପାନ ପୁଡ଼ିଆ ମଧ୍ୟ ଭିତରକୁ ନେଇ ଯିବା ସମ୍ଭବ ହୋଇନଥିଲା। ମୁଖ୍ୟମନ୍ତ୍ରୀ ସଭାସ୍ଥଳରେ ପହଞ୍ଚିବା ପୂର୍ବରୁ କେତେକ କଂଗ୍ରେସ କର୍ମୀ କଳାପତାକା ଦେଖାଇବାରୁ କିଛି ଯୁବନେତା ଓ କର୍ମୀ ଏବଂ ମହିଳା କର୍ମୀଙ୍କୁ ପୁଲିସ୍ ଗାଡ଼ିରେ ଉଠାଇ ନେଇଥିଲା। କେବଳ ସେତିକି ନୁହେଁ, ଯୁବନେତା ମହମ୍ମଦ ସାହେବଙ୍କୁ ପୁଲିସ୍ ମାଡ଼ ମାରି ତାଙ୍କ ଚଷମା ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ସୁବାସ ପ୍ରଧାନ, ଦେବାଶିଷ କୁମାର, ସୁମନ୍ତ ରଣା, କେଦାର ସାହୁ, ପ୍ରମିଳା ମଲ୍ଲିକ, ଜିଲ୍ଲା କଂଗ୍ରେସ ସଭାପତି ଭାରତ ବେମାଲଙ୍କୁ ପୁଲିସ ଉଠାଇ ନେଇଥିଲା। ତେବେ ଏନେଇ ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ କହିଛନ୍ତି ଯେ, ମହିଳାଙ୍କ ସୁରକ୍ଷା ପ୍ରସଙ୍ଗ ନେଇ ସେମାନେ ସରକାରଙ୍କୁ ପ୍ରଶ୍ନ କରିବାକୁ ଆସିଥିଲେ; ପୁଲିସ କିନ୍ତୁ ଗିରଫ କରିଛି। ଏହା ଅଗଣତାନ୍ତ୍ରିକ ବୋଲି ସେ କହିଛନ୍ତି।

# ଦିନକରେ ୫ଜଣଙ୍କ ସଲିଳ ସମାଧି

## କୋଏଲରେ ବୁଡ଼ିଗଲେ ଦୁଇ ସାଙ୍ଗ / ରିଲ୍ସ ବେଳେ ଦେବକୁଣ୍ଡରେ ବୁଡ଼ି ଛାତ୍ର ମୃତ

ରାଉରକେଲା/ଉଦଳା/ଅନୁଗୋଳ/କାମାକ୍ଷାନଗର, ୩୦।୩(ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ପାଣିରେ ବୁଡ଼ି ୫ଜଣଙ୍କ ମୃତ୍ୟୁ ହୋଇଛି। ରାଉରକେଲା ଦେଇ ପ୍ରବାହିତ କୋଏଲ ନଦୀରେ ଦୁଇ ସାଙ୍ଗ ପ୍ରାଣ ହରାଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ଦେବକୁଣ୍ଡରେ ବୁଡ଼ି ଜଣେ ଯୁକ୍ତ ୩ ଛାତ୍ର ଏବଂ ଅନୁଗୋଳ ଓ ଢେଙ୍କାନାଳରେ ଜଣେ ଲେଖାଏଁ ନାବାଳକ ପ୍ରାଣ ହରାଇଛନ୍ତି।

ସୂଚନାନୁଯାୟୀ, ରାଉରକେଲା ସେକ୍ଟର-୧୭ ବି ବ୍ଲକ୍ ଅଞ୍ଚଳର ପ୍ରଦୀପ ତରାଇ (୧୯) ଓ ସେକ୍ଟର-୮ ଶନିମନ୍ଦିର ନିକଟ ବସ୍ତିର ଆର୍ଶୀବାଦ ବାରିକ (୧୮)ଙ୍କ ସମେତ ଅନ୍ୟ ଦୁଇଜଣ ସାଙ୍ଗ ମିଶି ଆଜି ଅପରାହ୍ଣରେ ବିଶ୍ରା ଥାନା ଅଧୀନ କେରକେଟା ଗ୍ରାମ ପାଖ କୋଏଲ ନଦୀକୁ ଗାଧୋଇବାକୁ ଯାଇଥିଲେ। ୪ ଜଣଯାକ ଗାଧୋଉଥିବା ବେଳେ ପ୍ରଦୀପ ଓ ଆର୍ଶୀବାଦ ବୁଡ଼ି ଯାଇଥିଲେ। ଅନ୍ୟ ଦୁଇ ସାଙ୍ଗଙ୍କ ଚିତ୍କାର ଶୁଣି ସ୍ଥାନୀୟ ମତ୍ସ୍ୟଜୀବୀ ପ୍ରଦୀପଙ୍କୁ ଉଦ୍ଧାର କରିଥିଲେ। ସଙ୍ଗେସଙ୍ଗେ ତାଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଅପରପକ୍ଷେ ଆର୍ଶୀବାଦ ନଦୀରେ ନିଖୋଜ ହୋଇଥିବା ବେଳେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପ୍ରାୟ ୧ ଘଣ୍ଟା ପରେ ଉଦ୍ଧାର କରି ଉକ୍ତ ଡାକ୍ତରଖାନାକୁ ପଠାଇଥିଲେ। ମାତ୍ର ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ପରିବାର ମଧ୍ୟରେ ଶୋକ ପ୍ରକାଶ ପାଇଛି। ମୃତକ ଦୁହେଁ ଛୋଟ ବେଳର ସାଙ୍ଗ ହୋଇଥିବା ଜଣାପଡ଼ିଛି।

ସେହିପରି ମୟୂରଭଞ୍ଜ ଜିଲ୍ଲା ଉଦଳା ନିକଟରେ ଥିବା ମା' ଅମ୍ବିକାଙ୍କ ପୀଠ ଦେବକୁଣ୍ଡରେ ଜଣେ ଯୁକ୍ତ ୩ ଛାତ୍ର ଆଜି ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ରିଲ୍ସ କରୁଥିବା ବେଳେ ଛାତ୍ରଜଣଙ୍କ ପାଣିରେ ବୁଡ଼ି ଯାଇଥିଲେ। ମୃତ ଛାତ୍ରଜଣଙ୍କ ହେଲେ, ଉଦଳା ଏନ୍‌ଏସି ୧୧ନଂ ୱାର୍ଡର ବାସିନ୍ଦା ଅନୀଲ ମହାପାତ୍ରଙ୍କ ଏକମାତ୍ର ପୁଅ ପୀୟୂଷ ମିହିର ମହାପାତ୍ର(୧୯)। ସେ ରାଢୋ ଲୁଇପା ମହାବିଦ୍ୟାଳୟର ଛାତ୍ର। ଏନେଇ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଉଦଳା ଡାକ୍ତରଖାନାରେ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

ଅନ୍ୟ ଏକ ଘଟଣାକ୍ରମେ ଅନୁଗୋଳ ବ୍ଲକ୍ ଶାବଳଭଙ୍ଗା ଗ୍ରାମ ପୋଖରୀରେ ବୁଡ଼ି ବିଭୂତି ସେଠୀଙ୍କ ପୁଅ ବାଦଲ ସେଠୀ (୬) ପ୍ରାଣ ହରାଇଛି। ଆଜି ଅପରାହ୍ଣରେ ବାଦଲ



ଘରଠାରୁ କିଛି ଦୂରରେ ଥିବା ପୋଖରୀକୁ ଶୌଚ ହେବାକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ଗଭୀର ପାଣିରେ ବୁଡ଼ି ଯାଇଥିଲେ। କିଛି ସମୟ ପରେ ତାଙ୍କ ଶବ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଉପରକୁ ଆଣିଥିଲେ।

ସେହିପରି, ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରରେ ଭୋଜି କରିବାକୁ ଯାଇଥିବା ବେଳେ ନାଳରେ ବୁଡ଼ି ଜଣେ ୧୩ ବର୍ଷର ନାବାଳକର ମୃତ୍ୟୁ ହୋଇଛି। ମୃତ ନାବାଳକ ହେଲେ, କଙ୍କଡାହାଡ଼ ଥାନା ମକୁଆକାଟେଣୀ ଗ୍ରାମର କେଶରୀ ସାହୁଙ୍କ ପୁଅ ଅଂଶୁମାନ ସାହୁ। ରବିବାର ସକାଳେ ଅଂଶୁମାନ ସାଙ୍ଗସାଥୀଙ୍କ ସହ ମକୁଆକାଟେଣୀ ଗାଁ ନିକଟ ରେଙ୍ଗାଳି ବାମ ପାର୍ଶ୍ୱ କେନାଲ ପାଖ ହଳଧର ନାଳ ନିକଟକୁ ଭୋଜି କରିବାକୁ ଯାଇଥିଲେ। ଭୋଜି ଚାଲିଥିଲା ବେଳେ ଅଂଶୁମାନ ନାଳକୁ ଗାଧୋଇବା ପାଇଁ ଯାଇଥିଲେ। କିନ୍ତୁ ଅସାବଧାନତାବଶତଃ ତାଙ୍କ ଗୋଡ଼ ଖସିଯିବାରୁ ସେ ନାଳରେ ବୁଡ଼ିଯାଇଥିଲେ। ଅଂଶୁମାନଙ୍କ ଫେରିବା ବିଳମ୍ବ ହେବାରୁ ସାଥୀମାନେ ତାଙ୍କୁ ଖୋଜିବାକୁ ଯାଇ ସେ ନାଳରେ ପଡ଼ିଥିବା ଦେଖିଥିଲେ। ଖବର ପାଇ ଗ୍ରାମବାସୀ ସେଠାରେ ପହଞ୍ଚି ଅଂଶୁମାନଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଂଶୁମାନଙ୍କ ଆକସ୍ମିକ ବିୟୋଗରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ୨ ଯୋଡ଼ାଙ୍କ ସନ୍ଦେହଜନକ ମୃତ୍ୟୁ

## ପୁଅ ଘରୁ ପ୍ରେମୀଯୁଗଳଙ୍କ ଶବ ଉଦ୍ଧାର / ଏକାଠି ଜୀବନ ହାରିଲେ ଦମ୍ପତି

ମୁରିବାହାଲ, ୩୦।୩ (ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଅଞ୍ଚଳରେ ରବିବାର ଦୁଇ ଦୁଇଟି ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ହଳଦୀ ପଞ୍ଚାୟତ ସେମେଲପାଲି ଗାଁରେ ଏକ ବନ୍ଦ କୋଠରିରୁ ପ୍ରେମୀଯୁଗଳଙ୍କ ମୃତଦେହ ଉଦ୍ଧାର ହୋଇଥିବା ବେଳେ ଗୁଡ଼ିଘାଟ ଗ୍ରାମରୁ ଏକ ଦମ୍ପତିଙ୍କ ମୃତଦେହ ଠାବ ହୋଇଛି। ମୃତ ପ୍ରେମୀଯୁଗଳ ହେଲେ, ଅରବିନ୍ଦ ନାଗ ଏବଂ ସଂଯୁକ୍ତା

**ଝିଅ ବାପାଙ୍କ ସଂଗିନ୍ ଅଭିଯୋଗ; ହତ୍ୟା କରି ଫିଙ୍ଗି ଦେଇଛି ପୁଅ ବାପା**

ନାଗ। ସେହିପରି ମୃତ ଦମ୍ପତି ହେଲେ, ଡାକ୍ତର ମାଝୀ ଓ ସ୍ତ୍ରୀ ଭାନୁମତୀ ମାଝୀ। ଉଭୟ ସ୍ଥାନକୁ କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି, ମୁରିବାହାଲ ପୁଲିସ, ସାଇଣ୍ଟିଫିକ ଟିମ୍ ଓ ମୁରିବାହାଲ ତହସିଲଦାର ପହଞ୍ଚି ଶବ ଉଦ୍ଧାର କରିଥିଲେ। ବ୍ୟବଚ୍ଛେଦ ପରେ ଶବଗୁଡ଼ିକୁ ସେମାନଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷେ, ଗୋଟିଏ ଥାନା ଅଞ୍ଚଳରେ ଦିନକରେ ୪ ଜଣଙ୍କ ମୃତ୍ୟୁ ହେବା ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁସାରେ, ଅରବିନ୍ଦ ଏବଂ ସଂଯୁକ୍ତାଙ୍କ ମଧ୍ୟରେ ପ୍ରେମ ସଂପର୍କ ଥିଲା। ଗତକାଲି ସଂଯୁକ୍ତା କେଉଁଆଡ଼େ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ବାପା ମୁରିବାହାଲ ଥାନାରେ ଅଭିଯୋଗ କରିଥିଲେ। ତେବେ ରବିବାର ସକାଳୁ ଅରବିନ୍ଦଙ୍କ ଘରୁ ଦୁହିଁଙ୍କ ମୃତଦେହ ପଡ଼ିଥିବା ପରିବାରଲୋକ ଦେଖିବା ପରେ ଘଟଣା ପ୍ରଘଟ ହୋଇଥିଲା। ଦୁହିଁଙ୍କ ପ୍ରେମକୁ ପରିବାରଲୋକ ସ୍ୱୀକାର ନ କରିବା ମୃତ୍ୟୁର କାରଣ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି।



ଅପରପକ୍ଷେ, ସଂଯୁକ୍ତାଙ୍କ ବାପା ଏନେଇ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ଅରବିନ୍ଦଙ୍କ ବାପା ଦୁହିଁଙ୍କୁ ହତ୍ୟା କରିବା ପରେ ଘର ଭିତରେ ଫିଙ୍ଗି ଦେଇଛନ୍ତି ବୋଲି ସେ କହିଛନ୍ତି। ପୁଲିସ୍ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ୍ କହିଛି।

ସେହିପରି ବ୍ଲକ୍‌ର ଗୁଡ଼ିଘାଟ ଗ୍ରାମର ଏକ ଘରୁ ଡାକ୍ତର ଓ ତାଙ୍କ ପତ୍ନୀ ଭାନୁମତୀଙ୍କ ମୃତଦେହ ଠାବ ହୋଇଛି। ସୂଚନାନୁଯାୟୀ, ଗତରାତିରେ ଦୁହେଁ ଖାଇପିଇ ଏକ କୋଠରିରେ ଶୋଇଥିଲେ। କିନ୍ତୁ ଆଜି ସକାଳେ ଦୁହେଁ ନ ଉଠିବାରୁ ପରିବାରଲୋକ ବାରମ୍ବାର କବାଟ ବାଡ଼େଇଥିଲେ। ସନ୍ଦେହ ହେବାରୁ ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ପୁଲିସ୍ ପହଞ୍ଚି ଘର ଖୋଲିବା ବେଳକୁ ଡାକ୍ତର ଓ ଭାନୁମତୀଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ତେବେ କେଉଁ କାରଣରୁ ଦୁହିଁଙ୍କ ମୃତ୍ୟୁ ହୋଇଛି, ସେନେଇ ପୁଲିସ୍ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ଉପରୁ ପରଦା ହଟିବ ବୋଲି ପୁଲିସ୍ କହିଛି।

# ଓଲଟିଲା କଲେଜ ବସ୍; ୨ ଗୁରୁତର

ବଙ୍ଗୋମୁଣ୍ଡା, ୩୦।୩(ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ସିନ୍ଧେକେଲା ଥାନା ଅନ୍ତର୍ଗତ ଗନ୍ଧର୍ଲା ପଞ୍ଚାୟତ ଶୁଣ୍ଢୀମୁଣ୍ଡା ଗାଁ ନିକଟରେ ଏକ କଲେଜ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ଟି ମହାତ୍ମାଗାନ୍ଧୀ ସାଇନ୍ସ କଲେଜ, ଖରିଆରର ବୋଲି ଜଣାପଡ଼ିଛି। ସକାଳୁ ଛାତ୍ରୀମାନେ ଖରିଆରରୁ ଭବାନୀପାଟଣା ସେମିନାର ପାଇଁ ଯାଉଥିଲେ। କୌଣସିକାରଣ ବଶତଃ ଯାନ୍ତ୍ରିକ ତ୍ରୁଟି ହେବା ଯୋଗୁଁ ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ଡ୍ରାଇଭର ଗୁରୁତର ହୋଇଥିବା ବେଳେ ୫ ଛାତ୍ରୀ ଆହତ ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଆମ୍ବୁଲାନ୍ସ ଜରିଆରେ ଖରିଆର ହସ୍ପିଟାଲକୁ ପଠାଇଥିଲେ। ଚାଳକ ଏବଂ ଜଣେ ଅଧ୍ୟାପକ ମଧ୍ୟ ଗୁରୁତର ହେବାରୁ ସେମାନଙ୍କୁ ରାଇପୁରକୁ ସ୍ଥାନାନ୍ତର କରାଯାଇଛି। ସିନ୍ଧେକେଲା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ରେଳ ଦୁର୍ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କଲା କଂଗ୍ରେସ



ଭୁବନେଶ୍ୱର, ୩୦।୩ (ସମିସ): ଚୌଦ୍ୱାର ମଙ୍ଗୁଳିଠାରେ ହୋଇଥିବା ରେଳ ଦୁର୍ଘଟଣାସ୍ଥଳକୁ ଯାଇ ସ୍ଥିତି ପରଖିବା ସହ କ୍ଷୋଭ ପ୍ରକାଶ କରିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ। ଏହାସହ ଏହି ଦୁର୍ଘଟଣା ପାଇଁ ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସେ ଦାବି କରିଛନ୍ତି।

ଶ୍ରୀ ଦାସ କହିଛନ୍ତି ଯେ ସାରା ଭାରତରେ ବିଶେଷକରି ଓଡ଼ିଶାରେ ବାରମ୍ବାର ରେଳ ଦୁର୍ଘଟଣା ଘଟି ବହୁ ମୂଲ୍ୟବାନ ଜୀବନ ଯିବା ସହ ଧନ ସମ୍ପତ୍ତି ନଷ୍ଟ ହେଉଛି। ରେଳ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ଯୋଗୁଁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଛି। ଏହି ରେଳମନ୍ତ୍ରୀଙ୍କ ସମୟରେ ଭାରତବର୍ଷରେ ସବୁଠାରୁ ଅଧିକ ଭୟଙ୍କର ଓ ମର୍ମନ୍ତୁଦ ରେଳ ଦୁର୍ଘଟଣା ଘଟିଲାଣି। କିନ୍ତୁ ଏହା ସତ୍ତ୍ୱେ ରେଳମନ୍ତ୍ରୀ ନିଜର ଉତ୍ତରଦାୟିତ୍ୱ ନ ଦେଖାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ଏହି ଅବସରରେ ଶ୍ରୀ ଦାସ ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି। ଏହାସହ ରେଳ ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ତୁରନ୍ତ ନ୍ୟାୟୋଚିତ ଅନୁକମ୍ପାମୂଳକ ଆର୍ଥିକ ସହାୟତା ରାଶି ପ୍ରଦାନ କରିବା ପାଇଁ ଦାବି ରଖିଛନ୍ତି। ଆହତମାନଙ୍କ ଆଶୁଆରୋଗ୍ୟ କାମନା କରିବା ସହ ତାଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରନ୍ତୁ ବୋଲି ସେ କହିଛନ୍ତି।

# ୪୦ ଉପରେ ରାଜ୍ୟର ୮ ସହର

## ବୌଦ୍ଧରେ ସର୍ବାଧିକ ୪୧.୮ ଡିଗ୍ରୀ

ଭୁବନେଶ୍ୱର,୩୦।୩(ସମିସ): ଆସନ୍ତା ଦୁଇଦିନ ପରେ ରାଜ୍ୟରେ କମିବ ତାପମାତ୍ରା। କାଳବୈଶାଖୀ ଜନିତ ବର୍ଷା ଓ ପବନ ତାତିରୁ ନିସ୍ତାର ଦେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ଏହା ସହ ତାତିଜନିତ ଆଲର୍ଟକୁ ମଧ୍ୟ ପାଣିପାଗ ବିଭାଗ ହଟାଇ ଦେଇଛି। ସୂଚନା ଅନୁଯାୟୀ, ଆଜିଠାରୁ ତାପମାତ୍ରା ଧୀରେଧୀରେ ହ୍ରାସ ପାଇବ। ମାର୍ଚ୍ଚ ୩୧ ଓ ଏପ୍ରିଲ ୧ରେ କିଛି ସ୍ଥାନରେ କାଁ ଭାଁ ହାଲୁକା ବର୍ଷା ହୋଇପାରେ। ମାତ୍ର ଏପ୍ରିଲ ୨ରୁ ୫ ତାରିଖ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ଓ ବିସ୍ତୃତି ବୃଦ୍ଧି ପାଇବ। ୨ ତାରିଖରେ ମାଲକାନଗିରି ଓ କୋରାପୁଟରେ ବର୍ଷା ହେବାକୁ ଥିବା ବେଳେ ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ବର୍ଷାର ପରିମାଣ ବୃଦ୍ଧି ପାଇବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ୩ରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଓ ନବରଙ୍ଗପୁର ଓ ୪ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, କଳାହାଣ୍ଡି ଓ ନବରଙ୍ଗପୁର ଏବଂ ୫ ତାରିଖ ବେଳକୁ ପୁରୀ, ଜଗତସିଂହପୁର, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାରେ ବର୍ଷାର ପରିମାଣ ବଢ଼ିବ। ଅନ୍ୟପଟେ ରବିବାର ରାଜ୍ୟର ୮ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରେକର୍ଡ ହୋଇଥିବା ବେଳେ ୪୧.୮ ଡିଗ୍ରୀ ସହ ବୌଦ୍ଧ ରାଜ୍ୟର ସବୁଠୁ ଉତ୍ତପ୍ତ ସହରରେ ପରିଣତ ହୋଇଛି। ସେହିପରି ଝାରସୁଗୁଡ଼ାରେ ତାପମାତ୍ରା ୪୧.୬ ଡିଗ୍ରୀ ରହିଥିବା ବେଳେ ସମ୍ବଲପୁରରେ ୪୧.୨, ହୀରାକୁଦ, ବଲାଙ୍ଗିରର ଓ ଟିଟଲାଗଡ଼ରେ ତାପମାତ୍ରା ୪୧ ଡିଗ୍ରୀ ଲେଖାଁଏ ରେକର୍ଡ ହୋଇଛି।

# ଆତ୍ମସମର୍ପଣ କଲେ ୫୦ ମାଓବାଦୀ



ମାଲକାନଗିରି, ୩୦।୩(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟର ବିଜାପୁର ଜିଲ୍ଲାରେ ସୁରକ୍ଷା ବାହିନୀକୁ ବଡ଼ ସଫଳତା ମିଳିଛି। ୬୮ଲକ୍ଷ ଟଙ୍କା ପୁରସ୍କାର ରାଶି ଥିବା ୧୪ ମାଓବାଦୀଙ୍କ ସମେତ ମୋଟ ୫୦ ମାଓବାଦୀ ପୁଲିସ ଅଧୀକ୍ଷକ ଜିତେନ୍ଦ୍ର ଯାଦବଙ୍କ ନିକଟରେ ଆଜି ଆତ୍ମସମର୍ପଣ କରିଛନ୍ତି। ସୂଚନାନୁଯାୟୀ, ଛତିଶଗଡ଼ରେ ମାଓ ସଙ୍ଗଠନ ନିଜର ସ୍ଥିତି ବଜାୟ ରଖିବା ପାଇଁ ସଂଗ୍ରାମ କରୁଥିବା ବେଳେ ଅନେକ ମାଓବାଦୀ ଯବାନଙ୍କ ଗୁଳିରେ ପ୍ରାଣ ହରାଉଛନ୍ତି। ଗତକାଲି ରାଜ୍ୟରେ ଏକ ବଡ଼ଧରଣର ଏନ୍‌କାଉଣ୍ଟର୍‌ରେ ୧୭

**୧୪ଜଣଙ୍କ ନାଁରେ ରହିଛି ୬୮ ଲକ୍ଷର ଇନାମ**

ମାଓବାଦୀ ନିହତ ହେବା ପରେ ମାଓବାଦୀଙ୍କ ମଧ୍ୟରେ ଭୟ ବଢ଼ିଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ୫୦ଜଣ ମାଓବାଦୀ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହି ମାଓବାଦୀମାନେ ମାଓ ସଙ୍ଗଠନର ପିଏଲଜିଏ ବାଟାଲିୟନ ନମ୍ବର-୧ର ବୋଲି ଜଣାପଡ଼ିଛି।

ସୁରକ୍ଷା ବାହିନୀର ନିରନ୍ତର ଅପରେସନ୍, ସରକାରଙ୍କ ପୁନର୍ବାସ ନୀତି, ନୂତନ ସୁରକ୍ଷା ଶିବିର ପ୍ରତିଷ୍ଠା ଏବଂ ମାଓ ସଙ୍ଗଠନ ସ୍ଥିତି ହରାଉଥିବାରୁ ମାଓବାଦୀମାନେ ସଂଗଠନ ପ୍ରତି ଅତିଷ୍ଠ ହୋଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି।

# ଆଜି ଶ୍ରୀମନ୍ଦିରରେ ଖସାପଡ଼ା ଲାଗି ନୀତି

**୪ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ**

ପୁରୀ, ୩୦।୩(ସମିସ): ଚୈତ୍ର ଶୁକ୍ଳ ଦ୍ୱିତୀୟା ତିଥିରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଖସାପଡ଼ା ଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଏହି ନୀତି କରାଯିବ। ଏଥିପାଇଁ ଆପାତତଃ ଅପରାହ୍ଣ ୫ଟାରୁ ରାତି ୧୦ଟା ଅର୍ଥାତ୍ ୫ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଖସାପଡ଼ା ଲାଗି ହେଉଛି ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ପୂର୍ବ ଦିନରୁ ଦେଉଳକରଣ ଧଳାକନା ଧୋଇ ଶୁଖାଇ ଗାରଦରେ ଜମା ଦେଇଥା'ନ୍ତି। ସେହିପରି ଶୁଦ୍ଧସୁଆର ଖଳି, କଇଁଥ ଅଠା ଯୋଗାଇଥା'ନ୍ତି। ଦ୍ୱିତୀୟ ଭୋଗମଣ୍ଡପ ପରେ ଜୟ ବିଜୟ ଦ୍ୱାର ବନ୍ଦ କରାଯାଏ। ବେହେରଣ ଦ୍ୱାର ଦେଇ ଦଇତାପତିମାନେ ଗର୍ଭଗୃହକୁ ଯାଇ ରତ୍ନ ସିଂହାସନ ଉପରେ ମହାପ୍ରଭୁଙ୍କର ଏହି ଗୁପ୍ତ ନୀତି ସମ୍ପନ୍ନ କରିଥା'ନ୍ତି।

■ ଓଲଟିଲା ବାଲିବୋଝେଇ ଟ୍ରାକ୍ଟର୍

# ଚାପି ହୋଇ ମାମୁ-ଭଣଜା ମୃତ


ନୂଆପଡ଼ା/କୋମନା, ୩୦।୩(ସମିସ): ନୂଆପଡ଼ା ଜିଲ୍ଲା କୋମନା ଥାନା ଅଧୀନ ସୁନାବେଡ଼ା ପଞ୍ଚାୟତ ଜୁନାପାଣି ଗ୍ରାମରେ ଏକ ବାଲି ବୋଝେଇ ଟ୍ରାକ୍ଟର ଓଲଟି ପଡ଼ିବାରୁ ବାଲିରେ ଚାପି ହୋଇ ମାମୁଁ ଓ ଭଣଜାଙ୍କର ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଗନାଇ ଝାଙ୍କର(୨୫) ଓ ଭଣଜା ଟକେଶ ଛତ୍ରିଆ (୨୨)। ଟ୍ରକ୍ ଚାଳକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସୂଚନାନୁଯାୟୀ, ସୁନାବେଡ଼ା ଦେଓସିଲ ନାଳାରୁ ବାଲି ବୋଝେଇ କରି ଏକ ଟ୍ରାକ୍ଟର ଆସୁଥିବା ସମୟରେ ଗାତିବେଡ଼ା ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଗନାଇ ଓ ଟକେଶ ବାଲିରେ ଚାପି ହୋଇଯାଇଥିବା ବେଳେ ଲୋକେଶ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ତୁରନ୍ତ ଉଦ୍ଧାର କରି ପ୍ରଥମେ ସୁନାବେଡ଼ା ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଅବସ୍ଥା ସଂକଟାପନ୍ନ ମାମୁଁ ଓ ଭଣଜାକୁ ନୂଆପଡ଼ା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ୨ଜଣଙ୍କୁ ମୃତ ଘୋଷଣା କରିଥିଲେ। ଲୋକେଶ ବର୍ତ୍ତମାନ ସୁନାବେଡ଼ା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ କୋମନା ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# କ୍ଷତିରେ ଚାଲୁଛି ଓଏସ୍ଆରଟିସି

■ ଦୁଇ ବର୍ଷରେ ୪୫କୋଟି ଅର୍ଥ ଶ୍ରାଦ୍ଧ
■ ତ୍ରୁଟିପୂର୍ଣ୍ଣ ପରିଚାଳନା ଯୋଗୁଁ ସୁଧୁରୁନି

ଭୁବନେଶ୍ୱର, ୩୦।୩(ସମିସ): ସାଧାରଣ ଜନତାଙ୍କ ଯାତାୟାତକୁ ସହଜ ଓ ସୁଗମ କରିବା ପାଇଁ ସରକାରଙ୍କ ପକ୍ଷରୁ ବସ୍ ସୁବିଧା କରାଯାଇଛି। ଓଡ଼ିଶା ରାଜ୍ୟ ପରିବହନ ନିଗମ (ଓଏସ୍ଆରଟିସି) ଜରିଆରେ ରାଜ୍ୟବ୍ୟାପୀ ଏହି ବସ୍ ଚଳାଚଳ କରୁଛି। କିନ୍ତୁ ଉଚିତ ମୂଲ୍ୟରେ ଆରାମଦାୟକ ଯାତ୍ରା ପ୍ରଦାନ କରୁଥିବା ଏହି ବସ୍ ସବୁ କ୍ଷତିରେ ଚାଲିଛି। ଗତ ଦୁଇବର୍ଷ ଭିତରେ ୪୫ କୋଟିରୁ ଅଧିକ ଟଙ୍କା କ୍ଷତି ହୋଇଥିବା ଜଣାପଡ଼ିଛି। ଯାତ୍ରୀମାନଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ନ ଦେବା, ଠିକ୍ ସମୟରେ ଗନ୍ତବ୍ୟସ୍ଥଳ ନ ଛାଡ଼ିବା ଓ ପହଞ୍ଚିବା, ଅଧିକାଂଶ ସମୟରେ ଖରାପ ହୋଇ ପଡ଼ିବା ଆଦି କାରଣ ପାଇଁ ଏହି ବସ୍‌ଗୁଡ଼ିକ କ୍ଷତିରେ ଚାଲୁଥିବା ପରିବହନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକମାନେ ଅଭିଯୋଗ କରିଛନ୍ତି। ସରକାରୀ ସଂସ୍ଥା ଅଧୀନରେ ଚାଲୁଥିବାରୁ କ୍ଷତି ହେଲେ ବି ଏହାକୁ କେହି ଗରୁତ୍ୱର ସହ ନେଉନାହାନ୍ତି। ସେହି ସମାନ ରୁଟ୍‌ରେ ଘରୋଇ ବସ୍ ସବୁ ଲାଭରେ ଚାଲୁଥିବା ବେଳେ ସରକାରୀ ବସ୍ କ୍ଷତିରେ ଚାଲିବା ପରିଚାଳନାଗତ ତ୍ରୁଟିକୁ ପଦାରେ ପକାଉଛି।

ଓଏସ୍ଆରଟିସି ବର୍ତ୍ତମାନ ୨୬୦ଟି ରୁଟ୍‌ରେ ମୋଟ ୩୮୮ଟି ବସ୍ ପରିଚାଳନା କରୁଛି। ରାଜ୍ୟ ଦ୍ୱାରା ପରିଚାଳିତ ପରିବହନ ନିଗମ ୨୦୨୨-୨୩ ଏବଂ ୨୦୨୩-୨୪ ଆର୍ଥିକ ବର୍ଷରେ ବହୁତ କ୍ଷତି ସହିଛି। ଦୁଇଟି ଆର୍ଥିକ ବର୍ଷରେ ଓଏସଆରଟିସି ଦ୍ୱାରା ହୋଇଥିବା ଲାଭ ଏବଂ କ୍ଷତିର ବିସ୍ତୃତ ତଥ୍ୟକୁ ଦେଖିଲେ, ୨୦୨୨-୨୦୨୩ ଆର୍ଥିକ ବର୍ଷରେ ୧୪୫.୨୮ କୋଟି ଟଙ୍କା ଏବଂ ୨୦୨୩-୨୦୨୪ ଆର୍ଥିକ ବର୍ଷରେ ୧୫୬.୪୪ କୋଟି ଟଙ୍କାର ନିଟ୍ କାରବାର ରେକର୍ଡ କରାଯାଇଛି। ମୋଟ ଖର୍ଚ୍ଚ ୨୦୨୨-୨୩ରେ ୧୬୪.୧୨ କୋଟି ଟଙ୍କା ଏବଂ ୨-୨୩-୨୪ରେ ୧୮୩.୦୭ କୋଟି ଟଙ୍କା ଥିଲା। ୨୦୨୨-୨୩ ମସିହାରେ ମୋଟ କ୍ଷତି ୧୮.୮୩ କୋଟି ଟଙ୍କା ଥିଲା ଏବଂ ୨୦୨୩-୨୪ ମସିହାରେ ନିଗମ ୨୬.୬୩ କୋଟି ଟଙ୍କା କ୍ଷତି ରିପୋର୍ଟ କରିଥିଲା। ଏହିପରି ଗତ ଦୁଇବର୍ଷ ଭିତରେ ଓଏସ୍ଆରଟିସି ମୋଟ ୪୫.୪୭ କୋଟି ଟଙ୍କାର କ୍ଷତିର ସମ୍ମୁଖୀନ ହୋଇଛି। ଘରୋଇ ବସ୍ ତୁଳନାରେ ଓଏସ୍ଆର୍‌ଟିସି ବସ୍‌ରେ ଅଧିକ ସୁବିଧା ମିଳୁଛି। ଏହି ବସ୍‌ରେ ଯାତ୍ରା ଆରାମଦାୟକ ହେଉଛି। ମାତ୍ର ବସ୍‌ର ସମୟ ଠିକ୍ ନାହିଁ। ସେହିଭଳି ବିନା ସୂଚନାରେ ଅଧିକାଂଶ ବସ୍ ଚଳାଚଳ କରୁଛି। ଅନ୍‌ଲାଇନ୍ ମାଧ୍ୟମରେ ବସ୍ ବୁକିଂ ପାଇଁ ସୁବିଧା ଥିଲେ ହେଁ ଏହି ବ୍ୟବସ୍ଥା ତ୍ରୁଟିପୂର୍ଣ୍ଣ ରହୁଛି। ଏହି ସବୁ କାରଣ ଯୋଗୁଁ ଓଏସ୍ଆରଟିସି ଯାତ୍ରୀଙ୍କ ଭରସା ଜିତିପାରୁନି। ତେଣୁ ବସ୍‌ଗୁଡ଼ିକ ଲାଭ ପରିବର୍ତ୍ତେ କ୍ଷତିରେ ଚାଲୁଛି।







## ଭୁବନେଶ୍ୱର ବିମାନ ବନ୍ଦର ଦେଇ ବନ୍ୟପ୍ରାଣୀ ଚାଲାଣ

# ବିଦେଶକୁ ଲମ୍ବିଛି ଚାଲାଣ ଚେର

**ଭୁବନେଶ୍ୱର,୩୦।୩(ସମିସ):** ସୁନା, ନିଶାଦ୍ରବ୍ୟ ପରେ ଏବେ ଭୁବନେଶ୍ୱର ବିମାନ ବନ୍ଦର ଦେଇ ବନ୍ୟପ୍ରାଣୀ ଚାଲାଣ କରାଯାଉଛି। ବିମାନ ବନ୍ଦର ଦେଇ ତସ୍କରୀମାନେ ଓଡ଼ିଶାରୁ ବନ୍ୟପ୍ରାଣୀ ଆମଦାନୀ ଓ ରପ୍ତାନୀ କରୁଛନ୍ତି। ଗତ ଶନିବାର ବିମାନ ବନ୍ଦରରୁ ଗୋଧି, ସାପ ଓ କଇଁଛ ଜବତ ହେବା ପରେ ଅନ୍ତର୍ଦେଶୀୟ ବନ୍ୟପ୍ରାଣୀ ଚୋରା ଚାଲାଣ ଗ୍ୟାଙ୍ଗ୍ ସକ୍ରିୟ ରହିଥିବା ଅନୁମାନ କରାଯାଉଛି। ଏଇ ଗୋଟିଏ ଘଟଣା ନୁହେଁ, ପୂର୍ବରୁ ଓଡ଼ିଶା ଦେଇ ବିରଳ ପାଇଥନ୍, ଧଳାସାପ, ଏଣ୍ଡୁଅ ଭଳି ସରୀସୃପ ଚୋରା ଚାଲାଣ କରାଯାଇଛି। ନିକଟରେ ଦୁବାଇରୁ ଭୁବନେଶ୍ୱରକୁ ୩ଟି ହରିଣ ସିଙ୍ଗ ଆସୁଥିବାବେଳେ ବିମାନବନ୍ଦରରୁ ଜବତ କରିଛି କଷ୍ଟମ୍ ବିଭାଗ। ଜବତ ହୋଇଥିବା ୩ଟି ସିଙ୍ଗର ଲମ୍ବ ୪୦, ୩୮ ଓ ୩୧ ସେଣ୍ଟିମିଟର ଥିଲା। ସମ୍ପୃକ୍ତ ଯାତ୍ରୀଙ୍କ ଲଗେଜ୍ ସ୍କାନିଂ କରିବା ପରେ ସେଥିରୁ ୩ଟି ହରିଣ ସିଙ୍ଗ ବାହାରିଥିଲା। କେତେବେଳେ ମାଫିଆ ଖସି ଯାଉଛନ୍ତି ତ ଆଉ କେତେବେଳେ ଧରାପଡୁଛନ୍ତି। ଓଡ଼ିଶା କିମ୍ବା ଓଡ଼ିଶା ଦେଇ ବିଭିନ୍ନ ରାଜ୍ୟ କିମ୍ବା ଦେଶକୁ ଚୋରା ଚାଲାଣ କରାଯାଉଛି। ସେହିପରି ମାଫିଆ ବିଭିନ୍ନ ସାମଗ୍ରୀ ଚୋରା ଚାଲାଣ ଲାଗି ନୂଆ ନୂଆ କାରସାଦି କରୁଛନ୍ତି। ସୁରକ୍ଷା କର୍ମୀଙ୍କଠାରୁ ଗୋଟିଏ ପାଦ ଆଗକୁ ବଢ଼ିଛନ୍ତି ମାଫିଆ। ସୁନା, ଟଙ୍କା ଓ ନିଶାଦ୍ରବ୍ୟଗୁଡ଼ିକୁ ସାର୍ଟର ବୋତାମ୍, ଟ୍ରଲି ବ୍ୟାଗ୍, ମଳଦ୍ୱାର, ଜୋତା, ସାମ୍ପୁ



ବୋତଲ, ମଏଶ୍ଚରାଇଜର ସହ ନୂଆ ନୂଆ ଶୈଳୀରେ ଏହି ସମସ୍ତ ଦ୍ରବ୍ୟ ଚାଲାଣ କରୁଛନ୍ତି। ଅନୁରୂପ ଭାବେ ବିସ୍କୁଟ, ଦଲାଲ୍ଙ୍କ ସହାୟତାରେ ଗ୍ୟାଙ୍ଗ୍ ମୁଖିଆ ଅଜ୍ଞାତ ସ୍ଥାନରେ ରହି ଚୋରା ଚାଲାଣର ଅପରେଟ୍ କରୁଛି। ଠିକଣା ସ୍ଥାନରେ ମାଲ୍ ପହଞ୍ଚାଇବା ପରେ ଦଲାଲ୍ ନିଜର କମିଶନ ଟଙ୍କା ନେଇଯାଉଛନ୍ତି।

ସୂଚନାଯୋଗ୍ୟ ଯେ, ନିକଟରେ ଭୁବନେଶ୍ୱର ବିମାନ ବନ୍ଦରରୁ ୧୪ କୋଟିର ମାରିଜୁନା ସହ ୩ ମାଫିଆଙ୍କୁ ଗିରଫ କରାଯାଇଥିଲା। ଜର୍ମାନୀ ମାରିଜୁନା (ଗଞ୍ଜେଇ)କୁ ଥାଇଲ୍ୟାଣ୍ଡର ବ୍ୟାଙ୍କକ୍ ଓ ମାଲେସିଆର କ୍ୱାଲାଲମ୍ପୁରରୁ ଭାୟା ଓଡ଼ିଶା ଦେଇ ଚାଲାଣବେଳେ ଧରାପଡ଼ିଥିଲା। ଏଥିସହ ବିମାନ ବନ୍ଦରରୁ ପୁଳା ପୁଳା ସୁନା ଓ ରୁପା ଜବତ ହୋଇଛି। ଏହି ସବୁ ସୁନାକୁ ସିଙ୍ଗାପୁର, ୟୁଏଇ, ଦୁବାଇ, ମାଲେସିଆ, ବ୍ୟାଙ୍କକ୍ ଓ ସୁଇଜରଲ୍ୟାଣ୍ଡର ସୁନା ବିସ୍କୁଟ୍ ଆଣି ଦକ୍ଷିଣ ଭାରତ ଯାଏଁ ଏହାର ଚେର ଲମ୍ବିଛି। ଅନୁରୂପ ଭାବେ ବିରଳ ଅଷ୍ଟଧାତୁ ମୂର୍ତ୍ତି ବିମାନରେ ବିଦେଶକୁ ଚାଲାଣ କରାଯାଉଛି। ୟୁରୋପୀୟ ଦେଶଗୁଡ଼ିକୁ ଇଣ୍ଡିଆନ୍ କଟେଜ୍ ଏମ୍ପୋରିଅମ୍ ଖୋଲି ସେଠାରେ ବିରଳ ଅଷ୍ଟଧାତୁ ମୂର୍ତ୍ତି ଯାଉଥିବା ପ୍ରମାଣ ମିଳିଛି। ରାଜ୍ୟର ପ୍ରାଚୀନ ମନ୍ଦିରରୁ ବହୁ ମୂଲ୍ୟର ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ପାର୍ବତୀ, ବିଷ୍ଣୁ, ରାଧାକୃଷ୍ଣ, ଶିବ, ଚନ୍ଦ୍ରଶେଖର, ପାର୍ବତୀ ପ୍ରାଚୀନ ମୂର୍ତ୍ତି ଉପରେ ମାଫିଆମାନେ ୟୁରୋପୀୟ ଦେଶ ତଥା ଆମେରିକା, ଥାଇଲ୍ୟାଣ୍ଡ ଭଳି ବିଦେଶରେ ଭାରତୀୟ ପ୍ରାଚୀନ ମୂର୍ତ୍ତିକୁ ଚାଲାଣ କରୁଛନ୍ତି।

### ଜେଲ୍‌ଗଲା ମାଫିଆ

ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ବିସ୍କୁଟ୍ ଡବାରୁ ସରୀସୃପ ଜବତ ମାମଲାରେ ଧରାପଡ଼ିଥିବା ତାମିଲନାଡୁର ମାଫିଆ ଶଙ୍କର ମୁର୍ଗନକୁ ଗିରଫ କରାଯାଇଛି। ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି ବନ ବିଭାଗ। ତାକୁ ଅଧିକ ପଚରାଉଚରା ଲାଗି ରିମାଣ୍ଡରେ ଅଣାଯିବ। ସେ ଏଜେଣ୍ଟ ସାଜି ସରୀସୃପକୁ ଚୋରା ଚାଲାଣ କରୁଥିଲା। ଏହି ସରୀସୃପ ଚୋରା ଚାଲାଣରେ ଆନ୍ତଃରାଜ୍ୟ ଅପରାଧୀଙ୍କ ସମ୍ପୃକ୍ତି ରହିଥିବା ପଦାକୁ ଆସିଛି। ସେ ଚଳିତ ବର୍ଷ ୨ରୁ ୩ ଥର ବ୍ୟାଙ୍କକ୍ ଗସ୍ତ କରିଥିଲେ। ସେଠାରୁ ପୂର୍ବରୁ ବି ସରୀସୃପ ଆଣି ଚାଲାଣ କରିଥିଲେ। ବ୍ୟାଙ୍କକ୍‌କୁ କୋଲକାତା ଫ୍ଲାଇଟ୍‌ରେ ଆସି ଚେନ୍ନାଇ ଯାଉଥିଲେ। କିନ୍ତୁ ଏଥର ରୁଟ୍ ବଦଳାଇ ଭୁବନେଶ୍ୱର ବିମାନ ବନ୍ଦର ଦେଇ ଚେନ୍ନାଇ ଯିବାକୁ ଉଦ୍ୟମ କରୁଥିବାବେଳେ ସୀମାଶୁଳ୍କ (କଷ୍ଟମ୍) ବିଭାଗ ହାତରେ ଧରାପଡ଼ି ଯାଇଥିଲେ। ଶଙ୍କରଠାରୁ ୯ଟି କାଲିଫର୍ଣ୍ଣିଆ କିଙ୍ଗ୍ ସ୍ନେକ୍, ୧୨ଟି ନାଇଲ୍ ମନିଟର ଗୋଧି ଓ ୧୦ଟି ପିଗ୍ ନୋଜ୍‌ଡ କଇଁଛ ଜବତ କରାଯାଇଥିଲା। ଜବତ ସରୀସୃପକୁ ଠିକଣା ସ୍ଥାନରେ ପହଞ୍ଚାଇବା ପରେ ତାକୁ ସେ ବାବଦରେ ଟଙ୍କା ମିଳୁଥିଲା।

## ଆକ୍ରମଣ ପରେ ଅପହରଣ

# ସେଲ୍ଫ ଡ୍ରାଇଭ୍ ଜୋନ୍ ମାଲିକ ଓ ସହଯୋଗୀ ଗିରଫ

**ଭୁବନେଶ୍ୱର,୩୦।୩(ସମିସ):** ଗାଡ଼ି ଭଡ଼ା ବାବଦ ବକେୟା ଟଙ୍କାକୁ ନେଇ ଯୁବକଙ୍କୁ ଆକ୍ରମଣ ହୋଇଛି। ସେଲ୍ଫ ଡ୍ରାଇଭ୍ ଜୋନ୍ ମାଲିକ ଓ ତାଙ୍କ ସହଯୋଗୀ ମିଶି ମାଡ଼ ମାରିବା ସହିତ କାର୍‌ରେ ଅପହରଣ କରି ନେଇଛନ୍ତି। ସମ୍ ହସ୍ପିଟାଲ ଅଞ୍ଚଳରେ ଏଭଳି ଘଟଣା ଘଟିଥିବାବେଳେ ଦୁଇ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ସେଲ୍ଫ ଡ୍ରାଇଭ୍ ମାଲିକ ତଥା ଘାଟିକିଆ ଅଞ୍ଚଳରେ ରହୁଥିବା ଦୀପକ ମହାରଣା (୨୭) ଓ ତାଙ୍କ ସହଯୋଗୀ ତଥା ଶୈଳଶ୍ରୀ ବିହାରର ଉତ୍କଳ କେଶରୀ ଖୁଣ୍ଟିଆ ଓରଫ ଲୁଲୁ (୩୪)।

ପୁଲିସ ସୂଚନା ଅନୁସାରେ, ଗୋଠପାଟଣାର ବିହାରୀ ଲାଲ୍ ନାୟକ ଓରଫ ମୁନା ସମ୍ ହସ୍ପିଟାଲ୍ ନିକଟରେ ଥିବା ଦୀପକର ସେଲ୍ଫ ଡ୍ରାଇଭ୍ ଜୋନ୍‌ରୁ ନିୟମିତ ଗାଡ଼ି ଭଡ଼ାରେ ନିଅନ୍ତି। ଏହା ଭିତରେ ମୁନାଙ୍କର ୯୦ ହଜାର ଟଙ୍କା ବାକି ରହିଥିବାବେଳେ ଦୀପକ ୩/୪ ମାସ ହେବ ଟଙ୍କା ଦେବାକୁ କହି ଆସୁଥିଲେ। ଶନିବାର ସକାଳ ସମୟରେ ମୁନା ଉକ୍ତ ସେଲ୍ଫ ଡ୍ରାଇଭ୍ ଜୋନ୍‌କୁ ଯାଇଥିବାବେଳେ ଦୀପକ ତାଙ୍କୁ ଅଟକ ରଖିଥିଲେ। ଦୀପକ ଓ ଲୁଲୁ ମିଶି ତାଙ୍କୁ ମାଡ଼ ମାରିବା ସହିତ ଧମକଚମକ ଦେଇଥିଲେ। ମୁନା ଟଙ୍କା ଦେବାକୁ ରାଜି ହେବାପରେ ଦୀପକ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଯୋଗାଯୋଗ କରି କାର୍‌ରେ ଅପହରଣ କରି ନେଇଥିଲେ। ଚନ୍ଦ୍ରଶେଖରପୁରରେ ପହଞ୍ଚିବା କ୍ଷଣି ମୁନା ତାଙ୍କ ସମ୍ପର୍କୀୟଙ୍କୁ ଦେଖି ଅଚେତ୍ ହୋଇଯାଇଥିଲେ। ମୁନା ଅଚେତ୍ ହେବାପରେ ଦୀପକ ଓ ଲୁଲୁ ଘଟଣାସ୍ଥଳ ଛାଡ଼ି ଫେରାର୍ ହୋଇଯାଇଥିଲେ। ମୁନାଙ୍କ ସମ୍ପର୍କୀୟ ପିସିଆର୍ କର୍ମଚାରୀଙ୍କ ସହାୟତାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମୁନାଙ୍କ ବଡ଼ଭାଇ ବିନ୍ଦୁସାଗର ନାୟକ ଭରତପୁର ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ କରିଥିଲା ପୁଲିସ। ରବିବାର ଦୀପକ ଓ ଲୁଲୁକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଲୁଲୁ ନାମରେ ପୂର୍ବରୁ ମଧ୍ୟ ୯ଟି ଅପରାଧିକ ମାମଲା ରହିଥିବା ତଦନ୍ତବେଳେ ଜଣାପଡ଼ିଥିଲା।

## ଇଦ୍ ପାଇଁ ରାଜଧାନୀରେ ପୁଲିସ ଛାଉଣି

# ସହର ଜଗିବେ ୧୩ ପ୍ଲାଟୁନ୍ ଫୋର୍ସ


**ଭୁବନେଶ୍ୱର,୩୦।୩(ସମିସ):** ଇଦ୍‌ଠାରୁ ରାମନବମୀ କଡ଼ା ସୁରକ୍ଷା ବଳୟରେ ରହିବ ରାଜଧାନୀ। ପେସାଦାର ଅପରାଧୀଙ୍କ ଉପରେ ରହିବ କମିସନରେଟ୍ ପୁଲିସର କଡ଼ା ନଜର। ସୋସିଆଲ ମିଡିଆରେ ଗୁଜବ, ସଦ୍‌ଭାବନା କ୍ଷୁଣ୍ଣ ହେବା ଭଳି ବାର୍ତ୍ତା ଦେଲେ ଆଇନ ଅନୁଯାୟୀ ହେବ କାର୍ଯ୍ୟାନୁଷ୍ଠାନ। ଆଗକୁ ଇଦ୍, ରାମନବମୀ ଓ ପଣା ସଂକ୍ରାନ୍ତି। ଭାଇଚାରା ଓ ସଦ୍‌ଭାବନା ସହ ଏହି ପର୍ବକୁ ପାଳନ ନିମନ୍ତେ ଅଣ୍ଟା ଭିଡ଼ିଛି କମିସନରେଟ୍ ପୁଲିସ। ଏନେଇ ରବିବାର ଏସ୍‌ପି, ଆଇଜି ଓ ଡିଆଇଜିଙ୍କ ସହ ବରିଷ୍ଠ ପୁଲିସ ଅଧିକାରୀଙ୍କ ବୈଠକ ବସିଥିଲା। ବଛା ବଛା ପୁଲିସ ଅଧିକାରୀଙ୍କ ଛୁଟି ବାତିଲ୍ କରାଯାଇଛି। ଅପରାଧୀଙ୍କ ଗତିବିଧି ଉପରେ ନଜର ରହିଛି। ଭୁବନେଶ୍ୱରରେ ପେସାଦାର ତଥା ଫେରାର୍ ଅପରାଧୀଙ୍କ ଘରେ ଲଟ୍‌କା ଲାଗୁଛି। ସହରକୁ ଅପରାଧମୁକ୍ତ କରିବା ପାଇଁ ନିଶା ମାଫିଆଙ୍କ ବିରୋଧରେ ଜିରୋ ଟଲେରାନ୍ସ ଗ୍ରହଣ କରାଯାଉଛି। ସୁରକ୍ଷା ପାଇଁ ୩ ଜଣ ଅତିରିକ୍ତ ଡିସିପି, ୮ ଜଣ ଏସିପି, ୨୧ଜଣ ଇନ୍ସପେକ୍ଟର, ୯୧ ଏସ୍‌ଆଇ/ଏଏସ୍‌ଆଇ ଏବଂ ୧୩ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ରହିବେ।

# ଘରେ ପଶି ଯୁବତୀଙ୍କୁ ଅସଦାଚରଣ; ଅଭିଯୁକ୍ତ ଗିରଫ



**ଭୁବନେଶ୍ୱର/ନନ୍ଦନକାନନ, ୩୦।୩ (ସମିସ):** ଘରେ ପଶି ଯୁବତୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଜଣକୁ ଗିରଫ କରିଛି ନନ୍ଦନକାନନ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ରଘୁନାଥପୁରର ମନୋଜ ବେହେରା (୧୯)। ପୁଲିସ ସୂଚନା ଅନୁସାରେ, ପୀଡ଼ିତାଙ୍କ ବଡ଼ ଭଉଣୀ ନନ୍ଦନକାନନ ଥାନା ଅଞ୍ଚଳରେ ରହି ଆସୁଛନ୍ତି। ବଡ଼ ଭଉଣୀ ଅସୁସ୍ଥ ଥିବାରୁ ପୀଡ଼ିତା ପ୍ରାୟ ମାସେ ହେବ ଏଠାରେ ରହୁଛନ୍ତି। ଗତ ଶୁକ୍ରବାର ସକାଳ ସମୟରେ ଭିଣୋଇ ଅଫିସ୍ ଯାଇଥିବାବେଳେ ପିଲାମାନେ ସ୍କୁଲ ପଳାଇଥିଲେ। ବଡ଼ ଭଉଣୀ ଗାଧୋଉଥିବା ସମୟରେ ମନୋଜ ଘର ଭିତରକୁ ପଶି ପୀଡ଼ିତାଙ୍କୁ ଏକୁଟିଆ ପାଇ ଅସଦାଚରଣ କରିଥିଲା। ପୀଡ଼ିତା ଚିତ୍କାର କରିବାରୁ ମନୋଜ ମାରିଦେବାର ଧମକ ଦେଇ ଫେରାର୍ ହୋଇଯାଇଥିଲା। ଏନେଇ ପୀଡ଼ିତା ଶନିବାର ନନ୍ଦନକାନନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ରବିବାର ମନୋଜକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ମୋବାଇଲ୍ ଚୋରି କରି ଗିରଫ



**ଭୁବନେଶ୍ୱର,୩୦।୩(ସମିସ):** ମୋବାଇଲ୍ ଚୋରି କରିଥିବା ଅଭିଯୋଗରେ ଜଣକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ୟୁନିଟ୍ ୮ ଅଞ୍ଚଳରେ ରହୁଥିବା ଅବିନାଶ ଦାସ (୨୨)। ପୁଲିସ ସୂଚନା ଅନୁସାରେ, ଗଣ୍ଡମୁଣ୍ଡା ତାରିଣୀ ବସ୍ତିର ହୁଲ୍ଲାସ ସେଠୀ କାମ କରିବା ପାଇଁ ଡେଲ୍‌ଟା ଛକକୁ ଯାଇଥିଲେ। ସେଠାରେ ଏକ ଗଛ ମୂଳରେ ବିଶ୍ରାମ ନେଉଥିବା ସମୟରେ ଅବିନାଶ ତାଙ୍କ ମୋବାଇଲ୍ ଫୋନ୍ ଚୋରି କରି ନେଇଯାଇଥିଲା। ଏହାପରେ ପତ୍ନୀ ସୁଚିତ୍ରା ସେଠୀ ଉକ୍ତ ନମ୍ବରକୁ କଲ୍ କରିବାରୁ ଅବିନାଶ ୩ହଜାର ଟଙ୍କା ଦାବି କରିଥିଲା। ସୁଚିତ୍ରା ଏନେଇ ଥାନାର ଦ୍ୱାରସ୍ଥ ହେବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଏହାପରେ ପୁଲିସ ଅବିନାଶକୁ ଗିରଫ କରିବା ସହିତ ମୋବାଇଲ୍ ଫୋନ୍ ଜବତ କରିଥିଲା।

## ପାରାଲିଗାଲ୍ କର୍ମୀଙ୍କ ନିମନ୍ତେ ପ୍ରଶିକ୍ଷଣ ଶିବିର

# 'ଫୌଜଦାରୀ ଆଇନ ସମ୍ପର୍କରେ ଅଜ୍ଞ ଶିକ୍ଷିତ ବର୍ଗ'




**ଭୁବନେଶ୍ୱର,୩୦।୩(ସମିସ):** ଭାରତରେ ଗତ ବର୍ଷ ଜୁଲାଇ ମାସଠାରୁ କାର୍ଯ୍ୟକାରୀ ହେଉଥିବା ନୂତନ ଅପରାଧିକ ଆଇନଗୁଡ଼ିକ ସମ୍ପର୍କରେ ବ୍ୟାପକ ଜନସଚେତନତା ନ ହେଲେ ଏହି ଆଇନର ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ ବୋଲି ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏମ୍.ଏସ୍. ରମଣ ଆଇନସେବା ସଂସ୍ଥା କ୍ଲାପ୍ ପକ୍ଷରୁ ପାରାଲିଗାଲ୍ କର୍ମୀମାନଙ୍କ ନିମନ୍ତେ ଆୟୋଜିତ ଏକଦିବସୀୟ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରି କହିଛନ୍ତି।

ଜଷ୍ଟିସ୍ ରମଣ କହିଲେ ଯେ ଏ ପର୍ଯ୍ୟନ୍ତ ଫୌଜଦାରୀ ଆଇନଗୁଡ଼ିକ ସମ୍ପର୍କରେ ଶିକ୍ଷିତ ବର୍ଗ ମଧ୍ୟ ସଚେତନ ନୁହନ୍ତି। ଆଇନସେବା ସଂସ୍ଥା କ୍ଲାପ୍‌ର ସଭାପତି ଡ. ବିକାଶ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବରରେ ମୁଖ୍ୟବକ୍ତା ଭାବେ ରାଜ୍ୟ ବାର୍ କାଉନ୍‌ସିଲ୍‌ର ପୂର୍ବତନ ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ମାନସ ରଞ୍ଜନ ମହାପାତ୍ର କହିଥିଲେ ଯେ ଇ-ଏଫ୍‌ଆଇଆର୍ ଓ ଜିରୋ ଏଫ୍‌ଆଇଆର୍ ଭଳି ବ୍ୟବସ୍ଥା ଦ୍ୱାରା ଏବେ ଯେକୌଣସି ପୁଲିସ ଷ୍ଟେସନ୍‌ରେ ପ୍ରାଥମିକ ସୂଚନା ଦାଖଲ କରାଯାଇପାରିବ। ନୂତନ ଅପରାଧିକ ଆଇନର ସୁଫଳ ଅପରାଧରେ ପୀଡ଼ିତ ବ୍ୟକ୍ତିଙ୍କ ପାଖରେ ସଠିକ୍ ସମୟରେ ପହଞ୍ଚାଇବା ପାଇଁ କ୍ଲାପ୍ ପକ୍ଷରୁ ପାରାଲିଗାଲ୍ ସ୍ୱେଚ୍ଛାସେବୀ ତଥା ସାମାଜିକ କର୍ମୀମାନଙ୍କୁ ତାଲିମ ଦେବା ନିମନ୍ତେ ଏକ ଟ୍ରେନିଂ ମାନୁଆଲ୍‌କୁ ଆଧାର କରି ବ୍ୟାପକ ଭାବେ ଦକ୍ଷତା ବୃଦ୍ଧି କରାଯିବ। କ୍ଲାପ୍ ଦ୍ୱାରା ପ୍ରସ୍ତୁତ ପ୍ରଶିକ୍ଷଣ ମାର୍ଗଦର୍ଶିକାକୁ ଉତ୍ସର୍ଗ କରାଯିବା ସହ ଏହି କାର୍ଯ୍ୟକ୍ରମରେ ନୂତନ ଭାବେ ପ୍ରସ୍ତୁତ ଦୁଇଟି ସଚେତନତା ପୁସ୍ତକକୁ ଜଷ୍ଟିସ ଏମ୍.ଏସ୍. ରମଣ ଉନ୍ମୋଚନ କରିଥିଲେ। ପ୍ରଶିକ୍ଷଣ ଶିବିରରେ ଆଡ୍‌ଭୋକେଟ୍ ଚନ୍ଦ୍ରଦେବ ପୁରୋହିତ ଓ ଅଧ୍ୟାପକ ରୋହନ ନାଏକ ପ୍ରମୁଖ ଯୋଗଦେଇଥିଲେ। ବିଜୟଶ୍ରୀ ବାରିକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କ୍ଲାପ୍‌ର ସମ୍ପାଦକ ପୁରୁଷୋତ୍ତମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ୮୦ ଜଣ ପାରାଲିଗାଲ୍ କର୍ମୀଙ୍କୁ ନୂତନ ଅପରାଧିକ ଆଇନ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି।

**ନୂତନ ଅପରାଧିକ ଆଇନ ସମ୍ପର୍କରେ ବ୍ୟାପକ ସଚେତନତା ଆବଶ୍ୟକ**

# 'ଉତ୍କଳ' ଛାତ୍ରାବାସରେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ



**ଭୁବନେଶ୍ୱର,୩୦।୩(ସମିସ):** ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରାବାସରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମଧୁସୂଦନ ଛାତ୍ରାବାସରେ ଘଟିଛି ଏଭଳି ଅଘଟଣ। ଖବର ପାଇବା ପରେ ପୁଲିସ ହଷ୍ଟେଲରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ଛାତ୍ର ହେଲେ ତାପସ ରଞ୍ଜନ ନାୟକ। ସେ ଫେଲୋସିପ୍ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ତେବେ ତାପସଙ୍କ ମୃତ୍ୟୁ କେମିତି ହୋଇଛି ତା'ର କାରଣ ଏବେ ବି ଅସ୍ପଷ୍ଟ ରହିଛି। ଅନ୍ୟପକ୍ଷରେ ଶନିବାର ରାତିରେ ସେ ସୁସ୍ଥ ଥିଲେ ଓ ସାଙ୍ଗମାନଙ୍କ ସହ ଭଲରେ କଥା ହୋଇଥିଲେ ବୋଲି ସାଙ୍ଗମାନେ କହିଛନ୍ତି। କିଭଳି ମୃତ୍ୟୁ ଘଟିଲା ପୁଲିସ ଛାତ୍ରମାନଙ୍କୁ ପଚରାଉଚରା କରୁଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଛାତ୍ର ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୁହାଯାଉଛି।

# ଥାନାରେ କମୁଛି ଇ-ଏଫ୍‌ଆଇଆର୍

## ସିସିଟିଏନ୍‌ଏସ୍‌ର ସମସ୍ୟା ପାଇଁ ଅଭିଯୋଗ କମୁଛି




### ବର୍ଷକୁ ଗୋଟିଏ ଥାନାକୁ ଆସୁଛି ୧୦ଟି ଅଭିଯୋଗ

### ଅନ୍‌ଲାଇନ୍ ସମ୍ପର୍କରେ ସଚେତନ ନ ଥିବାରୁ କମୁଛି ସଂଖ୍ୟା

**ଭୁବନେଶ୍ୱର,୩୦।୩(ସମିସ):** ଥାନାକୁ ଆସୁନି ଇ-ଏଫ୍‌ଆଇଆର୍। ସିସିଟିଏନ୍‌ଏସ୍‌ରେ ସମସ୍ୟା ଦେଖାଦେଉଥିବାରୁ ଇ-ଏଫ୍‌ଆଇଆର୍ କମୁଥିବା କୁହାଯାଉଛି। ଗୋଟିଏ ଥାନାକୁ ବର୍ଷକୁ ୭ରୁ ୧୦ଟି ଅଭିଯୋଗ ଆସୁଛି। ଅନ୍ୟ ପକ୍ଷରେ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଥିବାରୁ ଇ-ଏଫ୍‌ଆଇଆର୍ ସମ୍ପର୍କରେ ଜାଣିପାରୁ ନାହାନ୍ତି। ଯେଉଁଥିପାଇଁ ଇ-ଏଫ୍‌ଆଇଆର୍‌ରେ ଅଭିଯୋଗ ସଂଖା କମୁଛି। ଗତ ୨ବର୍ଷରେ ୧୦୦ ଟପିନି ଇ-ଏଫ୍‌ଆଇଆର୍ ସଂଖ୍ୟା। ଯାହାକୁ ଅନ୍ୟ ଜିଲ୍ଲା ଅପେକ୍ଷା କମିସନରେଟ୍ ପୁଲିସରେ ଖୁବ୍ କମ୍।

ରାଜଧାନୀରେ ଏଭଳି ଅବସ୍ଥା ଦେଖିବା ପରେ ଗ୍ରାମାଞ୍ଚଳ ପୁଲିସ ଜିଲ୍ଲାରେ ଇ-ଏଫ୍‌ଆଇଆର୍ ହେଉନଥିବା ଏଥିରୁ ଅନୁମାନ କରିହେଉଛି। ଲୋକଙ୍କ ଏହି ସୁବିଧା ପ୍ରତି ଆଗ୍ରହ କମିବାର ମୁଖ୍ୟ କାରଣ ହେଲା ସିଟିଜେନ୍ ପୋର୍ଟାଲ ମଧ୍ୟ ସଠିକ୍ ଭାବେ କାମ କରୁନି। ଅନେକ ସମୟରେ ଲୋକେ ମୋବାଇଲ୍‌ରେ ଖୋଲିଲେ ତାହା ହ୍ୟାଙ୍ଗ୍ ହୋଇଯାଉଛି। ଯଦି ବହୁ କଷ୍ଟରେ ଖୋଲୁଛି; ତେବେ ତଥ୍ୟ ଅପ୍‌ଲୋଡ୍ ହେଉନି। ଯଦି କେହି ଇ-ଏଫ୍‌ଆଇଆର୍ କରୁଛି ସ୍ଥାନୀୟ ଥାନା ପୁଲିସ ତାଙ୍କୁ ଥାନାକୁ ଯିବାକୁ କହୁଛନ୍ତି। ଅଭିଯୋଗକାରୀଙ୍କୁ ନ ଦେଖିଲେ କିଭଳି ମାମଲା କରିବା ବୋଲି ପାଲଟା ଉତ୍ତର ରଖୁଛନ୍ତି। ଏହି ଇ-ଏଫ୍‌ଆଇଆର୍ ଯୋଗୁଁ ପୁଲିସର କାର୍ଯ୍ୟାନୁଷ୍ଠାନ ଶୂନ୍ ରହୁଥିବାରୁ ଲୋକେ ଏହାକୁ ପ୍ରତ୍ୟାଖ୍ୟାନ କରୁଛନ୍ତି। ଯେଉଁ ଉଦ୍ଦେଶ୍ୟ ନେଇ ଏହି ବ୍ୟବସ୍ଥା କରାଯାଇଥିଲା ତାହା ଏବେ ସଫଳ ହେଉନି।

### ଇ-ଏଫ୍‌ଆଇଆର୍ କ'ଣ ?

ଇ-ଏଫ୍‌ଆଇଆର୍ ହେଉଛି ଇଲେକ୍ଟ୍ରୋନିକ୍ସ ମାଧ୍ୟମରେ ଅଭିଯୋଗ କରିବା। ଯେକୌଣସି ସର୍ବସାଧାରଣ ସ୍ଥାନରେ ହେଉଥିବା ଅପରାଧ ଇ-ଏଫ୍‌ଆଇଆର୍ ମାଧ୍ୟମରେ ଅଭିଯୋଗ କରିହେବ। ବହୁ ସମୟରେ ସର୍ବସାଧାରଣ ସ୍ଥାନରେ ଚୋରି ହେଲେ କେଉଁ ଥାନା ଅଞ୍ଚଳରେ ତାହା ସହଜରେ ଜାଣି ହେଉନାହିଁ। ଅନେକ ସମୟରେ ବସ୍‌ରୁ ଓହ୍ଲାଇବା ସମୟରେ ଚୋରି ହୋଇଯାଉଛି। ତେଣୁ ଯାତ୍ରୀ ଅଭିଯୋଗ କରିବା ପାଇଁ କେଉଁ ଥାନାକୁ ଯିବେ ତାହା ଜାଣିପାରୁନାହାନ୍ତି। ଏଭଳି ସମସ୍ୟା ନ ହେବା ପାଇଁ ଇ-ଏଫ୍‌ଆଇଆର୍ ବ୍ୟବସ୍ଥା କରାଯାଇଛି। ଆହୁରି ମଧ୍ୟ ଲୋକେ ନିଜ ଆଣ୍ଡ୍ରଏଡ୍ ମୋବାଇଲ୍ କିମ୍ବା କମ୍ପ୍ୟୁଟରକୁ ଯାଇ ସିଟିଜେନ୍ ପୋର୍ଟାଲ ଖୋଲିବେ। ସେଥିରେ ଓଡ଼ିଶା ପୁଲିସ ଲେଖା ଆସିବ। ସେଥିରେ ଇ-ଏଫ୍‌ଆଇଆର୍ ଅପ୍‌ସନ୍ ରହିଛି। ସେଥିରେ ଅଭିଯୋଗକାରୀ ନିଜର ନାମ, ମୋବାଇଲ୍ ନମ୍ବର ଏବଂ ପରିଚୟପତ୍ର ଦେଇ ରେଜିଷ୍ଟ୍ରେସନ କରିବେ। ରେଜିଷ୍ଟ୍ରେସନ କରିବା ପରେ ଏଥିରେ ଅଭିଯୋଗକାରୀ ଅଭିଯୋଗ କରିପାରିବେ। ଆହୁରି ମଧ୍ୟ ଓଡ଼ିଶା ୱାନ୍ ପୋର୍ଟାଲ ମାଧ୍ୟମରେ ମଧ୍ୟ ଅଭିଯୋଗ କରିପାରିବେ। ଆହୁରି ମଧ୍ୟ ଓଡ଼ିଶା ପୁଲିସର ସହାୟତା ଆପ୍ ରହିଛି। ଏହି ଆପ୍ ମାଧ୍ୟମରେ ମଧ୍ୟ ଅନେକ ସୁବିଧା ରହିଛି। ଏଥିରେ ମଧ୍ୟ ଇ-ଏଫ୍‌ଆଇଆର୍ କରିହେବ। ଅନେକ ସମୟରେ ଲୋକେ ବିଳମ୍ବରେ ଅଭିଯୋଗ କରନ୍ତି। ଯାହାଦ୍ୱାରା ଅପରାଧୀଙ୍କୁ ଧରିବାରେ ସମସ୍ୟା ହୋଇଥାଏ। କିନ୍ତୁ ଏହି ଇ-ଏଫ୍‌ଆଇଆର୍ ବ୍ୟବସ୍ଥାରେ ତୁରନ୍ତ ଅଭିଯୋଗ କରିବା ପରେ ସହଜରେ ଅପରାଧୀ ଧରାପଡ଼ିଯାଏ। ଘରେ ଚୋରି ହେଲେ ଏଥିରେ ଅଭିଯୋଗ କରିହେବ ନାହିଁ। ସେଥିପାଇଁ ଥାନାକୁ ଯାଇ ଅଭିଯୋଗ କରିବାକୁ ପଡ଼ିବ। କିନ୍ତୁ ସର୍ବସାଧାରଣ ସ୍ଥାନରେ ଚୋରିହେଲେ ଏହି ଇ-ଏଫ୍‌ଆଇଆର୍‌ରେ ଅଭିଯୋଗ କରିପାରିବେ। କିନ୍ତୁ ଏବେ ଏହି ଇ-ଏଫ୍‌ଆଇଆର୍‌ରେ ସମସ୍ୟା ଦେଖା ଦେଉଥିବାରୁ ଲୋକ ଏଥିରୁ ମୁହଁ ମୋଡୁଛନ୍ତି।

### ଏତଲା କପି ଡାଉନ୍‌ଲୋଡ୍ କରିବାରେ ସମସ୍ୟା

ଅନେକ ସମୟରେ ଅଭିଯୋଗକାରୀ ତାଙ୍କର ଏତଲା କପି ଆଣିବା ପାଇଁ ଥାନାକୁ ଦୌଡୁଥିଲେ। କିନ୍ତୁ ଥାନାରେ ରାଇଟର ଏବଂ ତଦନ୍ତ ଅଧିକାରୀ ନ ଥିଲେ କପି ମିଳୁନଥାଏ। କିନ୍ତୁ ଜଣେ ବ୍ୟକ୍ତି ଏହି ସିସିଟିଏନ୍‌ଏସ୍ ପୋର୍ଟାଲ ଖୋଲି ସେଥିରୁ ନିଜର ଏତଲା କପି ଡାଉନ୍‌ଲୋଡ୍ କରିପାରିବେ। ସିସିଟିଏନ୍‌ଏସ୍ ପୋର୍ଟାଲ ଖୋଲିବା ପରେ ଡାଉନ୍‌ଲୋଡ୍ ଅପ୍‌ସନ୍ ଆସିବ। ଏହାକୁ କ୍ଲିକ୍ କରି ନିଜର ସମସ୍ତ ତଥ୍ୟ ପୂରଣ କରି ପଞ୍ଜୀକରଣ କରିବାକୁ ପଡ଼ିବ। ପରେ ଦିଆଯାଇଥିବା ମୋବାଇଲ୍ ନମ୍ବରକୁ ଏକ ଓଟିପି ଯିବ। ଏହି ଓଟିପି ଦେଇ ଅଭିଯୋଗକାରୀ ନିଜର ଏତଲା କପି ପାଇପାରିବେ। କିନ୍ତୁ ସଠିକ୍ ଭାବେ ଅପ୍‌ଡେଟ୍ ହେଉ ନ ଥିବାରୁ ଏହାକୁ ଡାଉନ୍‌ଲୋଡ୍ କରି ହେଉନି।

# ନିଶା, ଜୁଆ ଓ ପାରିବାରିକ ବିବାଦ

## ପୁଲିସ କର୍ମଚାରୀଙ୍କ ମଧ୍ୟରେ ବଢ଼ାଉଛି ଆତ୍ମହତ୍ୟାପ୍ରବଣତା

### ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି ହେବେ ନିଶାଖୋର୍ ପୁଲିସ

### ଡିଜିଟାଲ ଓ ଅନ୍‌ଲାଇନ୍ ଗେମ୍‌ରୁ ଦୂରେଇ ରହିବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର,୩୦ ।୩(ସମିସ):** ରାଜ୍ୟରେ ଆତ୍ମହତ୍ୟା ହାର ବଢ଼ୁଥିବା ବେଳେ ପୁଲିସ କର୍ମଚାରୀ ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି । ପୁଲିସ କର୍ମଚାରୀଙ୍କ ମଧ୍ୟ ବର୍ଦ୍ଧିତ ଆତ୍ମହତ୍ୟା ପ୍ରବଣତା ପୁଲିସ ବାହିନୀର ଚିନ୍ତା ବଢ଼ାଇଛି । ଏଥିନେଇ ଉଚ୍ଚ ଅଧିକାରୀମାନଙ୍କ ମଧ୍ୟରେ ବିଚାରବିମର୍ଶ ହୋଇଛି । ମାନସିକ ଅସ୍ଥିରତା, କର୍ମକ୍ଷେତ୍ରରେ ଚାପ, ଜୁଆ ଓ ଅନ୍‌ଲାଇନ୍ ଖେଳରେ ଟଙ୍କା ହରାଇବା ଓ ପାରିବାରିକ ବିବାଦ ପାଇଁ ପୁଲିସ କର୍ମଚାରୀମାନେ ଆତ୍ମହତ୍ୟା କରୁଥିବା ସୂଚନା ମିଳିଛି । ରାଜ୍ୟ ପୁଲିସ ଏହାକୁ ଗୁରୁତ୍ୱର ସହ ନେଇଛି । ଅତିରିକ୍ତ ଡିଜି (ଆଇନଶୃଙ୍ଖଳା) ସଞ୍ଜୟ କୁମାର ଏନେଇ ବିଭିନ୍ନ ପୁଲିସ ପ୍ରତିଷ୍ଠାନକୁ ଚିଠି ଲେଖି ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି ।

ସୂଚନା ଅନୁସାରେ ପୁଲିସ କର୍ମଚାରୀମାନେ ମଧ୍ୟ ବୈବାହିକ ବିବାଦ ଓ ପାରିବାରିକ କଳହର ସମ୍ମୁଖୀନ ହେଉଛନ୍ତି । ଏଥିସହ ଅନ୍ୟ କେତେକ ପୁଲିସ କର୍ମଚାରୀ ମଦ୍ୟପାନ ଓ ନିଶା ସେବନ କରୁଥିବାରୁ ତାହା ମଧ୍ୟ ତାଙ୍କ ମାନସିକ ସ୍ଥିତିକୁ ଆଘାତ ପହଞ୍ଚାଉଛି । ପୁନଶ୍ଚ ଯୁବପିଢ଼ିଙ୍କ ଭଳି ପୁଲିସ କର୍ମଚାରୀ ମଧ୍ୟ ରାତାରାତି କୋଟିପତି ହେବାର ସ୍ୱପ୍ନରେ ଚୂର ହେଉଛନ୍ତି । ଜୁଆ ଖେଳିବା ଭଳି ବେଆଇନ୍ ଭାବେ ଅନ୍‌ଲାଇନ୍‌ରେ ଗେମ୍‌ରେ ଟଙ୍କା ନିବେଶ କରି କିଛି ଟଙ୍କା କମାଉଛନ୍ତି । ପରବର୍ତ୍ତୀ ସମୟରେ ଲୋଭର ବଶବର୍ତ୍ତୀ ହୋଇ ଅଧିକ ଟଙ୍କା ବିନିଯୋଗ କରି ସର୍ବହରା ହୋଇ ଶେଷରେ ଆତ୍ମହତ୍ୟାକୁ ଶେଷ ପନ୍ଥା ଭାବରେ ଆପଣେଇ ନେଉଛନ୍ତି ।

ଏହାକୁ ଏଡ଼ାଇବା ସହ ପୁଲିସ କର୍ମଚାରୀମାନଙ୍କୁ ଆତ୍ମହତ୍ୟାରୁ ଦୂରେଇ ରଖିବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି । ମାନସିକ ଅବସାଦରେ ଥିବା ପୁଲିସ କର୍ମଚାରୀଙ୍କୁ ଚିହ୍ନଟ କରିବା ଲାଗି ପରସ୍ପର ସହ ଉତ୍ତମ ମିଳାମିଶା କରିବା ସହିତ ଉଭୟ ପୁରୁଷ ଓ ମହିଳା ପୁଲିସ କର୍ମଚାରୀମାନେ ଯେପରି ନିଜର ବ୍ୟକ୍ତିଗତ ଅସୁବିଧା ଆଲୋଚନା କରିପାରିବେ, ସେଭଳି ବାତାବରଣ ତିଆରି କରିବାକୁ କୁହାଯାଇଛି । ବୈବାହିକ ଓ ପାରିବାରିକ ବିବାଦ ଆଲୋଚନା ମାଧ୍ୟମରେ ସମାଧାନ କରିବା ଲାଗି ଅଭିଜ୍ଞ ବିଶେଷଜ୍ଞ ଦ୍ୱାରା ପୁଲିସ କର୍ମଚାରୀମାନଙ୍କର କାଉନସେଲିଂ କରାଯିବାକୁ ନିଷ୍ପତ୍ତି ହୋଇଛି । ଏଥିସହ ମଦ୍ୟପାନ ନ କରିବା ଲାଗି ସଚେତନତା କରିବା ସହ ନିଶା ସେବନ କରୁଥିବା ପୁଲିସ କର୍ମଚାରୀଙ୍କୁ ଚିକିତ୍ସା ପାଇଁ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନୁରୂପ ଭାବେ ଡିଜିଟାଲ ଗେମ୍‌ରେ ଟଙ୍କା ନିବେଶ ନ କରିବା ଲାଗି ପରାମର୍ଶ ଦେବାକୁ କୁହାଯାଇଛି ।

ନିକଟ ଅତୀତରେ କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ଥାନାରେ କାର୍ଯ୍ୟରତ ସବ୍ ଇନ୍ସପେକ୍ଟର ସ୍ୱାଗତିକା ବେହେରା ପାରିବାରିକ କହଳକୁ କେନ୍ଦ୍ରକରି ଆତ୍ମହତ୍ୟା କରିଥିଲେ । ଅନୁରୂପ ଭାବେ ବଲାଙ୍ଗିର ଜିଲ୍ଲା ସଇଁତଳା ଥାନାର କାର୍ଯ୍ୟରତ ସବ୍‌ଇନ୍ସପେକ୍ଟର କାଜଲ ବାଗ୍ ପ୍ରେମ ବ୍ୟାପାର ଓ କାର୍ଯ୍ୟକ୍ଷେତ୍ରରେ ଚାପକୁ ନେଇ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ । ଏଥିସହ ମାଲକାନଗିରି ଏମ୍‌ଭି-୪୨ରେ ରିଜର୍ଭରେ କାର୍ଯ୍ୟରତ କନଷ୍ଟେବଳ ସୁଶାନ୍ତ ହାଲଦାର ପାରିବାରିକ କଳହ, ନିଶା ସେବନକୁ ନେଇ ଫାଶୀ ଲଗାଇ ସରକାରୀ ବାସଭବନରେ ଝୁଲି ପଡ଼ିବା ଉଚ୍ଚ ଅଧିକାରୀଙ୍କ ଚିନ୍ତା ବଢ଼ାଇ ଦେଇଛି ।

# ପୁଅକୁ ବଞ୍ଚାଇବା ପାଇଁ ମା' ରଚିଥିଲା ନାଟକ



**ଆନନ୍ଦପୁର, ୩୦।୩(ସମିସ):** ଗତ ୨୫ ତାରିଖରେ ଫକୀରପୁରରେ ହୋଇଥିବା ଏକ ଡକାୟତି ଘଟଣାର ପର୍ଦ୍ଦାଫାସ କରିଛି ଆନନ୍ଦପୁର ପୁଲିସ । ଏହି ମାମଲାରେ ପୁଲିସ ଅଭିଯୋଗକାରିଣୀଙ୍କ ପୁଅକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲା, ରାଜେନ୍ଦ୍ର ନାଥ । ସୂଚନାନୁସାରେ, ଅଭିଯୋଗକାରିଣୀ ପୁଷ୍ପାବତୀ ନାଥଙ୍କ ପୁଅ ରାଜେନ୍ଦ୍ର ଘରୁ ସୁନା ଗହଣା ଚୋରି କରିଥିଲା । କିନ୍ତୁ ତାକୁ ବଞ୍ଚାଇବା ପାଇଁ ପୁଷ୍ପବତୀ ଡକାୟତିର ନାଟକ ରଚିଥିଲେ ।

**ଫକୀରପୁର ଡକାୟତି ମାମଲା**

ସୂଚନାନୁଯାୟୀ, ୨୫ ତାରିଖ ଅପରାହ୍ଣ ୨ଟାରେ ୪ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଘର ଭିତରେ ପଶି ବନ୍ଧୁକ ଦେଖାଇ ଆଲମିରାରୁ ସୁନାଗହଣା ନେଇ ଯାଇଥିବା ସଂକ୍ରାନ୍ତରେ ପୁଷ୍ପାବତୀ ଥାନାର ଅଭିଯୋଗ କରିଥିଲେ । ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିବା ସମୟରେ ଅଭିଯୋଗକାରିଣୀଙ୍କ ଏହି ନାଟକର ରହସ୍ୟ ଉନ୍ମୋଚିତ ହୋଇଥିଲା । ପୁଅ ରାଜେନ୍ଦ୍ର ପୂର୍ବରୁ ସମସ୍ତ ସୁନା ଗହଣା ଚୋରି କରି ଅନଲାଇନ ଗେମ୍ ଖେଳିଥିଲା । ଏତଲାକାରୀ ପୁଷ୍ପାବତୀ ଯେତେବେଳେ ପୁଅର ଏସବୁ କାଣ୍ଡ ଜାଣିଲେ, ସେ ନିଜ ପୁଅକୁ ବାପାଙ୍କ ଆକ୍ରୋଶରୁ ବଞ୍ଚାଇବାକୁ ଯାଇ ଏମିତି ଏକ ମିଥ୍ୟା ଅଭିଯୋଗ ଆନନ୍ଦପୁର ଥାନାରେ ଦାଖଲ କରିଥିଲେ । ଏ ସମସ୍ତ କଥା ନିଜେ ଅଭିଯୋଗକାରୀ ଏବଂ ଅଭିଯୁକ୍ତ ରାଜେନ୍ଦ୍ରନାଥ ସ୍ୱୀକାର କରିଛନ୍ତି । ଆନନ୍ଦପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ ବେହେରା ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ପ୍ରକାଶଥାଉ କି, ଏହି ଘଟଣାରେ କେନ୍ଦୁଝର ଏସପିଙ୍କ ନିର୍ଦ୍ଦେଶକ୍ରମେ ପୁଲିସ୍ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତନାଘନା ଚଳାଇଥିଲା ।

# ଏନ୍‌କାଉଣ୍ଟର୍‌ରେ ଆଉ ଜଣେ ଇନାମୀ ମାଓବାଦୀ ନିହତ



**ମାଲକାନଗିରି, ୩୦ ।୩ (ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟର ବିଜାପୁର ଜିଲ୍ଲାରେ ଯବାନ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ଜଣେ ୧ଲକ୍ଷ ଇନାମୀ ମାଓବାଦୀ ନିହତ ହୋଇଛନ୍ତି । ମୃତ ମାଓବାଦୀ ହେଲେ କନ୍ନା ଝାଡ଼ି(୪୦) । ତାଙ୍କ ନାମରେ ହତ୍ୟା ସହ ହତ୍ୟା ଉଦ୍ୟମ, ଡକାୟତି, ପୋଡ଼ାଜଳା ଏବଂ ଅପହରଣ ଭଳି ୭ଟି ସଂଗିନ୍ ମାମଲା ରହିଥିବା ଜଣାପଡ଼ିଛି ।

ସୂଚନାନୁଯାୟୀ, ଡିଆରଜି, କୋବ୍ରା, କେରିପୁ ବାହିନୀର ଯବାନମାନେ ମିଳିତ ଭାବେ ବାସାଗୁଡ଼ା ଥାନା ଅନ୍ତର୍ଗତ ନରସାପୁର ଓ ଟେକମେଟା ଅଭିମୁଖେ ଅପରେସନ ପାଇଁ ବାହାରିଥିଲେ । ଉକ୍ତ ଜଙ୍ଗଲରେ ପୁଲିସ୍ ଏବଂ ମାଓବାଦୀ ମୁହାଁମୁହିଁ ହେବା ପରେ ଗୁଳିବିନିମୟ ହୋଇଥିଲା । ଏଥିରେ ଜଣେ ମାଓମାଦୀଙ୍କ ମୃତ୍ୟୁ ହୋଇଥିଲା । ମୃତ ମାଓବାଦୀ କନ୍ନା ଝାଡି ଓ ସେ ମାଓ ସଙ୍ଗଠନରେ ନରସାପୁର ଜନତାନା ସରକାର ସଭାପତି ଭାବେ ସକ୍ରିୟ ଥିଲେ ବୋଲି ଜଣାପଡ଼ିଥିଲା । ନିହତ ମାଓବାଦୀର ଶବ ନିକଟରୁ ବୋର୍ ବନ୍ଧୁକ ସମେତ ବିସ୍ଫୋରକ ଏବଂ ମାଓ ସାମଗ୍ରୀ ଜବତ କରାଯାଇଛି । ମୃତ ମାଓବାଦୀଙ୍କ ନାଁରେ ସରକାର ୧ ଲକ୍ଷ ଟଙ୍କାର ଇନାମ ରଖିଥିଲେ ।

### ପୁରୁଷୋତ୍ତମପୁର ବିଜେପି ଦୁଇ ଫାଳ

# ବିଧାୟକଙ୍କ ବିରୋଧରେ ପୁରୁଖା କର୍ମୀଙ୍କ ମେଳି



**ପୁରୁଷୋତ୍ତମପୁର,୩୦ ।୩(ସମିସ):** ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ କାର୍ଯ୍ୟଧାରାକୁ ବିରୋଧ କରି ବହୁ ବିଜେପି କର୍ମୀ ମେଳି କରିଛନ୍ତି । ୯ମାସ ହେଲା ପୂର୍ଣ୍ଣଚନ୍ଦ୍ର ବିଧାୟକ ହୋଇଥିବା ବେଳେ ବିଜେପି କର୍ମୀଙ୍କୁ ସେ ଅଣଦେଖା କରି ଆସୁଥିବା ନେଇ କର୍ମୀମାନେ ଅଭିଯୋଗ କରିଛନ୍ତି । ତେଣୁ, ନିଜର କାର୍ଯ୍ୟଧାରାକୁ ପରିବର୍ତ୍ତନ ନ କଲେ ପଞ୍ଚାୟତ ଓ ଗାଁ ଗାଁରେ ବିଧାୟକଙ୍କୁ ବିରୋଧ କରାଯିବ ବୋଲି ବିଜେପି କର୍ମୀମାନେ ଚେତାଇ ଦେଇଛନ୍ତି । ପୁରୁଷୋତ୍ତମପୁର ବ୍ଲକର ଭାଟକୁମରଡ଼ା ବିଜେପି ମଣ୍ଡଳ ଏଭଳି ଗୁରୁତର ଅଭିଯୋଗ ଆଣିଛି ।

ଭାଟକୁମରଡ଼ା ବିଜେପି ମଣ୍ଡଳ ପକ୍ଷରୁ ଆଜି ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ବାଇଧର ମହାପ୍ରଭୁଙ୍କ ପ୍ରାଙ୍ଗଣରେ ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯିବା ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାପା ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ଦିବସ ପାଳିତ ହୋଇଥିଲା । ଏହି ଅବସରରେ ଭାଟକୁମରଡ଼ା ମଣ୍ଡଳର ବିଜେପି କର୍ମୀମାନେ ଏକତ୍ରିତ ହୋଇ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ । ବିଶେଷକରି, ଗତ ୯ ମାସ ହେଲା ଖଲ୍ଲିକୋଟ ବିଜେପିରୁ ପୂର୍ଣ୍ଣଚନ୍ଦ୍ର ସେଠୀ ବିଧାୟକ ହୋଇଥିବା ବେଳେ ସେ ନିଜ ମନଇଚ୍ଛା କାର୍ଯ୍ୟ କରୁଛନ୍ତି । ଭାଟକୁମରଡ଼ା ମଣ୍ଡଳରେ ରହିଥିବା ଭାଟକୁମରଡ଼ା, ସୁନାଥର, ବାଘଳା, ଷୋଳଘର, ରାଇପୁର, ରଣଝାଲି, ଜଗନ୍ନାଥପୁର, ଗାଙ୍ଗଦହଣି ପଞ୍ଚାୟତକୁ ୫ଲକ୍ଷ ଟଙ୍କା ଲେଖାଏଁ ଦେଇଛନ୍ତି । ତେବେ ଏଥିରେ ଦଳୀୟ କର୍ମୀଙ୍କୁ ଅଣଦେଖା କରିଥିବା ଅଭିଯୋଗ ହୋଇଛି । ତେଣୁ ଏଥିରୁ ସ୍ପଷ୍ଟ ଅନୁମାନ କରାଯାଉଛି ଯେ ପୂର୍ଣ୍ଣଚନ୍ଦ୍ର ଦଳବିରୋଧୀ କାମ କରୁଛନ୍ତି । ବିଜେପିର ସଙ୍ଗଠନକୁ ସେ ଭାଙ୍ଗିବା ଲକ୍ଷ୍ୟରେ ରହିଛନ୍ତି । ତେଣୁ ଆମେ ବିଧାୟକଙ୍କୁ ବିରୋଧ କରୁଛୁ ଓ ଆଗାମି ଦିନରେ ଯଦି ପୂର୍ଣ୍ଣଚନ୍ଦ୍ର ସେଠୀ ଠିକ୍ ବାଟକୁ ନ ଆସନ୍ତି ତେବେ ଆହୁରି ବଡ଼ ଧରଣର ବିରୋଧ କରିବୁ ବୋଲି ବିଜେପି କର୍ମୀମାନେ ଚେତାବନୀ ଦେଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ସୁକାନ୍ତ କୁମାର ଦାସ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ୩୭ ନମ୍ବର ଜିଲ୍ଲା ପରିଷଦ ପ୍ରାର୍ଥୀ, ଶେଷଦେବ ପଣ୍ଡା, ପୂର୍ବତନ ଜିଲ୍ଲା ଉପସଭାପତି, ବସନ୍ତ ସ୍ୱାଇଁ, ନକୁଳ ବେହେରା, ଶିବରାମ ନାହାକ, ନାରାୟଣ ନାହାକ, କୈଳାସ ଚନ୍ଦ୍ର ସାହୁ, ଭଗବାନ ମଳିକଙ୍କ ସମେତ ୮ଟି ପଞ୍ଚାୟତର ପ୍ରାୟ ଶତାଧିକ ବିଜେପି କର୍ମୀ ସାମିଲ ହୋଇଥିଲେ ।

### ଅନ୍ୟ ଜାତିରେ ବାହା ହୋଇଥିଲେ ବୋଲି

# ଶବ ନେଲେନି ପରିବାରଲୋକେ



ହସ୍ପିଟାଲରେ ଘଣ୍ଟାଘଣ୍ଟା ପଡ଼ିରହିଲା ଶବ
ସତ୍କାର କଲା 'ସଂଘମିତ୍ରା ପରିବାର'

**ବରଗଡ଼, ୩୦।୩ (ସମିସ):** ଅନ୍ୟ ଜାତିରେ ବିବାହ କରିଥିବାରୁ ଅନ୍ତିମ ସଂସ୍କାର ତ ଦୂରର କଥା, ବାପଘର ଲୋକ ଶବ ବି ଛୁଇଁଲେନି । ଶ୍ୱଶୁର ଘର ଲୋକ ତ ଆଗରୁ ପୁଅ-ବୋହୂ ସହ ସଂପର୍କ କାଟି ସାରିଥିଲେ । ତେଣୁ ମୃତ୍ୟୁ ପରେ ଘଣ୍ଟା ଘଣ୍ଟା ଧରି ହସ୍ପିଟାଲରେ ପଡ଼ି ରହିଲା ଶବ । ଶେଷରେ ପୁଲିସ୍ ଏକ ସାମାଜିକ ଅନୁଷ୍ଠାନ ଜରିଆରେ ମହିଳାଙ୍କ ଶବ ସଂସ୍କାର କରାଇଛି । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବରଗଡ଼ ଜିଲ୍ଲା ଅଧୀନ ଅମାପାଲି ଗ୍ରାମରେ ।

ସୂଚନାନୁଯାୟୀ, ପଥର୍ଲା ଗାଁର ଜଣେ ଯୁବକଙ୍କୁ ସାହାଜବାହାଲ ଗ୍ରାମର ଯୁବତୀ ଭଲ ପାଇ ଆସୁଥିଲେ । ଦୁହିଁଙ୍କ ବାହାଘରରେ ଜାତି ଅନ୍ତରାୟ ସାଜିଥିଲା । କିନ୍ତୁ ପରିବାରର ବାରଣ ସତ୍ତ୍ୱେ ଦୁହେଁ ବିବାହ କରିବାରୁ ପରିବାରଲୋକ ସେମାନଙ୍କୁ ଘରୁ ତଡ଼ି ଦେଇଥିଲେ । ଏପରିକି, ବଞ୍ଚି ଥାଉଥାଉ ବାପଘର ଲୋକ ଝିଅର ପିଣ୍ଡଦାନ କରିଦେଇଥିଲେ । ତେଣୁ ଦୁହେଁ ଅମାପାଲି ଗ୍ରାମରେ ଭଡ଼ାଘରେ ରହି ଆସୁଥିଲେ । ଏହାକୁ ନେଇ ଦୁହେଁ ମାନସିକ ଦୁଶ୍ଚିନ୍ତା ମଧ୍ୟ ଦେଇ ଗତି କରୁଥିଲେ । ଏଥିରେ ମାନସିକ ଭାରସାମ୍ୟ ହରାଇ ଯୁବତୀଜଣଙ୍କ ଗତରାତିରେ ଆତ୍ମହତ୍ୟା କରିଦେଇଥିଲେ । ସ୍ଥାନୀୟ ଲୋକ ଏହା ଦେଖି ସେମାନଙ୍କ ପରିବାରଲୋକ ଓ ପୁଲିସ୍‌କୁ ଖବର ଦେଇଥିଲେ । ବରଗଡ଼ ପୁଲିସ୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଯୁବତୀଙ୍କ ଶବକୁ ବ୍ୟବଚ୍ଛେଦ କରାଇଥିଲା । କିନ୍ତୁ ଯୁବତୀଙ୍କ ପରିବାର କିମ୍ବା ଶ୍ୱଶୁର ଘର ଲୋକ ଗାଁକୁ ଶବ ନେବାକୁ ଅମଙ୍ଗ ହୋଇଥିଲେ । ଜାତିରୁ ବାସନ୍ଦ ହୋଇଥିବାରୁ ସେମାନେ ଝିଅର ଶବ ସତ୍କାର କିମ୍ବା ସତ୍କାର କାମରେ ସହଯୋଗ ମଧ୍ୟ କରିବେ ନାହିଁ ବୋଲି ମନା କରିଦେଇଥିଲେ । ତେଣୁ ପୁଲିସ୍ ସାମାଜିକ ଅନୁଷ୍ଠାନ 'ସଂଘମିତ୍ରା ପରିବାର'ର ସଦସ୍ୟ ସଂଘମିତ୍ରା ପଟେଲ ଓ ତରଣୀ ସାହୁଙ୍କୁ ଯୋଗାଯୋଗ କରି ଅନ୍ତିମ ସଂସ୍କାରର ବ୍ୟବସ୍ଥା କରାଇଥିଲା । ଅନୁଷ୍ଠାନର କର୍ମୀମାନେ ଯୁବତୀଙ୍କ ଶବକୁ ବରଗଡ଼ ସ୍ୱର୍ଗଦ୍ୱାରରେ ସମ୍ମାନର ସହ ସତ୍କାର କରିଥିଲେ । 'ସଂଘମିତ୍ରା ପରିବାର'ର ଏତାଦୃଶ୍ୟ ସହଯୋଗକୁ ବୁଦ୍ଧିଜୀବୀ ମହଲରେ ଲୋକେ ପ୍ରଶଂସା କରିଛନ୍ତି ।

## ଅବଶିଷ୍ଟାଂଶ

### କାମାକ୍ଷା ଏକ୍ସପ୍ରେସ୍...

ତତ୍‌କ୍ଷଣାତ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଥିଲେ । ବିଶେଷ କରି ଡହଡହ ଖରାରେ ସିଝୁଥିବା ଯାତ୍ରୀମାନଙ୍କ ପାଇଁ ଖାଦ୍ୟ ଓ ପିଇବା ପାଣିର ବ୍ୟବସ୍ଥା କରିଥିଲେ ।

ଖବର ପାଇ ରେଳବାଇର ବହୁ ଉଚ୍ଚପଦସ୍ଥ ଅଧିକାରୀ, ଏନ୍‌ଡିଆରଏଫ୍, ଅଗ୍ନିଶମ ବାହିନୀ, ଓଡ୍ରାଫ, ରେଳବାଇ ଉଦ୍ଧାରକାରୀ ଟିମ, କଟକ, ଜଗତପୁର ଓ ଚୌଦ୍ୱାର, ଟାଙ୍ଗୀ ଆଦି ଥାନାର ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଗୁରୁତର ଆହତ ୫ଜଣ ଯାତ୍ରୀଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଜଣକୁ ଡାକ୍ତର ମୃତ ଘୋଷଣା କରିଥିଲେ । ମୃତକ ହେଲେ, କୋଲକାତା ଅଲ୍ଲୀପୁରର ଶୁଭଙ୍କର ରାୟ । ମା'ଙ୍କ ଚିକିତ୍ସା ପାଇଁ ଶୁଭଙ୍କର ନିଜ ପରିବାର ସହ ବେଙ୍ଗାଲୁରୁରୁ ଅଲ୍ଲୀପୁର ଫେରୁଥିଲେ ।

କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ, ଗ୍ରାମାଞ୍ଚଳ ଏସପି ପ୍ରତୀକ୍ ସିଂହ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ । ଟ୍ରେନ୍‌ର କିଛି ଯାତ୍ରୀଙ୍କୁ ବସ ଯୋଗେ କଟକ ଷ୍ଟେସନ୍‌କୁ ପଠାଯାଇଥିଲା । ପରେପରେ ଏକ ସ୍ପେଶାଲ ଟ୍ରେନ୍‌ରେ ଯାତ୍ରୀଙ୍କୁ କଟକ ଷ୍ଟେସନ୍ ପଠାଯାଇଥିଲା । ଦୁର୍ଘଟଣା ପରେ ପରେ ସେହି ରାସ୍ତାରେ ଯାଉଥିବା ନନ୍ଦନକାନନ ଏକ୍ସପ୍ରେସ୍ ଯୋଗେ ମଧ୍ୟ କିଛି ଯାତ୍ରୀଙ୍କୁ କଟକ ପଠାଯାଇଥିଲା । ଦୁର୍ଘଟଣା ମଧ୍ୟାହ୍ନରେ ଘଟିଥିବାରୁ ପ୍ରଚଣ୍ଡ ରୌଦ୍ରତାପରେ ଟ୍ରେନ୍‌ର ଯାତ୍ରୀମାନେ ଡହଳବିକଳ ହେବା ସହ ବହୁ ବରିଷ୍ଠ ନାଗରିକ ଓ ଶିଶୁ ଚେତାଶୂନ୍ୟ ହୋଇପଡ଼ିଥିଲେ । କଟକ ଏସ୍‌ସିବି, ଟାଙ୍ଗୀ ପିଏଚ୍‌ସି, ରେଳବାଇ ବିଭାଗରୁ ଆସିଥିବା ଡାକ୍ତରୀ ଟିମ୍ ଘଟଣାସ୍ଥଳରେ ଆହତ ଓ ଚେତାଶୂନ୍ୟଙ୍କ ଆଶୁ ଚିକିତ୍ସା କରିଥିଲେ । ସ୍ଥାନୀୟ ଅଞ୍ଚଳର ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ରାଜନେତା, ସ୍ଥାନୀୟ ଜନସାଧାରଣ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଓ ସେବା କାର୍ଯ୍ୟରେ ସହଯୋଗ କରିଥିଲେ । ଉଦ୍ଧାର କାର୍ଯ୍ୟ ପରେ ଇଞ୍ଜିନ ସଂଲଗ୍ନ ୭ଟି ବଗିକୁ ଅପରାହ୍ଣ ୨ଟା ଓ ପଛ ୪ଟି ବଗିକୁ ସଂଧ୍ୟା ୫ଟାରେ ସ୍ଥାନାନ୍ତର କରାଯାଇଛି । ରେଳବାଇ ପକ୍ଷରୁ ସ୍ପେଶାଲ ଟ୍ରେନର ବ୍ୟବସ୍ଥା କରାଯାଇଥିଲା । ଯାତ୍ରୀମାନଙ୍କୁ ନେଇ ଏହି ଟ୍ରେନ କାମାକ୍ଷା ଅଭିମୁଖେ ଯାତ୍ରା କରିଛି ।

ରେଳ ସୁରକ୍ଷା କମିଶନର (ଦକ୍ଷିଣ-ପୂର୍ବ ମଣ୍ଡଳ) ବ୍ରିଜେଶ ମିଶ୍ର ଦୁର୍ଘଟଣାର ତଦନ୍ତ କରିବେ । ଶ୍ରୀ ମିଶ୍ର ରବିବାର ରାତିରେ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ରେଳବାଇ ଅଧିକାରୀମାନଙ୍କ ସହ ଆଲୋଚନା କରିବେ । ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୨୦ ବର୍ଷୀୟ ଯାତ୍ରୀ ଶୁଭଙ୍କର ରଏଙ୍କ ପରିବାରକୁ ରେଳବାଇ ପକ୍ଷରୁ ୫ ଲକ୍ଷ ଟଙ୍କା ରାଶି ମଞ୍ଜୁର କରାଯାଇଥିବା ବେଳେ ଗୁରୁତର ଆହତଙ୍କୁ ଅଢ଼େଇ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ । କାମାକ୍ଷା ଏକ୍ସପ୍ରେସ୍ ଲାଇନଚ୍ୟୁତ ହେବାରୁ ଡାଉନ୍ ଲାଇନ୍‌ରେ ଟ୍ରେନ୍ ଚଳାଚଳ ଗୁରୁତର ବ୍ୟାହତ ହୋଇଛି । ତେଣୁ ପ୍ରାୟ ୨୨ଟି ଦୂରଗାମୀ ଟ୍ରେନର ଗତିପଥ ପରିବର୍ତ୍ତନ କରାଯାଇ ନରାଜ ବାଟେ ଯିବା ପାଇଁ ଅନୁମତି ଦିଆଯାଇଛି ।

### ୧୩ଜଣଙ୍କୁ ଲାମା; ୨ ଚିକିତ୍ସାଧୀନ

କଟକ: ମୋଟ ୧୬ଆହତଙ୍କୁ କଟକ ବଡ଼ ମେଡିକାଲ ଅଣାଯାଇଥିଲା । ଗୁରୁତର ଶୁଭଙ୍କର ରାୟ(୨୩)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ବେଳେ ବାକି ୧୫ ଆହତଙ୍କ ଭିତରୁ ୧୩ଜଣ ଲାମା ନେଇ ଅନ୍ୟତ୍ର ଚାଲିଯାଇଥିବା ମେଡିକାଲ ପକ୍ଷରୁ କୁହାଯାଇଛି । ସେହିପରି ଟ୍ରମା କାଜୁଆଲିଟିରେ ଦୁଇଜଣଙ୍କ ଚିକିତ୍ସା ଚାଲିଛି । ଏସ୍‌ସିବି ପକ୍ଷରୁ ଗଠିତ ସ୍ୱତନ୍ତ୍ର ଡାକ୍ତରୀ ଦଳ ଦୁଇ ଆହତଙ୍କୁ ସ୍ୱତନ୍ତ୍ର ନିରୀକ୍ଷଣରେ ରଖିଛନ୍ତି ବୋଲି ଅତିରିକ୍ତ ଅଧୀକ୍ଷକ ପ୍ରଫେସର ଡାକ୍ତର ମନୋଜ ପଟ୍ଟନାୟକ ସୂଚନା ଦେଇଛନ୍ତି ।

ଅନ୍ୟପକ୍ଷରେ ବିଧାୟିକା ସୋଫିଆ ଫିରଦୋସ୍, ବିଧାୟକ ସୌଭିକ ବିଶ୍ୱାଳ, ମେୟର ସୁବାସ ସିଂହ ମେଡିକାଲରେ ପହଞ୍ଚି ଆହତଙ୍କୁ ଭେଟିଥିଲେ । ଏହା ଏକ ଦୁର୍ଭାଗ୍ୟଜନକ ଘଟଣା ବୋଲି ମେୟର ଶ୍ରୀ ସିଂହ ପ୍ରତିକ୍ରିୟାରେ କହିଛନ୍ତି । ଦେଶରେ ରେଳବାଇ ସୁରକ୍ଷା ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି । କେନ୍ଦ୍ର ସରକାର ସଜାଗ ହେବା ଆବଶ୍ୟକ ବୋଲି ମେୟର ଶ୍ରୀ ସିଂହ କହିଥିଲେ ।

### ୩ ବର୍ଷରେ...

କେବଳ ସିମେଣ୍ଟ ଯୋଡ଼େଇ କାନ୍ଥ ସହିତ ଆର୍‌ସିସି ଛାତକୁ ପକ୍କାଘରର ମାନ୍ୟତା ପ୍ରଦାନ କରାଯାଉଛି । ଯେଉଁ ହିତାଧିକାରୀମାନେ ପ୍ରଥମ କିସ୍ତି ପାଇବାର ୪ ମାସ ମଧ୍ୟରେ ଘର ନିର୍ମାଣ ସମ୍ପୂର୍ଣ୍ଣ କରିବେ ସେମାନଙ୍କୁ ୨୦ ହଜାର ଟଙ୍କା ଏବଂ ୬ ମାସରେ ଘର ସମ୍ପୂର୍ଣ୍ଣ କଲେ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମଧ୍ୟ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଅବସରରେ ସେ ୧୦ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ ।

ଅନୁରୂପ ଭାବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କଳାହାଣ୍ଡି ୨୨୩.୬୬ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ ସହ ୩୯୩.୮୫ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଓ ସ୍ଥାନୀୟ ସାଂସଦ ମାଳବିକା ଦେବୀ ଉପସ୍ଥିତ ଥିଲେ । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ ଗିରୀଶ ଏସ୍. ଏନ୍ ସ୍ୱାଗତ ଭାଷଣ ଦେଇଥିଲେ । କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ଧନ୍ୟବାଦ ଅର୍ପଣ କରିଥିଲେ ।

### ହିମାଚଳରେ ଭୂସ୍ଖଳନ...

ଅଛନ୍ତି । ୬ ଜଣ ମଧ୍ୟ ଗୁରୁତର ଆହତ ହୋଇଛନ୍ତି । ସ୍ଥାନୀୟ ଜରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଏମାନଙ୍କୁ କୁଲୁ ପଠାଇ ଦିଆଯାଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଅଶ୍ୱିନୀ କୁମାର କହିଛନ୍ତି । ଆହତଙ୍କ ମଧ୍ୟରେ ହରିୟାଣାର ଜଣେ, ବେଙ୍ଗାଲୁରୁର ୩ ଜଣ ଏବଂ ଆସାମର ଦୁଇ ଜଣ ସାମିଲ ଅଛନ୍ତି । ଏହି ଅଘଟଣକୁ ନେଇ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ ଗଭୀର ଶୋକ ପ୍ରକାଶ କରିଛନ୍ତି । ସୂଚନା ଅନୁଯାୟୀ ଭୂସ୍ଖଳନ ସ୍ଥାନରେ ଏକ କ୍ଷୁଦ୍ର ବଜାର ରହିଛି । ଏଠାରେ କିଛି ଲୋକ କିଣାକିଣି କରୁଥିଲେ । ଆଉ କିଛି ନିଜ ଗାଡ଼ିରେ ବସିଥିଲେ । ଏହି ସମୟରେ ଅଚାନକ ଝଡ଼ତୋଫାନ ଆସିଥିଲେ । ଏଥିରେ ଏକ ବିରାଟ ଗଛ ଉପୁଡି ପଡ଼ିଥିଲା । ଗଛର ଚେର ଏତେ ଦୂରକୁ ବ୍ୟାପିଥିଲା ଯେ ଏହା ନିଜ ସହିତ ଅବଶେଷ ନେଇ ଆସିଥିଲା ।

# ବରଗଡ଼ରେ ବଡ଼ଧରଣର ଜବରଦଖଲ ଉଚ୍ଛେଦ





**ବରଗଡ଼, ୩୦।୩ (ସମିସ):** ବରଗଡ଼ ସହରର ବହୁଚର୍ଚ୍ଚିତ ଲେଙ୍ଗୁ ମିଶ୍ର ଛକରୁ ପୁରୁଣା ଜିରାବ୍ରିଜ୍ ରାସ୍ତା ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି । ରବିବାର ସକାଳୁ ଜେସିବି ସହାୟତାରେ ଉଚ୍ଛେଦ କରାଯାଇଥିଲା । ପୂର୍ବରୁ ଡାକବାଜି ଯନ୍ତ୍ରରେ ପ୍ରଚାର ଏବଂ ଶନିବାର ପୁଲିସ ଫ୍ଲାଗମାର୍ଚ୍ଚ କରିଥିଲା । ଉଚ୍ଛେଦ ପ୍ରକ୍ରିୟାରେ ୭ଜଣ ମାଜିଷ୍ଟ୍ରେଟଙ୍କ ସହିତ ୧୨୦ ପୁଲିସ କର୍ମଚାରୀ ମୁତୟନ ହୋଇଥିଲେ । ଉଚ୍ଛେଦ କାର୍ଯ୍ୟରେ ମୋଟ ୮ଟି ବୁଲଡୋଜର ଓ ୬ଟି ଟ୍ରାକ୍ଟର ନିୟଜିତ ନିୟୋଜିତ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୯ଟି ଜାଗାରୁ ଜବରଦଖଲ ଉଚ୍ଛେଦ କରାଯାଯାଇଥିବା ବରଗଡ଼ ପୌର ପ୍ରଶାସନ ତରଫରୁ ସୂଚନା ମିଳିଛି । ଅପରପକ୍ଷେ, କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କାରେ ଲେଙ୍ଗୁମିଶ୍ର ଛକରୁ ପୁରୁଣା ଜିରାବ୍ରିଜ୍ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ୧୬୩ ଧାରା ଜାରି କରାଯାଇଛି ।

ସୂଚନାନୁଯାୟୀ, ୨୦୨୩ରୁ ଜିରା ନଦୀ ଉପରେ ରହିଥିବା ଲୁହା ପୋଲ ଭାଙ୍ଗି ନୂତନ ପୋଲ ନିର୍ମାଣ କାମ ସମ୍ପୂର୍ଣ୍ଣ ହେବା ପରେ ଅଞ୍ଚଳରେ ରହିଥିବା ଜବରଦଖଲ ଉଚ୍ଛେଦ ନେଇ ଦାବି ହୋଇଆସୁଛି । ଜିଲ୍ଲା ଓକିଲ ସଙ୍ଘର ନେତୃତ୍ୱରେ ସମଲେଶ୍ୱରୀ ସଂଘ ସମେତ ସହରର ବିଭିନ୍ନ ସାମାଜିକ ଅନୁଷ୍ଠାନର ଦୃଢ଼ ଦାବି ପରେ ପ୍ରଶାସନ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲା । ପରବର୍ତ୍ତୀ ସମୟରେ ଜବରଦଖଲକାରୀଙ୍କ ମଧ୍ୟରେ କେତେଜଣ ଲୋକ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ପ୍ରାୟ ଦେଢ଼ବର୍ଷ ପର୍ଯ୍ୟନ୍ତ ଜବରଦଖଲକାରୀ ଓ ପ୍ରଶାସନ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା । ଇତିମଧ୍ୟରେ ଉଚ୍ଚ ନ୍ୟାୟାଳୟ ତିନିଥର ଉଚ୍ଛେଦ ସପକ୍ଷରେ ରାୟ ପ୍ରଦାନ କରିଥିଲେ ହେଁ ପୌର ପରିଷଦର କଚ୍ଛପ ଗତି ଲୋକଙ୍କ ଭିତରେ ଅସନ୍ତୋଷ ସୃଷ୍ଟି କରିଥିଲା ।

ଆଜି ଉଚ୍ଛେଦ ସମୟରେ ବରଗଡ଼ ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ତହସିଲଦାର ସୋନାଲି ପଟ୍ଟନାୟକ, ଆସିଷ୍ଟାଣ୍ଟ କଲେକ୍ଟର ମଦନ ପଣ୍ଡା, କର୍ଣ ସୁନା, ଅଙ୍କିତ ପଣ୍ଡା ଓ ଛବି ପୋଢ, ଆଲମ୍ ନାୟକ, ରଘୁନାଥ ପାଣିଗ୍ରାହୀ, ଦିବାକର ପ୍ରଧାନ, ହିମାଂଶୁ ନାୟକ ପ୍ରମୁଖ ବରିଷ୍ଠ ପ୍ରଶାସନିକ ଅଧିକାରୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ ।

### ସମବାୟ ବ୍ୟାଙ୍କ ଖାତାଧାରୀଙ୍କ ଅର୍ଥ ଆତ୍ମସାତ ମାମଲା

# ବିବିସିସି ଆକାଉଣ୍ଟାଣ୍ଟ ଗିରଫ



**ବାଲେଶ୍ୱର, ୩୦ ।୩(ସମିସ):** ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ (ବିବିସିସି) ଖାତାଧାରୀଙ୍କ ଆକାଉଣ୍ଟରୁ ଜାଲ୍ ଦସ୍ତଖତ ଜରିଆରେ ଦୀର୍ଘ ୯ ବର୍ଷ ଧରି ସରକାରୀ ଅନୁଦାନ ଅର୍ଥ ଆତ୍ମସାତ କରିଚାଲିଥିବା ଜଣେ ଆକାଉଣ୍ଟାଣ୍ଟକୁ ଭିଜିଲାନ୍ସ ଗିରଫ କରିଛି । ସେ ହେଲେ, ସତ୍ୟଅଞ୍ଜନ ଦେ । ବିବିସିସିର ବାଲିଆପାଳ ଶାଖା ଅଧୀନରେ ପରିଚାଳିତ ଲଙ୍କେଶ୍ୱରସ୍ଥିତ ବଣିଆଡିହା ସୋସାଇଟିରେ ସେ ଦୀର୍ଘ ଦିନ ଧରି ଆକାଉଣ୍ଟାଣ୍ଟ ଭାବେ କାମ କରୁଥିଲେ । ଉକ୍ତ ସୋସାଇଟିର ଖାତାଧାରୀଙ୍କ ଆକାଉଣ୍ଟରେ ଜମା ହେଉଥିବା ସରକାରୀ ଅନୁଦାନ ଅର୍ଥକୁ ସେ ଜାଲ ଦସ୍ତଖତ ଜରିଆରେ ଉଠାଇ ନେଉଥିଲେ । ତା' ବାବଦରେ ସେ ଜାଲ ଉଠାଣ ରସିଦ ବ୍ୟାଙ୍କରେ ଜମା କରିଦେଉଥିଲେ । ୨୦୧୪ରୁ ୨୦୨୩ ମସିହା ପର୍ଯ୍ୟନ୍ତ ଦୀର୍ଘ ୯ ବର୍ଷ ଧରି ସେ ୨୨.୧୮ ଲକ୍ଷ ଟଙ୍କା ଚଳୁ କରିଦେଇଥିବା ଅଭିଯୋଗ ହୋଇଥିଲା । ଏନେଇ ଭିଜିଲାନ୍ସ ଖୋଳତାଡ଼ କରିବା ପରେ ସତ୍ୟଅଞ୍ଜନକୁ ଗିରଫ କରିଛି । ଏ ସମ୍ପର୍କରେ ବାଲେଶ୍ୱର ଭିଜିଲାନ୍ସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯାଇଥିବା ବେଳେ ମାମଲାର ଅଧିକ ତଦନ୍ତ ଚାଲିଥିବା ସୂଚନା ଦିଆଯାଇଛି ।


**AFFIDAVIT**

By virtue of an affidavit sworn before the Executive magistrate, Bhubaneswar on Dt. 29.01.25. I Anjana Mallick, w/o late Rabindra mallick, village.Nagari, po Mahidharpara, PS. Cuttack Sadar, Dist.Cuttack, have changed my Name "RANJANA MALLICK" to "ANJANA MALLICK". Henceforth, I shall be known as ANJANA MALLICK for all purposes.



**ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର**

ଚନ୍ଦନପୁର, ପୁରୀ
ସ୍ଥାପିତ –୨୦୦୬ ରେ.ନଂ– ୨୧୮୪ - ୩୪
UDISE CODE - ୨୧୧୮୧୦୦୬୪୮୧ ଫୋନ୍ -୦୬୭୫୨-୨୯୨୮୯୯
Email–ssvmcnp@gmail.com

**ନାମଲେଖା ବିଜ୍ଞାପନ - ଶିକ୍ଷାବର୍ଷ ୨୦୨୫-୨୬**

- ୨୦୨୫-୨୬ ଶିକ୍ଷାବର୍ଷନିମନ୍ତେ ପବିତ୍ର ଶ୍ରୀପଞ୍ଚମୀ (ସରସ୍ୱତୀ ପୂଜା) ଠାରୁ ନାମଲେଖା ଆରମ୍ଭ ହୋଇଅଛି ।
- ବିଦ୍ୟାଳୟରେ ଅରୁଣ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଅଛି ।
- ନାମଲେଖା ପାଇଁ କୌଣସି ଚୟନ ପ୍ରକ୍ରିୟା ନାହିଁ ।
- ଶିକ୍ଷା ଅଧିକାର ଅଧିନିୟମ ୨୦୧୦ (RTE -୨୦୧୦) ଅନୁଯାୟୀ ପ୍ରଥମ ଶ୍ରେଣୀକୁ ଆମେ ପ୍ରବେଶ ଶ୍ରେଣୀ ନେଇଅଛୁ ।
- ପ୍ରଥମ ଶ୍ରେଣୀରେ ୬୦ଜଣ ଶିକ୍ଷାର୍ଥୀଙ୍କର ନାମଲେଖାର ବ୍ୟବସ୍ଥା ଅଛି ।
- ପ୍ରଥମ ଶ୍ରେଣୀରେ ୨୫% ସ୍ଥାନରେ (RTE PARADARSHI) Portalରେ online apply ପରେ ନାମଲେଖାର ବ୍ୟବସ୍ଥା ରହିଅଛି ।
- ତାଲିମ୍ ପ୍ରାପ୍ତ ଗୁରୁଜୀ ଗୁରୁମାଙ୍କ ଦ୍ୱାରା ଶିକ୍ଷାଦାନର ବନ୍ଦୋବସ୍ତ କରାଯାଇଛି ।

ଏହାର ସୁଯୋଗ ନେବା ପାଇଁ ଅନୁରୋଧ ।

ବିଜୟକୁମାର ପଣ୍ଡା, ପ୍ରଧାନାଚାର୍ଯ୍ୟ
ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ଚନ୍ଦନପୁର, ପୁରୀ
ମୋ.: ୭୦୦୮୨୨୪୭୭୨

ସକାଳ
THE SAKALA

# ସମ୍ପାଦକୀୟ

ଭୁଲ୍ କୃଷି ଦ୍ୱାରା ଆମେ ଉର୍ବର ଚାଷଜମିକୁ ମରୁଭୂମି କରିଚାଲିଛୁ । ଜୈବିକ କୃଷିକୁ ଫେରି ମାଟି ମା'କୁ ନ' ବଞ୍ଚାଇଲେ ଆମର ଭବିଷ୍ୟତ ଅନ୍ଧାର ।
-ସଦ୍‌ଗୁରୁ ଜାଗି ବାସୁଦେବ

## ଭାରତ ବଶମ୍ବଦ କାହିଁକି?

ଯଦି ସେଭଳି କିଛି ଚମତ୍କାରିତା ଡୋନାଲ୍ଡ ଟ୍ରମ୍ପଙ୍କ ମସ୍ତିଷ୍କକୁ ପୁନର୍ବିଚାର କରିବାକୁ ବାଧ୍ୟ ନ କରେ ତେବେ ଆସନ୍ତାକାଲିଠାରୁ ଆମେରିକାର ବର୍ଦ୍ଧିତ ଶୁଳ୍କ ହାର ଭାରତର ରପ୍ତାନୀ ବାଣିଜ୍ୟରେ ଲାଗୁ ହେବା ଏକପ୍ରକାର ନିଶ୍ଚିତ । ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହେବ ଭାରତର ଇସ୍ପାତ ଓ କୃଷିଜାତ ସାମଗ୍ରୀ । ଟ୍ରମ୍ପଙ୍କ ଏହି ଏକପାଖିଆ ମନମୁଖୀ ନିଷ୍ପତ୍ତି ବିରୋଧରେ ଏବେ ୟୁରୋପୀୟ ସଂଘ, ଏପରିକି ଆମେରିକୀୟ ରାଷ୍ଟ୍ର କାନାଡ଼ା ଓ ମେକ୍ସିକୋ, ମେଳି ବାନ୍ଧିବା ଆରମ୍ଭ କଲେଣି । ଚୀନ୍ ଓ ରୁଷ ମଧ୍ୟ ଟ୍ରମ୍ପ ବିରୋଧୀ ବାଣିଜ୍ୟିକ ମେଳିକୁ ସମର୍ଥନ କରିବାର ସବୁଜ ସଙ୍କେତ ଦେଇସାରିଲାଣି । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଭାରତ ଆମେରିକା ସହିତ ସାଲିସ୍ କରିବା ଭଳି ଆମେରିକୀୟ ଉତ୍ପାଦ ଉପରୁ ଶୁଳ୍କ ହ୍ରାସ କରିବ ବୋଲି ଅନୌପଚାରିକ ଘୋଷଣା କରିସାରିଥିବା ବେଳେ ଆଉ ପାଦେ ଆଗେଇ ଯାଇ ଆମେରିକୀୟ କମ୍ପାନୀ ଗୁଗୁଲ୍‌କୁ ସୁହାଇବା ଭଳି ବିତ୍ତ ବିଲ୍-୨୦୨୫ରେ ପ୍ରସ୍ତାବଟିଏ ପାରିତ କରିଛି । ୨୦୧୬ରୁ ଭାରତ ସରକାର ଲାଗୁ କରିଥିବା 'ଇକ୍ୱାଲାଇଜେସନ୍ ଲେଭି' ବା 'ଗୁଗୁଲ୍ ଟ୍ୟାକ୍ସ' ଭାବରେ ପରିଚିତ ଏହି ଶୁଳ୍କକୁ ଏବେ ପ୍ରତ୍ୟାହାର କରିବା ପାଇଁ ନୀତିଗତ ନିଷ୍ପତ୍ତି ପରେ ଆମେରିକା ପାଖରେ ଭାରତର ଏହା ବାଧ୍ୟବାଧକତା ନା ମାତ୍ରାଧିକ ଟ୍ରମ୍ପ ଅନୁରକ୍ତି ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ । ସାମ୍ପ୍ରତିକ ଆର୍ଥିକ, ବାଣିଜ୍ୟିକ, କୂଟନୈତିକ ଓ ପ୍ରତିରକ୍ଷା କ୍ଷେତ୍ରରେ ଭାରତ କାହିଁକି ଏଭଳି ବିବଶ ହୋଇଯାଇଛି ଯେ ଟ୍ରମ୍ପଙ୍କୁ ସୁହାଇବା ଭଳି ନୀତି ନିର୍ଦ୍ଧାରଣ କରିବ, ତାହା ଅବୁଝା ହେଉଛି ।

ଅନ୍‌ଲାଇନ୍ ବା ଡିଜିଟାଲ୍ ବା ଇଣ୍ଟରନେଟ୍ ବିଜ୍ଞାପନ କ୍ଷେତ୍ରରେ ଭାରତରେ କାର୍ଯ୍ୟରତ ଘରୋଇ ଓ ବିଦେଶୀ କମ୍ପାନୀମାନଙ୍କ ମଧ୍ୟରେ ତାରିଫ୍‌ଗତ ସମତୁଲତା ରକ୍ଷା ପାଇଁ ପ୍ରାୟ ଏକ ଦଶନ୍ଧି ଧରି ଲାଗୁ କରାଯାଇଥିବା ୬% ଇକ୍ୱାଲାଇଜେସନ୍ ଲେଭି ଏବଂ ୨୦୨୦ରୁ ଲାଗୁ ହୋଇଥିବା ଅତିରିକ୍ତ ୨% ଲେଭିକୁ ଆମେରିକୀୟ କମ୍ପାନୀ ଗୁଗୁଲ୍, ମେଟା, ଆମାଜନ୍ ଉଚ୍ଛେଦ କରିବା ପାଇଁ ଲଗାତାର ଚାପ ସୃଷ୍ଟି କରିଆସୁଥିଲେ । ଭାରତ ସରକାର ୨୦୨୪ରେ ଅତିରିକ୍ତ ୨% ଲେଭିକୁ ପ୍ରତ୍ୟାହାର କରିଥିବା ବେଳେ ବର୍ତ୍ତମାନ ଟ୍ରମ୍ପଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇ ସମ୍ପୂର୍ଣ୍ଣ ୬% ଲେଭି ପ୍ରତ୍ୟାହାର କରିବାକୁ ଯାଉଛନ୍ତି । ୟୁରୋପୀୟ ରାଷ୍ଟ୍ର ସଂଘର କେତେକ ସଦସ୍ୟ ରାଷ୍ଟ୍ର ସମେତ ଅଷ୍ଟ୍ରେଲିଆ ମଧ୍ୟ ଏଭଳି ଲେଭି ଲାଗୁ କରିଛନ୍ତି । ସେହି ଦେଶସମୂହ ଏହାକୁ ବଳବତ୍ତର ରଖିଥିବା ବେଳେ ଭାରତର ନିଷ୍ପତ୍ତି ସନ୍ଦେହରୁ ଉର୍ଦ୍ଧ୍ୱକୁ ଯାଇପାରୁନାହିଁ । ତୃତୀୟ ଅର୍ଥନୈତିକ ମହାଶକ୍ତି ଦୌଡ଼ରେ ଥିବା ବିଶାଳ ଉପମହାଦେଶ ଭାରତର ଏହା କୌଣସି ବିବଶତା ନା ଟ୍ରମ୍ପଙ୍କ ନିକଟରେ ନେତୃତ୍ୱସ୍ତରୀୟ ବଶମ୍ବଦତା ତାହା କେନ୍ଦ୍ର ସରକାର ସ୍ପଷ୍ଟ କରିବା ଦରକାର ।

୧୯୯୦ ମସିହା ପରଠାରୁ ଅନ୍‌ଲାଇନ୍ ଡିଜିଟାଲ୍ ଗଣମାଧ୍ୟମ ମଞ୍ଚମାନେ ଆମ ଦେଶର ଅର୍ଥନୀତିକୁ ଯେ ସମୃଦ୍ଧ କରିଛି, ଏହା ଅସ୍ୱୀକାର କରିବାର ନାହିଁ । କିନ୍ତୁ ଏହି ଅନ୍‌ଲାଇନ୍ ସଂସ୍ଥାମାନଙ୍କର କାର୍ଯ୍ୟକଳାପକୁ ସାଧୁ ପଦବାଚ୍ୟ ମଧ୍ୟ ନୁହେଁ । କାରଣ ଭାରତୀୟ ଗଣତନ୍ତ୍ରର ସଫଳତାରେ ବିଘ୍ନ ଘଟାଇବା ପାଇଁ କେତେକ ରାଷ୍ଟ୍ରବିରୋଧୀ ତତ୍ତ୍ୱଙ୍କର କାର୍ଯ୍ୟକଳାପ ଏହି ଅନ୍‌ଲାଇନ୍ ନେଟ୍‌ୱର୍କରେ ସହଜ ଓ ସତ୍ୱରେ ଦେଶର କୋଣଅନୁକୋଣରେ ସଞ୍ଚାରିତ ହୋଇପାରୁଛି । ବିଶ୍ୱର ଦୁଇ ବୃହତ୍ତମ ଅନ୍‌ଲାଇନ ଇଣ୍ଟରନେଟ୍ ସଂସ୍ଥା ଗୁଗୁଲ୍ ଓ ଫେସ୍‌ବୁକ୍ ଆମେରିକା, ୟୁରୋପ ଓ ଏସିଆର କେତେକ ଦେଶରେ ଏହିଭଳି ରାଷ୍ଟ୍ରୀୟ ବିରୋଧୀ କାର୍ଯ୍ୟକ୍ରମକୁ ପ୍ରଶ୍ରୟ ଦେଉଥିବାରୁ ସମ୍ପୃକ୍ତ ରାଷ୍ଟ୍ର ଦ୍ୱାରା ଅତୀତରେ ନିନ୍ଦିତ ଓ ଦଣ୍ଡିତ ମଧ୍ୟ ହୋଇଛନ୍ତି । ସୂଚନା ସମ୍ପ୍ରସାରଣ ଆଳରେ ଭାରତୀୟ ଆଞ୍ଚଳିକ ଗଣମାଧ୍ୟମଗୁଡ଼ିକର ଖବରକୁ ଗୁଗୁଲ୍ ଅପ୍‌ଲୋଡ୍ କରି ବିପୁଳ ରାଜସ୍ୱ ଆଦାୟ କରୁଥିଲେ ମଧ୍ୟ ସେଥିରୁ ସମ୍ପୃକ୍ତ ଗଣମାଧ୍ୟମ ସଂସ୍ଥାଙ୍କୁ ପ୍ରାପ୍ୟରୁ ବଞ୍ଚିତ କରୁଥିଲା ଏବଂ ଅଦାଲତ ତାଗିଦା ପରେ ସୁଧୁରି ଥିଲା । ଏହି ପୃଷ୍ଠଭୂମିରେ ଗୁଗୁଲ୍ ଉପରେ ଇକ୍ୱାଲାଇଜେସନ୍ ଲେଭି ମନ୍ଦ ନଥିଲା । ତେଣୁ ହଠାତ୍ ଏହାର ଉଚ୍ଛେଦ ନିଷ୍ପତ୍ତି ବିଭିନ୍ନ ମହଲରେ ଗ୍ରହଣୀୟ ହୋଇପାରୁନାହିଁ ।

ଆମେରିକୀୟ କମ୍ପାନୀ ଓ ଆମେରିକୀୟ ଉତ୍ପାଦକୁ ସୁହାଇବା ଭଳି ନୀତି ଯଦି ଭାରତ ପ୍ରଣୟନ କରିଚାଲିବ ତେବେ ସେଥିରେ ଭାରତର ଲାଭ ନୁହେଁ, ବରଂ କ୍ଷତି ଯେ ଅଧିକ ହେବ ଏ କଥା କେନ୍ଦ୍ର ସରକାରଙ୍କ ବିଜ୍ଞ ନୀତି ନିର୍ଦ୍ଧାରକଙ୍କୁ ବୁଝାଇ କହିବା ଆବଶ୍ୟକ ନାହିଁ । ଟ୍ରମ୍ପଙ୍କ ଟିକସ ଯୁଦ୍ଧ ବିଶ୍ୱ ବାଣିଜ୍ୟକୁ ଦ୍ୱିଧ୍ରୁବୀୟ ଦିଗରେ ନେଇ ଚାଲିଛି । ଏଥିରେ ବିକାଶଶୀଳ ରାଷ୍ଟ୍ରମାନଙ୍କୁ ନିଜ ନିଜ ସପକ୍ଷକୁ ଆଣିବା ପାଇଁ ଆମେରିକା ଓ ଚୀନ୍ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବାକୁ ଯାଉଛି । ଏହି ଯୁଦ୍ଧରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଚୀନ୍‌କୁ ଟକ୍କର ଦେବା ପାଇଁ ଭାରତ ଯଦି ଆମେରିକାର ବଶମ୍ବଦ ହେବାକୁ ଚେଷ୍ଟା କରୁଥାଏ ତେବେ ତାହା ସଫଳ ହେବ ନାହିଁ । ଆମେରିକା କାହାର ନୁହେଁ ବୋଲି ଯେଉଁ ଆପ୍ତବାକ୍ୟଟି ପ୍ରମାଣିତ ହୋଇଚାଲିଛି ସେଥିରେ ସେହି ଧନାଢ଼୍ୟ, ସ୍ୱାର୍ଥପର ଓ ଯୁଦ୍ଧଖୋର ରାଷ୍ଟ୍ରଠାରୁ ମାନବିକତା, ସମ୍ବେଦନଶୀଳତା, ବନ୍ଧୁତା, କୃତଜ୍ଞତାର ପ୍ରତ୍ୟାଶା ବୃଥା । ଟ୍ରମ୍ପ -୧.୦ରେ ଭାରତଠାରୁ ଯେଭଳି ଭାବରେ 'ଜେନେରାଲାଇଜଡ୍ ସିଷ୍ଟମ୍ ଅଫ୍ ପ୍ରିଫେରେନ୍ସ(ଜିଏସ୍‌ପି)' ମାନ୍ୟତା ପ୍ରତ୍ୟାହାର କରିନିଆଯାଇଥିଲା ତାହା ମନେ ପକାଇବାକୁ ହେବ(ଜିଏସ୍‌ପି ମାନ୍ୟତା ପ୍ରତ୍ୟାହାର ପରେ ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ କାରବାରରୁ ୫.୭ ବିଲିୟନ ଡଲାର ଲାଭବାନ ହୋଇଥିଲା) । ଚୀନ୍ ସାମଗ୍ରୀ ଉପରେ ଟ୍ରମ୍ପ ଅଧିକ ଟିକସ ଲାଗୁ କଲେ ସେଥିରୁ ଭାରତ ଲାଭବାନ ହେବ ଏବଂ ଗୁଗୁଲ୍ ଟ୍ୟାକ୍ସ ପ୍ରତ୍ୟାହାର ସେହି ବାଟକୁ ସୁଗମ କରିବ ବୋଲି ଯଦି କେନ୍ଦ୍ର ସରକାର ଚିନ୍ତା କରୁଥା'ନ୍ତି ତେବେ ସେ ସମ୍ଭାବନା ମଧ୍ୟ ପ୍ରାୟତଃ ଦିଶୁନାହିଁ । କାରଣ ଚୀନ୍ କେବଳ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟାରେ ଆମେରିକାର ପ୍ରତିଦ୍ୱନ୍ଦ୍ୱୀ । ଚୀନ୍‌ର ଧାତବ ଓ ପଣ୍ୟ ଦ୍ରବ୍ୟ ଉପରେ ଆମେରିକା ନିର୍ଭର କରୁଥିବାରୁ ସେହିସବୁ ସମାଗ୍ରୀ ଉପରେ ଅଧିକ ଟିକସ ଲାଗୁ ହୋଇ ନ ପାରେ । ତେଣୁ ଆମେରିକାକୁ ଭାରତ ରପ୍ତାନୀ କରୁଥିବା ଆଲୁମିନିୟମ, ଇସ୍ପାତ୍, ଗହଣା, ରତ୍ନପଥର, ବୟନ, ଆଇଟି ଏବଂ ଔଷଧୀୟ ସାମଗ୍ରୀ ଆମେରିକା ବଜାରରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାର ସାମ୍ନା କରିବ ଏବଂ ଆମେରିକା ସହିତ ଭାରତର ବାଣିଜ୍ୟ ନିଅଣ୍ଟ ପରିମାଣ ଆହୁରି ବୃଦ୍ଧି ପାଇବ ।

ଏବେ ବେଳ ଆସିଛି ୟୁରୋପୀୟ ସଂଘ ଅନୁକରଣରେ ଏସୀୟ ରାଷ୍ଟ୍ରମାନେ ଏକଜୁଟ୍ ହେବାର । ଯଦି ଭାରତ-ଚୀନ୍ ହାତ ମିଳାଇବାକୁ ସହମତ ହୁଅନ୍ତି ତେବେ ଆମେରିକା ଓ ୟୁରୋପ ଏସିଆ ଆଗରେ ବଶମ୍ବଦ ହେବା ନିଶ୍ଚିତ । ତା'ପୂର୍ବରୁ ଭାରତ ନିଜର ଦକ୍ଷତା ବିକାଶ କରିବା ଆବଶ୍ୟକ । 'ମେକ୍ ଇନ୍ ଇଣ୍ଡିଆ', 'ଭୋକାଲ୍ ଫର ଲୋକାଲ୍' ଆଦି ନାରାକୁ ଜାତୀୟ ଭୋଟ ରାଜନୀତି ମଧ୍ୟରେ ସୀମିତ ନ ରଖି ବିଶ୍ୱାୟନ କରିପାରିଲେ ଭାରତ ବିଶ୍ୱଶକ୍ତି ଆଗରେ ବଶମ୍ବଦ ହେବା ବଦଳରେ ନିଜସ୍ୱ ଏକ ବ୍ରାଣ୍ଡ ସୃଷ୍ଟି କରିପାରିବ । କିନ୍ତୁ ବ୍ୟକ୍ତିତ୍ୱର ବ୍ରାଣ୍ଡ ପ୍ରତିଷ୍ଠା ପାଇଁ ତତ୍ପର ଓ ଆତୁର ଭାରତୀୟ ନେତୃବର୍ଗଙ୍କ କୋଳାହଳକୁ ଭେଦ କରି ରାଷ୍ଟ୍ରୀୟ ବ୍ରାଣ୍ଡ ସୃଷ୍ଟିର ସ୍ୱର ଓ ଶବ୍ଦ ନୀତି ନିର୍ଦ୍ଧାରଣ ସ୍ତରରେ ପହଞ୍ଚିବ କେମିତି ତାହା ସବୁଠାରୁ ବଡ଼ ପ୍ରଶ୍ନ ।

## ସାମ୍ପ୍ରଦାୟିକ ସଦ୍‌ଭାବନା ଗଣତନ୍ତ୍ରକୁ ହିତ

**ଡକ୍ଟର ଅବଶ ପରିଡ଼ା**

ଗତବର୍ଷ ହୋଇଥିବା ଏକ ସର୍ବେକ୍ଷଣ ଅନୁଯାୟୀ ବୟସ୍କଙ୍କ ତୁଳନାରେ ଭାରତୀୟ ଯୁବବର୍ଗ ସମାନତା ଓ ଧାର୍ମିକ ବହୁଳତା ଉପରେ ଗୁରୁତ୍ୱ ଦେଉଛନ୍ତି ଏବଂ ଭାରତୀୟ ଯୁବଗୋଷ୍ଠୀର ଏହି ଚିନ୍ତାଧାରା ସମଗ୍ର ବିଶ୍ୱ ପାଇଁ ଏକ ଉଦାହରଣ । କିନ୍ତୁ ବିଡ଼ମ୍ବନା ଯେ ବିବିଧ ଧର୍ମ ଓ ବହୁସଂସ୍କୃତିବାଦର ଦେଶ ଭାରତ ସମେତ ପୂରା ବିଶ୍ୱ ପାଇଁ ସାମ୍ପ୍ରଦାୟିକ ଏକତାକୁ ବଜାୟ ରଖିବା ବର୍ତ୍ତମାନର ଏକ ବଡ଼ ଆହ୍ୱାନ ସାଜିଛି । ତେବେ ସାମ୍ପ୍ରଦାୟିକ ଏକତାର ଅର୍ଥ କ'ଣ? ଏହାର ଉତ୍ତରରେ ମହାତ୍ମା ଗାନ୍ଧୀ କୁହନ୍ତି 'ଭାରତୀୟଙ୍କ ପାଇଁ ସାମ୍ପ୍ରଦାୟିକ ଏକତା କେବେଳ ହିନ୍ଦୁ ଓ ମୁସଲିମ୍‌ଙ୍କ ଭିତରେ ଏକତା ନୁହେଁ । ଏହା ଭାରତକୁ ନିଜ ମାତୃଭୂମି ଭାବୁଥିବା ପ୍ରତ୍ୟେକଟି ଲୋକଙ୍କ ଭିତରେ ଥିବା ଏକତାକୁ ହିଁ ବୁଝାଏ । ଆମର ଲକ୍ଷ୍ୟ ଭାରତୀୟ ଜାତୀୟତାବାଦ ହେବା ଉଚିତ । ଏହା କେବଳ ପାରସ୍ପରିକ ବିଶ୍ୱାସ, ଦୟା ଓ ସହନଶୀଳତା ଦ୍ୱାରା ହାସଲ ହୋଇପାରିବ । ପ୍ରତିଟି ଧର୍ମର ମୂଳ ସିଦ୍ଧାନ୍ତ ହେଉଛି ପ୍ରେମ ଓ କରୁଣା । ସମଗ୍ର ମାନବ ସମାଜ ଯଦି ଏକ ପରିବାର ହୋଇଯିବେ ତେବେ ଧର୍ମ ଓ ବିଶ୍ୱାସକୁ ନେଇ ଉପୁଜିଥିବା ଉଭୟ ଦ୍ୱନ୍ଦ୍ୱ ଓ ସଙ୍କଟ ରହିବନି ।'

'ପିଉ ରିସର୍ଚ୍ଚ'ର ଏକ ପରିସଂଖ୍ୟାନରେ ପ୍ରକାଶ ପାଇଛି ଯେ ବିଶ୍ୱବ୍ୟାପୀ ଧାର୍ମିକ ଘୃଣା ଜନିତ ଅପରାଧ, ଧର୍ମ ବିରୋଧୀ ବୟାନବାଜି ଓ ଅସହିଷ୍ଣୁତାର ସଂଖ୍ୟା ପ୍ରତି ବର୍ଷ ବଢ଼ିବାରେ ଲାଗିଛି । ଏହା ବ୍ୟତୀତ ଦୁଇଟି ନୂତନ ଉଦ୍ଭାବିତ ଶବ୍ଦ ଯଥା 'ହିନ୍ଦୁଫୋବିଆ' ଓ 'ଇସ୍ଲାମୋଫୋବିଆ' ମଧ୍ୟ ସାମ୍ପ୍ରତିକ ଏକତା ପାଇଁ ଚିନ୍ତାର କାରଣ ବୋଲି ମିଳିତ ଜାତିସଂଘ ଆଶଙ୍କା ପ୍ରକାଶ କରୁଛି । 'ହିନ୍ଦୁଫୋବିଆ'ର ଅର୍ଥ ହେଉଛି ହିନ୍ଦୁ ଧର୍ମ ଏବଂ ଏହାର ଅନୁଗାମୀମାନଙ୍କ ପ୍ରତି ହେଉଥିବା ଦୁର୍ବ୍ୟବହାର, ଭେଦଭାବ ଶତ୍ରୁତା କିମ୍ବା ହିଂସା । ସାମାଜିକ ଗଣମାଧ୍ୟମ, ରାଜନୈତିକ ଧାରଣା, ଭୁଲ ଉପସ୍ଥାପନା, ଅତ୍ୟାଚାର ଓ ପକ୍ଷପାତିତା ମାଧ୍ୟମରେ ଏହା ପ୍ରତିଫଳିତ ହୁଏ । ହିନ୍ଦୁ ଧର୍ମକୁ ପଛୁଆ ଭାବରେ ଚିତ୍ରଣ କରୁଥିବା ଔପନିବେଶିକ ବର୍ଣ୍ଣନା, ମିଶନାରୀ ପ୍ରଚାର, ରାଜନୈତିକ ଏଜେଣ୍ଡା ଏବଂ ହିନ୍ଦୁ ଧର୍ମର ବିବିଧ ପରମ୍ପରା ବିଷୟରେ ଅଜ୍ଞତା ହିଁ ଏହାର ମୂଳ କାରଣ ବୋଲି ଅନୁମାନ କରାଯାଏ । ଏହାବ୍ୟତୀତ ଐତିହାସିକ ସଂଘର୍ଷ ଓ ଧାର୍ମିକ ପ୍ରତିଦ୍ୱନ୍ଦ୍ୱିତାର ନକାରାତ୍ମକ ପ୍ରଚାର ମଧ୍ୟ 'ହିନ୍ଦୁଫୋବିଆ'ର ଧାରଣାକୁ ଦୃଢ଼ କରିବାରେ ସହଯୋଗ କରୁଛି । ଅଭିଯୋଗ ହୋଇଆସୁଛି ଯେ ବାଂଲାଦେଶଠାରୁ ଆରମ୍ଭ କରି କାନାଡ଼ା, ଏପରିକି ଆମେରିକାରେ ମଧ୍ୟ ଏହି ହିନ୍ଦୁ ବିରୋଧୀ ଲହର ଓ ହିଂସା ଯୋଗୁଁ ଅନେକ ହିନ୍ଦୁ ପ୍ରଭାବିତ ।

ସେହିପରି 'ରୁନିମେଡ ଟ୍ରଷ୍ଟ' ସଂଗଠନ ଦ୍ୱାରା ପ୍ରଥମ ସଂସ୍ଥାଗତ ଭାବେ ପ୍ରଦାନ କରାଯାଇଥିବା ସଂଜ୍ଞା ହେଉଛି 'ଇସ୍ଲାମୋଫୋବିଆ' । ଏହାର ଅର୍ଥ ହେଉଛି ଇସଲାମ ଧର୍ମ ପ୍ରତି କ୍ରମବର୍ଦ୍ଧିଷ୍ଣୁ ଭେଦଭାବ, ହିଂସା, ଭୟ, ଘୃଣା ଓ ସନ୍ଦେହ । ଇସଲାମକୁ ଉଗ୍ରବାଦ, ବର୍ଦ୍ଧିତ ଜନସଂଖ୍ୟାର କାରଣ ଏବଂ ଭାରତର ଐତିହାସିକ ସଂଘର୍ଷ ଓ ବିଭାଜନ ପାଇଁ ଦାୟୀ କରିବା ଦ୍ୱାରା 'ଇସ୍ଲାମୋଫୋବିଆ'ର ମାତ୍ରା ଆହୁରି ତୀବ୍ର ହେଉଛି । ସାମ୍ପ୍ରତିକ ପରିସ୍ଥିତିରେ ଗୋହତ୍ୟା ଓ ଗୋ-ଚାଲାଣ ଓ ବିବାଦୀୟ ଉପାସନା ସ୍ଥଳୀ ଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉଭୟ ଧର୍ମ ମଧ୍ୟରେ ଅନ୍ତର ଓ ଅବିଶ୍ୱାସ ପାଇଁ ଦାୟୀ ବୋଲି ଅନେକ ବିଶାରଦ ଉକ୍ତି ରଖୁଛନ୍ତି । ଅନେକ କ୍ଷେତ୍ରରେ ଏହା 'ଭିଡ଼ହତ୍ୟା'ର ରୂପ ମଧ୍ୟ ନେଉଛି । ଅନେକ ଐତିହାସିକ ଯୁକ୍ତି କରନ୍ତି ଯେ ଭାରତରେ ଦୁଇ ପ୍ରମୁଖ ଧର୍ମ ମଧ୍ୟରେ ପାର୍ଥକ୍ୟର ମୂଳଦୁଆ ଐତିହାସିକ କ୍ଷମତା ସଂଘର୍ଷ କାରଣରୁ ହୋଇଛି । ଇତିହାସ ଜଟିଳ । ସେଥିରେ ଭାବନାତ୍ମକ ନିଷ୍ପତ୍ତିର ସ୍ଥାନ କମ୍ । କିନ୍ତୁ ବିଡ଼ମ୍ବନା ଯେ ଆଜି ବି ଅନେକ ଆକର୍ଷଣୀୟ ପୃଷ୍ଠା ଆମ ଇତିହାସରେ ଯୋଡ଼ି ହେଉଛି ଏବଂ ଏହାକୁ ନେଇ ଐତିହାସିକମାନେ ବିତର୍କ କରୁଛନ୍ତି ।

ଉଭୟ 'ହିନ୍ଦୁଫୋବିଆ' ଓ 'ଇସ୍ଲାମୋଫୋବିଆ' କେବଳ ଭାରତର ସମସ୍ୟା ନୁହେଁ, ବରଂ ବିଶ୍ୱର ଅନେକ ବିକଶିତ ଓ ବିକାଶଶୀଳ ଦେଶ ସମ୍ମୁଖୀନ ହେଉଥିବା ଏକ ସାମାଜିକ-ଆର୍ଥିକ ସମସ୍ୟା । ଯେଉଁ ସମସ୍ୟାର ସମାଧାନ ନିମନ୍ତେ ମିଳିତ ଜାତିସଂଘ ସମେତ ଅଗଣିତ ନାଗରିକ ସମାଜ ତତ୍ପର । ଏହାର ସମାଧାନ ପାଇଁ ଆଲୋଚନା, ଅନ୍ତର୍ଭୁକ୍ତୀକରଣ ଓ ଧାର୍ମିକ ସହିଷ୍ଣୁତାର ଅତ୍ୟନ୍ତ ଆବଶ୍ୟକତା ଅଛି । ଏଠି ଜାଣି ରଖିବାକୁ ହେବ ଯେ ଗୋଟିଏ ଧର୍ମ କିମ୍ବା ଜାତି ଅନ୍ୟ ଧର୍ମ କିମ୍ବା ଜାତିର ପରିପୂରକ ନୁହେଁ; ବରଂ ସମାବେଶୀ ସମାଜର ଏକୀକରଣ ପ୍ରଣାଳୀ । ଗାନ୍ଧିଜୀଙ୍କୁ ଥରେ ପ୍ରଶ୍ନ କରାଗଲା ଯେ 'ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରୁ ଆପଣଙ୍କର ପ୍ରିୟ କିଏ?' ମହାତ୍ମା ଗାନ୍ଧୀଙ୍କ ଉତ୍ତର ଥିଲା, 'ମୋ ହୃଦୟ ଉଭୟ ହିନ୍ଦୁ ଓ ମୁସଲମାନଙ୍କ ପାଇଁ ସମାନ ଅନୁଭବ କରେ । ଯଦି ଉଭୟ ସମ୍ପ୍ରଦାୟ ପରସ୍ପରକୁ ସୁଖଦୁଃଖରେ ଭାଗୀ କରନ୍ତେ ଏବଂ ସମାନ ଲକ୍ଷ୍ୟ ରଖନ୍ତେ, ତେବେ ଆମ ଭାରତ ଏକଜୁଟ ହୋଇପାରିବ । ହିନ୍ଦୁ ଓ ଇସଲାମରେ ଅନେକ ଭଲ ଓ ଚରିତ୍ରରେ ଶୁଦ୍ଧ ଥିବା ଲୋକ ଅଛନ୍ତି । କିନ୍ତୁ ସେମାନେ ଅସାମାଜିକ ତତ୍ତ୍ୱ ଦ୍ୱାରା ପରିଚାଳିତ ଓ ନିୟନ୍ତ୍ରିତ । ସେହି ଉପାଦାନଗୁଡ଼ିକୁ ପରିବର୍ତ୍ତନ ଓ ନିୟନ୍ତ୍ରଣ କରିବା ଆବଶ୍ୟକ । ପ୍ରତ୍ୟେକ ଧର୍ମ ଅନ୍ୟକୁ ଧର୍ମକୁ ସମ୍ମାନ ଦେବା ଜରୁରୀ । ଯଦି ଆମ ମଧ୍ୟରେ ସଚ୍ଚୋଟ ଜନମତ ସୃଷ୍ଟି ହୁଏ, ତେବେ ଅନ୍ୟ ଧର୍ମକୁ ଅପମାନିତ କରୁଥିବା କୌଣସି ପ୍ରଚାରକୁ ସୁଯୋଗ ମିଳିବନାହିଁ ।'

୧୯୪୬ ମସିହାର ନୋଆଖାଲି ଦଙ୍ଗାର ଭୟଙ୍କର ପରିଣାମ ଦେଖି ଗାନ୍ଧିଜୀ କହିଥିଲେ 'ଦଙ୍ଗା ହେଉଛି ଏକ ବହୁମୁଖୀ ଅସୁର । ସାମ୍ପ୍ରଦାୟିକ ଦଙ୍ଗାରେ କୌଣସି ପକ୍ଷ ଜିତେ ନାହିଁ । ସମସ୍ତେ ହାରନ୍ତି । ଦଙ୍ଗାରେ ସବୁଠାରୁ ବେଶୀ ପ୍ରଭାବିତ ହୁଅନ୍ତି ମହିଳା ଓ ଶିଶୁ । ଆବେଗ ଓ ଗୁଜବ ହେଉଛି ଦଙ୍ଗାର ଦୁଇଟି ଗୋଡ଼ । ଭୟରୁ ଘୃଣାର ସୃଷ୍ଟି, ଘୃଣାରୁ ହିଂସା ଏବଂ ହିଂସାରୁ ଦଙ୍ଗା ସୃଷ୍ଟି ହୁଏ । ଏହାବ୍ୟତୀତ, ଧର୍ମାନ୍ତରୀକରଣ ଓ ଗୋ-ସୁରକ୍ଷାରେ ଅବହେଳା ମଧ୍ୟ ସାମ୍ପ୍ରଦାୟିକ ଅଶାନ୍ତିର କାରଣ । ତେଣୁ ଜଣେ ଅନ୍ୟ ଧର୍ମକୁ ସମ୍ମାନ ଦେଉ, କୁଚିନ୍ତା ବନ୍ଦ କରୁ । ଧର୍ମ ଧର୍ମ ବିରୁଦ୍ଧରେ ପ୍ରଚାର ବନ୍ଦ ହେଉ ।'

ବରିଷ୍ଠ ସାମ୍ବାଦିକ ଆର. କେ. ପ୍ରଭୁଙ୍କ ନନ୍ ଭାଓଲେନ୍ସ ୱେ ଟୁ ୱାର୍ଲଡ ପିସ୍' ପୁସ୍ତକରେ 'ଆଗାମୀ ପୃଥିବୀ'ର ପରିକଳ୍ପନାଟିଏ ଗାନ୍ଧିଜୀ ଦେଇଛନ୍ତି । ଗାନ୍ଧୀ କୁହନ୍ତି ଯେ ଭବିଷ୍ୟତର ପୃଥିବୀରେ ଈଶ୍ୱରଙ୍କ ଉପରେ ବିଶ୍ୱାସ ଥିବ । ଧର୍ମରେ ସବୁ ଚାଲୁଥିବେ । କିନ୍ତୁ କେହି ଧର୍ମାନ୍ଧ ନଥିବେ । ଆଧ୍ୟାତ୍ମିକତା ଓ ଅହିଂସାକୁ ପାଥେୟ କରି ସମାଜ ପରିବର୍ତ୍ତନ ହୋଇପାରୁଥିବ । ଗାନ୍ଧୀଙ୍କ 'ଆଗାମୀ ପୃଥିବୀ' ଏକ ସାଂସ୍କୃତିକ ପ୍ରତିକ୍ରିୟାଶୀଳ ଓ ସମ୍ବେଦନଶୀଳ ସମାଜ, ଯେଉଁଠି ଏକତା, ସମାନତା ଓ ସମବଣ୍ଟନ ହେଉଛି ମୂଳପିଣ୍ଡ । ଏହି ଭବିଷ୍ୟତବାଦୀ ଗାନ୍ଧୀବାଣୀକୁ ଭାରତୀୟମାନେ ଏକ ସିଦ୍ଧାନ୍ତ ଭାବେ ଗ୍ରହଣ କରିଛନ୍ତି ଏଥିରେ ଦ୍ୱିମତ ନାହିଁ ।

କିଛିମାସ ତଳେ ହୋଇଥିବା ସିଏସଡିଏସ୍-ଲୋକନୀତିର ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ ସତୁରି ପ୍ରତିଶତରୁ ଅଧିକ ଭାରତୀୟ ଯୁବବର୍ଗ ଆଶାବାଦୀ ଯେ ଭବିଷ୍ୟତର ଭାରତ ବିଭିନ୍ନ ଧର୍ମ ଓ ଏହାର ଅନୁଗାମୀଙ୍କୁ ମୁକ୍ତ ଭାବରେ ବଞ୍ଚିବା ପାଇଁ ଏକ ସମାବେଶୀ ପରିବେଶ ପ୍ରଦାନ କରିବ । ସର୍ବେକ୍ଷଣରେ ଆହୁରି ମଧ୍ୟ ଉଲ୍ଲେଖ ଅଛି ଯେ ଧାର୍ମିକ ସଂଖ୍ୟାଲଘୁମାନେ ଧାର୍ମିକ ବହୁଳତା ଉପରେ ଗୁରୁତ୍ୱ ଦେବା ସ୍ୱାଭାବିକ । କିନ୍ତୁ ଭାରତ ସବୁ ଧର୍ମର ଅନୁଗାମୀଙ୍କୁ ସମାନ ସୁଯୋଗ ଦେଉଛି ବୋଲି ସଂଖ୍ୟାଗରିଷ୍ଠ ହିନ୍ଦୁ ଧର୍ମର ସଦସ୍ୟମାନେ ମଧ୍ୟ ଗ୍ରହଣ କରିଛନ୍ତି । ହିନ୍ଦୁ ଧର୍ମ ଏକ ସମାବେଶୀ ସମାଜ ଓ ଅନ୍ତର୍ଭୁକ୍ତୀକରଣରେ ବିଶ୍ୱାସ କରେ ବୋଲି ସର୍ବେକ୍ଷଣ ଦୃଢ଼ୋକ୍ତି କରିଛି । ମୋଟାମୋଟି ଭାବେ କହିବାକୁ ଗଲେ ଏହି ସର୍ବେକ୍ଷଣ ରିପୋର୍ଟ ଦୁଇଟି ଦିଗ ଉପରେ ଆଲୋକପାତ କରୁଛି । ପ୍ରଥମଟି ହେଉଛି, ଧାର୍ମିକ ସହ ଅସ୍ତିତ୍ୱ ଓ ସହିଷ୍ଣୁତାର ଧାରଣା ହିଁ ଆମ ଏକତାର ମୂଳଦୁଆ । ଦ୍ୱିତୀୟ, ରାଜନୈତିକ ଆଲୋଚନା, ଘୃଣା ଭାଷଣ ଓ ସାମାଜିକ ଗଣମାଧ୍ୟମରେ ଅପପ୍ରଚାରର ଶତଚେଷ୍ଟା ସତ୍ତ୍ୱେ ଏହା ଭାରତର ସାମ୍ପ୍ରଦାୟିକ ଏକତାକୁ ପ୍ରଭାବିତ କରିପାରିବ ନାହିଁ ।

ସାମ୍ପ୍ରଦାୟିକ ବିଦ୍ୱେଷ ଓ ହିଂସା ଆମ ଗଣତନ୍ତ୍ର ପାଇଁ ଘୋର ବିପଦ ଆଣିବ ଏଥିରେ ଦ୍ୱିରୁକ୍ତି ନାହିଁ । ତେଣୁ ଆସନ୍ତୁ, ମିଥ୍ୟା ପ୍ରଚାରରୁ ଦୂରେଇ ରହି ଉଚ୍ଚ ମନୋଭାବରେ ପରସ୍ପରକୁ ଗ୍ରହଣ କରିବା ଏବଂ ସମାଜ ପାଇଁ ଏକ ସକାରାତ୍ମକ ଶକ୍ତି ସୃଷ୍ଟି କରିବା ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ଡିଜିଟାଲ ନିଶାକ୍ରାନ୍ତ ଶିଶୁ

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**

ଆଜିକାଲି ଅନେକ ପିଲା ପ୍ରାୟତଃ ଆଉ ପୂର୍ବ ପରି ସାଙ୍ଗସାଥୀ ବା ସାମାଜିକ ସମ୍ପର୍କ ସହ ଯୋଡ଼ି ହୋଇପାରୁ ନାହାନ୍ତି । ଏହାର ବଡ଼ କାରଣ ହେଉଛି ସେମାନଙ୍କ ହାତରେ ଘଣ୍ଟା ଘଣ୍ଟା ଧରି ଅତ୍ୟାଧୁନିକ ମୋବାଇଲ ଫୋନ । ଏହି ଡିଜିଟାଲ ନିଶା ସେମାନଙ୍କୁ ସମ୍ପର୍କର ସାମାଜିକତା ଶିକ୍ଷା ଦେଉ ନାହିଁ । ସାଇବର ଅପରାଧ ପ୍ରସଙ୍ଗରେ ଉଚ୍ଚ ନ୍ୟାୟାଳୟ ପିଲାମାନଙ୍କ ଦ୍ୱାରା ବହୁଳ ବ୍ୟବହୃତ ଆପ୍‌କୁ ନିୟନ୍ତ୍ରଣ କରିବା ପାଇଁ ପରାମର୍ଶ ଦେଇଛନ୍ତି । ସେହିପରି ୨୦୨୩ରେ ଏକ ଅଭାବନୀୟ ଘଟଣା ଥିଲା ଭୁବନେଶ୍ୱର ସନ୍ନିକଟ ଏକ ଗ୍ରାମରେ । ବାପାମା' ମୋବାଇଲ ଫୋନ ଦେଖିବାରେ ଆକଟ କରିବାରୁ ପିଲାଟି ମନସ୍ତାପ ଓ ଅପମାନିତ ବୋଧ କରି ଆତ୍ମହତ୍ୟା କରିଦେଲା । ମାତ୍ର ଏଗାର ବର୍ଷ ବୟସର ଏକମାତ୍ର ପୁତ୍ରର ଏପରି ଦୁଃଖଦ ମୃତ୍ୟୁକୁ ସହ୍ୟ ନ କରିପାରି ପିତାଟି ତତ୍‌କ୍ଷଣାତ ଆତ୍ମହତ୍ୟାର ରାସ୍ତା ବାଛିନେଲେ । ଏକ ପରିବାରର ଦୁଇ ଦୁଇଟି ପୁରୁଷର ବଂଶ ଏକାଥରେ ନଷ୍ଟ ହୋଇଗଲା । ଥରେ ଭାବିଦେଖନ୍ତୁ ତ, ଏହି ପରିବାର ଉପରେ କେଉଁପରି ଭୟଙ୍କର ଦୁଃଖ ଓ ଯନ୍ତ୍ରଣାର କଳାବାଦଲ ଘୋଟି ଆସିଲା ମାତ୍ର ଏକ ମୋବାଇଲ ଫୋନର ଘଟଣାକୁ ନେଇ ।

ଇଂରାଜୀରେ ଏକ ଶବ୍ଦ ହେଉଛି 'ଫବିଙ୍ଗ୍' । କଲିନ୍ସ ଡିକ୍ସନାରିରେ ଏହି ଶବ୍ଦର ଅର୍ଥ ହେଉଛି ଅନ୍ୟମାନଙ୍କ କଥାକୁ ଖାତିର ନକରି ଫୋନ୍ ବା କୌଣସି ଗ୍ୟାଜେଟରେ ମଜ୍ଜି ରହିବା । ଆମ୍ଭମାନଙ୍କ ମଧ୍ୟରୁ ଅନେକ ଏବେ ଯେମିତି 'ଫବିଙ୍ଗ୍'ର ଶିକାର ହୋଇଯାଇଛନ୍ତି । ଆଜିର ଡିଜିଟାଲ ଯୁଗରେ ଅଧିକାଂଶ ଲୋକ ସେମାନଙ୍କ ସାମାଜିକ ସମ୍ପର୍କକୁ କମ୍ ଗୁରୁତ୍ୱ ଦେଇ ବିଭିନ୍ନ ଗ୍ୟାଜେଟ୍‌ରେ ବ୍ୟସ୍ତ । ତେବେ ମନବିଜ୍ଞାନର ତଥ୍ୟ ଅନୁଯାୟୀ, ପିଲାମାନଙ୍କ ମଧ୍ୟରେ ବଢ଼ୁଥିବା ଡିଜିଟାଲ ନିଶା ସେମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ଖରାପ କରିବାର ଆଶଙ୍କା ରହିଛି ।

ନିକଟରେ କେତେକ ଆନ୍ତର୍ଜାତିକ ସ୍ତରର ସ୍ୱାସ୍ଥ୍ୟ ପତ୍ରିକାରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ କୌଣସି ନିର୍ଦ୍ଦିଷ୍ଟ ବସ୍ତୁରେ ମଣିଷ ଯେତେବେଳେ ଅଧିକ



ସମୟ ବ୍ୟସ୍ତ ରହେ, ତା'ର ମସ୍ତିଷ୍କ ଅନ୍ୟଙ୍କୁ ଅବଜ୍ଞା ବା ଅବହେଳା କରିଥାଏ । ସେହିଭଳି ବ୍ୟକ୍ତି ଯଦି ତାଙ୍କ ଇଲେକ୍‌ଟ୍ରୋନିକ୍ ଗ୍ୟାଜେଟ୍‌ରେ ଲଗାତାର ଭାବେ ନିମଜ୍ଜିତ ରହିଥାଏ ସେତେବେଳେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସୂଚନାଗୁଡ଼ିକୁ ସେ ଧ୍ୟାନ ଦିଏ ନାହିଁ । ଏହାଦ୍ୱାରା କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଧ୍ୟାନ ଦେବା, ଅନ୍ୟମାନଙ୍କ ସହ ଆଲୋଚନା କରିବା ଏବଂ ନିଷ୍ପତ୍ତି ନେବା କ୍ଷେତ୍ରରେ ସେ ବିଫଳ ହୁଏ । ସେହିପରି ଅନ୍ୟ ଏକ ସନ୍ଦର୍ଭ ଅନୁଯାୟୀ ଇଲେକ୍‌ଟ୍ରୋନିକ୍ ଗ୍ୟାଜେଟ୍‌ରେ ବିଶେଷକରି ପିଲାମାନେ ଦୀର୍ଘ ସମୟଧରି ବ୍ୟସ୍ତ ରହିବା ଦ୍ୱାରା ସେମାନେ ଅମନଯୋଗୀ ହେବା ସହିତ ଧୀରେ ଧୀରେ ଏକ ପ୍ରକାର ସାମାଜିକ ସ୍ଥିତି ଓ ଭାରସାମ୍ୟତାର ଚିନ୍ତନରୁ ବାହାରିଯିବା ପରି ପ୍ରତୀୟମାନ ହୁଅନ୍ତି ।

ସମ୍ପ୍ରତି ସୂଚନା ପ୍ରଯୁକ୍ତିର କ୍ରାନ୍ତି ଯେଉଁପରି ସ୍ଥିତିରେ ଆମ ସମସ୍ତଙ୍କୁ ପହଞ୍ଚାଇଛି, ସେଥିରେ ପୁସ୍ତକ, ଖବରକାଗଜ, ପତ୍ରପତ୍ରିକା ତୁଳନାରେ ଇଣ୍ଟରନେଟ୍ ଅଧିକ ସହଯୋଗୀ ଓ ସୁଲଭ ହୋଇପାରୁଛି । ଏଗୁଡ଼ିକ ସବୁ ହାତପାଆନ୍ତାରେ ମୋବାଇଲ ଫୋନ୍‌ରେ ଉପଲବ୍ଧ ହୋଇପାରୁଛି । ଏହାଦ୍ୱାରା ବ୍ୟକ୍ତିର ମାନସିକ କ୍ଷେତ୍ର ଯେଉଁପରି କର୍ମବ୍ୟସ୍ତ ରହି ଶାରୀରିକ ସନ୍ତୁଳନକୁ ରକ୍ଷା କରିଥାଏ ତାହା ବିଫଳ ହେଉଛି । ସହଜେ ବର୍ତ୍ତମାନ ଲୋକେ ଶ୍ରମକାତର ହେବାରେ ଲାଗିଛନ୍ତି । ପାଠପଢ଼ିବା ସହିତ ପିଲାମାନଙ୍କର କ୍ରୀଡ଼ା କସରତ୍, ବ୍ୟାୟାମର ନିହାତି ଆବଶ୍ୟକତା ରହିଛି । ଯାହାପାଇଁ ପିଲାମାନଙ୍କ ପାଠ୍ୟକ୍ରମରେ ସପ୍ତାହର ଏକ ନିର୍ଦ୍ଦିଷ୍ଟ ଦିନରେ ପିଇଟି ବା ଶାରୀରିକ କ୍ରୀଡ଼ାର ସୂଚିତ ହୋଇଥିବା ଦିନଟିଏ ରହିଛି । କିନ୍ତୁ ଆଜିର କର୍ମବ୍ୟସ୍ତ ବାହାନାରେ ପିଲାମାନଙ୍କର ଏହି ଦିଗକୁ ବିଶେଷକରି କେତେକ ଅଭିଭାବକ ଅଣଦେଖା କରୁଛନ୍ତି । ଯାହାଦ୍ୱାରା ପିଲାମାନଙ୍କ ସୃଜନଶୀଳତା ସହିତ ଶାରୀରିକ ବିକାଶ ଏବଂ ସବୁଠାରୁ ବଡ଼ କୁହାଯାଉଥିବା ମନବିଜ୍ଞାନ କ୍ଷେତ୍ରର ମାନସିକ ଅଗ୍ରସରତା ସେମାନଙ୍କ ବୌଦ୍ଧିକତା ଦିଗକୁ ନେବା ପାଇଁ ପ୍ରତିବନ୍ଧକ ସାଜିଥାଏ ।

ଏହି ଲେଖକ ଶିଶୁରୋଗ ଚିକିତ୍ସା କ୍ଷେତ୍ରରେ ସୁଦୀର୍ଘ ଅନୁଭୂତିରୁ ଜାଣିଛି କିଛି ବ୍ୟସ୍ତ ଅଭିଭାବକ ପ୍ରତିକ୍ରିୟାରେ ଜଣାଇଥା'ନ୍ତି ଯେ ସେମାନଙ୍କର ପିଲାମାନେ ଫୋନ୍, ଇଣ୍ଟରନେଟ୍ ଓ ଟାବଲେଟ୍‌ରେ ବ୍ୟସ୍ତ ରହୁଥିବା ଯୋଗୁଁ ସେମାନେ ନିଜର କେବଳ ପରିପାର୍ଶ୍ୱିକ ଅବସ୍ଥିତି ନୁହେଁ, ଖାଦ୍ୟପେୟ ଓ ବିଶ୍ରାମକୁ ବି ଭୁଲିଯାଉଛନ୍ତି । ଯାହାକି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ଗୁରୁତର ପ୍ରଭାବ ପକାଉଛି । ଏହା ନିଃସନ୍ଦେହ ଯେ, ପିଲାମାନେ ଅନେକ ଶାରୀରିକ ମାନସିକ ରୋଗକୁ ଖୁବ୍ କମ ବୟସରୁ ଆମନ୍ତ୍ରଣ କରିଥା'ନ୍ତି । ମେଦବହୁଳତାକୁ ବି ଏହାର ଏକ କାରଣ କୁହାଯାଇପାରେ । ଅଧିକାଂଶ ପିଲା ଖେଳକୁଦ ନକରି ଗୋଟିଏ ସ୍ଥାନରେ ବସି ରହି ଘଣ୍ଟା ଘଣ୍ଟା ଧରି ଭିଡିଓ ଗେମ୍ ଓ ଇଣ୍ଟରନେଟ୍‌ରେ ବ୍ୟସ୍ତ ରହୁଥିବାରୁ ଯେତିକି ପରିମାଣରେ ସେମାନଙ୍କ ଶାରୀରିକ ବିକାଶ ସମ୍ଭବ ହୋଇନଥାଏ ସେତିକି ପରିମାଣରେ ସେମାନଙ୍କ ମାନସିକ ଓ ବୌଦ୍ଧିକ କ୍ଷେତ୍ର ବାଧାପ୍ରାପ୍ତ ହୋଇଥାଏ । ପିଲାମାନେ ଭୁଲିଯାଇଥା'ନ୍ତି ମୋବାଇଲ ଓ ଲ୍ୟାପ୍‌ଟପ୍‌ରୁ ନିର୍ଗତ ହେଉଥିବା ବିକିରଣ ସେମାନଙ୍କ ସ୍ନାୟୁବିକ ସମସ୍ୟାକୁ ଆକ୍ରାନ୍ତ କରିଥାଏ ।

ତେବେ ସବୁଠାରୁ ବଡ଼କଥା ହେଉଛି 'ଡିଜିଟାଲ ଇଣ୍ଡିଆ' ସ୍ୱପ୍ନରେ ସମ୍ପ୍ରତି ସବୁମହଲ ସ୍ୱାଭାବିକ ଭାବେ ବ୍ୟସ୍ତ । ତେବେ ପିଲାମାନଙ୍କର ଏହି ଡିଜିଟାଲ ନିଶା ସେମାନଙ୍କର ମାନସିକ ଓ ଶାରୀରିକ ସମସ୍ୟାକୁ ଯନ୍ତ୍ରଣା ଜର୍ଜରିତ କରିବା ପୂର୍ବରୁ ବିଶେଷକରି ପିତାମାତାମାନେ କୌଣସି କ୍ଷେତ୍ରରେ ସେମାନଙ୍କର ମାନସିକ ଅବସାଦ ବା ବିଷାଦ ବା ଚିନ୍ତନର ଭିନ୍ନତାକୁ ଲକ୍ଷ୍ୟ କଲେ ତୁରନ୍ତ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ଜରୁରୀ ।

(ଫକୀରମୋହନ ମେଡିକାଲ କଲେଜ, ବାଲେଶ୍ୱର)
E-mail : drjyotiranjanchampatray123@gmail.com

## ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

### ଚନ୍ଦନ

**ସୌଭାଗ୍ୟସୁନ୍ଦର**

ଚନ୍ଦନକୁ ଏକ ପବିତ୍ର ବୃକ୍ଷ ଭାବରେ ବିବେଚନା କରାଯାଏ । ଭାରତରେ ଦେବତାମାନଙ୍କୁ ପୂଜା କରିବା ପାଇଁ ଏହି କାଠ ବ୍ୟବହୃତ ହୁଏ ଏବଂ କୁହାଯାଏ ଯେ ମଙ୍ଗଳମୟୀ ଦେବୀ ଲକ୍ଷ୍ମୀ ଚନ୍ଦନ ଗଛରେ ବାସ କରନ୍ତି । ତେଣୁ ଏହାକୁ ଶ୍ରୀଗନ୍ଧା ମଧ୍ୟ କୁହାଯାଏ । ଏହାର ସୁଗନ୍ଧ କାଠ ଓ ସୁବାସିତ ତୈଳ ମୂଲ୍ୟବାନ । ବ୍ୟୁତ୍ପତ୍ତି ଦୃଷ୍ଟିରୁ ଏହା ସଂସ୍କୃତ ପଦ 'ଚନ୍ଦନମ୍' ରୁ ଆସିଛି, ଯାହାର ଅର୍ଥ 'ଧୂପ ଜଳାଇବା ପାଇଁ କାଠ' ଏବଂ ଚନ୍ଦ୍ର ସହ ଜଡ଼ିତ, ଯାହାର ଅର୍ଥ 'ଉଜ୍ଜ୍ୱଳ' ଓ 'ପ୍ରଦୀପ୍ତ' । ଏହା ଇଣ୍ଡୋନେସିଆ, ଫିଲିପାଇନ୍ସ ଓ ପଶ୍ଚିମ ଅଷ୍ଟ୍ରେଲିଆର ସ୍ୱଦେଶୀ ଉଦ୍ଭିଦ । ପ୍ରାୟ ଖ୍ରୀଷ୍ଟପୂର୍ବ ୧୫୦୦ ବେଳରୁ ସାମୁଦ୍ରିକ ବାଣିଜ୍ୟ ମାଧ୍ୟମରେ ଦକ୍ଷିଣ-ଏସିଆକୁ ଗୁଆ ଓ ନଡ଼ିଆ ସହିତ ଏହା ଆସିଥିଲା । ଭାରତରେ ମୁଖ୍ୟତଃ ଚନ୍ଦନ ବୃକ୍ଷ କର୍ଣ୍ଣାଟକ, ମହାରାଷ୍ଟ୍ର, ତାମିଲନାଡୁ, କେରଳ, ଆନ୍ଧ୍ରପ୍ରଦେଶ, ଓଡ଼ିଶାର ଗଜପତି ଜିଲ୍ଲା, ମହେନ୍ଦ୍ରଗିରି ପାର୍ବତ୍ୟ ଅଞ୍ଚଳରେ ପ୍ରାକୃତିକ ଭାବରେ ବଢ଼ିଥାଏ ।

ଚନ୍ଦନ ଏକ ଚିରହରିତ ଉଦ୍ଭିଦ ଏବଂ ପ୍ରାୟ ୯ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ ଏବଂ ପ୍ରାୟ ଶହେ ବର୍ଷ ପର୍ଯ୍ୟନ୍ତ ବଞ୍ଚେ । ପତ୍ରଗୁଡ଼ିକ ପତଳା, ଗଣ୍ଠିରୁ ବିପରୀତ ଦିଗରେ ଜାତ ହୋଇଥାଏ ଓ ଅଣ୍ଡାକାର । ଚନ୍ଦନ କାଠ ହଳଦିଆ, ଓଜନିଆ ଓ ସୂକ୍ଷ୍ମ ଦାନାଯୁକ୍ତ ହୋଇଥାଏ । ଚନ୍ଦନ କାଠରୁ ପାତନ ପ୍ରଣାଳୀ ମାଧ୍ୟମରେ ତୈଳ ନିଷ୍କାସନ କରାଯାଏ । ଚନ୍ଦନ ତୈଳ ପ୍ରଥମେ ଭାରତର ମହୀଶୂରରେ ୧୯୧୭ ମସିହାରେ ଉତ୍ପାଦିତ ହୋଇଥିଲା । ଚନ୍ଦନର ମୁଖ୍ୟ ଉପାଦାନ ହେଉଛି ସାଣ୍ଟାଲୋଲର ଦୁଇଟି ଆଇସୋମର । ଏହା ଏରୋମାଥେରାପି, ସୁଗନ୍ଧିତ ମହମବତୀ ଓ ସାବୁନ ପ୍ରସ୍ତୁତ କରିବାରେ ବ୍ୟବହୃତ ହୁଏ । ଚନ୍ଦନ ଗଛର ଶତ୍ରୁ ହେଉଛନ୍ତି ବିଭିନ୍ନ ପ୍ରକାରର ଫୁରଫୁରି ଯଥା ଫୁସାରିଅମ୍ ଅକ୍ସିସ୍ପୋରମ, ଫାଇଟୋଫଥୋରା ପ୍ରଜାତି ଏବଂ ନେମାଟୋଡ୍ସ ବା ସୂତ୍ର କୃମି । କାଣ୍ଡ ବିନ୍ଧା ପୋକ ଏବଂ ଉଇ ଆକ୍ରମଣରେ ଗଛର ପତ୍ର ଝଡ଼ି ଯାଏ ଓ ରସ ଶୁଖି ଯାଏ ।

ପ୍ରାୟସାତବର୍ଷରେଚନ୍ଦନଅମଳକରାଯାଇପାରିବ । କିନ୍ତୁ ଉଚ୍ଚ ମାନର ସୁଗନ୍ଧ ଏବଂ ତୈଳ ସହିତ ବାଣିଜ୍ୟିକ ଚାହିଦା ଦୃଷ୍ଟିରୁ ମୂଲ୍ୟବାନ ଚନ୍ଦନ କାଠ ଉତ୍ପାଦନ କରିବା ପାଇଁ ଏହାକୁ ସର୍ବନିମ୍ନ ୧୫ ରୁ ୨୦ ବର୍ଷ ବୟସ ହେବା ଆବଶ୍ୟକ । ସାଧାରଣତଃ ପୁରୁଣା ଗଛଗୁଡ଼ିକ ସର୍ବାଧିକ ତେଲ ପରିମାଣ ଓ ଗୁଣବତ୍ତା ପ୍ରଦାନ କରନ୍ତି ।

ଚନ୍ଦନ କାଠକୁ ପ୍ରାୟତଃ ଅଲ୍ଟ୍ରାଭାୟୋଲେଟ୍ ଓ ଫ୍ଲୋରୋସେନ୍ସ ମାଇକ୍ରୋସ୍କୋପି ମଧ୍ୟରେ ଏକ ନିମଜ୍ଜନ ତେଲ ଭାବରେ ବ୍ୟବହାର କରାଯାଏ । କାରଣ ଏହାର ପ୍ରତିସ୍ରାବ କମ୍ ଓ ପ୍ରତିସରଣ ସୂଚକାଙ୍କ ସର୍ବୋତ୍ତମ । ଆଦିମ ଅଷ୍ଟ୍ରେଲୀୟ ଓ ଇଉରୋପୀୟମାନେ ସ୍ଥାନୀୟ ଚନ୍ଦନର ଫଳ ଓ ପତ୍ରକୁ ଖାଦ୍ୟ ଭାବରେ ବ୍ୟବହାର କରୁଥିବା ଜଣାଯାଏ । ଏହା ସହିତ ପତ୍ରକୁ ମିଶାଇ ଜାମ୍, ଚଟଣି ଇତ୍ୟାଦି ତିଆରି କରୁଥିଲେ । ପାରମ୍ପରିକ ଭାବରେ ଏହି ଗଛକୁ ଆୟୁର୍ବେଦ, ୟୁନାନୀ ଓ ସିଦ୍ଧ ଭଳି ବିଭିନ୍ନ ଔଷଧ ପ୍ରଣାଳୀରେ ଜଣ୍ଡିସ୍, ଲାଳଝାଡ଼ା, ଅମ୍ଳ, ଜ୍ୱର, ଚିଡ଼ିଚିଡ଼ା ଭଳି ରୋଗ ନିବାରଣ ଏବଂ ଯକୃତ ଓ ହୃତପିଣ୍ଡର ସୁସ୍ଥତା, ସ୍ମୃତିଶକ୍ତି ବୃଦ୍ଧି, ବିଷ ନିରୋଧୀ, ରକ୍ତ ପରିଷ୍କାର ପାଇଁ ବ୍ୟବହୃତ ହୁଏ । ଆୟୁର୍ବେଦରେ ଚନ୍ଦନ ଗଛକୁ କଫନାଶକ, ମୂତ୍ରବର୍ଦ୍ଧକ, ରକ୍ତସ୍ରାବରୋଧୀ, ଉତ୍ତେଜକ, ଶୀତଳକ ଓ ଶାନ୍ତକାରୀ ଔଷଧ ଭାବରେ ବର୍ଣ୍ଣନା କରାଯାଇଛି । ଏହାବ୍ୟତୀତ, ଏହି ଗଛଟିର ଆଣ୍ଟିଅକ୍ସିଡାଣ୍ଟ ଗୁଣ କର୍କଟ ରୋଗ ପ୍ରତିରୋଧୀ, ପ୍ରଦାହ ନିରୋଧୀ, ଆଣ୍ଟିଭାଇରାଲ୍, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିଫଙ୍ଗାଲ୍, ହେପାଟୋପ୍ରୋଟେକ୍ଟିଭ୍ ଏବଂ ହୃଦରୋଗ ପ୍ରତିରୋଧୀ ଗୁଣ ରହିଥିବା ବିଷୟରେ ଗବେଷଣାରୁ ଜଣାପଡ଼େ ।

ଚନ୍ଦନ ପେଷ୍ଟକୁ ଜାଫ୍ରାନ ବା କେସର କିମ୍ବା ଅନ୍ୟାନ୍ୟ ରଙ୍ଗାର୍ଥକ ପଦାର୍ଥ ସହିତ ମିଶ୍ରିତ କରି 'ଚନ୍ଦନମ୍' ପ୍ରସ୍ତୁତ କରାଯାଏ, ଯାହାକୁ କପାଳ, ବେକ କିମ୍ବା ଛାତିରେ ଲଗାଯାଏ । ଶରୀରରେ ଲଗାଇଲେ କିମ୍ବା ଖାଇଲେ ପ୍ରାର୍ଥନା ସମୟରେ ମନକୁ ଶାନ୍ତ କରେ ବୋଲି ବିଶ୍ୱାସ କରାଯାଏ । ଉଦ୍ଭିଦର ଉଚ୍ଚ ମାନ ଓ ମୂଲ୍ୟ ହେତୁ ଚନ୍ଦନ ଗଛ ମାଫିଆଙ୍କ ଲୋଲୁପ ଦୃଷ୍ଟିକୁ ଆସି ବିଲୁପ୍ତ ହେବାରେ ଲାଗିଛି । ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଘ ଦ୍ୱାରା ଏହାକୁ 'ଅସୁରକ୍ଷିତ' ପ୍ରଜାତି ତାଲିକାଭୁକ୍ତ କରାଯାଇଛି ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ଭୁବନେଶ୍ୱର ସିଟି



# ବିଭିନ୍ନ ସମସ୍ୟା ନେଇ ପେନ୍‌ସନରଙ୍କ ବୈଠକ



ଭୁବନେଶ୍ୱର,୩୦।୩(ସମିସ): ଓଡ଼ିଶା ପେନ୍‌ସନରଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା ନିମନ୍ତେ ଏକ ବୈଠକ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଅବସରପ୍ରାପ୍ତ କର୍ମଚାରୀ ଓ ଶିକ୍ଷକ ଯୋଗଦେଇଥିଲେ। ପେନସନରଙ୍କ ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟବୀମା, ୬୫, ୭୦, ୭୫ ବର୍ଷ ବୟସରେ ୫ ପ୍ରତିଶତ ପେନ୍‌ସନ୍ ବୃଦ୍ଧି, ୟୁପିଏସ୍ ଓ ଏନ୍‌ପିଏସ୍ ପେନ୍‌ସନ୍ ପରିବର୍ତ୍ତେ ପୁରୁଣା ପେନ୍‌ସନ୍ ପ୍ରଚଳନ କରିବା, ବିଭିନ୍ନ ସମୟରେ ବେତନ କମିଶନ ଦ୍ୱାରା ନିର୍ଦ୍ଧାରଣ ହେଉଥିବା ପେନ୍‌ସନର ତାରତମ୍ୟ ଦୂର କରିବା, ବକେୟା ୧୮ ମାସର ମହଙ୍ଗା ଭତ୍ତା ପ୍ରଦାନ କରିବା ପ୍ରମୁଖ ଦାବି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟରେ ବିଭିନ୍ନ ପେନ୍‌ସନ୍‌ର ସଂଘ ଏହି ଦାବି ସମ୍ପର୍କରେ ଉତ୍ସାହଜନକ ପଦକ୍ଷେପ ଗ୍ରହଣ କରି ନ ଥିବାରୁ 'ନିଖିଳ ଓଡ଼ିଶା ପେନ୍‌ସନର ମହାସଂଘ' ନାମରେ ଏକ ନୂତନ ମହାସଂଘ ଗଠନ କରାଗଲା। ଉକ୍ତ ମହାସଂଘରେ ଅଧ୍ୟକ୍ଷ ଭାବରେ ପ୍ରତାପ ଚନ୍ଦ୍ର ମିଶ୍ର, କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ କ୍ଷେତ୍ରମୋହନ ଦାସ ଓ ଅକ୍ଷୟ କୁମାର ମିଶ୍ର, ସାଧାରଣ ସମ୍ପାଦକ ଭାବେ ନରୋତ୍ତମ ପାର୍ଥସାରଥୀ, ଉପାଧ୍ୟକ୍ଷ ଭାବେ ପ୍ରଫୁଲ୍ଲ କୁମାର ଦାସ ଓ ସଦାନନ୍ଦ ବେହେରା, ଯୁଗ୍ମ ସମ୍ପାଦକ ଭାବେ ଗିରିଶଙ୍କର ସା ଓ ଗଗନ ବିହାରୀ ଦାସ, ସଂଗଠନ ସମ୍ପାଦକ ଭାବେ ଗଣେଶ ରାମ ପାଲ, କାର୍ଯ୍ୟାଳୟ ଓ ଅର୍ଥ ସମ୍ପାଦକ ଭାବେ କାହ୍ନୁଚରଣ ମଲ୍ଲିକ ମନୋନୀତ ହୋଇଛନ୍ତି।


# ସ୍ମାର୍ଟ ଜନପଥ ଡେଇଁଲେ ଭୀଷଣ ଦୁର୍ଗନ୍ଧ



ଭୁବନେଶ୍ୱର,୩୦।୩(ସମିସ):

ରାଜଧାନୀର ସ୍ମାର୍ଟ ଜନପଥରେ ଅଳିଆ ଟିକେ ମିଳିବା କଷ୍ଟ। ହେଲେ ସ୍ମାର୍ଟ ଜନପଥ ଡେଇଁବା ମାତ୍ରେ ଆରମ୍ଭ ହୋଇଯାଉଛି ଅଳିଆର ଭୀଷଣ ଗନ୍ଧ। ଏପାଖ ସେପାଖରେ ଚାରିଆଡ଼େ ଛୋଟ ଛୋଟ ଅସ୍ଥାୟୀ ଅଳିଆ ଗଦା। ଏଠାରୁ ଦିନ ଦିନ ଧରି ଅଳିଆ ଉଠୁନି। ଏଣୁ ଏଠାରୁ ବାହାରୁଥିବା ଗନ୍ଧ ନାକ ଭିତରେ ପଶିବା ମାତ୍ରେ ସଙ୍ଗେ ସଙ୍ଗେ ପେଟରୁ ବାନ୍ତି ବାହାରି ପଡୁଛି। ଏଭଳି ସ୍ଥିତି ସ୍ମାର୍ଟ ଜନପଥରୁ ଗୋଟିଏ କିମ୍ବା ୨ କିଲୋମିଟର ଦୂରର ନୁହେଁ। ମାଷ୍ଟରକ୍ୟାଣ୍ଟିନ୍ ସ୍ଥିତ ସ୍ମାର୍ଟ ଜନପଥରୁ ମାତ୍ର ୫୦ମିଟର ଦୂରରେ ଏଭଳି ସ୍ଥିତି ଉପୁଜୁଛି। ଯାହା ଯାତ୍ରୀ, ପଥଚାରୀଙ୍କୁ ଆକ୍ରାନ୍ତ କରିପକାଇଲାଣି। ହେଲେ ବିଏମ୍‌ସିର ସାମାନ୍ୟତମ ନଜର ବି ପଡୁନି। ସ୍ମାର୍ଟ ଜନପଥ ପାଖରେ ଏଭଳି ଅବ୍ୟବସ୍ଥାକୁ ଲୋକେ ନାପସନ୍ଦ କରିଛନ୍ତି।

ୟୁନିଟ୍-୨ ଅଞ୍ଚଳରେ ସରକାରୀ କ୍ୱାର୍ଟର୍ସଗୁଡ଼ିକ ରହିଛି। ଏହାସହ ଏକ ରାଷ୍ଟ୍ରୀୟ ଦଳର କାର୍ଯ୍ୟାଳୟ ମଧ୍ୟ ରହିଛି। ଏହି କାର୍ଯ୍ୟାଳୟ ପଛପଟ ଅଘୋଷିତ ଅଳିଆ ଗଦାରେ ପରିଣତ ହେଲାଣି। ନିୟମିତ ଭାବେ ଲୋକେ ଏଠାରେ ଅଳିଆ ଫୋପାଡୁଛନ୍ତି। ପଲିଥିନ୍, ପ୍ଲାଷ୍ଟିକ୍ ନିର୍ମିତ ଜିନିଷ, ବ୍ୟବହୃତ ପ୍ୟାଡ୍‌ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର କଠିନ ବର୍ଜ୍ୟକୁ ଲୋକେ ଏଠାରେ ଆଣି ଫୋପାଡ଼ି ଚାଲି ଯାଉଛନ୍ତି। ଏହା କୌଣସି ଜିଭିପି(ଗାର୍ବେଜ୍ ଭଲ୍‌ନରେବଲ୍ ପଏଣ୍ଟ) ହୋଇ ନ ଥିଲେ ମଧ୍ୟ ଏହି ସ୍ଥାନକୁ ଲୋକେ ଜିଭିପି ବନାଇ ସାରିଲେଣି।



ବାହାରେ ଅଳିଆ ଫୋପାଡ଼ିବା ବେଆଇନ। ଏନେଇ ବିଏମ୍‌ସି ଜରିମାନାର ବ୍ୟବସ୍ଥା କରିଛି। ପୂର୍ବରୁ ବାହାରେ ଅଳିଆ ଫୋପାଡୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା। ମୋଟା ଅଙ୍କର ଜରିମାନା ମଧ୍ୟ ଆଦାୟ କରାଯାଉଥିଲା। ଜରିମାନା ଭୟରେ ଅଳିଆ ଫୋପାଡ଼ିବା ଉପରେ କିଛି ଅଙ୍କୁଶ ଲାଗିଥିଲା। ହେଲେ ଏବେ ଏସବୁ କିଛି ହେଉନାହିଁ। ଯାହାଫଳରେ ଲୋକେ ଘରୁ ଅଳିଆ ଆଣି ପରିତ୍ୟକ୍ତ ସ୍ଥାନରେ ଫୋପାଡ଼ି ଚାଲିଯାଉଛନ୍ତି। ସେହିପରି ସଫେଇ ସଂସ୍ଥା ଏବଂ ବିଏମ୍‌ସିରେ କାର୍ଯ୍ୟରତ କ୍ଷେତ୍ର ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେମାନେ ମଧ୍ୟ ବେପରୁଆ ହୋଇଗଲେଣି। ଅଳିଆ ଦିନ ଦିନ ଧରି ପଡ଼ି ରହିଥିଲେ ମଧ୍ୟ ଉଠାଇବାର ନାଁ ଧରୁନାହାନ୍ତି। କେବଳ ୟୁନିଟ୍-୨ ନୁହେଁ ଦୟା ୱେଷ୍ଟ କେନାଲ କଡ଼, କସ୍‌ମୋପଲିସ୍ ସାମ୍ନା ରାସ୍ତା, ଗାଡ଼କଣ, ସହରର ଅନ୍ୟାନ୍ୟ ପରିତ୍ୟକ୍ତ ଓ ନିଛାଟିଆ ସ୍ଥାନ ଏବେ ବେଆଇନ ଡମ୍ପିଂ ୟାର୍ଡରେ ପରିଣତ ହେଲାଣି।

# ବିହାରରେ ଓଡ଼ିଆ ହାବିଲ୍‌ଦାରଙ୍କ ପରଲୋକ

**ମୁଖ୍ୟମନ୍ତ୍ରୀଙ୍କ ଶୋକ**

**ଆଜି ପହଞ୍ଚିବ ମରଶରୀର**

ଭୁବନେଶ୍ୱର,୩୦।୩(ସମିସ): ବିହାର ରେଜିମେଣ୍ଟ ଷଷ୍ଠ ବାଟାଲିୟନ୍‌ରେ ହାବିଲ୍‌ଦାର ଭାବେ କାର୍ଯ୍ୟରତ ଥିବା ଓଡ଼ିଆ ପୁଅ ରାଜକିଶୋର ମୁଣ୍ଡାଙ୍କ ଦେହାନ୍ତ ହୋଇଛି। ରାଜକିଶୋରଙ୍କ ଘର କେନ୍ଦୁଝର ଜିଲ୍ଲା ସଦର ବ୍ଲକ୍ ନୂଆଗାଁରେ। ରାଜକିଶୋର ଅରୁଣାଞ୍ଚଳ ପ୍ରଦେଶ ତାୱାଙ୍ଗଠାରେ କର୍ତ୍ତବ୍ୟ ସମ୍ପାଦନା କରୁଥିବାବେଳେ ଗତ ୨୯ ତାରିଖରେ ତାଙ୍କର ପରଲୋକ ହୋଇଛି। ତେବେ ରାଜକିଶୋରଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ୍ସରେ ପୋଷ୍ଟ କରି ଶୋକବ୍ୟକ୍ତ କରିବା ସହ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି। ତାଙ୍କର ସାହସିକତା ଓ ବଳିଦାନ ଦେଶ ସବୁବେଳେ ମନେରଖିବ ବୋଲି ଶ୍ରୀ ମାଝୀ ଉଲ୍ଲେଖ କରିଛନ୍ତି। ତେବେ ରାଜକିଶୋରଙ୍କ ପାର୍ଥିବ ଶରୀର ସୋମବାର ସକାଳ ୭.୫୦ରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବ। ରାଜକିଶୋରଙ୍କୁ ସେଠାରେ ସମ୍ମାନର ସହ ଶ୍ରଦ୍ଧାଞ୍ଜଳି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

# ଦୋକାନୀଙ୍କୁ ଆକ୍ରମଣ ଘଟଣାରେ ଆଉଜଣେ ଗିରଫ

ଭୁବନେଶ୍ୱର,୩୦।୩(ସମିସ): ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ କରି ଲୁଟ୍ ଘଟଣାରେ ଆଉ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆସାହିର ଏସ୍. ଶଙ୍କର ରେଡ୍ଡୀ (୨୪)। ପୁଲିସ ସୂଚନା ଅନୁସାରେ, କ୍ରାଉନ୍ ହୋଟେଲ ନିକଟରେ ଦୋକାନ କରିଥିବା ମନୋଜ ବେହେରା ଗତ ୨୬ ତାରିଖ ସନ୍ଧ୍ୟାରେ ଦୋକାନରେ ବସିଥିଲେ। ସେହି ସମୟରେ ସତ୍ୟ, ପାଣ୍ଡି, ବାବୁଲା, ସାଗର ଓ ଶଙ୍କର ତାଙ୍କ ଦୋକାନରେ ପଶି ଗାଳିଗୁଲଜ କରିଥିଲେ। ମନୋଜ ବିରୋଧ କରିବାରୁ ଅଭିଯୁକ୍ତମାନେ ଲୁହା ଛଡ଼ ଓ ବେସ୍ ବଲ୍ ଷ୍ଟିକ୍‌ରେ ଆକ୍ରମଣ କରିଥିଲେ। ମନୋଜଙ୍କ ଡ୍ର'ରୁ ୬୫୦୦ ଟଙ୍କା ଲୁଟି ନେବା ସହିତ ମୋବାଇଲ୍ ବାଡ଼େଇ ଭାଙ୍ଗି ଦେଇଥିଲେ। ପଡ଼ୋଶୀ ଦୋକାନୀ ସୁନିଲ ସାହୁ ଆସି ମନୋଜଙ୍କୁ ବଞ୍ଚାଇବାକୁ ଉଦ୍ୟମ କରୁଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ମଧ୍ୟ ଛାଡ଼ି ନ ଥିଲେ। ପାଖ ଦୋକାନୀମାନେ ମନୋଜଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏନେଇ ସେ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଦୁଇ ଦିନ ପୂର୍ବେ ସତ୍ୟ, ପାଣ୍ଡି, ବାବୁଲା, ସାଗରକୁ ଗିରଫ କରିଥିବାବେଳେ ରବିବାର ଶଙ୍କରକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ସମାସ ଅନୁଷ୍ଠାନର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୩୦।୩(ସମିସ): ସମାସ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅବସରରେ ପାନ୍ଥନିବାସଠାରେ ରବିବାର ଏକ କବିତା ପାଠୋତ୍ସବ ଆୟୋଜିତ ହୋଇଯାଇଛି। ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ତଥା ବିଶିଷ୍ଟ କବି ଅଶ୍ୱିନୀ କୁମାର ମିଶ୍ରଙ୍କ ସଭାପତିତ୍ୱରେ ନୂତନ କାର୍ଯ୍ୟକାରୀ ପରିଷଦ ଗଠିତ ହୋଇଥିଲା ଏବଂ ତାହା ସାଧାରଣ ପରିଷଦର ସଦସ୍ୟଙ୍କ ଦ୍ୱାରା ସର୍ବସମ୍ମତି କ୍ରମେ ଅନୁମୋଦିତ ହୋଇଥିଲା। କବିତା ପାଠୋତ୍ସବ ଅଧିବେଶନରେ କବି ଡ. ଭଗବାନ ଜୟସିଂ, ଅଶ୍ୱିନୀ କୁମାର ମିଶ୍ର, ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ, ବ୍ରଜେଶ୍ୱରୀ ବେହେରା ଓ ଆଲୋକିତା ମିଶ୍ର କବିତାପାଠ କରିଥିଲେ। ଶେଷରେ ବଦ୍ରି ପ୍ରସାଦ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁର୍ ଭାଇବ୍ରେସନ୍ ପକ୍ଷରୁ ପୁଣିଥରେ 'ଉଠ କଙ୍କାଳ'



ଭୁବନେଶ୍ୱର,୩୦।୩(ସମିସ): ଉତ୍କଳ ଦିବସକୁ ଆଖି ଆଗରେ ରଖି ଓଡ଼ିଶାର ଲୋକକଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାଭିତ୍ତିକ ସଙ୍ଗୀତ ଗାଇ ଓଡ଼ିଶାର ପୂରପଲ୍ଲୀରେ ବେଶ୍ ଲୋକପ୍ରିୟତା ସୃଷ୍ଟି କରିପାରିଥିବା କଣ୍ଠଶିଳ୍ପୀ ଡ. ଜୟଶ୍ରୀ ଧଳଙ୍କ କଣ୍ଠରେ ରିଲିଜ୍ ହୋଇଯାଇଛି ସଙ୍ଗୀତ 'ଉଠ କଙ୍କାଳ'। ପଣ୍ଡିତ ଗୋଦାବରୀଶ ମହାପାତ୍ର ଓ ଉତ୍କଳ ଗୌରବ ମଧୁସୂଦନଙ୍କ ମୂଳ କବିତାକୁ ନେଇ ଏହି ଫ୍ୟୁଜନ ସଙ୍ଗୀତକୁ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଗୁରୁ ଶାଶ୍ୱତ ଯୋଶୀ। ସଂଗୀତରେ ସଜେଇଛନ୍ତି ସାନ୍ତନୁ ନାୟକ। ଜୟଶ୍ରୀ ଧଳଙ୍କ କଣ୍ଠ ସହିତ ଗୁରୁ ଶାଶ୍ୱତ ଯୋଶୀଙ୍କ ନୃତ୍ୟର ଯୁଗଳ ବନ୍ଦୀରେ ପ୍ରତିଟି ଓଡ଼ିଆ ଜାଗି ଉଠିବେ। ଏହି ଗୀତକୁ ପ୍ରଯୋଜନା କରିଛନ୍ତି ସୁର୍ ଭାଇବ୍ରେସନ୍। ଜୟଦେବ ଭବନ ପ୍ରଦର୍ଶନୀ ଗୃହରେ ଏହି ସଂଗୀତ ଉନ୍ମୋଚନ କାର୍ଯ୍ୟକ୍ରମରେ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ପାଇକ ମହାସଂଘ ସଭାପତି ପ୍ରକାଶ ଶ୍ରୀଚନ୍ଦନ, ସାମ୍ବାଦିକ ସୁଧାଂଶୁ ଶେଖର ରାଉତ, ରାଜ୍ୟ ଅଭିଲେଖାଗାର ପୂର୍ବତନ ସମ୍ପାଦିକା ଭାଗ୍ୟଲିପି ମଲ୍ଲ, ସମାଜସେବୀ ଜ୍ୟୋତ୍ସ୍ନାମୟୀ ପରିଡ଼ା, ସୁଚିସ୍ମିତା ପୃଷ୍ଟି ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶ୍ରୀକାନ୍ତ ସଂଯୋଜନା କରିଥିବାବେଳେ ହୃତିକ ବିନ୍ଧାଣି, ବାପିନ୍ ଜେନା, ରାହୁଲ ସାହୁ ସହଯୋଗ କରିଥିଲେ। ସମାଜସେବୀ ମହାସଂଘ ସଭାପତି ବାପୁ ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍କଳ ସିନେ ଚାମ୍ବର ଅଫ୍ କମର୍ସର ବୈଠକ




ଭୁବନେଶ୍ୱର,୩୦।୩(ସମିସ): ଉତ୍କଳ ସିନେ ଚାମ୍ବର ଅଫ୍ କମର୍ସ ପକ୍ଷରୁ ରବିବାର ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି କିଛି ବିଦ୍ରୋହୀ ସଦସ୍ୟଙ୍କ ଦ୍ୱାରା ସମାନ ନାମରେ ନୂଆ ସଂଗଠନ କରି ନିଜକୁ ମୂଳ ସଂଗଠନ କହୁଥିବାର ପର୍ଦ୍ଦାଫାଶ୍ ହୋଇଥିବା ଉପରେ ତଥ୍ୟ ଓ ରାୟର ନକଲ ପ୍ରଦାନ କରିଥିଲେ। ଏହାସହ କଟକ ୟୁସିସିସି ହିଁ ପ୍ରକୃତ ଅନୁଷ୍ଠାନ ବୋଲି ତଥ୍ୟ ଓ ପ୍ରମାଣ ଉପସ୍ଥାପନ କରିଥିଲେ। ଏହି ସମ୍ମିଳନୀରେ ସମ୍ପାଦକ ଜୁବୁଲି ସୁନ୍ଦର ରାଏ, ଉପସଭାପତି ଅଜୟ ରାଉତରାୟ, କୋଷାଧ୍ୟକ୍ଷ ଶ୍ରୀଧର ମାର୍ଥା, ପ୍ରଯୋଜକ ପ୍ରଣୟ ଜେଠୀ, କୌସିକ ଦାସ, ଅଭିନେତା ସୋହମ୍ ସିଂ, ଅଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଖୁବ୍‌ଶୀଘ୍ର ସଂଘର ନିର୍ବାଚନ ହେବ ଓ ନକଲ କରିଥିବା ଦୋଷୀଙ୍କୁ ନ୍ୟାୟାଳୟରେ ଉପଯୁକ୍ତ ଦଣ୍ଡ ଦେବେ ବୋଲି ଆଶା ପ୍ରକଟ କରିଥିଲେ।

# ଏସ୍‌ବିଆଇ ପକ୍ଷରୁ ୧୨୮ ସୌରଚାଳିତ ବିଦ୍ୟୁତ୍ ଖୁଣ୍ଟ ପ୍ରଦାନ



ଭୁବନେଶ୍ୱର,୩୦।୩(ସମିସ): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଭୁବନେଶ୍ୱର ମଣ୍ଡଳ ଦ୍ୱାରା ସ୍ୱେଚ୍ଛାସେବୀ ସଂଗଠନ ଆଜିର ସୃଜନୀ ସହଯୋଗରେ ୧୨୮ଟି ସୌର ଚାଳିତ ଆଲୋକ ଖୁଣ୍ଟ ପ୍ରଦାନ କରାଯାଇଛି। ଏହି ଆଲୋକିକରଣ ଦ୍ୱାରା ବାଲିଅନ୍ତା ବ୍ଲକର ବିଭିନ୍ନ ସ୍ଥାନ ମୁଖ୍ୟତଃ ଗ୍ରାମାଞ୍ଚଳର ପୋଖରୀ ଓ ଶ୍ମଶାନ ଆଦି ସ୍ଥାନ ମାନଙ୍କରେ ସହସ୍ରାଧିକ ଜନସାଧାରଣ ଉପକୃତ ହେବେ। ବାଲିଅନ୍ତା ବ୍ଲକ ସତ୍ୟଭାମାପୁର ପଞ୍ଚାୟତ ଅନ୍ତର୍ଗତ ଗୋତଳବିନ୍ଧା ଗ୍ରାମସ୍ଥିତ ସୀତାରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଷ୍ଟେଟ୍ ବ୍ୟାଙ୍କ୍ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପରୁଥୀ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଜୟଦେବ ବିଧାନସଭା ମଣ୍ଡଳୀର ପୂର୍ବତନ ବିଧାୟକ ଡ଼ଃ ଅରବିନ୍ଦ ଢ଼ାଲି, ଷ୍ଟେଟ୍ ବ୍ୟାଙ୍କର ତରଫରୁ ମହାପ୍ରବନ୍ଧକ ପୋନ୍ନମବଲମ୍ ଏମ୍, ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

**ରାଜ୍ୟସ୍ତରୀୟ ନରଣପୁର ଦିବାରାତ୍ର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

# ମଧୁବନ ବିଶ୍ୱ ବିଜୟୀ କ୍ଲବ୍ ଚାମ୍ପିଅନ୍

ନନ୍ଦନକାନନ,୩୦।୩(ସମିସ): ବାରଙ୍ଗ ନରଣପୁର ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଦିବାରାତ୍ର ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍‌ରେ ବିଶ୍ୱ ବିଜୟୀ କ୍ଲବ୍ ମଧୁବନ ସହିତ ସ୍ୱର୍ଣ୍ଣ ଦେବୀ କ୍ଲବ୍ ବଉଳକୁଦ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ମଧୁବନ ୩-୨ ଗୋଲ୍‌ରେ ବଉଳକୁଦକୁ ହରାଇ ଚାମ୍ପିଅନ୍ ଟ୍ରଫି ହାତେଇଛି। ଦର୍ଶକଙ୍କ ଖଚାଖଚ୍ ଭିଡ଼ ଏହି ଖେଳପଡ଼ିଆରେ ଫାଇନାଲ୍ ମ୍ୟାଚ୍ ଚିତାକର୍ଷକ ହୋଇଥିଲା। ହଜାର ହଜାର ସଂଖ୍ୟାରେ ଦର୍ଶକ ଖେଳକୁ ଉପଭୋଗ କରିଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ୩୨ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ତୁଷାରକାନ୍ତ ଚକ୍ରବର୍ତ୍ତୀ, ସମ୍ମାନିତ ଅତିଥିଭାବେ ଅଭିନେତା ଶ୍ରୀତମ୍ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅଜୟ ମୁଦୁଲି, ଦେବଦତ୍ତ ସ୍ୱାଇଁ, ସମାଜସେବୀ ସୌମେନ୍ଦ୍ର ଲେଙ୍କା, ରାଣା ଜୟ ସାହା, କଟକ ସାଂସଦଙ୍କ ପ୍ରତିନିଧି ଭୂପତି ଭୂଷଣ ପାଣି, କିଶନ ଜେନା, ପ୍ରତିନା ଦାସ, ସଞ୍ଜୟ ପାଣି, ଦୀପକ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ବିଜେତା ଦଳକୁ ନଗଦ ୧୫ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ନଗଦ ୧୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା।



କ୍ଲବ୍‌ର ସଭାପତି ଅକ୍ଷୟ ବିଶ୍ୱାଳ, ସମ୍ପାଦକ ଦୀପକ ରାଉତ, କୋଷାଧ୍ୟକ୍ଷ ଧୀରେନ୍ଦ୍ର ବିଶ୍ୱାଳ, ପ୍ରଭାକର ରାଉତ, ରଞ୍ଜନ ସାହୁ, ଭରତ ସ୍ୱାଇଁ, ରାଜେନ୍ଦ୍ର ସ୍ୱାଇଁ, କୈଳାଶ ସ୍ୱାଇଁ, ପିତାମ୍ବର ବିଶ୍ୱାଳ, ବିରେନ୍ ରାଉତଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ ଓ ଗ୍ରାମର ଯୁବଗୋଷ୍ଠୀ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

**ବିଏମ୍‌ସି ଟିକସ ଆଦାୟର ଆଜି ଶେଷ ଦିନ**

# ୨୦୦ କୋଟି ଟପିଲା ଚଳିତ ବର୍ଷର ରାଜସ୍ୱ ଆଦାୟ

ଭୁବନେଶ୍ୱର,୩୦।୩(ସମିସ): ମାର୍ଚ୍ଚ ୩୧ ତାରିଖ ଚଳିତ ଆର୍ଥିକ ବର୍ଷର ଶେଷ ଦିନ। ଏଣୁ ସୋମବାର ବିଏମ୍‌ସି ଯାହା ଟିକସ ଆଦାୟ ହେବା କଥା କରିବ ଆଉ ହୋଇପାରିବ ନାହିଁ। ସୋମବାର ପରେ ଟିକସ ଆଦାୟ କଲେ ତାହା ୨୦୨୫-୨୬ ଆର୍ଥିକ ବର୍ଷରେ ଗଣାଯିବ। ଅନ୍ୟପକ୍ଷରେ ଏବର୍ଷ ବିଏମ୍‌ସି ୨୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ କରିଥିବା ଜଣାପଡ଼ିଛି। ସେହିପରି ହୋଲ୍ଡିଂ ଟିକସ ବାବଦକୁ ୯୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଇଛି। ବିଗତ ବର୍ଷ ତୁଳନାରେ ଏହା ୧୫ କୋଟିରୁ ଉର୍ଦ୍ଧ୍ୱ। ଯାହାକୁ ନେଇ ବିଏମ୍‌ସି କର୍ମଚାରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି।

ଗତବର୍ଷ ହୋଲ୍ଡିଂ ଟିକସ ବାବଦକୁ ୭୪ କୋଟି ଟଙ୍କା ଆଦାୟ କରାଯାଇଥିଲା।

**ହୋଲ୍ଡିଂ ଟିକସରେ ୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବୃଦ୍ଧି**

କିନ୍ତୁ ଚଳିତ ବର୍ଷ ହୋଲ୍ଡିଂ ଟିକସ ବାବଦକୁ ୯୦ କୋଟି ଟଙ୍କା ଆଦାୟ କରାଯିବା ନେଇ ବଜେଟ୍ ଆକଳନ ଲକ୍ଷ୍ୟ ରଖାଯାଇଥିଲେ। ଯାହା ପୂରଣ ହୋଇଛି ବୋଲି ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ ଖୁସିବ୍ୟକ୍ତ କରି କହିଛନ୍ତି। ସେହିପରି ପାର୍କିଂ ବାବଦକୁ ଗତବର୍ଷ ୧କୋଟି ଟଙ୍କା ଆଦାୟ କରାଯାଇଥିଲା ବେଳେ ଚଳିତ ବର୍ଷ ପାର୍କିଂ ବାବଦକୁ ୨ କୋଟି ଟଙ୍କା ଆଦାୟ କରାଯାଇଥିବା ଜଣାପଡ଼ିଛି। ବିଗତ କିଛିଦିନ ମଧ୍ୟରେ ହୋଲ୍ଡିଂ ଟିକସ ଦେଉନଥିବା ବଡ଼ ବଡ଼ ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକ ସିଲ୍ ଧମକ ବିଏମ୍‌ସିର ରାଜସ୍ୱକୁ ବୃଦ୍ଧିର ମୁଖ୍ୟ କାରଣ ପାଲଟିଛି ବୋଲି କର୍ମଚାରୀଙ୍କ ମହଲରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଯାହା ଆଦାୟ ହୋଇଛି ତାହା ବହୁତ୍ କମ୍। ବିଏମ୍‌ସିର ହୋଲ୍ଡିଂ ଟିକସ ଠିକ୍ ଭାବେ ଆକଳନ ହେଲେ ଏହାସହ ଟିକସ ଚୋରି ରୋକାଯାଇ ପାରିଲେ ବହୁ ପରିମାଣର ରାଜସ୍ୱ ଆଦାୟ ହେବ ବୋଲି ମତ ପ୍ରକାଶ ପାଇଛି।






## ୮୦୦ ଟଙ୍କା ପାଇଁ ପରୀକ୍ଷା ଅନୁମତି ଦେଲେନି

# ଆତ୍ମହତ୍ୟା କଲେ ନବମ ଶ୍ରେଣୀ ଛାତ୍ରୀ

**ଲକ୍ଷ୍ନୌ, ୩୦।୩ (ଏଜେନ୍ସି):** ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିଲା। ଏହା ସତ୍ତ୍ୱେ ଘରୋଇ ବିଦ୍ୟାଳୟର ଦେୟ ବାବଦକୁ ୧୫୦୦ ଟଙ୍କା ପ୍ରଦାନ କରିଥିଲେ। ଆଉ ମାତ୍ର ୮୦୦ ଟଙ୍କା ପରେ ଦିଆଯିବ ବୋଲି କହିଥିଲେ। କିନ୍ତୁ ଏହି ଟଙ୍କା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ନବମ ଶ୍ରେଣୀର ଜଣେ ଛାତ୍ରୀଙ୍କୁ ଆଡମିଟ୍ କାର୍ଡ ଦେଇନାହାନ୍ତି। ପରୀକ୍ଷା ଦେବାରୁ ବଞ୍ଚିତ କରିଛନ୍ତି। ଅନ୍ୟମାନଙ୍କ ସହ ମିଶି ପ୍ରଧାନ ଶିକ୍ଷକ ସମସ୍ତଙ୍କୁ ସାମ୍ନାରେ ଛାତ୍ରୀଙ୍କୁ ଅପମାନିତ କରିଛନ୍ତି। ଏଥିରେ



ବିଚଳିତ ହୋଇ ନବମ ଶ୍ରେଣୀ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଉତ୍ତର ପ୍ରଦେଶ ପ୍ରତାପଗଡ଼ ଜିଲ୍ଲାର ଏହି ଘଟଣା ସଭ୍ୟ ସମାଜକୁ ବ୍ୟଥିତ କରିଦେଇଛି। ଏ ନେଇ ମୃତ ଛାତ୍ରୀଙ୍କ ମାଆ ଏତଲା ରୁଜୁ କରିଛନ୍ତି। ସେ ବିଦ୍ୟାଳୟ ପ୍ରଶାସନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

ସେ ଅଭିଯୋଗରେ କହିଛନ୍ତି ଯେ ଝିଅ ଶନିବାର ପରୀକ୍ଷା ଦେବା ପାଇଁ ବିଦ୍ୟାଳୟକୁ ଯାଇଥିଲା। ସେଠାରେ ସ୍କୁଲ୍ ମ୍ୟାନେଜର ସନ୍ତୋଷ କୁମାର ଯାଦବ, ଅଧିକାରୀ ଦୀପକ ସରୋଜ ଏବଂ ପ୍ରଧାନ ଶିକ୍ଷକ ରାଜକୁମାର ଯାଦବ ଅନ୍ୟମାନଙ୍କ ସହ ମିଶି ଝିଅକୁ ଅପମାନିତ କରିଥିଲେ। ପରୀକ୍ଷା ଦେବାକୁ ଦେଇ ନ ଥିଲେ। ଝିଅ ପରେ ଘରକୁ ଫେରି ଆସି ଆତ୍ମହତ୍ୟା କରିଥିଲା। ମାଆ କ୍ଷେତରୁ ଫେରିବା ପରେ ଘର ଆଗରେ ଅନେକ ଲୋକ ରୁଣ୍ଡ ହୋଇଥିବା ଦେଖିବାକୁ ପାଇଥିଲେ। ପୁଲିସ ଏ ନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଦେଇଛି। ଓକିଲ ତଥା ସ୍ଥାନୀୟ ପଞ୍ଚାୟତ ସଦସ୍ୟ ମହମ୍ମଦ ଆରିଫ କହିଛନ୍ତି ଯେ ଶିକ୍ଷା ନାମରେ ପିଲାଙ୍କୁ ଶୋଷଣ କରାଯାଉଛି। ଏହାକୁ ଏଡାଇବା ପାଇଁ କଠୋର ପଦକ୍ଷେପ ନେବା ଉଚିତ। ଶିକ୍ଷାକୁ ବ୍ୟବସାୟ କରିଥିବା ଏଭଳି ବ୍ୟକ୍ତିବିଶେଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ।



# ପୁତିନଙ୍କ କାର୍ ବିସ୍ଫୋରଣ

## ବର୍ତ୍ତିଗଲେ ରୁଷ ରାଷ୍ଟ୍ରପତି
## ଜେଲେନ୍ସ୍କି ଦେଇଥିଲେ ଧମକ

**ମସ୍କୋ,୩୦।୩(ଏଜେନ୍ସି):** ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନଙ୍କୁ ହତ୍ୟା କରିବାକୁ ପୁଣି ଉଦ୍ୟମ ହୋଇଛି। ମସ୍କୋ ରାସ୍ତାରେ ରୁଷିଆର ପ୍ରମୁଖ ଗୁଇନ୍ଦା ଏଜେନ୍ସି ଏଫଏସବି ମୁଖ୍ୟାଳୟ ନିକଟରେ ପୁତିନ ବ୍ୟବହାର କରୁଥିବା ଅତ୍ୟନ୍ତ ନାମୀଦାମୀ ଅରସ୍ ସେନତ୍ ଲିମୋସିନ୍ କାର୍‌ରେ ଭୀଷଣ ବିସ୍ଫୋରଣ ଘଟି ଏହି କାର୍ ଜଳିଯାଇଛି। ହେଲେ ଏହି ସମୟରେ ପୁତିନ ଉକ୍ତ କାର୍‌ରେ ନଥିବାରୁ ସୌଭାଗ୍ୟବଶତଃ ରକ୍ଷା ପାଇଯାଇଛନ୍ତି। ରାଷ୍ଟ୍ରପତିଙ୍କ ବ୍ୟବହାର ପାଇଁ ସାମିଲ ରହିଥିବା ବିଭିନ୍ନ ଶ୍ରେଣୀର କାର୍ ମଧ୍ୟରେ ଏହି କାର୍ ଅନ୍ୟତମ ହୋଇଥିଲା ବେଳେ ଏହାର ମୂଲ୍ୟ ୨,୭୫,୦୦୦ ପାଉଣ୍ଡ। ରୁଷିଆରେ ନିର୍ମିତ ଏହି ଶ୍ରେଣୀର କାର୍ ନିର୍ଦ୍ଦିଷ୍ଟ ଭାବେ କେବଳ କିଛି ରଜନେତାଙ୍କ ପାଇଁ ଉଦ୍ଦିଷ୍ଟ ରହିଥିଲା ବେଳେ ପୁତିନଙ୍କ ସମେତ ଉତ୍ତର କୋରିଆ ରାଷ୍ଟ୍ରପତି କିମ୍ ଜୋଙ୍ଗ ୟୁନ ମଧ୍ୟ ଏହି କାର୍ ବ୍ୟବହାର କରନ୍ତି। ତେବେ କଡ଼ା ସୁରକ୍ଷାମଧ୍ୟରେ ଯାଉଥିବା ଏହି କାର୍‌ରେ କିଭଳି ବିସ୍ଫୋରଣ ହେଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ଏହି କାର୍ ଯାଉଥିଲା ବେଳେ ଅଚାନକ ଭାବେ ଇଞ୍ଜିନରୁ ଧୂଆଁ ବାହାରି ଏହା ଜଳି ଯାଉଥିବାର ଭିଡିଓ ଭାଇରାଲ ହୋଇଛି। ପୁତିନଙ୍କ ଭଳି ବିଶ୍ୱର ଜଣେ ପ୍ରତିପ୍ରତିଶାଳୀ ନେତାଙ୍କ ପାଇଁ ନିୟୋଜିତ ରହିଥିବା ଏହି କାର୍‌ରେ ବିସ୍ଫୋରଣ ହେବା ରୁଷ ରାଷ୍ଟ୍ରପତିଙ୍କ ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନ ଉଠିଛି। ଗୋଟିଏ ପଟେ ଆମେରିକା ମଧ୍ୟସ୍ଥତାରେ ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ବନ୍ଦ କରିବାକୁ ଆଲୋଚନା ଚାଲିଥିଲା ବେଳେ ଅନ୍ୟପଟେ ପୁତିନଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରାଯାଇଥିଲା ବୋଲି ଆକଳନ କରାଯାଇଛି। ତେବେ ଏହି ଷଡ଼ଯନ୍ତ୍ର ପଛରେ କାହାର ହାତ ରହିଛି ତାହା ଜାଣିବାକୁ କ୍ରେମଲିନ୍ ପକ୍ଷରୁ ଯାଞ୍ଚ ଆରମ୍ଭ ହୋଇଛି। ସବୁଠୁ ବଡ଼ କଥା ହେଲା ଦୁଇ ଦିନ ତଳେ ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍ସ୍କି ପୁତିନଙ୍କୁ ନେଇ ଯେଭଳି ମନ୍ତବ୍ୟ ଦେଇଥିଲେ ତାହା ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ହୋଇଥିଲା। ଖୁବଶୀଘ୍ର ପୁତିନଙ୍କ ମୃତ୍ୟୁ ହେବ ଏବଂ ଏହାପରେ ଶାନ୍ତି ଫେରିବ ବୋଲି ଜେଲେନ୍ସ୍କି ଗଣମାଧ୍ୟମକୁ ସାକ୍ଷାତକାର ଦେବା ସମୟରେ କହିଥିଲା ବେଳେ ଏହାର ଠିକ୍ ଦୁଇ ଦିନ ପରେ ପୁତିନଙ୍କ କାର୍‌ରେ ବିସ୍ଫୋରଣ ହେବା ଅନେକ ଦିଗକୁ ସୂଚିତ କରୁଛି ବୋଲି କୁହାଯାଉଛି। ଏହାପୂର୍ବରୁ କ୍ରେମଲିନ ଉପରେ ୟୁକ୍ରେନ ଡ୍ରୋନ ଦ୍ୱାରା ଆକ୍ରମଣ କରି ପୁତିନଙ୍କୁ ହତ୍ୟା କରିବାକୁ ପ୍ରୟାସ କରିଥିଲା। ଏବେ ଦ୍ୱିତୀୟଥର ପୁତିନଙ୍କୁ ଟାର୍ଗେଟ କରି ଏଭଳି କରାଯାଇଛି ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି।

# ୩୦୦ ପରମାଣୁ ବୋମାଠୁ ବି ଅଧିକ ଭୟଙ୍କର

## ମ୍ୟାଁମାର ଭୂକମ୍ପ: ଏବେ ବି ଧ୍ୱଂସାବଶେଷ ତଳୁ ଚାଲିଛି ଜୀବନ ଖୋଜା

**ନୂଆଦିଲ୍ଲୀ,୩୦।୩(ଏଜେନ୍ସି):**


ପ୍ରଳୟଙ୍କରୀ ଭୂକମ୍ପ ପ୍ରଭାବିତ ମ୍ୟାଁମାର ଏକପ୍ରକାର ନର୍କରେ ପରିଣତ ହୋଇଛି। ବେଳକୁ ବେଳ ବିଭିନ୍ନ ସ୍ଥାନରେ ଯେଭଳି ଛାତିଥରା ଦୃଶ୍ୟ ଦେଖିବାକୁ ମିଳୁଛି ତାହା ଅତ୍ୟନ୍ତ ହୃଦୟବିଦାରକ। ବର୍ତ୍ତମାନ ସୁଦ୍ଧା ୧୭୦୦ ଲୋକଙ୍କ ମୃତ୍ୟୁ ହେବା ସହିତ ୪ ହଜାରରୁ ଅଧିକ ଲୋକ ଆହତ ହୋଇଥିବା ସରକାରୀ ସ୍ତରରେ କୁହାଯାଉଥିଲେ ହେଁ ସ୍ଥିତି ଆହୁରି ଗମ୍ଭୀର ରହିଛି ବୋଲି ବିଶେଷଜ୍ଞମାନେ କହିଛନ୍ତି। କାରଣ ଏବେ ବି ବିଭିନ୍ନ ସ୍ଥାନରେ ଶହ ଶହ ଲୋକ ଭଗ୍ନାବଶେଷ ତଳେ ପୋତି ହୋଇ ରହିଛନ୍ତି। ଭୂକମ୍ପର କେନ୍ଦ୍ରସ୍ଥଳ ରହିଥିବା ମ୍ୟାଁମାରର ଦ୍ୱିତୀୟବୃହତ ସହର ମାଣ୍ଡାଲେ ସମେତ ଏହାର ଆଖପାଖ ଅଞ୍ଚଳ ଦୁର୍ଗନ୍ଧରେ ଫାଟିପଡୁଛି। ଏହିସବୁ ସ୍ଥାନରେ ବହୁ ସଂଖ୍ୟକ ଲୋକଙ୍କ ମୃତ୍ୟୁ ହୋଇଥିଲେ ହେଁ ସେମାନଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇପାରିନଥିବା କୁହାଯାଇଛି। ବିଭିନ୍ନ ସ୍ଥାନରେ ସଡ଼କ ଏବଂ ପୋଲ ସହିତ ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହୋଇଥିବାରୁ ଉଦ୍ଧାର କାର୍ଯ୍ୟ ପାଇଁ ପ୍ରତିବନ୍ଧକ ସାଜିଛି। ମ୍ୟାଁମାର ଭୂକମ୍ପଜନିତ କ୍ଷତିକୁ ନେଇ ବୈଜ୍ଞାନିକମାନେ ଯାହା କହିଛନ୍ତି ତାହା ଶୁଣିଲେ ବିଶ୍ୱାସ କରି ହେବ ନାହିଁ। ବିଶେଷଜ୍ଞଙ୍କ ମତରେ ଭୂକମ୍ପଜନିତ କ୍ଷତି ୩୦୦ରୁ ଅଧିକ ପରମାଣୁ ବୋମା ବିସ୍ଫୋରଣଜନିତ କ୍ଷତି ଠାରୁ ଅଧିକ ରହିଛି। ଏହାବ୍ୟତୀତ ଏଠାରେ ଅନୁଭୂତ ଶକ୍ତିଶାଳୀ ଭୂକମ୍ପ ପରବର୍ତ୍ତୀ କମ୍ପନ ଆହୁରି ଭୟାନକ ହୋଇପାରେ ବୋଲି ବିଶେଷଜ୍ଞମାନେ ସତର୍କ କରିଥିବାରୁ ଏହାକୁ ନେଇ ପୁଣି ଆତଙ୍କ ସୃଷ୍ଟି ହୋଇଛି। ଏଠାକାର ସେନା ସରକାରଙ୍କ ସମ୍ବଳ ମଧ୍ୟ ଉଦ୍ଧାର କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି କୁହାଯାଉଛି। ବର୍ତ୍ତମାନ ସୁଦ୍ଧା ଭାରତ ସମେତ ଅନ୍ୟ ବହୁ ଦେଶରୁ ଆସିଥିବା ଉଦ୍ଧାରକାରୀ ଦଳ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଥିଲେ ମଧ୍ୟ ମୃତଲୋକଙ୍କ ଶବ ଉଦ୍ଧାର କରିବା ସମ୍ଭବ ହୋଇ ନାହିଁ। ସେପଟେ ଉପଗ୍ରହରୁ ଆସିଥିବା ମ୍ୟାଁମାରର ଚିତ୍ର ଛାତି ଥରାଇ ଦେବା ଭଳି ଲାଗୁଛି। ବହୁ ସହରରେ ବ୍ୟାପକ କୋଠା ଏବଂ ଘର ଧ୍ୱସ୍ତବିଧ୍ୱସ୍ତ ହୋଇପଡ଼ିଥିଲା ବେଳେ ଏବେ ମଧ୍ୟ ଲୋକମାନେ ସେମାନଙ୍କ ପରିବାର ସଦସ୍ୟଙ୍କୁ ମାଟି ତଳୁ ବାହାର କରିବାକୁ ଉଦ୍ୟମ କରୁଥିବା ଦେଖାଯାଇଛି।

ଉପଗ୍ରହରୁ ମିଳିଥିବା ଚିତ୍ରରେ ମ୍ୟାଁମାରର ଭିତ୍ତିଭୂମି ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଥିବା ଦେଖାଯାଇଛି। ସଡ଼କପଥ ଠାରୁ ଆରମ୍ଭ କରି ବହୁ ପୋଲ ଏବଂ ବିମାନ ବନ୍ଦର କ୍ଷତିଗ୍ରସ୍ତ ହୋଇଥିବା ସ୍ପଷ୍ଟ ହୋଇଛି। ଯାହାକୁ ନେଇ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନାହିଁ। ଏହାବ୍ୟତୀତ ମଝିରେ ମଝିରେ ପୁଣି ଭୂକମ୍ପ ଝଟକା ଲୋକମାନଙ୍କୁ ଭୟଭୀତ କରିଦେଉଛି।



## ଭୂକମ୍ପରେ ଥରିଲା ଟୋଙ୍ଗା ଦ୍ୱୀପାଞ୍ଚଳ; ସୁନାମୀ ସତର୍କତା ଜାରି

ମ୍ୟାଁମାର ଏବଂ ଥାଇଲାଣ୍ଡରେ ଅନୁଭୂତ ପ୍ରଳୟଙ୍କରୀ ଭୂକମ୍ପର ପ୍ରଭାବ ଥମି ନଥିଲା ବେଳେ ଏବେ ପ୍ରଶାନ୍ତ ମହାସାଗରୀୟ ଟୋଙ୍ଗା ଦ୍ୱୀପାଞ୍ଚଳ ରବିବାର ୭.୧ ତୀବ୍ରତାର ଭୂକମ୍ପରେ ଥରିଛି। ଆମେରିକାର ଭୂତାତ୍ତ୍ୱିକ ସର୍ବେକ୍ଷଣ ଏଜେନ୍ସି ରିପୋର୍ଟ ଅନୁସାରେ ଏଠାରେ ସମୁଦ୍ରର ୧୦ କିମି ଗଭୀରରେ ୭.୧ ତୀବ୍ରତାର ଭୂକମ୍ପ ସୃଷ୍ଟି ହୋଇଥିଲା ବେଳେ ଏଠାକାର ପାଙ୍ଗାଇ ଗ୍ରାମ ଠାରୁ ୯୦ କିମି ପରିସରରେ ପ୍ରଭାବ ସୃଷ୍ଟି କରିଛି। ଯାହାକୁ ନେଇ ସୁନାମୀ ସତର୍କତା ଜାରି କରାଯାଇଛି। ଭୂକମ୍ପ କେନ୍ଦ୍ରସ୍ଥଳ ଠାରୁ ୩୦୦ କିମି ପରିଧି ମଧ୍ୟରେ ପ୍ରାୟ ୩ ରୁ ୪ ମିଟର ଉଚ୍ଚତାରେ ସମୁଦ୍ର ଜୁଆର ଆସି ସର୍ବାଧିକ ପ୍ରଭାବ ସୃଷ୍ଟି କରିପାରେ ବୋଲି କୁହାଯାଇଛି।



## ପୂର୍ବତନ ରାଜା ଜ୍ଞାନେନ୍ଦ୍ରଙ୍କୁ ୮ ଲକ୍ଷର ଜୋରିମାନା

### ପାସପୋର୍ଟ ଜବତ କଲା ସ୍ଥାନୀୟ ପ୍ରଶାସନ

**କାଠମାଣ୍ଡୁ, ୩୦।୩(ଏଜେନ୍ସି):** ନେପାଳରେ ପୁନଃ ରାଜା ଶାସନ ଦାବି କରି ବିଭିନ୍ନ ସ୍ଥାନରେ ହୋଇଥିବା ବିକ୍ଷୋଭ ଲାଗି ପୂର୍ବତନ ରାଜା ଜ୍ଞାନେନ୍ଦ୍ର ଶାହଙ୍କୁ ଜୋରିମାନା କରାଯାଇଛି। ବିକ୍ଷୋଭ ବେଳେ ବିଭିନ୍ନ ସ୍ଥାନରେ ଭଙ୍ଗାରୁଜା ହେବା ସହିତ ସରକାରୀ ସମ୍ପତ୍ତି କ୍ଷତି ହୋଇଥିବାରୁ ଏହାର ଭରଣା ପାଇଁ କାଠମାଣ୍ଡୁ ମେଟ୍ରୋପଲିଟାନ ମେୟର ଜ୍ଞାନେନ୍ଦ୍ରଙ୍କ ଉପରେ ୭ ଲକ୍ଷ ୯୩ ହଜାର ନେପାଳୀ ଟଙ୍କା ଜୋରିମାନା ଲଗାଇଛନ୍ତି। ଏଥିନେଇ ଜ୍ଞାନେନ୍ଦ୍ରଙ୍କୁ ଏକ ଚିଠିରେ ଅବଗତ କରାଯାଇ ତୁରନ୍ତ ଜୋରିମାନା ପୈଠ କରିବାକୁ କୁହାଯାଇଛି। ଏହାଛଡ଼ା ତାଙ୍କ ଘର ଉପରେ ଏବେ ସ୍ୱତନ୍ତ୍ର ଭାବେ ନଜର ରଖାଯାଇଥିଲା ବେଳେ ତାଙ୍କ ପାସପୋର୍ଟ ଜବତ କରାଯାଇଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ନିକଟରେ ଜ୍ଞାନେନ୍ଦ୍ରଙ୍କ ସପକ୍ଷରେ କାଠମାଣ୍ଡୁ ସମେତ ଅନ୍ୟ କିଛି ସହରରେ ନେପାଳୀ ଜନତା ଏକାଠି ହେବା ସହିତ ଏଠାରେ ପୁନଃ ରାଜା ଶାସନ ଫେରାଇ ଆଣିବାକୁ ବିକ୍ଷୋଭ କରିଥିଲେ। ଏହି ସମୟରେ ବିଭିନ୍ନ ସ୍ଥାନରେ ହିଂସା ଘଟିବା ସହିତ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ବିଭିନ୍ନ ସ୍ଥାନରେ କର୍ଫ୍ୟୁ ଲାଗୁ ହେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ନୀତୀଶଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ିବ ଏନଡିଏ

**ପାଟନା,୩୦।୩(ଏଜେନ୍ସି):** ବିହାର ବିଧାନସଭା ନିର୍ବାଚନ ପାଇଁ ଏବେଠୁ ଏନଡିଏ ମେଣ୍ଟର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଦୁଇ ଦିନିଆ ବିହାର ଗସ୍ତରେ ଯାଇ ଏନଡିଏ ମେଣ୍ଟ ନେତାମାନଙ୍କ ସହ ଆସନ ବୁଝାମଣା ନେଇ ଆଲୋଚନା କରିଛନ୍ତି। ଜେଡିୟୁ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନୀତୀଶଙ୍କୁ ନେଇ ଯେଉଁ ଦ୍ୱନ୍ଦ୍ୱ ଥିଲା ତାହା ହଟିଛି। ନୀତୀଶ ପୁଣି କଡ଼ ଲେଉଟାଇ ଇଣ୍ଡିଆ ମେଣ୍ଟକୁ ଯାଇପାରନ୍ତି ବୋଲି କିଛି ଦିନ ହେଲା ଚର୍ଚ୍ଚା ଚାଲିଥିଲା, ତାହାର ମଧ୍ୟ ଅନ୍ତ ଘଟିଛି। ଏନଡିଏ ମେଣ୍ଟ ଆଗାମୀ ବିଧାନସଭା ନିର୍ବାଚନ ନୀତୀଶ କୁମାରଙ୍କ ନେତୃତ୍ୱରେ ହିଁ ଲଢିବ ବୋଲି ଏକପ୍ରକାର ନିଶ୍ଚିତ ହୋଇଯାଇଛି।

## ହମାସ୍‌କୁ ନେତନ୍ୟାହୁଙ୍କ ଧମକ

**ତେଲ୍ ଆଭିଭ୍,୩୦।୩(ଏଜେନ୍ସି):** ଗତ ୧୮ ତାରିଖରୁ ଗାଜା ଉପରେ ଦ୍ୱିତୀୟଥର ପାଇଁ ଜୋରଦାର ଆକ୍ରମଣ ଆରମ୍ଭ କରିଥିବା ଇସ୍ରାଏଲ ଏବେ ଆକ୍ରମଣକୁ ଆହୁରି ଜୋରଦାର କରିଛି। ଇଦ୍ ପାଳନ ପୂର୍ବରୁ ରବିବାର ସକାଳେ ଇସ୍ରାଏଲ ସେନା ଖାନ୍ ୟୁନୁସ୍ ସହର ଉପରେ ଆକ୍ରମଣ କରିଥିଲା ବେଳେ ୮ ଜଣଙ୍କର ମୃତ୍ୟୁ ହେବା ସହିତ ଏକାଧିକ ଲୋକ ଆହତ ହୋଇଛନ୍ତି। ଇସ୍ରାଏଲ ଏବଂ ହମାସ ମଧ୍ୟରେ ଦ୍ୱିତୀୟ ଅସ୍ତ୍ରବିରତି ବୁଝାମଣା ନେଇ ଚାଲିଥିବା ଦ୍ୱନ୍ଦ୍ୱ ଭିତରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ହମାସକୁ ଧମକ ଦେଇ ତୁରନ୍ତ ଅସ୍ତ୍ର ଛାଡିବାକୁ ଧମକ ଦେଇଛନ୍ତି। ଯଦି ହମାସ ଅସ୍ତ୍ର ପରିତ୍ୟାଗ କରେ ତେବେ ଗାଜାରୁ ଏହାର ନେତାମାନଙ୍କୁ ଛାଡି ଦେବାକୁ ଅନୁମତି ଦିଆଯିବ। ନଚେତ୍ ସେମାନଙ୍କ ଉପରେ ଜୋରଦାର ଆକ୍ରମଣ ହେବ ବୋଲି ନେତନ୍ୟାହୁ କହିଛନ୍ତି।

## ୩ ରାଜ୍ୟରେ ବଢ଼ିଲା ଆଫସ୍ପା ଅବଧି

**ନୂଆଦିଲ୍ଲୀ,୩୦।୩(ଏଜେନ୍ସି):** କେନ୍ଦ୍ର ସରକାର ମଣିପୁର ସମେତ ନାଗାଲାଣ୍ଡ ଏବଂ ଅରୁଣାଚଳ ପ୍ରଦେଶରେ ସଶସ୍ତ୍ର ବଳ ସ୍ୱତନ୍ତ୍ର ଶକ୍ତି ଅଧିନିୟମ (ଆଫସ୍ପା) ଅବଧି ବୃଦ୍ଧି କରିଛନ୍ତି। ରବିବାର କେନ୍ଦ୍ର ଗୃହମନ୍ତ୍ରାଳୟ ପକ୍ଷରୁ ତିନି ରାଜ୍ୟ ପାଇଁ ପୃଥକ୍ ଭାବେ ଏନେଇ ନିର୍ଦ୍ଦେଶନାମା ଜାରି କରାଯାଇଥିଲା ଆଉ ୬ ମାସ ପାଇଁ ଏହିସବୁ ରାଜ୍ୟରେ ଆଫସ୍ପା ଲାଗୁ ହେବ ବୋଲି କୁହାଯାଇଛି। ଏହି ତିନି ରାଜ୍ୟର ସାଂପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଗୃହ ମନ୍ତ୍ରାଳୟ ପକ୍ଷରୁ ମଣିପୁର ଆଇନ ଶୃଙ୍ଖଳା ପରିସ୍ଥିତି ସମୀକ୍ଷା ପରେ ଏଠାକାର ୧୩ଟି ଥାନା ଅଞ୍ଚଳକୁ ବାଦ୍ ଦେଇ ବାକି ଅଞ୍ଚଳରେ ଆଫସ୍ପା ବଳବତ୍ତର ରହିବ ବୋଲି କୁହାଯାଇଛି।

■ ଇରାନକୁ ଟ୍ରମ୍ପଙ୍କ ଧମକ

## ପରମାଣୁ ଚୁକ୍ତି ନ କଲେ ବୋମା ମାଡ଼

**ୱାସିଂଟନ, ୩୦।୩ (ଏଜେନ୍ସି):** ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଆମେରିକା ଏବଂ ଇରାନ ମଧ୍ୟରେ ବେଳକୁ ବେଳ ବିବାଦ ବଢିବା ସହିତ ସ୍ଥିତି ଗମ୍ଭୀର ହେବାର ଆଶଙ୍କା ସୃଷ୍ଟି କରିଛି। ଯଦି ଇରାନ ପରମାଣୁ ଚୁକ୍ତି ସ୍ୱାକ୍ଷର ନ କରେ ତେବେ ବୋମାମାଡ଼ କରାଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର ଧମକ ଦେଇଛନ୍ତି। ଏପରିକି ସ୍ଥିତି ଏଭଳି ହେବ ତାହା ଅକଳ୍ପନୀୟ ବୋଲି ଟ୍ରମ୍ପ କଠୋର ଚେତବାନୀ ଦେଇ କହିଛନ୍ତି। କେବଳ ସେତିକି ନୁହେଁ, ୪ ବର୍ଷ ପୂର୍ବରୁ ସେ ଇରାନ ବିରୋଧରେ ଯେଭଳି କଟକଣା ଲାଗାଇଥିଲେ ତା' ଠାରୁ ଆହୁରି କଠୋର କଟକଣା ଲଗାଇବେ ବୋଲି ଟ୍ରମ୍ପ କହିଛନ୍ତି। ପୂର୍ବରୁ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଆଲୋଚନା କରିବାକୁ ଟ୍ରମ୍ପ ଇରାନକୁ ଚିଠି ଲେଖିଥିଲା ବେଳେ ଏହାକୁ ଇରାନ ଅଗ୍ରାହ୍ୟ କରିଦେଇଥିଲା। ଆମେରିକା ଯାହା ଚାହିଁବ ତାହା କରିପାରେ ବୋଲି ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମନେଇ କହିଥିଲେ। କିନ୍ତୁ ଟ୍ରମ୍ପ ଟେଲିଫୋନରେ ଗଣମାଧ୍ୟମକୁ ରବିବାର ଏକ ସାକ୍ଷାତକାର ଦେବା ବେଳେ ଇରାନକୁ ପରୋକ୍ଷ ଧମକ ଦେଇ ଏଭଳି କହିବା ପରେ ଇରାନ ମଧ୍ୟ ଏହାର ଜବାବ ରଖିଛି। ଇରାନ କୌଣସି ସ୍ଥିତିରେ ଆଲୋଚନାକୁ ଏଡାଇବାକୁ ଚାହେଁ ନାହିଁ। କିନ୍ତୁ ଆମେରିକା ସହ ପ୍ରତ୍ୟକ୍ଷ ଭାବେ ବୁଝାମଣା କରିବା ସମ୍ଭବ ନୁହେଁ। ଆବଶ୍ୟକ ପଡ଼ିଲେ ଓମାନ ମଧ୍ୟସ୍ଥତାରେ ଆଲୋଚନା କରାଯାଇପାରେ ବୋଲି ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ କହିଛନ୍ତି। ଏହାଛଡ଼ା ଆଲୋଚନା ପାଇଁ ଆମେରିକା ପ୍ରଥମେ ବିଶ୍ୱାସ ଜତାଇବା ଦରକାର ବୋଲି ସେ କହିଛନ୍ତି। ୨୦୧୮ରେ ଟ୍ରମ୍ପ ରାଷ୍ଟ୍ରପତି ଥିବା ସମୟରେ ଇରାନ ବିରୋଧରେ ଲାଗୁ ହୋଇଥିବା କଟକଣାକୁ କୋହଳ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା।

# ଆର୍‌ଏସ୍‌ଏସ୍ ମୁଖ୍ୟାଳୟରେ ମୋଦୀ

### ପ୍ରଧାନମନ୍ତ୍ରୀ ହେବା ପରେ ପ୍ରଥମ ଗସ୍ତ



**ନାଗପୁର, ୩୦।୩ (ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ)ର ମୁଖ୍ୟାଳୟ କେଶବ କୁଞ୍ଜରେ ପହଞ୍ଚିଛନ୍ତି। ସେ ସଂଘର ପ୍ରତିଷ୍ଠାତା କେଶବ ବଳିରାମ ହେଡଗେୱାର ଏବଂ ଅନ୍ୟ ସରସଂଘଚାଳକ ମାଧବ ସଦାଶିବ ଗୋଲୱଲକର (ଗୁରୁଜୀ)ଙ୍କ ସ୍ମାରକ ସ୍ମୃତି ମନ୍ଦିର ଯାଇ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଭାବେ ପ୍ରଥମ ଥର ପାଇଁ ମୋଦୀ ସଂଘର ମୁଖ୍ୟାଳୟକୁ ଯାଇଛନ୍ତି। ଏହା ପୂର୍ବରୁ ସେ ୨୦୧୩ ଜୁଲାଇରେ ଲୋକସଭା ନିର୍ବାଚନ ସମ୍ବନ୍ଧିତ ବୈଠକରେ ସାମିଲ ହେବା ପାଇଁ ନାଗପୁର ଆସିଥିଲେ। ଆଜି ପ୍ରଧାନମନ୍ତ୍ରୀ ସଂଘର ମାଧବ ନେତ୍ରାଳୟର ନୂଆ କୋଠାର ଶୁଭ ଦେଇଥିଲେ। ଏଠାରେ ସେ ୩୪ ମିନିଟର ସମ୍ବୋଧନରେ ଦେଶର ଇତିହାସ, ଭକ୍ତି ଆନ୍ଦୋଳନ, ଏଥିରେ ସାଧୁସନ୍ଥଙ୍କ ଭୂମିକା, ସଂଘର ନିଃସ୍ୱାର୍ଥ ସେବା, ଦେଶର ବିକାଶ, ଯୁବ ବର୍ଗଙ୍କ ଧର୍ମ, ସଂସ୍କୃତି, ସ୍ୱାସ୍ଥ୍ୟସେବାର ବିସ୍ତାର, ଶିକ୍ଷା, ଭାଷା ଏବଂ ପ୍ରୟାଗରାଜ ମହାକୁମ୍ଭ ବିଷୟରେ ଚର୍ଚ୍ଚା କରିଥିଲେ। ସେ ସଂଘର ପ୍ରଶଂସା କରି କହିଥିଲେ ଯେ ରାଷ୍ଟ୍ରୀୟ ଚେତନା ପାଇଁ ଶହେ ବର୍ଷ ତଳେ ବୁଣା ଯାଇଥିବା ମଞ୍ଜି ଆଜି ବିରାଟ ବଟ ବୃକ୍ଷ ଭାବେ ବିଶ୍ୱର ସାମ୍ନାରେ ଛିଡ଼ା ହୋଇଛି। ଏହା ଭାରତୀୟ ସଂସ୍କୃତି ଏବଂ ରାଷ୍ଟ୍ରୀୟ ଚେତନାକୁ ଅଧିକ ମଜବୁତ କରୁଛି। ସ୍ୱୟଂସେବକଙ୍କ ପାଇଁ ସେବା ହିଁ ଜୀବନ। ଆମେ ଦେବରୁ ଦେଶ, ରାମରୁ ରାଷ୍ଟ୍ରର ମନ୍ତ୍ର ନେଇ ଚାଲୁଛେ।

## ମୁଖ୍‌ତାର ଅନସାରୀଙ୍କ ସୁଟର୍ ଅନୁଜ ଏନ୍‌କାଉଣ୍ଟରରେ ନିହତ

**ଲକ୍ଷ୍ନୌ, ୩୦।୩ (ଏଜେନ୍ସି):** ଉତ୍ତର ପ୍ରଦେଶ ଏସ୍‌ଟିଏଫ୍ ମୁଖ୍‌ତାର ଅନସାରୀ ଗ୍ୟାଙ୍ଗର ସୁଟର ଅନୁଜ କନୌଜିଆକୁ ଏନ୍‌କାଉଣ୍ଟରରେ ନିହତ କରିଛି। ଏଡିଜି ଅମିତାଭ ୟଶ୍ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଅନୁଜ ଜାମସେଦପୁରରେ ଲୁଚିଥିଲା। ଏହି ସୂଚନା ମିଳିବା ପରେ ଏସ୍‌ଟିଏଫ ଏବଂ ଝାଡ଼ଖଣ୍ଡ ପୁଲିସ ଶନିବାର ରାତିରେ ଜାମସେଦପୁର ପହଞ୍ଚି ଥିଲା। ପୁଲିସକୁ ଜବାବ ଦେବାକୁ ଯାଇ ଅନୁଜ ଗୁଳି ମାଡ଼ କରିଥିଲା। ବୋମା ମଧ୍ୟ ଫିଙ୍ଗା ଯାଇଥିଲା। କିନ୍ତୁ ଏହା ଫୁଟି ନ ଥିଲା। ପରେ ଜବାବୀ କାର୍ଯ୍ୟାନୁଷ୍ଠାନରେ ଏହି ଅପରାଧୀ ଦେହରେ ଗୁଳି ବାଜିଥିଲା। ତା'କୁ ହସ୍ପିଟାଲ ନିଆ ଯାଇଥିଲା। ମାତ୍ର ସେଠାରେ ସେ ପ୍ରାଣ ହରାଇ ଥିଲା। ଉଭୟ ପକ୍ଷ ମଧ୍ୟରେ ୨୫ ରାଉଣ୍ଡରୁ ଅଧିକ ଗୁଳି ବିନିମୟ ହୋଇଥିଲା। ଏଥିରେ ଏସ୍‌ଟିଏଫର ଡିଏସ୍‌ପି ଧର୍ମେଶ କୁମାର ଶାହି ଆହତ ହୋଇଛନ୍ତି। ତାଙ୍କର ବାମ କାନ୍ଧରେ ଗୁଳି ବାଜିଛି। ଜାମଶେଦପୁର ଟିଏମଏସ୍‌ରେ ତାଙ୍କର ଚିକିତ୍ସା ଚାଲିଛି।

## ବିବାଦରେ ମାଲାୟଲମ ଫିଲ୍ମ ଏଲ୍ ୨-ଏମ୍ପୁରନ୍

### ବିବାଦୀୟ କଥାବସ୍ତୁକୁ ନେଇ କ୍ଷମା ମାଗିଲେ ମୋହନଲାଲ

**ତିରୁଅନନ୍ତପୁରମ, ୩୦।୩ (ଏଜେନ୍ସି):** ମାଲାୟଲମ ଚଳଚ୍ଚିତ୍ର 'ଏଲ୍୨; ଏମ୍ପୁରନ' ଗୁରୁବାର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ଏହି ଫିଲ୍ମକୁ ନେଇ ବିବାଦ ସୃଷ୍ଟି ହୋଇଛି। ୨୦୦୨ର ଗୁଜରାଟ ହିଂସାକୁ ଏଥିରେ ଦେଖା ଯାଇଛି। ଏହାକୁ ଆରଏସ୍‌ଏସ୍ ଏବଂ ବିଜେପି ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଆରଏସଏସ ପକ୍ଷରୁ ଏହାକୁ ବିଭାଜନକାରୀ ଏବଂ ବିବାଦୀୟ କୁହାଯାଇଛି।

ବିବାଦ ବଢିବା ପରେ କେରଳ ସେନସ୍‌ର ବୋର୍ଡ ପୁଣିଥରେ ଚଳଚ୍ଚିତ୍ରକୁ ଦେଖିଛି। ଏଥିରେ ୧୭ଟି କଟ୍ ଲଗାଇବାକୁ ପ୍ରସ୍ତାବ ଦେଇଛି। ମହିଳା ବିରୋଧୀ ହିଂସା ଏବଂ ଦଙ୍ଗାର ଦୃଶ୍ୟକୁ କଟା ଯାଇଛି। ଚଳଚ୍ଚିତ୍ରର ଖଳନାୟକ ବାବା ବଜରଙ୍ଗୀ ନାମ ମଧ୍ୟ ବଦଳାଯିବ। କିଛି ସଂଳାପକୁ ହଟାଇ ଦିଆଯିବ। ଫିଲ୍ମର ପ୍ରଡକ୍ସନ ଟିମ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହା ପୂର୍ବରୁ ନିର୍ମାତା ଗୋକୁଳମ ଗୋପାଳନ କହିଥିଲେ ଯେ ଚଳଚ୍ଚିତ୍ରକୁ ସେନ୍‌ସର ବୋର୍ଡ ଅନୁମୋଦନ ଦେଇଛି। କିଛି ବର୍ଗର ଲୋକଙ୍କ ଭାବନାକୁ ଆଘାତ ନ ଦେବା ପାଇଁ ଏଥିରେ କଟ୍ ଲଗାଯାଉଛି। ଅଭିନେତା ତଥା ନିର୍ଦ୍ଦେଶକ ପୃଥ୍ୱୀରାଜ ସୁକୁମାରନ ଏଥିରେ ସହମତି ପ୍ରକାଶ କରିଛନ୍ତି। ଆସନ୍ତା ସପ୍ତାହରେ ନୂଆ ଆକାରରେ ଚଳଚ୍ଚିତ୍ର ମୁକ୍ତିଲାଭ କରିବ ବୋଲି କୁହାଯାଇଛି। ଏହା ମଧ୍ୟରେ ବିବାଦୀୟ ବିଷୟବସ୍ତୁକୁ ନେଇ ପ୍ରମୁଖ ଭୂମିକାରେ ଅଭିନୟ କରିଥିବା ଅଭିନେତା ମୋହନଲାଲଙ୍କୁ ତୀବ୍ର ସମାଲୋଚନା କରାଯାଇଛି। ସେ ଭାରତୀୟ ସେନାର ଲେଫ୍ଟନାଣ୍ଟ କର୍ଣ୍ଣେଲ ର୍ୟାଙ୍କର ପଦରେ ଥିବା ସତ୍ତ୍ୱେ ଏଭିଳି ଫିଲ୍ମରେ



କାମ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ଏହି ଚଳଚ୍ଚିତ୍ର ହିନ୍ଦୁ ବିରୋଧୀ ମାନସିକତାକୁ ସମର୍ଥନ ଦେଉଛି। ସେହିପରି ଆର୍‌ଏସଏସ ପକ୍ଷରୁ କୁହାଯାଇଛି ଯେ ଏକପାଖିଆ ଭାବେ ଗୁଜରାଟ ଦଙ୍ଗାର କାହାଣୀକୁ ଏଥିରେ ଦର୍ଶାଯାଇଛି। ଏହା ଦ୍ୱାରା ଅନ୍ୟ ପକ୍ଷର ଛବି ଖରାପ ହୋଇଛି। ଏହା ବ୍ୟତୀତ ବିଜେପି ନେତା ଚଳଚ୍ଚିତ୍ର ନିର୍ଦ୍ଦେଶକଙ୍କ ବିଦେଶୀ ଲିଙ୍କ ମାମଲାର ତଦନ୍ତ କରିବାକୁ ଦାବି କରିଛନ୍ତି। ଏହା ମଧ୍ୟରେ ବିବାଦୀୟ ବିଷୟବସ୍ତୁକୁ ନେଇ ଅଭିନେତା ମୋହନଲାଲ କ୍ଷମା ମାଗିଛନ୍ତି।




# ବଢୁଛି ବିଦେଶୀ ଫଳର ଚାହିଦା

## ବିଦେଶୀ ଫଳରେ ବୟସ୍କଙ୍କ ମନ







ଭୁବନେଶ୍ୱର,୩୦।୩(ସମିସ):

ସମୟ ସହିତ ଲୋକଙ୍କ ରୁଚି ମଧ୍ୟ ବଦଳୁଛି। ପୋଷାକ ପରିଧାନଠାରୁ ଆରମ୍ଭ କରି ଖାଦ୍ୟପେୟ ପର୍ଯ୍ୟନ୍ତ। ବିଶେଷ କରି ଦେଶ ବାହାରର ଖାଦ୍ୟର ଚାହିଦା ଏବେ ରାଜଧାନୀରେ ଦେଖିବାକୁ ମିଳୁଛି। ଯୁବପିଢ଼ିମାନେ ବିଦେଶର ଫାଷ୍ଟଫୁଡ୍‌କୁ ଅଧିକ ଗୁରୁତ୍ୱ ଦେଉଥିବାବେଳେ ବୟସ୍କମାନେ ବିଦେଶୀ ଫଳକୁ ଅଧିକ ଗୁରୁତ୍ୱ ଦେଉଛନ୍ତି।

ରାଜଧାନୀର ରାସ୍ତାକଡ଼ରେ ଛତୁ ଫୁଟିଲା ପରି ଅନେକ ଫଳ ଦୋକାନ ଗଳିକନ୍ଦିରେ ଖୋଲିଛି। ଏହି ଫଳ ଦୋକାନରୁ ସବୁବେଳେ ସେଓ, ଅଙ୍ଗୁର, ପିଜୁଳି, ସେପଟା, ତରଭୁଜ, କଦଳୀ ଆଦି ଫଳକୁ କିଣୁଥିବା ଲୋକମାନେ ଏବେ ବିଦେଶୀ ଫଳ ପ୍ରତି ମନ ବଳାଉଛନ୍ତି। ବିଶେଷକରି ଥାଇଲାଣ୍ଡ ଓ ଇଜିପ୍ଟର ଡ୍ରାଗନ୍ ଫ୍ରୁଟ୍ସ, ୟୁ ଏ ସ୍ ରୁ ଆ ଭା କା ଡ୍, ସାଉଥ୍ ଆଫ୍ରିକା ପିୟର୍ସ, ଇରାନରୁ କ୍ୱିଓ, ସ୍ପେନ୍‌ରୁ ପ୍ଲମ୍, ପେରୁରୁ ବ୍ଲୁ ବେରୀ ଆଦି ଫଳ ସବୁ ଆସୁଛି। ଡ୍ରାଗନ୍ ଫ୍ରୁଟ୍‌ର ଦାମ୍ ୨୮୦ରୁ ୩୦୦ ଭିତରେ ରହିଛି। ଆଉ ସବୁ ଫଳ ମଧ୍ୟ ୨୫୦ ଟଙ୍କାରୁ ଆରମ୍ଭ କରି ୮୦୦ ଭିତରେ ରହିଛି। ରାଜମହଲରୁ କଳ୍ପନା ଛକ ମଧ୍ୟରେ ଥିବା ଫଳ ଦୋକାନୀ ରାଜ କିଶୋର ସାହୁ କୁହନ୍ତି, ସବୁ ଫଳ ତ ଲୋକମାନେ ନେଉଛନ୍ତି କିନ୍ତୁ ଡାକ୍ତରମାନେ ଡ୍ରାଗନ୍ ଫ୍ରୁଟ୍ସ, ବ୍ଲୁ ବେରୀ, ପ୍ଲମ୍, ପିୟର୍ସ ଆଦି ଫଳକୁ ଖାଇବାକୁ ପରାମର୍ଶ ଦେଇଥା'ନ୍ତି। ବିଶେଷକରି ବୟସ୍କ ଲୋକମାନେ ଏହି ଫଳକୁ ଅଧିକ ନେଇଥା'ନ୍ତି ବୋଲି କହିଛନ୍ତି। ଆହୁରି ମଧ୍ୟ କହିଛନ୍ତି, ଏବେ ଇଦ୍, ରାମନବମୀ, ଚୈତ୍ର ନବରାତ୍ରୀ ଆଦି ପର୍ବ ଚାଲିଛି। ଯାହାଦ୍ୱାରା ଲୋକମାନେ ସାରାଦିନ ଉପାସ ରହି ରାତିକୁ ସର୍ବତ କିମ୍ବା ଫଳ ଖାଇଥା'ନ୍ତି। ଅନେକ ଲୋକ ୫ରୁ ୭ କିଲୋ ଫଳ କିଣିକି ନେଉଛନ୍ତି ବୋଲି କହିଛନ୍ତି। ଲୋକଙ୍କ ମନରେ ଏକପ୍ରକାରର ଚିନ୍ତା ରହିଛି କି, ବିଦେଶୀ ଫଳଗୁଡ଼ିକ ଭଲ ହୋଇଥିବ। ଦର ଯେତିକି ବି ହେଉ ନା କାହିଁକି ଲୋକମାନେ ନିଜ ରାଜ୍ୟରେ ଚାଷ ହେଉଥିବା ଫଳ ଅପେକ୍ଷା ବାହାର ଦେଶର ଫଳକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ବାହାର ଫଳରେ ଯେଉଁ ଭିଟାମିନ୍ ଅଛି ଦେଶୀ ଫଳରେ ମଧ୍ୟ ସେହି ଭିଟାମିନ୍ ରହିଛି। ତଥାପି ଚିନ୍ତାଧାରାରେ ପରିବର୍ତ୍ତନ ଆଣୁନାହାନ୍ତି। ବାହାର ଜିନିଷକୁ ଅଧିକ ପସନ୍ଦ କରୁଛନ୍ତି ବୋଲି ଜଣେ ଗ୍ରାହକ କହିଛନ୍ତି।

---

## ଜୀବନର କେତେ ରଙ୍ଗ

# ବୟସ ଆଗରେ ହାର ମାନିନାହାନ୍ତି ରାମଚନ୍ଦ୍ର

### ଜୀବିକାରେ ବିତିଲାଣି ୬୦ ବର୍ଷ



ଧୀରେ ଧୀରେ ଶରୀରରେ ବୟସ ଛାପ ଦିଶିଲାଣି। ତଥାପି ଦୃଢ଼ ମନୋବଳ ତାଙ୍କୁ ଆଜି ସକ୍ଷମ କରିପାରିଛି। ଧୁ ଧୁ ଖରାରେ ବେପାର ଆଶାରେ ରାସ୍ତାକଡ଼ରେ ମେଲାଇଛନ୍ତି ତାଳପତ୍ରରେ ବୁଣା ବିଞ୍ଚଣା, ଆସନ, କୁଲା, ଛାଞ୍ଚୁଣି, ପାଛିଆ ଆଦିର ବ୍ୟବସାୟ।

ବୟସ ୮୩ ଛୁଇଁଲାଣି। ତଥାପି ବୟସ ଆଗରେ ହାର ମାନିନାହାନ୍ତି। ଏ ହେଉଛନ୍ତି ରାମଚନ୍ଦ୍ର ସାହୁ। ଧର୍ମବିହାର ରାସ୍ତାରେ ଗଲାବେଳେ ବାଟରେ ତାଙ୍କ ବୁଣା କାରିଗରୀର ପସରା ଦେଖିବାକୁ ମିଳେ। ତାଙ୍କ ପ୍ରକୃତ ଘର ତମାଣ୍ଡୋ ଅଞ୍ଚଳରେ। ହେଲେ ଦୀର୍ଘ ୬୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ସେ ଏଠାରେ ହିଁ ବୁଣା ଉପକରଣ ଆଦି ବିକ୍ରି କରୁଛନ୍ତି। ବିଞ୍ଚଣା, ଆସନ କିଛି ନିଜେ ତିଆରି କରୁଥିବାବେଳେ ଆଉ କିଛି ବୁଲା ବିକାଳିଙ୍କଠୁ ଗାଁରୁ ଆଣି ଏଠାରେ ବିକ୍ରି କରିଥା'ନ୍ତି। ଏହିପରି କଷ୍ଟେମଷ୍ଟେ ତାଙ୍କର ବର୍ଷ ବର୍ଷ ବିତିଲାଣି ବୋଲି ସେ କୁହନ୍ତି। ତାଙ୍କ ଅନୁଭୂତିରେ ଆଉ ମଧ୍ୟ କୁହନ୍ତି, ବର୍ତ୍ତମାନ ସମୟରେ ଲୋକ ତାଳପତ୍ରରେ ତିଆରି ହାତ ପଙ୍ଖା, ଆସନ, ଖଜୁରୀ ପତ୍ରର ଛାଞ୍ଚୁଣି ଚାହିଦା ଆଉ ଏବେ ଲୋକ ପଚାରୁନାହାନ୍ତି। ଦିନ ଥିଲା ଏହି ସବୁ ଜିନିଷକୁ ଲୋକ ଖରାଦିନେ ଖୋଜି ଖୋଜି କିଣୁଥିଲେ। ହେଲେ ଆଜିକାଲି ତ ଲୋକ ଘରେ ଏସି, କୁଲର ସହିତ ଡାଇନିଂ ଟେବୁଲରେ ବସିଲେ କାହିଁ ଆଉ ତାଙ୍କ ଭଳି ବ୍ୟବସାୟୀଙ୍କୁ ଖୋଜିବେ। ସେ ସମୟରେ ବିଞ୍ଚଣାର ମୂଲ୍ୟ ୫ ଟଙ୍କା ପରେ ୧୦ରେ ପହଞ୍ଚିଲା, ଆଉ ଏବେ ୨୫ ଟଙ୍କା ଛୁଇଁଲାଣି। ହେଲେ ସେତେବେଳର ଚାହିଦା ଆଉ ଏବେର ଚାହିଦା ଭିତରେ ବହୁତ୍ ଫରକ ରହିଛି। ଆଗରୁ ଭଲ ବିକ୍ରି ହେଉଥିଲା। ସେଥିପାଇଁ ଦିନକୁ ୫୦୦ ବି ରୋଜଗାର କଲେ ଖୁସିରେ ଘର ଚଳେ। କିନ୍ତୁ ଆଜିର ସମୟରେ ଦିନକୁ ଗୋଟାଏରୁ ଦୁଇଟା ବିକ୍ରି ହେବା କଷ୍ଟକର ହୋଇପଡୁଛି। ଖରା, ଶୀତ ଆଉ ବର୍ଷା ସହି ବେପାର ଆଜି ବି ଚାଲିଛି। ତଥାପି ବେପାରରେ ସେପରି କିଛି ପରିବର୍ତ୍ତନ ଆସୁନି; କାରଣ ଆଗଭଳି ବିକ୍ରି ଆଉ ହେଉନି ବୋଲି କୁହନ୍ତି। ଆଗରୁ ଏହିସବୁ ହାତରେ ତିଆରି କରି ବିକୁଥିଲେ। ହେଲେ ଧୀରେ ବୟସ ବଢ଼ିବା ସହ କାମ କରିବାର କ୍ଷମତା ବି କମିଲାଣି। ସେଥିପାଇଁ ଅନ୍ୟ ବେପାରୀ ଯେଉଁମାନେ ଗାଁରୁ ତିଆରି କରି ଆଣୁଛନ୍ତି ତାଙ୍କ ପାଖରୁ କିଣି ବିକ୍ରି କରୁଛନ୍ତି ବୋଲି କହି ନିଜ ଦୁଃଖ ପ୍ରକାଶ କରିଥିଲେ।

---

# 'କଳିଙ୍ଗର ନୌବାଣିଜ୍ୟ ପରମ୍ପରା ସମୃଦ୍ଧ ଓ ଗୌରବମୟ'

ଭୁବନେଶ୍ୱର,୩୦।୩(ସମିସ): କଳିଙ୍ଗର ନୌବାଣିଜ୍ୟ ପରମ୍ପରା କେବଳ ଗୋଟିଏ ନିର୍ଦ୍ଦିଷ୍ଟ ବର୍ଗ ବା ଶ୍ରେଣୀ ଭିତରେ ସୀମିତ ନ ଥିଲା, ଏହା ଥିଲା ଓଡ଼ିଶାର ପରିଚୟ। ବହୁ ବନ୍ଦର ବା ପୋତାଶ୍ରୟ ଓ ପ୍ରାଚୀନ ମୁଦ୍ରା ଏହାର ପ୍ରମାଣ। ଏହି ସମୃଦ୍ଧ ପରମ୍ପରା ଉପରେ ଆଲୋକପାତ କରିବାକୁ ହେଲେ ଲିପିତତ୍ତ୍ୱ ଓ ଇତିହାସ ଉଭୟର ଗଭୀର ଅନୁଶୀଳନ ଆବଶ୍ୟକ ବୋଲି ମତପ୍ରକାଶ ପାଇଛି। ରବିବାର କେଦାରନାଥ ଗବେଷଣା ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ପ୍ରଫେସର ଗୋପାଳକୃଷ୍ଣ ଦାଶଙ୍କ ସଭାପତିତ୍ୱରେ 'କଳିଙ୍ଗର ନୌବାଣିଜ୍ୟ ପରମ୍ପରା' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ବିଶିଷ୍ଟ ଗବେଷକ ବିଷ୍ଣୁମୋହନ ଅଧିକାରୀ ଏହି ମତବ୍ୟକ୍ତ କରିଛନ୍ତି। ମ୍ୟାଁମାର (ବର୍ମା)ରେ ଓଡ଼ିଆ ଛାପାଖାନା ଏବଂ ସେହି ଛାପାଖାନାରୁ ବହୁ ଭଜନ, ଜଣାଣ, ଚମ୍ପୂ, ଚଉପଦୀ ଆଦି ପ୍ରକାଶନ ଓଡ଼ିଶାର ସୁଦୀର୍ଘ ନୌବାଣିଜ୍ୟ ପରମ୍ପରାର ପ୍ରମାଣ ବୋଲି ସେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପ୍ରତିଷ୍ଠାନର ସଭାପତି ରଘୁନାଥ ମିଶ୍ର ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ ଆଦି ଅନେକ ଦେଶରେ ଓଡ଼ିଶାର ସାମଗ୍ରୀ ଓ ସଂସ୍କୃତିର ପଦଚିହ୍ନ ମିଳିବା ବାସ୍ତବିକ ଆମ ସୁଦୃଢ଼ ଦ୍ୱିପାକ୍ଷିକ ସମ୍ପର୍କର ପ୍ରମାଣ ବୋଲି ମତବ୍ୟକ୍ତ କରିଥିଲେ। ସଭାପତି ପ୍ରଫେସର ଦାଶ ଶ୍ରୀଲଙ୍କା, ଇଣ୍ଡୋନେସିଆ ସମେତ ବହୁ ଦେଶର ଉଦାହରଣ ଦେଇ ଉତ୍କଳୀୟ ସଂସ୍କୃତି ସହ ସେମାନଙ୍କର ସାମଗ୍ରୀକ ସମ୍ପର୍କର ପ୍ରାମାଣିକ ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ବିରଞ୍ଚି ନାରାୟଣ ମିଶ୍ର ବେଦପାଠ, ସମ୍ପାଦକ ଡ. ରମେଶ ଚନ୍ଦ୍ର ପାଣି ସ୍ୱାଗତ ସୂଚନା ଓ ଯୁଗ୍ମ ସମ୍ପାଦକ ଡ. ଦେବାଶିଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଗବେଷଣା ସମିତିର ଆବାହକ ଡ. ଅରୁଣ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଅମୀୟ କୁମାର ପଟ୍ଟନାୟକ, ଭାଗିରଥୀ ମହାସୁଆର, ମନ୍ମଥ ଶତପଥୀ, ଶଶାଙ୍କ ଶେଖର ମହାନ୍ତି, ଡ. ବିନୋଦିନୀ ପାତ୍ର, ଜଗତ ଚନ୍ଦ୍ର ଦାସ, ଅଲେଖ ନନ୍ଦୀ, ସୁଶାନ୍ତ ସ୍ୱାଇଁ, ଡ. ଯୋଗୀନାଥ ସାହୁ ପ୍ରମୁଖ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

---

# ମାଟିଘର ସାହିତ୍ୟ ଆସର କାର୍ଯ୍ୟକ୍ରମ



ଭୁବନେଶ୍ୱର,୩୦।୩(ସମିସ): ମାଟିଘର ସାହିତ୍ୟ ଆସରର ଷଷ୍ଠ ରାଜ୍ୟସ୍ତରୀୟ ବହୁଭାଷୀ କବିତା ଆସର ବୁଲନ୍ ଭାଇ ସେବା ଟ୍ରଷ୍ଟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କବିତା ଆସରରେ ଅଧ୍ୟକ୍ଷତା କରି ଡ. ସଙ୍ଘମିତ୍ରା ଭଞ୍ଜ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଅତିଥି ଭାବେ ଯୋଗଦେଇ ଡ. ଅସୀମରଞ୍ଜନ ପାଢ଼ୀ ଆଜିର ସାହିତ୍ୟରେ ଯୁବ ସମାଜର ଭୂମିକା ଶୀର୍ଷକ ଆଲୋଚନାଚକ୍ରରେ ନିଜ ବକ୍ତବ୍ୟ ରଖିଥିଲେ। କବି ମାନଗୋବିନ୍ଦ ବାରିକ ଓ କବି ଶର୍ମିଷ୍ଠା ଦାସ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ ୫୦ରୁ ଊର୍ଦ୍ଧ୍ୱ କବି କବୟିତ୍ରୀ କବିତାପାଠ କରିଥିଲେ। ଏଥିରେ ମଞ୍ଚ ସଞ୍ଚାଳନା କରିଥିଲେ କବି ରଶ୍ମିରେଖା ବେହେରା। ଦ୍ୱିତୀୟ ଅଧିବେସନରେ ମୁଖ୍ୟ ଅତିଥି କେନ୍ଦ୍ର ସାହିତ୍ୟ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ବୈଷ୍ଣବ ଚରଣ ସାମଲ, ମୁଖ୍ୟବକ୍ତା ଲେଖକ ଓ ପରିବେଶବିତ୍ ମିହିର ପଟ୍ଟନାୟକ, ସଭାପତି ବରିଷ୍ଠ କବି ସୁଷମା ମିଶ୍ର, ସମ୍ମାନିତ ଅତିଥି ବରିଷ୍ଠ ଗାଳ୍ପିକା ଲକ୍ଷ୍ମୀ ଚାନ୍ଦ ଓ ପ୍ରବୀଣ ମହାନ୍ତି ଯୋଗଦେଇ ନିଜ ମତାମତ ଦେଇଥିଲେ। ମାଟିଘର ପତ୍ରିକା ଓ କବି ରଶ୍ମିରେଖା ବେହେରାଙ୍କ ଦୁଇଟି କବିତା ପୁସ୍ତକ ଲାଜକୁଳୀ ପ୍ରିୟା ଓ ଆଉ ଏକ ମୋହ ଉନ୍ମୋଚିତ ହୋଇଥିଲା। ସାହିତ୍ୟ ସେବା କ୍ଷେତ୍ରରେ ୧୭ ଜଣ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ମାଟିଘର ଉପଦେଷ୍ଟା ଶଶିଭୂଷଣ ମହାନ୍ତି ଓ ପ୍ରତିଷ୍ଠାତା ତଥା ସମ୍ପାଦିକା ଶର୍ମିଷ୍ଠା ମହାନ୍ତିଙ୍କ ତତ୍ତ୍ୱାବଧାନରେ ସବୁ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

---

## ■ ରାମକୃଷ୍ଣ ମିଶନରେ ଆଲୋଚନା ସଭା

# 'ନ୍ୟାୟ, ନୀତି ଓ ଧର୍ମର ପ୍ରତୀକ ପ୍ରଭୁ ଶ୍ରୀରାମ'



ଭୁବନେଶ୍ୱର,୩୦।୩(ସମିସ): ବିବେକାନନ୍ଦ ଲାଇବ୍ରେରୀ ହଲ୍‌ରେ ରବିବାର ରାମକୃଷ୍ଣ ମଠର ଅଧ୍ୟକ୍ଷ ସ୍ୱାମୀ ଆତ୍ମପ୍ରଭାନନ୍ଦଙ୍କ ଅଧ୍ୟକ୍ଷତାରେ 'ଭଗବାନ ଶ୍ରୀରାମ ଓ ଧର୍ମର ପଥ' ବିଷୟକ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ନିତିଦିନର ସମ୍ପାଦକ ମନୋଜ ମହାପାତ୍ର ଯୋଗଦେଇ ପ୍ରଭୁ ଶ୍ରୀରାମ ନ୍ୟାୟ, ନୀତି ଓ ଧର୍ମର ପ୍ରତୀକ ବୋଲି କହିଥିଲେ। ଅନ୍ୟତମ ବକ୍ତା ଡ. ବିସି ଦାସ କହିଲେ, ଭଗବାନ ଶ୍ରୀରାମଙ୍କର ଜୀବନ ଆମକୁ ଧର୍ମର ପଥ କେତେ କଷ୍ଟଦାୟକ। ସ୍ୱାମୀ ଆତ୍ମାନନ୍ଦ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ପରମେଶ୍ୱର ଧଳ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିତେନ୍ଦ୍ର ରାଣା, ଅଭିମନ୍ୟୁ ନାୟକ, ରମେଶ ପ୍ରଧାନ, ବୃନ୍ଦାବନ ପଣ୍ଡା ପ୍ରମୁଖ ସଭା ଆୟୋଜନାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।

---

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଗଙ୍ଗାଧର ଶ୍ରାଦ୍ଧ ଶତବାର୍ଷିକୀ



ଭୁବନେଶ୍ୱର,୩୦।୩(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଗଙ୍ଗାଧର ଶ୍ରାଦ୍ଧ ଶତବାର୍ଷିକୀ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଶାନ୍ତିନିକେତନର ଓଡ଼ିଆ ବିଭାଗର ପ୍ରାକ୍ତନ ବିଭାଗ ମୁଖ୍ୟ ପ୍ରଫେସର ମନୋରଞ୍ଜନ ପ୍ରଧାନ ଯୋଗଦେଇଛନ୍ତି। ବିଭାଗର ପରିଦର୍ଶକ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ରଚିତ ରବୀନ୍ଦ୍ରନାଥ ଓ ଗଙ୍ଗାଧର ପୁସ୍ତକର ହିନ୍ଦୀ ଅନୁବାଦ ପୁସ୍ତକ ସେ ଲୋକାର୍ପଣ କରି ଏହା ସମଗ୍ର ଭାରତ ବର୍ଷରେ ପ୍ରସାରିତ ହେବା ଆବଶ୍ୟକ ବୋଲି ବର୍ଣ୍ଣନା କରିଥିଲେ। ପ୍ରଫେସର କୃଷ୍ଣ ଚନ୍ଦ୍ର ପ୍ରଧାନ, ଡ. ରୁଦ୍ରନାରାୟଣ ମହାପାତ୍ର ଯୋଗ ଦେଇଥିଲେ। ସ୍ୱଭାବ କବି ଗଙ୍ଗାଧର ମେହେର ଓ କବିପତ୍ନୀ ଶାନ୍ତାଦେବୀ ସ୍ମୃତି ଟ୍ରଷ୍ଟ ତରଫରୁ ବିଭିନ୍ନ ପ୍ରତିଯୋଗିତାରେ ୬୦ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

---

# ଅୟସକାନ୍ତ ସ୍ୱାଇଁଙ୍କ ବିୟୋଗରେ ଶୋକସଭା

ଭୁବନେଶ୍ୱର,୩୦।୩(ସମିସ): ଅୟସକାନ୍ତ ସ୍ୱାଇଁଙ୍କ ଅକାଳ ବିୟୋଗ ପରେ ତାଙ୍କୁ ମନେ ପକେଇବା ପାଇଁ ବୁଲନ ଭାଇ ସେବା ସଦନଠାରେ 'ମନନ' ନାଟ୍ୟ ସଂସ୍ଥା ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଛି। "ମନନ'ର ଜଣେ ପ୍ରବୀଣ କଳାକାର, ସହନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ କେଜେ ପୁରୀର ଅନ୍ନପୂର୍ଣ୍ଣା ଥିଏଟରେ ଗତ ୨୩ ତାରିଖରେ ନାଟକ ପରିବେଷଣ ପୂର୍ବରୁ ମଞ୍ଚ ତଳେ ସବୁଦିନ ପାଇଁ ନିରବୀ ଯାଇଛନ୍ତି। ଅୟସକାନ୍ତଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚର ସମସ୍ତ କାର୍ଯ୍ୟକର୍ତ୍ତା ଅୟସକାନ୍ତଙ୍କ ସହ ବିତାଇଥିବା ପ୍ରତିଟି ମୁହୂର୍ତ୍ତ, ନିଜର କାର୍ଯ୍ୟ ପ୍ରତି ସେ କେତେ ସମର୍ପିତ ଥିଲେ ଏବଂ ତାଙ୍କ ସଫଳତା ବିଷୟରେ ଆଲୋଚନା କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ସିନେ ନିର୍ଦ୍ଦେଶକ ହିମାଂଶୁ ଖଟୁଆ, ଶକ୍ତି ବରାଳ ଏବଂ ମନନର କର୍ମକର୍ତ୍ତା ଯୋଗଦେଇଥିଲେ।

---

## ଅନ୍ତର୍ଜାତୀୟ ତୃତୀୟଲିଙ୍ଗୀ ଦିବସ

# 'ତୃତୀୟଲିଙ୍ଗୀ ୱେଲ୍‌ଫେୟାର ବୋର୍ଡ ଗଠନ କରାଯାଉ'

ଭୁବନେଶ୍ୱର,୩୦।୩(ସମିସ):

ମାର୍ଚ୍ଚ ୩୧ ତାରିଖ ଅନ୍ତର୍ଜାତୀୟ ତୃତୀୟଲିଙ୍ଗୀ ଦିବସ। ଏହି ଦିବସ ସାରା ବିଶ୍ୱରେ ପାଳନ ହେଉଥିବାବେଳେ ଭାରତରେ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତ୍ୟେକ ଜିଲ୍ଲା ବା ରାଜ୍ୟରେ ଧୁମ୍‌ଧାମ୍‌ରେ ପାଳନ କରୁଛନ୍ତି। କିନ୍ତୁ ବଡ଼ ଦୁଃଖର ବିଷୟ ଭାରତର ହାତଗଣତି କେତୋଟି ରାଜ୍ୟକୁ ଛାଡ଼ିଦେଲେ ଅନ୍ୟ କୌଣସି ରାଜ୍ୟରେ ତୃତୀୟଲିଙ୍ଗୀ ୱେଲ୍‌ଫେୟାର ବୋର୍ଡ ଗଠନ କରାଯାଇନାହିଁ। ଓଡ଼ିଶାରେ ମଧ୍ୟ କିନ୍ନରଙ୍କ ପାଇଁ କୌଣସି ପ୍ରକାର କାର୍ଯ୍ୟକ୍ରମ କରାଯାଇ ନାହିଁ। ତୃତୀୟଲିଙ୍ଗୀମାନଙ୍କ ପାଇଁ ପୂର୍ବ ସରକାର ଏକ ରାଜ୍ୟସ୍ତରୀୟ ପ୍ରତିନିଧି କମିଟି ଗଠନ କରିଥିଲେ। କିନ୍ତୁ ଏହି କମିଟିରେ କିନ୍ନରମାନଙ୍କ ପାଇଁ କିଛିମାତ୍ରାରେ କାମ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ତାହା କୌଣସି କାର୍ଯ୍ୟ ହୋଇପାରିଲା ନାହିଁ। ତେଣୁ ଓଡ଼ିଶାରେ ତୃତୀୟଲିଙ୍ଗୀ ୱେଲ୍‌ଫେୟାର ବୋର୍ଡ ଗଠନ କରିବା ପାଇଁ କମିଟିର ପୂର୍ବତନ ଅଧ୍ୟକ୍ଷ ପ୍ରତାପ କୁମାର ସାହୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଏକ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି।

ଶ୍ରୀ ସାହୁ ଦର୍ଶାଇଛନ୍ତି ଯେ ସୁପ୍ରିମକୋର୍ଟ କିନ୍ନରମାନଙ୍କୁ ତୃତୀୟଲିଙ୍ଗୀର ମାନ୍ୟତା ଦେବା, ସେମାନଙ୍କୁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଦେବା ପାଇଁ ପ୍ରତ୍ୟେକ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶାରେ ପାଖାପାଖି ୨୦ ହଜାରରୁ ଊର୍ଦ୍ଧ୍ୱ କିନ୍ନର ଥିବାବେଳେ ସେମାନଙ୍କ ପାଇଁ କୌଣସି ପ୍ରକାର ଉନ୍ନତିମୂଳକ କାର୍ଯ୍ୟ ହୋଇପାରି ନାହିଁ। ବରଂ ସେମାନେ ଅନେକ ସମୟରେ ଟାହିଟାପରାର ସମ୍ମୁଖୀନ ହେଉଛନ୍ତି। ଫଳରେ ଏହି କିନ୍ନରମାନେ ଏବେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ପାଇଁ ଆଖିଦୃଶିଆ ସୁବିଧାସୁଯୋଗ ନ ଥିବାରୁ ସେମାନେ ମୁଖ୍ୟସ୍ରୋତରେ ସାମିଲ୍ ହୋଇପାରୁ ନାହାନ୍ତି। କିନ୍ନର ୱେଲ୍‌ଫେୟାର ବୋର୍ଡ ଗଠନ କରିବା, ଓଡ଼ିଶାରେ ଥିବା କିନ୍ନରମାନେ ଭୂମିହୀନ ହୋଇଥିବାରୁ ସେମାନଙ୍କୁ ସ୍ଥାୟୀ ଜମିପଟ୍ଟା ଯୋଗାଇଦେବା, ସମସ୍ତ କିନ୍ନରଙ୍କୁ ଅନ୍ନପୂର୍ଣ୍ଣା ଯୋଜନାରେ ସାମିଲ୍ କରିବା ଓ ଭତ୍ତା ପ୍ରଦାନ କରିବା, କିନ୍ନରମାନଙ୍କ ପାଇଁ ପ୍ରତ୍ୟେକ ରାଜନୈତିକ କ୍ଷେତ୍ରରେ ସରକାରୀ ଓ ବେସରକାରୀ ଚାକିରି କ୍ଷେତ୍ରରେ ୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବା ଏବଂ କିନ୍ନରମାନଙ୍କ ପାଇଁ ସ୍ୱତନ୍ତ୍ର ପରିଶ୍ରାଗାର ନିର୍ମାଣ କରିବା, ପ୍ରତ୍ୟେକ ସରକାରୀ ଓ ବେସରକାରୀ ବସ୍‌ରେ ସିଟ୍ ସଂରକ୍ଷଣ କରିବା ଆଦି ୫ ଦଫା ଦାବିକୁ ରାଜ୍ୟ ସରକାର ପୂରଣ କଲେ ଓଡ଼ିଶାରେ ଥିବା କିନ୍ନର ସମାଜ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହୋଇପାରିବେ ବୋଲି ଶ୍ରୀ ସାହୁ ସରକାରଙ୍କୁ ନିବେଦନ କରିଛନ୍ତି।

---

# 'ସୃଜନଶୀଳତାର ଏକ ଅବିଚ୍ଛେଦ୍ୟ ଅଙ୍ଗ ସାହିତ୍ୟ'



ବାଲିଅନ୍ତା,୩୦।୩(ସମିସ): ବାଲିଅନ୍ତା ବ୍ଲକ୍ ହୀରାପୁର ଗ୍ରାମର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ହରପ୍ରିୟା ଫାଉଣ୍ଡେସନ୍ ଟ୍ରଷ୍ଟ ଆନୁକୂଲ୍ୟରେ ଦ୍ୱିତୀୟ ହରପ୍ରିୟା ସାହିତ୍ୟ ଉତ୍ସବ ସ୍ଥାନୀୟ ଯଶୁଆପୁର ବାଲିପୋଖରି ଜଙ୍ଗଲରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ମୁଖ୍ୟ ଦୀନବନ୍ଧୁ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଚଳଚ୍ଚିତ୍ର ସଂଳାପ ଲେଖକ ଓ ବରିଷ୍ଠ ସାହିତ୍ୟିକ ଡ. ରଜନୀ ରଞ୍ଜନ ଦାଶ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଓ ଶିଶୁ ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥିଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. କାଳନ୍ଦୀ ଚରଣ ସାହୁ, ସାହିତ୍ୟିକ ଡ. ପ୍ରସନ୍ନ ଦାଶ, ଗାଳ୍ପିକା କମଳିନୀ ମଲ୍ଲିକ, ସମାଜସେବୀ ରଞ୍ଜନ କୁମାର ମହାପାତ୍ର ଯୋଗଦେଇ ସାହିତ୍ୟ ହେଉଛି ସୃଜନଶୀଳତାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସାହିତ୍ୟ ନିଜ ଅଞ୍ଚଳର ପରିଚୟ ପ୍ରତିପାଦନ କରିବାରେ ସହାୟକ ହୋଇଥାଏ। ସାହିତ୍ୟ ବଞ୍ଚିଲେ ରାଜ୍ୟ ଓ ଦେଶ ବଞ୍ଚିବ। ସାହିତ୍ୟକୁ ଉଜ୍ଜୀବିତ କରିବା ପାଇଁ ଆଜିର ଯୁବ ସମାଜ ଆଗେଇ ଆସିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉତ୍ସବରେ ସାହିତ୍ୟ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ "ସାରସ୍ୱତ ସ୍ରଷ୍ଟା' ସମ୍ମାନରେ ସ୍ୱର୍ଣ୍ଣଲତା ପତିଙ୍କୁ ସମ୍ମାନିତ କରାଯାଇଥିଲା ବେଳେ ସମାଜସେବା କ୍ଷେତ୍ରରେ ସୁଜିତ୍ ବେହେରା, ରେଣୁକା ସେଠୀ, ନିରଞ୍ଜନ ନାୟକ, ଦୁର୍ଯ୍ୟୋଧନ ପ୍ରଧାନ, ସାମ୍ବାଦିକ କ୍ଷେତ୍ରରେ ଆସିତ୍ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୁବ ଗୀତିକାର ସୋନାଲି ପ୍ରିୟଦର୍ଶିନୀ ଓ ଅଧ୍ୟାପିକା ପ୍ରତିମା ଭୋଇ ମଞ୍ଚ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ଅନ୍ୟତମ ଟ୍ରଷ୍ଟି ଶ୍ରୀକୁମାର ଆଶୁତୋଷ ଭୋଇ, ଉମାକାନ୍ତ ବେହେରା, ଗୋଲେଖ ବେହେରା, ଦୀପକ ସ୍ୱାଇଁ ଓ କବି ରାମହରି ମହାରଣା ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଆଶୁତୋଷ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ THE SAKALA



www.sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୭୦ ● ପାଉଣ୍ଡ ୧୧୦.୯୪
- ୟୁରୋ ୯୨.୯୪ ● ୟେନ୍ ୦.୫୬

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୩,୬୦୦ (ଭୁବନେଶ୍ୱର)
- ରୁପା : ୧,୦୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୪୧୭.୦୦
- ନିଫ୍ଟି ୨୩,୫୧୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ବାଇକ୍ କିଣିଲେ ମିଳିବ ୨ଟି ହେଲ୍‌ମେଟ୍

ନୂଆଦିଲ୍ଲୀ,୩୦।୩(ଏଜେନ୍ସି)



ଆଗାମୀ ଦିନରେ ମୋଟରସାଇକେଲ କିଣିବାକୁ ଗଲେ ସାଙ୍ଗରେ ମିଳିବ ଦୁଇଟି ଆଇଏସ୍‌ଆଇ ସାର୍ଟିଫାଏଡ୍ ହେଲମେଟ୍। ମୋଟରସାଇକେଲ କମ୍ପାନୀ ଗାଡ଼ି ସହିତ ଯାତ୍ରୀଙ୍କୁ ଦୁଇଟି ଆଇଏସ୍‌ଆଇ ସାର୍ଟିଫାଏଡ ହେଲ୍‌ମେଟ୍ ବିକ୍ରି କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ନିକଟରେ ଦିଲ୍ଲୀର ହୋଇଥିବା ଏକ ଅଟୋ ସମ୍ମିଳନୀରେ କେନ୍ଦ୍ର ସଡ଼କ ପରିହନ ମନ୍ତ୍ରୀ ନୀତିନ ଗଡ଼କରି ଏହି ଘୋଷଣା କରିଛନ୍ତି। ଲୋକଙ୍କ ସୁରକ୍ଷା ଜରୁରୀ ବୋଲି ମନ୍ତ୍ରୀ କହିଛନ୍ତି।

କମ୍ପାନୀଙ୍କୁ ମୋଟରସାଇକେଲ ସହିତ ଯାତ୍ରୀମାନଙ୍କୁ ଦୁଇଟି ହେଲ୍‌ମେଟ ଦେବାକୁ ଟୁ-ହ୍ୱିଲର ମ୍ୟାନୁଫେକ୍ଚର୍ସ ଆସୋସିଏସନ ଅଫ୍ ଇଣ୍ଡିଆ (ଟିଏଚଏମଏ) ବହୁ ଦିନରୁ ଦାବି କରି ଆସୁଥିଲା। ଏବେ କେନ୍ଦ୍ରମନ୍ତ୍ରୀଙ୍କ ଏଭଳି ଘୋଷଣା ପରେ ଟିଏଚଏମଏ ଏହାକୁ ଦୃଢ଼ ସମର୍ଥନ କରିଛି। କେନ୍ଦ୍ରମନ୍ତ୍ରୀଙ୍କ ଘୋଷଣାକୁ ପ୍ରଶଂସା କରି ଟିଏଚଏମଏର ଅଧ୍ୟକ୍ଷ ରାଜୀବ କପୁର କହିଛନ୍ତି, ଏହା କେବଳ ଏକ ନିୟମ ନୁହେଁ; ଏହା ଏକ ଜାତୀୟ ଆବଶ୍ୟକତା। ଏଭଳି ନିର୍ଦ୍ଦେଶ ଭବିଷ୍ୟତରେ ଏହି କ୍ଷତିକୁ ରୋକିପାରିବ ବୋଲି ଦୁର୍ଘଟଣାରେ ପ୍ରିୟଜନଙ୍କୁ ହରାଇଥିବା ପରିବାର ମଧ୍ୟରେ ଆଶା ସଂଚାର କରିଛି। ମୋଟରସାଇକେଲ ଯାତ୍ରା ଆଉ ବିପଦପୂର୍ଣ୍ଣ ହେବା କଥା ନୁହେଁ। ଚାଳକ ଓ ପଛରେ ବସିଥିବା ଯାତ୍ରୀ ହେଲ୍‌ମେଟ୍ ପିନ୍ଧି ଏହାକୁ ସୁରକ୍ଷିତ କରିବା ଉଚିତ୍ ବୋଲି ଆସୋସିଏସନ କହିଛି। ଏବଂ ଦେଶର ଚାହିଦା ପୂରଣ ପାଇଁ ଉଚ୍ଚମାନର ହେଲ୍‌ମେଟ ଉତ୍ପାଦନ ବଢ଼ାଇବାକୁ ଆସୋସିଏସନ ପ୍ରତିଶ୍ରୁତି ଦେଇଛି।

ଭାରତରେ ପ୍ରତିବର୍ଷ ୪,୮୦,୦୦୦ରୁ ଅଧିକ ସଡ଼କ ଦୁର୍ଘଟଣା ଘଟୁଛି, ଏବଂ ୧,୮୮,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହେଉଛି। ଏମାନଙ୍କ ମଧ୍ୟରୁ ୬୬% ମୃତକଙ୍କ ବୟସ ୧୮ ରୁ ୪୫ ବର୍ଷ ମଧ୍ୟରେ। ତେବେ ପ୍ରତିବର୍ଷ ଦୁଇଚକିଆ ଯାନ ଦୁର୍ଘଟଣାରେ ୬୯,୦୦୦ ରୁ ଅଧିକ ଲୋକଙ୍କର ପ୍ରାଣ ଯାଉଛି।

ଦୁଇ ଚକିଆ ଯାନ ଦୁର୍ଘଟଣାରେ ପ୍ରାଣ ହରାଉଥିବା ମୋଟ ମୃତ୍ୟୁ ସଂଖ୍ୟାରୁ ୫୦% ହେଲମେଟ ପିନ୍ଧି ନଥିବାରୁ ହେଉଛି। ମୋଟରସାଇକଲେ ଚଲାଇଲା ବେଳେ ହେଲ୍‌ମେଟ୍ ପିନ୍ଧିବା କେତେ ଜରୁରୀ ଏଥିରୁ ଆପଣ ଜାଣିପାରୁଥିବେ। ତା' ଛଡ଼ା ହେଲ୍‌ମେଟ ପିନ୍ଧିଲେ ଆପଣଙ୍କ ଜୀବନ ସୁରକ୍ଷିତ ରହିବା ସହିତ ଟ୍ରାଫିକର ମୋଟା ଚାଲାଣରୁ ରକ୍ଷା ପାଇପାରିବେ। ଏଥିରେ ଦୁଇଟା ଫାଇଦା ରହିଛି। ତେଣୁ ଏଥର ଭାବନ୍ତୁ ହେଲ୍‌ମେଟ ପିନ୍ଧିବେ ନା ପୂର୍ବପରି ହେଲ୍‌ମେଟକୁ ବାଇକ ହ୍ୟାଣ୍ଡେଲ୍‌ରେ ଟାଙ୍ଗି କିମ୍ବା ସ୍କୁଟି ଡିକିରେ ରଖି ବିପପୂର୍ଣ୍ଣ ଯାତ୍ରା କରିବେ।

## ଗ୍ରାହକଙ୍କୁ ଗୃହ ଋଣ ଦେବା ବ୍ୟାଙ୍କଗୁଡ଼ିକୁ ମହଙ୍ଗା ପଡ଼ିବ: ଉଦୟ କୋଟାକ୍

ନୂଆଦିଲ୍ଲୀ,୩୦।୩(ଏଜେନ୍ସି): କୋଟାକ ମହିନ୍ଦ୍ରା ବ୍ୟାଙ୍କର ପ୍ରତିଷ୍ଠାତା ଏବଂ ଏସିଆର ସବୁଠାରୁ ଧନୀ ବ୍ୟାଙ୍କର ଉଦୟ କୋଟାକ୍ ସମ୍ପ୍ରତି ବ୍ୟାଙ୍କଗୁଡ଼ିକର ଭବିଷ୍ୟତ ବିଷୟରେ ଚିନ୍ତା ପ୍ରକାଶ କରିଛନ୍ତି। ସେ ବ୍ୟାଖ୍ୟା କରିଥିଲେ ଯେ କିପରି ବ୍ୟାଙ୍କଗୁଡ଼ିକରେ ଜମା ହ୍ରାସ ପାଉଛି, ଯାହା ଯୋଗୁଁ ବ୍ୟାଙ୍କଗୁଡ଼ିକ ବିପୁଳ କ୍ଷତି ସହୁଛନ୍ତି। ଏପରି ପରିସ୍ଥିତିରେ ଆଗାମୀ ସମୟରେ ବ୍ୟାଙ୍କଗୁଡ଼ିକୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ।

ଉଦୟ କୋଟାକ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ବ୍ୟାଙ୍କଗୁଡିକ ଉପରେ ଆସୁଥିବା ସଙ୍କଟ ବିଷୟରେ ପୋଷ୍ଟ କରିଛନ୍ତି। ସେ ବ୍ୟାଖ୍ୟା କରିଥିଲେ ଯେ କିପରି ବ୍ୟାଙ୍କ ଜମା ହ୍ରାସ ପାଉଛି ଏବଂ ଏହା ଏକ ବିରାଟ ସଙ୍କଟ। କୋଟାକ୍ ତାଙ୍କ ପୋଷ୍ଟରେ କହିଛନ୍ତି ଯେ ବଡ଼ ବ୍ୟାଙ୍କଗୁଡ଼ିକ ବର୍ତ୍ତମାନ ୮% ସୁଧ ହାରରେ ଅଧିକ ମାତ୍ରାରେ ଜମା ଗ୍ରହଣ କରୁଛନ୍ତି। ଏଥାରେ ମାମୁଲି ଜମା ୯% ରୁ ଅଧିକ ହୋଇଯାଉଛି, ଅର୍ଥାତ୍ ବ୍ୟାଙ୍କଗୁଡ଼ିକୁ ଅତ୍ୟଧିକ(ବଲ୍କ) ଜମା ଉପରେ ୮% ସୁଧ ଦେବାକୁ ପଡୁଛି ଯାହା ସେମାନଙ୍କର ଖର୍ଚ୍ଚ ବୃଦ୍ଧି କରୁଛି। ବଲ୍କ ଡିପୋଜିଟର ଖର୍ଚ୍ଚ ୮ ପ୍ରତିଶତରୁ ଅଧିକ କାରଣ ବଲ୍କ ଜମାରେ ୮% ବ୍ୟତୀତ ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟ ଅଛି। ଏହି ଖର୍ଚ୍ଚଗୁଡ଼ିକ ମଧ୍ୟରେ ନଗଦ ଜମା ଅନୁପାତ (ସିଆର୍‌ଆର୍), ଏସ୍‌ଏଲ୍‌ଆର୍, ଜମା ବୀମା ଏବଂ ପ୍ରାଥମିକତା କ୍ଷେତ୍ର ଇତ୍ୟାଦି ଅନ୍ତର୍ଭୁକ୍ତ। ସେ କହିଛନ୍ତି ଯେ ଏହି ଖର୍ଚ୍ଚ ସତ୍ତ୍ୱେ, ବ୍ୟାଙ୍କଗୁଡ଼ିକ ୮.୫% ଫ୍ଲୋଟିଂ ହାରରେ ଗୃହ ଋଣ ଦେଉଛନ୍ତି। ସେ ଆହୁରି କହିଛନ୍ତି ଯେ ସମଗ୍ର ବ୍ୟାଙ୍କିଙ୍ଗ ସିଷ୍ଟମରେ ଖୁଚୁରା ଜମା ଧୀରେ ଧୀରେ ବୃଦ୍ଧି ପାଉଛି ଏବଂ ରେପୋ ହାର ଆହୁରି ହ୍ରାସ ପାଇବାର ଆଶା କରାଯାଉଛି। ଏହା ଖର୍ଚ୍ଚ ଏବଂ ଋଣ ହାର ପରିଚାଳନା ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ, ଅର୍ଥାତ୍ ବ୍ୟାଙ୍କଗୁଡ଼ିକ ପାଇଁ ସେମାନଙ୍କର ଖର୍ଚ୍ଚକୁ କମ୍ ରଖିବା ଏବଂ ଋଣ ହାର ବୃଦ୍ଧି କରିବା କଷ୍ଟକର ହେବ।

## ଇଣ୍ଡିଗୋ ଏୟାରଲାଇନ୍ସ ଉପରେ ୯୪୪ କୋଟିର ଜରିମାନା ଲଗାଇଲା ଆୟକର ବିଭାଗ

ନୂଆଦିଲ୍ଲୀ,୩୦।୩(ଏଜେନ୍ସି)

**ଆଇନର ଦ୍ୱାରସ୍ଥ ହେବ କମ୍ପାନୀ**

ଇଣ୍ଡିଗୋ ଏୟାରଲାଇନ୍ସର ମୂଳ କମ୍ପାନୀ ଇଣ୍ଟରଗ୍ଲୋବ୍ ଆଭିଏସନ୍ ଲିମିଟେଡ ଉପରେ ବହୁ କୋଟି ଟଙ୍କାର ଜରିମାନା ଲଗାଇଛି ଆୟକର ବିଭାଗ। ରବିବାର ଏ ନେଇ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୧-୨୨ ମୂଲ୍ୟାଙ୍କନ (ଆସେସ୍‌ମେଣ୍ଟ) ବର୍ଷ ପାଇଁ ଆୟକର ବିଭାଗ ୯୪୪.୨୦ କୋଟି ଟଙ୍କାର ଫାଇନ କରିଛି ବୋଲି କମ୍ପାନୀ ସୂଚନା ଦେଇଛି। ତେବେ ଏହା ସମ୍ପୂର୍ଣ୍ଣ ଭୁଲ ଓ ଅଯଥା ଜରିମାନା ବୋଲି ଇଣ୍ଡିଗୋ ଦାବି କରିବା ସହିତ ଏହା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କମ୍ପାନୀ କହିଛି। ତେବେ ଏହି ନିର୍ଦ୍ଦେଶ ଏୟାରଲାଇନ୍ସ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଇଣ୍ଡିଗୋ କହିଛି। ଏ ନେଇ ଇଣ୍ଡିଗୋ ଏୟାରଲାଇନ୍ସ ପକ୍ଷରୁ ଜାରି ହୋଇଥିବା ବିବୃତ୍ତିରେ କୁହାଯାଇଛି "ଆୟକର କର୍ତ୍ତୃପକ୍ଷ ୨୦୨୧-୨୨ ମୂଲ୍ୟାଙ୍କନ ବର୍ଷ ପାଇଁ ୯୪୪.୨୦ କୋଟି ଟଙ୍କାର ଜରିମାନା ଆଦେଶ ଦେଇଛନ୍ତି। ଏହି ଆଦେଶ ଏକ ଭୁଲ ବୁଝାମଣା ଆଧାରରେ ଦିଆଯାଇଛି। କମ୍ପାନୀ ଧାରା ୧୪୩(୩) ଅନୁଯାୟୀ ମୂଲ୍ୟାଙ୍କନ ଆଦେଶ ବିରୁଦ୍ଧରେ ଆୟକର କମିଶନର (ଆପିଲ୍)ଙ୍କ ନିକଟରେ ଯେଉଁ ଅଭିଯୋଗ ଦାଖଲ କରିଥିଲା ତାହା ଖାରଜ ହୋଇଯାଇଇଛି ବୋଲି ଆୟକର ବିଭାଗ ଭାବିଛି। ତେଣୁ ବିଭାଗ ଏଭଳି ନୋଟିସ ପଠାଇଛି। କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ। କୌଣସି ଆବେଦନ ଖାରଜ ହୋଇ ନାହିଁ। ଏହା ଏବେ ବି ଚାଲିଛି ଏବଂ ମାମଲା ବିଚାରାଧୀନ ଅଛି।" ତେବେ ଏହି ନିର୍ଦ୍ଦେଶ ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ। ଏଥିପାଇଁ କମ୍ପାନୀ ଆଇନର ସହାୟତା ନେବ ବୋଲି କହିଛି। ବିବୃତ୍ତିରେ କମ୍ପାନୀ ଆହୁରି କହିଛି ଯେ "ଆୟକର କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ଜରିମାନା ଆଦେଶ ଆଇନ ଅନୁଯାୟୀ ନୁହେଁ ବୋଲି କମ୍ପାନୀର ଦୃଢ଼ ବିଶ୍ୱାସ। ଏବଂ ଏହା ତ୍ରୁଟିପୂର୍ଣ୍ଣ ଏବଂ ଅଯଥା। ତେଣୁ, କମ୍ପାନୀ ଏହାକୁ ବିରୋଧ କରିବ ଏବଂ ଉପରୋକ୍ତ ଆଦେଶ ବିରୁଦ୍ଧରେ ଉପଯୁକ୍ତ ଆଇନଗତ ପ୍ରତିକାର ଗ୍ରହଣ କରିବ। ତେଣୁ, ଉକ୍ତ ଆଦେଶ କମ୍ପାନୀର ଆର୍ଥିକ, କାର୍ଯ୍ୟ କିମ୍ବା ଅନ୍ୟାନ୍ୟ କାର୍ଯ୍ୟକଳାପ ଉପରେ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ ନାହିଁ।"ଆୟକର ନିର୍ଦ୍ଦେଶ ପାଇବା ପରେ, ଇଣ୍ଡିଗୋର ଶେୟାର ୦.୩୨ ପ୍ରତିଶତ ହ୍ରାସ ପାଇ ୫,୧୧୩ ଟଙ୍କାରେ ସ୍ଥିର ରହିଥିଲା। ବର୍ତ୍ତମାନର କାରବାର ଅନୁସାରେ, ଏୟାରଲାଇନ୍ସର ଷ୍ଟକ୍ ସ୍ଥିରତା ଦେଖାଇଛି ଏବଂ ବର୍ଷ ତମାମ ଆଧାରରେ ପ୍ରାୟ ୧୧.୩୬ ପ୍ରତିଶତ ବୃଦ୍ଧି ପାଇଛି।

## କାଙ୍ଗାଳ ପାକିସ୍ତାନକୁ ବିଶ୍ୱ ବ୍ୟାଙ୍କ ସାହାରା

ନୂଆଦିଲ୍ଲୀ,୩୦।୩(ଏଜେନ୍ସି)




**ବାୟୁ ପ୍ରଦୂଷଣ କମ୍ କରିବାକୁ ୩୦୦ କୋଟି ଋଣ**

ଗରିବ ପାକିସ୍ତାନ ଦିନକୁ ଦିନ ଋଣ ବୋଝ ତଳେ ଚାପି ହୋଇଯାଉଛି। ଏଭଳି ସମୟରେ ପୁଣି ଥରେ ବିଶ୍ୱ ବ୍ୟାଙ୍କ ପାକିସ୍ତାନ ପ୍ରତି ଦୟା ଦେଖାଇଛି ଏବଂ ପାକିସ୍ତାନର ଋଣ ଆବେଦନକୁ ମଞ୍ଜୁର କରିଛି। ରିପୋର୍ଟ ଅନୁସାରେ, ରବିବାର ବିଶ୍ୱ ବ୍ୟାଙ୍କ ପାକିସ୍ତାନର ପଞ୍ଜାବ ପ୍ରଦେଶରେ ବାୟୁ ପ୍ରଦୂଷଣର ମୁକାବିଲା ପାଇଁ ୩୦୦ ନିୟୁତ ଡଲାରର ଋଣ ଅନୁମୋଦନ ଦେଇଛି। ଏହି ଋଣ ପଞ୍ଜାବ କ୍ଲିନ୍ ଏୟାର ପ୍ରୋଗ୍ରାମ (ପିସିଏପି) ଅଧୀନରେ ଇଣ୍ଟରନ୍ୟାସନାଲ ଡେଭଲପମେଣ୍ଟ ଆସୋସିଏସନ୍ (ଆଇଡିଏ) ଦ୍ୱାରା ପ୍ରଦାନ କରାଯାଇଛି ଏବଂ ଏହାକୁ ଶୁକ୍ରବାର ବିଶ୍ୱ ବ୍ୟାଙ୍କ ଗ୍ରୁପର ବୋର୍ଡ ଅଫ୍ ଡାଇରେକ୍ଟର୍ସ ଦ୍ୱାରା ଅନୁମୋଦନ କରାଯାଇଛି।

ପାକିସ୍ତାନର ପଞ୍ଜାବ ପ୍ରଦେଶର ଲୋକଙ୍କ ପାଇଁ ବାୟୁ ପ୍ରଦୂଷଣ ଏକ ପ୍ରମୁଖ ଚିନ୍ତାର ବିଷୟ ହୋଇରହିଛି। ଶାହବାଜ ସରକାର ମଧ୍ୟ ଏ ପର୍ଯ୍ୟନ୍ତ ଏହାକୁ ସମାଧାନ କରିବାରେ ବିଫଳ ହୋଇଛି। ଏପରି ପରିସ୍ଥିତିରେ, ପଞ୍ଜାବ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ପିସିଏପି) ଆରମ୍ଭ ହେବା ପଞ୍ଜାବ ବାସୀଙ୍କ ପାଇଁ କିଛିଟା ଆଶ୍ୱସ୍ତିର ବିଷୟ ହେବ, କାରଣ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ପଞ୍ଜାବରେ ବାୟୁ ଗୁଣବତ୍ତା ପରିଚାଳନାକୁ ସୁଦୃଢ଼ କରିବା। ଏହାସହିତ, ଅଞ୍ଚଳରେ ବଢ଼ୁଥିବା ପ୍ରଦୂଷଣକୁ ହ୍ରାସ କରିବାକୁ ପଡିବ। ଏହା ପଞ୍ଜାବ ସରକାରଙ୍କ 'ସ୍ମଗ୍ ମିଟିଗେସନ୍ ଆକ୍ସନ୍ ପ୍ଲାନ୍' (ଏସ୍‌ଏମ୍‌ଏପି) କୁ ସମର୍ଥନ କରିବ ଏବଂ ପରିବହନ, କୃଷି, ଶିଳ୍ପ, ଶକ୍ତି ଏବଂ ପୌର ସେବା ଭଳି କ୍ଷେତ୍ରରେ ଉନ୍ନତି ମାଧ୍ୟମରେ ସମଗ୍ର ପ୍ରଦେଶରେ ବାୟୁ ଗୁଣବତ୍ତା ଏବଂ ଜନସ୍ୱାସ୍ଥ୍ୟକୁ ଉନ୍ନତ କରିବା ପାଇଁ ଅନେକ ପଦକ୍ଷେପ ଆରମ୍ଭ କରିବ। ପାକିସ୍ତାନ ପାଇଁ ବିଶ୍ୱ ବ୍ୟାଙ୍କର କଣ୍ଟ୍ରି ଡାଇରେକ୍ଟର ନାଜି ବେନହାସିନ କହିଛନ୍ତି ଯେ ପଞ୍ଜାବ କ୍ଲିନ୍ ଏୟାର ପ୍ରୋଗ୍ରାମ (ପିସିଏପି) ପ୍ରଦେଶର ଧୂଆଁ ହ୍ରାସ ଯୋଜନାକୁ ସମର୍ଥନ କରେ ଏବଂ ବାୟୁ ଗୁଣବତ୍ତା ଉନ୍ନତ କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସେ କହିଥିଲେ ଯେ ଏହି କାର୍ଯ୍ୟକ୍ରମ ଲକ୍ଷ ଲକ୍ଷ ଲୋକଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣରେ ଉନ୍ନତି ଆଣିବ କାରଣ ଏହା ଶ୍ୱାସକ୍ରିୟା ଏବଂ ହୃଦ୍‌ରୋଗ ହ୍ରାସ କରିବ ଏବଂ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବ।

## ୨୦୨୫-୨୬ରେ ଜିଡିପି ୬.୫% ହାରରେ ବଢ଼ିବ

ନୂଆଦିଲ୍ଲୀ,୩।୩(ଏଜେନ୍ସି): ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତୀୟ ଅର୍ଥନୀତି ୬.୫% ହାରରେ ଅଭିବୃଦ୍ଧି ପାଇପାରେ। ଇଆଣ୍ଡୱାଇ ଇକୋନୋମି ୱାଚର ସଦ୍ୟତମ ରିପୋର୍ଟରେ ଏହି ଆକଳନ କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ଯଦି ସରକାର ମାନବ ସମ୍ବଳ ବିକାଶ ଉପରେ ଧ୍ୟାନ ଦିଅନ୍ତି ଏବଂ ଆର୍ଥିକ ଶୃଙ୍ଖଳା ମଧ୍ୟ ବଜାୟ ରଖନ୍ତି, ତେବେ ଦେଶର ଦୀର୍ଘକାଳୀନ ଅଭିବୃଦ୍ଧି ସମ୍ଭାବନା ଆହୁରି ସୁଦୃଢ଼ ହୋଇପାରିବ। ରିପୋର୍ଟରେ କୁହାଯାଇଛି ଯେ ଯଦି ଭାରତକୁ ଏକ ବିକଶିତ ରାଷ୍ଟ୍ର ଅର୍ଥାତ୍ 'ବିକଶିତ ଭାରତ' ହେବା ଆଡ଼କୁ ଅଗ୍ରସର ହେବାକୁ ପଡ଼େ, ତେବେ ଆର୍ଥିକ ନୀତିଗୁଡ଼ିକୁ ପୁନଃସନ୍ତୁଳନ କରିବାର ଆବଶ୍ୟକତା ଅଛି। ଇଆଣ୍ଡୱାଇ ବିଶ୍ୱାସ କରେ ଯେ ଯଦି ସରକାର ମାନବ ପୁଞ୍ଜି (ଯେପରିକି ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ର)ରେ ନିବେଶକୁ ପ୍ରାଥମିକତା ଦେବା ସହିତ ଆର୍ଥିକ ଶୃଙ୍ଖଳା ବଜାୟ ରଖନ୍ତି, ତେବେ ଏହା ଭାରତର ଦୀର୍ଘକାଳୀନ ଅଭିବୃଦ୍ଧି ସମ୍ଭାବନାକୁ ଯଥେଷ୍ଟ ସୁଦୃଢ଼ କରିପାରିବ। ଗତ ମାସରେ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏସ୍‌ଏସ୍‌ଓ) ଦ୍ୱାରା ପ୍ରକାଶିତ ସଂଶୋଧିତ ତଥ୍ୟ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୨-୨୩ ରୁ ୨୦୨୪-୨୫ ପର୍ଯ୍ୟନ୍ତ ପ୍ରକୃତ ଜିଡିପି ଅଭିବୃଦ୍ଧି ହାର ବର୍ତ୍ତମାନ ଯଥାକ୍ରମେ ୭.୬%, ୯.୨% ଏବଂ ୬.୫% ରହିବ ବୋଲି ଆକଳନ କରାଯାଇଛି।

## ଦୁନିଆକୁ ଘାରିଛି 'ଷ୍ଟୁଡିଓ ଘିବିଲୀ' ନିଶା, ହଜିଲା ଚାଟ୍ ଜିପିଟି ନିଦ

● ଚାପରେ ସର୍ଭର : ଅଲ୍ଟମ୍ୟାନ




ନୂଆଦିଲ୍ଲୀ,୩୦।୩(ଏଜେନ୍ସି): ଓପନ ଏଆଇର ଚାଟ୍ ଜିପିଟି ଇଣ୍ଟରନେଟରେ ଏକ ନୂଆ ଝଡ଼ ସୃଷ୍ଟି କରିଛି। ଇଣ୍ଟରନେଟ୍ ୟୁଜର କମ୍ପାନୀର ଏକ ନୂଆ ସୁବିଧା 'ଷ୍ଟୁଡିଓ ଘିବିଲୀ' ପ୍ରତି ବେଶ ଆକର୍ଷିତ ହୋଇଯାଇଛି। ଏଥିପାଇଁ ଓପନ ଏଆଇର ସର୍ଭର ଉପରେ ଏତେ ଚାପ ସୃଷ୍ଟି ହୋଇଛି ଯେ କମ୍ପାନୀର ସିଇଓ ନିଜେ ଟ୍ୱିଟ୍ କରି ଲୋକଙ୍କୁ ଏଥିରୁ କ୍ଷାନ୍ତ ହେବାକୁ ନିବେଦନ କରିଛନ୍ତି। ଚାଟ୍ ଜିପିଟି ଇମେଜ ଜେନେରେସନ ଟୁଲର ବ୍ୟାପକ ବ୍ୟବହାର ପରେ ଓପନ ଏଆଇ ସିଇଓ ସାମ ଅଲ୍ଟମ୍ୟାନ ନିଜେ ଟ୍ୱିଟ୍ କରିଛନ୍ତି। ସେ ଲେଖିଛନ୍ତି ଆପଣମାନେ ଇମୋଜି ତିଆରିରେ ଟିକେ ବିରତି ନେଇ ପାରିବେ କି? ଏହା ଆପଣମାନଙ୍କ ପାଗଳାମୀ ହୋଇପାରେ ହେଲେ ଆମ ଟିମ୍ ଟିକେ ଶାନ୍ତିରେ ଶୋଇବାକୁ ଚାହୁଁଛୁ। ତାଙ୍କର ଏହି ଟ୍ୱିଟ ଏବେ ଭାଇରାଲ ହେଉଥିବାବେଳେ ଲୋକେ କିନ୍ତୁ ଇମୋଜି ତିଆରିରୁ ନିଜକୁ ରୋକି ପାରୁନାହାନ୍ତି। ୟୁଜର ବିଭିନ୍ନ ପ୍ରକାରର ଇମୋଜି ସୃଷ୍ଟି କରି ନିଜ ନିଜ ସୋସିଆଲ ମିଡିଆ ସାଇଟରେ ଅପଲୋଡ କରିବାରେ ଲାଗିଛନ୍ତି। ଏଥିରେ ଦେଶ ଦୁନିଆର ନେତା ହୁଅନ୍ତୁ କି ପର୍ବପର୍ବାଣୀ ସବୁର ଏବେ ଇମୋଜି ତିଆରି ଚାଲିଛି।'

**କିପରି କରିବେ ଘିବିଲୀ ଇମେଜ ?**

ଏଥିପାଇଁ ଆପଣଙ୍କୁ ଚାଟ୍ ଜିପିଟି ଆପ୍ ଅଥବା ୱେବସାଇଟ୍‌କୁ ଯିବାକୁ ପଡିବ। ଏଥିରେ ତଳେ ଦିଆଯାଇଥିବା 'ପ୍ଲସ' ଆଇକନରେ କ୍ଲିକ୍ କରି ନିଜର ଫଟୋ ଅପଲୋଡ କରନ୍ତୁ। ଲେଖନ୍ତୁ ଘିବଲୀଫାଇ କର ନଚେତ ଏହି ଫଟୋକୁ ଷ୍ଟୁଡିଓ ଘିବଲୀ ଥିମ୍‌ରେ ବଦଳାନ୍ତୁ। କିଛି ସମୟର ଅପେକ୍ଷା ପରେ ଆପଣଙ୍କୁ ମିଳିବ ଖୁସି କରିଦେବା ଭଳି ଘିବଲୀ ଷ୍ଟାଇଲ ଇମେଜ। ଚାଟ ଜିପିଟି ବ୍ୟବହାର କରୁଥିବା ଲୋକଙ୍କ ନିମନ୍ତେ ପ୍ରତିଦିନ ମାଗଣାରେ ୩ଟି ଫଟୋ ଏଡିଟ୍ ସୁବିଧା ଦିଆଯାଉଛି।

**ଇୱାଇ ରିପୋର୍ଟ** | **ସୋସିଆଲ ମିଡିଆ, ଇ-କମର୍ସର ଫାଇଦା**

# ଦୈନିକ ୫ ଘଣ୍ଟା ମୋବାଇଲରେ ବିତାଉଛନ୍ତି ଭାରତୀୟ

ନୂଆଦିଲ୍ଲୀ,୩୦।୩(ଏଜେନ୍ସି): ସାଧାରଣତଃ ମେଟ୍ରୋ, ବସ୍ କିମ୍ବା ରେଷ୍ଟୋରାଁରେ ପରିବାର ସହିତ ବସିଥିବା ଅଧିକାଂଶ ଲୋକ ସେମାନଙ୍କର ସ୍ମାର୍ଟଫୋନରେ ବ୍ୟସ୍ତ ଥାନ୍ତି। ଭାରତରେ ଦ୍ରୁତ ଗତିରେ ବଢ଼ୁଥିବା ଇଣ୍ଟରନେଟ୍ ପ୍ରବେଶ ଏବଂ ଶସ୍ତା ଡାଟା ସହିତ, ଡିଜିଟାଲ୍ ପ୍ଲାଟଫର୍ମରେ ସମୟ ବିତାଇବା ଧାରା ବନ୍ଦ ହେବାର କୌଣସି ସଙ୍କେତ ଦେଖାଯାଉନାହିଁ। ଯଦିଓ କିଛି ଲୋକ ଆର୍ଥିକ ମାନ୍ଦାବସ୍ଥା ପାଇଁ ସରକାରଙ୍କୁ ଦାୟୀ କରୁଛନ୍ତି, ସ୍ମାର୍ଟଫୋନ୍ ବ୍ୟବହାରକାରୀମାନେ ସୋସିଆଲ ମିଡିଆ ପ୍ରଭାବଶାଳୀ ଏବଂ ଅନଲାଇନ୍ ବ୍ୟବସାୟଗୁଡ଼ିକୁ ବିପୁଳ ଲାଭ ପ୍ରଦାନ କରୁଛନ୍ତି। ଏକ ନୂତନ ତଥ୍ୟ ଅନୁଯାୟୀ, ଭାରତୀୟମାନେ ୨୦୨୪ରେ ସେମାନଙ୍କର ସ୍ମାର୍ଟଫୋନ୍ ସ୍କ୍ରିନରେ ମୋଟ ୧.୧ ଲକ୍ଷ କୋଟି ଘଣ୍ଟା ବିତାଇଛନ୍ତି। ଇୱାଇର ଏକ ରିପୋର୍ଟ ଦର୍ଶାଉଛି ଯେ ଦେଶରେ ଶସ୍ତା ଇଣ୍ଟରନେଟ୍ ଉପଲବ୍ଧତା ଯୋଗୁଁ, ଇନଷ୍ଟାଗ୍ରାମରୁ ନେଟଫ୍ଲିକ୍ସ ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ଲାଟଫର୍ମରେ ଲୋକଙ୍କ ପ୍ରବେଶ ବୃଦ୍ଧି ପାଇଛି।

ରିପୋର୍ଟ ଅନୁଯାୟୀ, ପ୍ରତ୍ୟେକ ଭାରତୀୟ ପ୍ରତିଦିନ ହାରାହାରି ୫ ଘଣ୍ଟା ମୋବାଇଲ୍ ସ୍କ୍ରିନରେ ବିତାଇଥାନ୍ତି, ଯାହା ମଧ୍ୟରୁ ୭୦% ସମୟ ସୋସିଆଲ ମିଡିଆ, ଗେମିଂ ଏବଂ ଭିଡିଓ ଦେଖିବାରେ ଯାଇଥାଏ। ଏହା ଡିଜିଟାଲ୍ ମିଡିଆକୁ ଭାରତର ୨.୫ ଲକ୍ଷ କୋଟି ଟଙ୍କାର ମନୋରଞ୍ଜନ ଶିଳ୍ପର ସର୍ବବୃହତ ଅଂଶରେ ପରିଣତ କରିଛି, ପ୍ରଥମ ଥର ପାଇଁ ଟେଲିଭିଜନକୁ ପଛରେ ପକାଇଦେଇଛି। ସୋସିଆଲ ମିଡିଆ ଆଉ କେବଳ ସ୍କ୍ରୋଲିଂ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଏହା ଏକ ନୂତନ ସପିଂ ମଲ୍ ପାଲଟିଛି। କମ୍ପାନୀଗୁଡ଼ିକ ଏବେ ପାରମ୍ପରିକ ବିଜ୍ଞାପନ ବଦଳରେ ଡିଜିଟାଲ ମାର୍କେଟିଂ ଉପରେ ଅଧିକ ଧ୍ୟାନ ଦେଉଛନ୍ତି।

**ଭାରତ ବିଶ୍ୱ ସ୍ମାର୍ଟଫୋନ୍ ନିର୍ମାଣ କେନ୍ଦ୍ର**

ମୋଦି ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ଅଧୀନରେ ସ୍ମାର୍ଟଫୋନ୍ ଉତ୍ପାଦନରେ ବିପୁଳ ବୃଦ୍ଧି ଘଟିଛି। ୨୦୧୪-୧୫ ମସିହାରେ, ଭାରତ ଏହାର ମୋବାଇଲ୍ ଫୋନ୍ ଆବଶ୍ୟକତାର କେବଳ ୨୫% ଘରୋଇ ଭାବରେ ଉତ୍ପାଦନ କରିଥିଲା, ଯେତେବେଳେ ୨୦୨୪ ସୁଦ୍ଧା ଏହି ସଂଖ୍ୟା ୯୭%ରେ ପହଞ୍ଚିଯାଇଛି।ଆପଲ୍, ଭିଭୋ ଏବଂ ସାଓମି ଭଳି କମ୍ପାନୀଗୁଡ଼ିକ ଏବେ ଭାରତରେ କେବଳ ସ୍ଥାନୀୟ ଆବଶ୍ୟକତା ପାଇଁ ନୁହେଁ ବରଂ ରପ୍ତାନି ପାଇଁ ମଧ୍ୟ ଉତ୍ପାଦନ କରୁଥିବା କାରଖାନା ସ୍ଥାପନ କରୁଛନ୍ତି। ଭାରତର ମୋବାଇଲ୍ ନିର୍ମାଣ ଶିଳ୍ପ ୨୦୨୪ ସୁଦ୍ଧା ୪.୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।



- ୭୦% ସମୟ ସୋସିଆଲ ମିଡିଆ, ଗେମିଂ, ଭିଡିଓ ଦେଖିବାରେ ଯାଉଛି
- ୨୦୨୪ରେ ସ୍ମାର୍ଟଫୋନ୍ ସ୍କ୍ରିନରେ ବିତିଛି ୧.୧ ଲକ୍ଷ କୋଟି ଘଣ୍ଟା

ଭାରତ ବିଶ୍ୱର ସର୍ବବୃହତ ମୋବାଇଲ୍ ଡାଟା ଗ୍ରାହକ ପାଲଟିଛି। ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁଯାୟୀ, ୨୦୨୪ ସେପ୍ଟେମ୍ବର ସୁଦ୍ଧା ଭାରତରେ ପ୍ରତି ମାସରେ ପ୍ରତି ଉପଭୋକ୍ତା ହାରାହାରି ୨୧.୨ ଜିବି ଡାଟା ବ୍ୟବହାର ହେଉଥିଲା। ସେହି ସମୟରେ, ୫ଜି ଉପଭୋକ୍ତାଙ୍କ ପାଇଁ ଏହି ସଂଖ୍ୟା ୪୦ ଜିବିରେ ପହଞ୍ଚିଛି। ଟେଲିକମ୍ କମ୍ପାନୀଗୁଡ଼ିକର ଆକଳନ ଅନୁଯାୟୀ, ଆଗାମୀ ତିନି ବର୍ଷ ମଧ୍ୟରେ ଭାରତରେ ୫ଜି ଗ୍ରାହକଙ୍କ ସଂଖ୍ୟା ୭୭ କୋଟିରେ ପହଞ୍ଚିପାରେ।

ସୋସିଆଲ ମିଡିଆ ପ୍ଲାଟଫର୍ମରେ ଲକ୍ଷ ଲକ୍ଷ ଭାରତୀୟ କଣ୍ଟେଣ୍ଟ କ୍ରିଏଟର ଛୋଟ ଭିଡିଓ ଏବଂ ଭ୍ଲଗ୍ ତିଆରି କରି ବିପୁଳ ଅର୍ଥ ରୋଜଗାର କରୁଛନ୍ତି। ଏହି ଉଦୀୟମାନ କ୍ଷେତ୍ରକୁ ସମର୍ଥନ କରିବା ପାଇଁ ଭାରତ ସରକାର ୧ ବିଲିୟନ ଡଲାର (ପ୍ରାୟ ୮୦୦୦ କୋଟି ଟଙ୍କା) ପାଣ୍ଠି ମଧ୍ୟ ଆରମ୍ଭ କରିଛନ୍ତି।

ସେହି ସମୟରେ, ଇ-କମର୍ସ କମ୍ପାନୀଗୁଡ଼ିକ ଲଗାତାର ଭାବରେ ସ୍ମାର୍ଟଫୋନ୍ ସ୍କ୍ରିନ୍ ବିଜ୍ଞାପନରେ ପରିପୂର୍ଣ୍ଣ କରୁଛନ୍ତି, ଯାହା ଫଳରେ ଗ୍ରାହକମାନେ ଅଜାଣତରେ କିଣାବଟା ଆରମ୍ଭ କରୁଛନ୍ତି। ଏହା ବ୍ୟତୀତ ରାଜନୈତିକ ଦଳଗୁଡ଼ିକ ସୋସିଆଲ ମିଡିଆରେ ମଧ୍ୟ ବଡ଼ ପରିମାଣରେ ପ୍ରଚାର କରୁଛନ୍ତି, ଯାହା ଫଳରେ ନିର୍ବାଚନରେ ଡିଜିଟାଲ୍ ମିଡିଆର ପ୍ରଭାବ ମଧ୍ୟ ଦେଖିବାକୁ ମିଳୁଛି।

■ ଜାତୀୟ ବରିଷ୍ଠ ଓ ୨୧ ବର୍ଷରୁ କମ୍ କରାଟେ

# ୩ ରୌପ୍ୟ ସହ ଓଡ଼ିଶାକୁ ୮ ପଦକ



**ଭୁବନେଶ୍ୱର, ୩୦।୩ (ସମିସ):** ହାଇଦରାବାଦ୍‌ର ଗଚିଭଲି ଷ୍ଟାଡିୟମରେ ଶେଷ ହୋଇଥିବା ଜାତୀୟ ବରିଷ୍ଠ ଓ ୨୧ ବର୍ଷରୁ କମ୍ କରାଟେ ପ୍ରତିଯୋଗିତାରେ ଓଡ଼ିଶା ଦଳ ୮ଟି ପଦକ ଜିତିଛି। ଯେଉଁଥିରେ ୩ଟି ରୌପ୍ୟ ଓ ୫ଟି କାଂସ୍ୟ ପଦକ ରହିଛି। ବରିଷ୍ଠ ମହିଳା ବ୍ୟକ୍ତିଗତ କାଟାରେ ଭାଲେନା ଭାଲେଣ୍ଟିନା ଏବଂ ୨୧ ବର୍ଷରୁ କମ୍ ବିଭାଗରେ ତ୍ରିଲୋଚନ ରଣା (୫୦ କିଗ୍ରାରୁ କମ୍ ଫାଇଟିଂ) ଓ ବେଦାନ୍ତ ଦାସ (କାଟା) ରୌପ୍ୟ ପଦକ ହାସଲ କରିଥିଲେ। ସେହିଭଳି ରୀତେଶ ରାୟ, ସୁମନ ଶେଖର ଦାସ, ତ୍ରିଲୋଚନ ରଣା, ସୁରୋମିତା ସିହ୍ନା ଏବଂ ମହିଳା ଟିମ୍ କାଟାରେ ଓଡ଼ିଶା ଖେଳାଳିମାନେ କାଂସ୍ୟ ପଦକ ଜିତିଥିଲେ। ଖାରବେଳ ମଲ୍ଲିକ, ଦୀପକ ସାମନ୍ତରା, ଅରବିନ୍ଦ ପଟ୍ଟନାୟକ, ରାଜୀବ ସିଂ ଓ ସନ୍ତୋଷ ମହାରଣା କୋଚ୍ ଓ ଅଫିସିଆଲ୍ ଭାବେ ହାଇଦରାବାଦ୍ ଯାଇଥିଲେ। ପଦକ ବିଜେତା ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟ କରାଟେ ସଂଘର ସମ୍ପାଦକ ଡ. ଗୌରୀ ମହାନ୍ତି ଓ ସଭାପତି ଡ. ହରିପ୍ରସାଦ ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

ଏଲ୍ଏଲ୍ସିସି କପ୍ କ୍ରିକେଟ

# କ୍ୱାର୍ଟରରେ ଏଲ୍ଏଲ୍ସିସି 'ଏ'



**ଭୁବନେଶ୍ୱର, ୩୦।୩ (ସମିସ):** ଆୟୋଜକ ଏଲ୍ଏଲ୍ସିସି-ଏ' ଟିମ୍ ୨୯୭ ରନ୍‌ରେ ବରମୁଣ୍ଡା କ୍ରିକେଟ ଟିମ୍‌କୁ ହରାଇ ଚତୁର୍ଥ ଏଲ୍ଏଲ୍ସିସି କପ୍ ୧୫ ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆଇଆର୍‌ସି ଭିଲେଜ ପଡ଼ିଆରେ ରବିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଏଲ୍ଏଲ୍ସିସି-ଏ' ପ୍ରଥମେ ବ୍ୟାଟିଂ କରି ୩୫ ଓଭରରେ ୩ ୱିକେଟରେ ୩୬୩ ରନ୍‌ର ବିଶାଳ ସ୍କୋର କରିଥିଲା। ଦଳ ପକ୍ଷରୁ ଦୀପକ ବରାଳ ଆଉଟ ନ ହୋଇ ସର୍ବାଧିକ ୮୫, ଅଂଶୁମାନ ମହାନ୍ତି ୮୦ ଓ ଆଦର୍ଶ ଦାସ ୬୯ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଅଧିନାୟକ ପ୍ରତାପ ବିଶ୍ୱାଳ ୨ଟି ଓ ଆୟନ ପାଇକରାୟ ୩ଟି ୱିକେଟ ନେଇଥିଲେ। ଜବାବରେ ବରମୁଣ୍ଡା ୧୫ ଓଭରରେ ମାତ୍ର ୬୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ପ୍ରତାପ ଏକମାତ୍ର ଖେଳାଳି ଭାବେ ୨୮ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ଏହି ମ୍ୟାଚ୍‌ରେ ଦେବାଶିଷ ମହାନ୍ତି ଓ ସରୋଜ କୁମାର ଜେନା ଅତିଥିଭାବେ ଯୋଗଦେଇ ଦୀପକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ଡବ୍ଲ୍ୟୁଟିଟି ଷ୍ଟାର୍ କଣ୍ଟେଣ୍ଡରରୁ ଭାରତୀୟ ଅଭିଯାନ ଶେଷ

**ଚେନ୍ନାଇ, ୩୦।୩ (ଏଜେନ୍ସି):** ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ବିଶ୍ୱ ଟେବଲ୍ ଟେନିସ (ଡବ୍ଲ୍ୟୁଟିଟି) ଷ୍ଟାର୍ କେଣ୍ଟେଣ୍ଡର ପ୍ରତିଯୋଗିତାରେ ଘରୋଇ ଭାରତର ଅଭିଯାନ ଶେଷ ହୋଇଛି। ରବିବାର ପୁରୁଷ ଏକକ ସେମିଫାଇନାଲ ମୁକାବିଲାରେ ଭାରତର ଶେଷ ଆଶା ମାନବ ଠାକ୍କର ୧-୩ (୧୦-୧୨, ୯-୧୧, ୧୧-୭, ୭-୧୧)ରେ ଫ୍ରାନ୍ସର ଥିବାଉଲ୍ଟ ପୋରେଟ୍‌ଙ୍କ ନିକଟରୁ ହାରିଯାଇଥିଲେ।

■ ଏଆଇଏଫ୍ଏଫ୍ ଜୁନିୟର ଲିଗ୍

## ଓଡ଼ିଶା ଏଫ୍‌ସିର ବଡ଼ ପରାଜୟ

**ଭୁବନେଶ୍ୱର, ୩୦।୩ (ସମିସ):** ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ ଏଆଇଏଫ୍ଏଫ୍ ଆନୁକୂଲ୍ୟରେ ଚାଲିଥିବା ଜୁନିୟର୍ ଲିଗ୍‌ରେ ଓଡ଼ିଶା ଏଫ୍‌ସି ବଡ଼ ପରାଜୟର ସମ୍ମୁଖୀନ ହୋଇଛି। ରବିବାର ଜାମସେଦପୁରର ଫ୍ଲାଟଲେଟ୍ ଫୁଟ୍‌ବଲ ଷ୍ଟାଡିୟମରେ ଅନୁଷ୍ଠିତ ଏହି ଏକପାଖିଆ ମ୍ୟାଚରେ ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ୧୦-୧ ଗୋଲ୍‌ରେ ଓଡ଼ିଶା ଏଫ୍‌ସି କନିଷ୍ଠ ଦଳକୁ ପରାସ୍ତ କରିଥିଲା।

# ଅଷ୍ଟ୍ରେଲିଆରେ ସୀମିତ ଓଭର ମ୍ୟାଚ୍ ଖେଳିବ ଭାରତ

## ଅକ୍ଟୋବର- ନଭେମ୍ବରରେ ୩ ଦିନିକିଆ, ୫ ଟି-୨୦

ନୂଆଦିଲ୍ଲୀ,୩୦।୩(ଏଜେନ୍ସି)




ଆଗାମୀ ଅକ୍ଟୋବର- ନଭେମ୍ବର ମାସରେ ଭାରତୀୟ ପୁରୁଷ କ୍ରିକେଟ ଦଳ ଅଷ୍ଟ୍ରେଲିଆ ଗସ୍ତ କରିବ। ଏହି ହାଇପ୍ରୋଫାଇଲ ଗସ୍ତରେ ଭାରତ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ୍ ଖେଳିବ। ଭିନ୍ନ ପ୍ରକାର କଥା ହେଉଛି ସବୁ ୮ଟିଯାକ ମ୍ୟାଚ୍ ଅଲଗା ଅଲଗା ଷ୍ଟାଡିୟମରେ ଖେଳାଯିବ। ରବିବାର କ୍ରିକେଟ ଅଷ୍ଟ୍ରେଲିଆ ୨୦୨୫-୨୬ ସିଜିନ ପାଇଁ ତା'ର କାର୍ଯ୍ୟସୂଚୀ ଘୋଷଣା କରିଛି ଓ ଭାରତର ଗସ୍ତ ନେଇ ସୂଚନା ଦେଇଛି। ଅଷ୍ଟ୍ରେଲିଆ ପ୍ରଥମଥର ପାଇଁ ନିଜର ୬ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବା ନିଶ୍ଚିତ ହୋଇଛି। ଭାରତକୁ ବାଦ୍ ଦେଲେ ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ମଧ୍ୟ ଚଳିତବର୍ଷ ଶେଷ ଆଡକୁ ଅଷ୍ଟ୍ରେଲିଆ ଗସ୍ତ କରିବ। ଅକ୍ଟୋବର ୧୯ରେ ଭାରତର ଗସ୍ତ ଆରମ୍ଭ ହେବ ଓ ଏହି ଦିନ ପର୍ଥ ଷ୍ଟାଡିୟମରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବ। ସେହିପରି ୨୩ରେ ଆଡିଲେଡ୍‌ରେ ଦ୍ୱିତୀୟ ଦିନିକିଆ, ୨୫ରେ ସିଡନୀରେ ତୃତୀୟ ଦିନିକିଆ ଖେଳାଯିବ। ଅନ୍ୟପଟେ ଅକ୍ଟୋବର ୨୯ ଓ ୩୧ରେ ପ୍ରଥମ ଓ ଦ୍ୱିତୀୟ ଟି-୨୦ ଯଥାକ୍ରମେ କାନବେରା ଓ ମେଲବୋର୍ଣ୍ଣରେ ଆୟୋଜନ ହେବ। ସେହିପରି ନଭେମ୍ବର ୨, ୬ ଓ ୮ ତାରିଖରେ ତୃତୀୟ, ଚତୁର୍ଥ ଓ ୫ମ ଟି-୨୦ ଯଥାକ୍ରମେ ହୋବାର୍ଟ, ଗୋଲ୍ଡ କୋଷ୍ଟ ଓ ଗାବାରେ ଖେଳାଯିବ।

### ୨୦୨୬ରେ ମହିଳା ଦଳର ଅଲ୍‌ଫର୍ମାଟ ଅଷ୍ଟ୍ରେଲିଆ ଗସ୍ତ

ପୁରୁଷ ଦଳ ଭଳି ଭାରତୀୟ ମହିଳା କ୍ରିକେଟ ଦଳ ମଧ୍ୟ ଅଷ୍ଟ୍ରେଲିଆ ଗସ୍ତ କରିବ। ତେବେ ମହିଳା ଦଳ ଆସନ୍ତାବର୍ଷ ପ୍ରାରମ୍ଭରେ ହିଁ ଗସ୍ତ କରି ସବୁ ଫର୍ମାଟ୍‌ର ମ୍ୟାଚ୍ ଖେଳିବ। ଫେବୃଆରୀ ୧୫ରୁ ଆରମ୍ଭ ହୋଇ ମାର୍ଚ୍ଚ ୯ରେ ମହିଳା ଦଳର ଗସ୍ତ ଶେଷ ହେବ। ଭାରତ ଏହି ଗସ୍ତରେ ୩ଟି ଲେଖାଏ ଟି-୨୦ ଓ ଦିନିକିଆ ମ୍ୟାଚ୍ ଖେଳିବ। ଶେଷରେ ୱାକା ଗ୍ରାଉଣ୍ଡରେ ମାର୍ଚ୍ଚ ୬ରୁ ୯ ତାରିଖ ମଧ୍ୟରେ ଦିବାରାତ୍ର ଏକମାତ୍ର ଟେଷ୍ଟ ମ୍ୟାଚ୍ ଖେଳିବ। ଫେବୃଆରୀ ୧୫ରେ ପ୍ରଥମ ଟି-୨୦, ୧୯ରେ ଦ୍ୱିତୀୟ ଟି-୨୦, ୨୧ରେ ତୃତୀୟ ଟି-୨୦ ମ୍ୟାଚ୍ ଯଥାକ୍ରମେ ସିଡନୀ କ୍ରିକେଟ ଗ୍ରାଉଣ୍ଡ, ମନୁକା ଓଭାଲ ଓ ଆଡିଲେଡ ଓଭାଲ ଗ୍ରାଉଣ୍ଡରେ ଖେଳାଯିବ। ସେହିପରି ୨୪ରେ ପ୍ରଥମ ଦିନିକିଆ ଆଲାନ ବର୍ଡର ଫିଲ୍ଡ ଓ ୨୭ରେ ଦ୍ୱିତୀୟ ଦିନିକିଆ ବେଲେରାଇଭ ଓଭାଲ ଗ୍ରାଉଣ୍ଡରେ ଖେଳାଯିବ। ତୃତୀୟ ଦିନିକିଆ ମାର୍ଚ୍ଚ ୧ରେ ସିଟି ପାୱାର ସେଣ୍ଟରରେ ଖେଳାଯିବ।

### ■ ୧୫୨ଟି ଦିନିକିଆରେ ଭେଟିଛନ୍ତି ଭାରତ- ଅଷ୍ଟ୍ରେଲିଆ

ଭାରତ ଓ ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ୧୫୨ଥର ପରସ୍ପରକୁ ଭେଟିଛନ୍ତି। ଏଥିମଧ୍ୟରୁ ଭାରତ ୫୮ଟି ମ୍ୟାଚ୍ ଜିତିଥିବା ବେଳେ ଅଷ୍ଟ୍ରେଲିଆ ୮୪ଟି ମୁକାବିଲାରେ ବିଜୟ ହାସଲ କରିଛି। ୧୦ଟି ଦିନିକିଆ ବିନା ଫଳାଫଳରେ ଶେଷ ହୋଇଛି। ଦିନିକିଆ ତୁଳନାରେ ଟି-୨୦ରେ ଭାରତର ରେକର୍ଡ ଭଲ ରହିଛି। ସେହିପରି ଦୁଇ ଦଳ ଏପର୍ଯ୍ୟନ୍ତ ୩୨ଟି ଟି-୨୦ ମ୍ୟାଚ୍‌ରେ ମୁହାଁମୁହିଁ ହୋଇଛନ୍ତି। ଏଥିମଧ୍ୟରୁ ଭାରତ ୨୧ ଓ ଅଷ୍ଟ୍ରେଲିଆ ୧୧ଟିରେ ବିଜୟ ହାସଲ କରିଛି।

### ■ ବର୍ଡର- ଗାଭାସ୍କର ଟ୍ରଫିରେ ହାରିଥିଲା ଭାରତ

ଗତ ବର୍ଷ ଅନୁଷ୍ଠିତ ବର୍ଡର- ଗାଭାସ୍କର ଟ୍ରଫିରେ ଭାରତ ଘରୋଇ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ୫ ମ୍ୟାଚ୍ ବିଶିଷ୍ଟ ଏହି ଟେଷ୍ଟ ସିରିଜ୍‌ରେ ଭାରତ ୧-୩ରେ ପରାସ୍ତ ହୋଇଥିଲା। ଯଶପ୍ରୀତ ବୁମ୍‌ରାଙ୍କ ନେତୃତ୍ୱରେ ଭାରତ ପ୍ରଥମ ଟେଷ୍ଟରେ ବିଜୟୀ ହୋଇଥିଲେ ମଧ୍ୟ ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ୨ଟି ଟେଷ୍ଟରେ ପରାସ୍ତ ହୋଇଥିଲା। କିନ୍ତୁ ବୁମ୍‌ରାଙ୍କ ନେତୃତ୍ୱରେ ଭାରତ ଅନ୍ତିମ ଟେଷ୍ଟରେ ପରାସ୍ତ ହୋଇଥିଲା।

### ପୁରୁଷ ଦଳର ଅଷ୍ଟ୍ରେଲିଆ ଗସ୍ତସୂଚୀ

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ୧୯/୧୦ | ପ୍ରଥମ ଦିନିକିଆ | ପର୍ଥ (ଦିବା/ରାତ୍ର) |
| ୨୩/୧୦ | ଦ୍ୱିତୀୟ ଦିନିକିଆ | ଆଡିଲେଡ (ଦିବା/ରାତ୍ର) |
| ୨୫/୧୦ | ତୃତୀୟ ଦିନିକିଆ | ସିଡ୍‌ନୀ (ଦିବା/ରାତ୍ର) |
| ୨୯/୧୦ | ପ୍ରଥମ ଟି-୨୦ | କାନବେରା (ରାତି) |
| ୩୧/୧୦ | ଦ୍ୱିତୀୟ ଟି-୨୦ | ମେଲବୋର୍ଣ୍ଣ (ରାତି) |
| ୨/୧୧ | ତୃତୀୟ ଟି-୨୦ | ହୋବାର୍ଟ (ରାତି) |
| ୬/୧୧ | ଚତୁର୍ଥ ଟି-୨୦ | ଗୋଲ୍ଡକୋଷ୍ଟ (ରାତି) |
| ୮/୧୧ | ପଞ୍ଚମ ଟି-୨୦ | ଗାବା (ରାତି) |

ଓଡ଼ିଶା ଅଲିମ୍ପିକ ସଂଘର ବାର୍ଷିକ ବୈଠକ

# ସଭାପତି ଦାୟିତ୍ୱ ଗ୍ରହଣ କଲେ ସମୀର




**କଟକ,୩୦।୩(ସମିସ):** ଓଡ଼ିଶା ଅଲିମ୍ପିକ ସଂଘ(ଓଓଏ)ର ବାର୍ଷିକ ସାଧାରଣ ପରିଷଦ ବୈଠକ ରବିବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନବନିର୍ବାଚିତ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭୁବନେଶ୍ୱର ଆଥଲେଟିକ ସଂଘ ପକ୍ଷରୁ ପ୍ରତିନିଧିତ୍ୱ କରି ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବା ବରିଷ୍ଠ ବିଜେପି ନେତା ସମୀର ମହାନ୍ତି ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ବାରବାଟୀ ଷ୍ଟାଡିୟମ ସମେତ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ନିମନ୍ତେ ସମସ୍ତ ପଦକ୍ଷେପ ନିଆଯିବ ବୋଲି ସଭାପତି ସମୀର ଏହି ଅବସରରେ ପ୍ରକାଶ କରିଥିଲେ। ସେହିପରି ଅଭିଜିତ ପାଲ ପୁର୍ନବାର ସମ୍ପାଦକ ପଦ ବଜାୟ ରଖିଛନ୍ତି। ରାଜ୍ୟର ତିନୋଟି କ୍ରୀଡ଼ା ସଂଘକୁ ଓଓଏ ଅନୁବନ୍ଧିତ ୟୁନିଟ ଭାବେ ଗ୍ରହଣ କରାଯାଇଥିବା ନେଇ ଅଭିଜିତ ସୂଚନା ଦେଇଛନ୍ତି।

ପ୍ରକାଶଥାଉକି, ଗତ ଫେବୃୟାରୀ ୨୭ରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ନାମାଙ୍କନ ଦାଖଲର ଶେଷ ତାରିଖ ଥିଲା ଚଳିତ ମାସ ୧୭ ତାରିଖ। ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଗଯାଧର ପଣ୍ଡା ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ। ପ୍ରାର୍ଥିପତ୍ର ଯାଞ୍ଚ ପରେ ସମସ୍ତ ପଦ ନିର୍ଦ୍ୱନ୍ଦ୍ୱରେ ପୂରଣ ହୋଇଥିବା ଓଓଏ ପକ୍ଷରୁ ଘୋଷଣା କରାଯାଇଥିଲା। ଉପସଭାପତି ଭାବେ କମଳାକାନ୍ତ ପାଣ୍ଡେ, ବିନୋଦ ଦାସ, ପ୍ରତାପ ଶତପଥୀ, ନଳିନୀ କୁମାର ଦାସ, ଦୁଲାଲ ଚନ୍ଦ୍ର ପ୍ରଧାନ, ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ଭାବେ ହରିନାରାୟଣ ପୂଜାରୀ, ଜେ. କାମେଶ୍ୱର ରାଓ ନିର୍ବାଚିତ ହୋଇଥିଲେ। ରବିଶଙ୍କର ପ୍ରତିହାରୀ କୋଷାଧ୍ୟକ୍ଷ ଏବଂ କାଉନସିଲ ସଦସ୍ୟ ଭାବେ ଅଭୟ ମହାପାତ୍ର, ଅଜୟ ବେହେରା, ଡଃ ହରିପ୍ରସାଦ ପଟ୍ଟନାୟକ, କିଶୋର କୁମାର ମିଶ୍ର, ବିଜୟ ବେହେରା, ଧୀରେନ ପଲାଇ, ମନୋଜ କୁମାର ସ, ଅଶୋକ କୁମାର ସାହୁ, ବିରେନ୍ଦ୍ର କୁମାର ବେହେରା, ପ୍ରସନ୍ନ କୁମାର ରାଉତ, ଡଃ ଗୌର ଗୋବିନ୍ଦ ସାମନ୍ତ ଆଜି ଦାୟିତ୍ୱ ଗ୍ରହଣ କରିଥିଲେ।

■ ମିଆମି ଓପନ୍ ଟେନିସ୍

# ସାବାଲେଙ୍କାଙ୍କୁ ପ୍ରଥମ ଟାଇଟଲ



ଜିତିଲେ ୯.୪ କୋଟି ଟଙ୍କା ପୁରସ୍କାର


**ମିଆମି,୩୦।୩(ଏଜେନ୍ସି):** ଆମେରିକାର ଫ୍ଲୋରିଡା ରାଜ୍ୟର ମିଆମିଠାରେ ଅନୁଷ୍ଠିତ ଡବ୍ଲ୍ୟୁଟିଏ ୧୦୦୦ ଟୁର୍ଣ୍ଣାମେଣ୍ଟରେ ଏଥର ବେଲାରୁଷର ଅରିନା ସାବାଲେଙ୍କା ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛନ୍ତି। ଶନିବାର ବିଳମ୍ବିତ ରାତିରେ ହାର୍ଡରକ୍ ଷ୍ଟାଡିୟମରେ ଅନୁଷ୍ଠିତ ମହିଳା ଏକକ ଫାଇନାଲ ମୁକାବିଲାରେ ଟପ୍ ସିଡ୍ ଅରିନା ସାବାଲେଙ୍କା ୭-୫, ୬-୨ ସିଧାସଳଖ ସେଟ୍‌ରେ ଚତୁର୍ଥ ସିଡ୍ ଆମେରିକାର ଜେସିକା ପେଗୁଲାଙ୍କୁ ପରାସ୍ତ କରି ପ୍ରଥମଥର ପାଇଁ ମିଆମି ଓପନ୍ ଟାଇଟଲ ହାସଲ କରିଛନ୍ତି। ଏଥସହ ସେ ୯ କୋଟି ୪୦ ଲକ୍ଷ ଟଙ୍କା ପୁରସ୍କାର ହାସଲ କରିଛନ୍ତି। ପୂର୍ବରୁ ସେମିଫାଇନାଲରେ ସାବାଲେଙ୍କା ୬-୨, ୬-୨ ସିଧାସଳଖ ସେଟ୍‌ରେ ଷଷ୍ଠ ସିଡ୍ ଇଟାଲୀର ଜସ୍ମିନ ପାଓଲିନିଙ୍କୁ ପରାସ୍ତ କରି ଫାଇନାଲକୁ ଉଠିଥିଲେ। ସେହିପରି ପେଗୁଲା ୭-୬, ୫-୭, ୬-୩ ସେଟ୍‌ରେ ଫିଲିପାଇନ୍ସର ଆଲେକଜାଣ୍ଡ୍ରା ଏଲାଙ୍କୁ ହରାଇ ଫାଇନାଲ ଟିକଟ୍ ହାସଲ କରିଥିଲେ।

ଏହା ପୂର୍ବରୁ ଚଳିତ ବର୍ଷ ସାବାଲେଙ୍କା ୬ଟି ଟୁର୍ଣ୍ଣାମେଣ୍ଟ ଖେଳି ୪ଟିରେ ଫାଇନାଲରେ ପ୍ରବେଶ କରି ଦୁଇଟିରେ ଚାମ୍ପିଅନ ହୋଇଛନ୍ତି। ମିଆମି ଓପନ୍ ପୂର୍ବରୁ ସେ ବ୍ରିସ୍‌ବେନ ଅନ୍ତର୍ଜାତୀୟ ଟେନିସ ଟୁର୍ଣ୍ଣାମେଣ୍ଟରେ ଟାଇଟଲ ହାସଲ କରିଥିଲେ। ତେବେ ଅଷ୍ଟ୍ରେଲିଆନ୍ ଓପନ୍ ଓ ଇଣ୍ଡିଆନ ୱେଲ୍ସ ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲେ। ସେ ୨୦୨୩ ଓ ୨୦୨୪ ଅଷ୍ଟ୍ରେଲିଆନ୍ ଓପନ୍‌ରେ କ୍ରମାଗତ ଟାଇଟଲ ଜିତିଥିଲେ। ୨୬ ବର୍ଷରେ ପଦାର୍ପଣ କରିଥିବା ସାବାଲେଙ୍କା ଏପର୍ଯ୍ୟନ୍ତ ୧୯ଟି ଡବ୍ଲ୍ୟୁଟିଏ ଟାଇଟଲ ଜିତିଛନ୍ତି। ୧୭ଟି ସେ ହାର୍ଡ କୋର୍ଟ ଉପରେ ଜିତିଛନ୍ତି। ଏଥିରେ ତାଙ୍କର ୩ଟି ଗ୍ରାଣ୍ଡସ୍ଲାମ ଟାଇଟଲ ସାମିଲ ରହିଛି। ଦୁଇଟି ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟଲକୁ ବାଦ୍ ଦେଲେ ସେ ୨୦୨୪ରେ ୟୁଏସ୍ ଓପନ୍‌ରେ ମଧ୍ୟ ଚାମ୍ପିଅନ ହୋଇଥିଲେ।

### ଆରେଭାଲୋ- ପାଭିକ୍‌ଙ୍କୁ ଯୁଗଳ ଟାଇଟଲ

ପୁରୁଷ ଯୁଗଳ ପ୍ରତିଯୋଗିତାରେ ସାଲଭାଡର ମାର୍ସେଲୋ ଆରେଭାଲୋ ଓ କ୍ରୋଏସିଆର ମେଟ୍ ପାଭିକ୍ ଟାଇଟଲ ଜିତିଛନ୍ତି। ଫାଇନାଲରେ ଏହି ଯୋଡି ୭-୬, ୬-୩ ସିଧାସଳଖ ସେଟ୍‌ରେ ବ୍ରିଟେନର ଲଏଡ୍ ଗ୍ଲାସପୁଲ ଓ ଜୁଲିଆନ କାସ୍‌ଙ୍କୁ ହରାଇ ବାଜି ମାରିଛନ୍ତି।

## ପୁଣି ଜାତୀୟ ରେକର୍ଡ ଭାଙ୍ଗିଲେ ଗୁଲ୍‌ବୀର



**ନୂଆଦିଲ୍ଲୀ, ୩୦।୩ (ଏଜେନ୍ସି):** ଧାବକ ଗୁଲ୍‌ବୀର ସିଂହ ନିଜ ନାମରେ ରହିଥିବା ଜାତୀୟ ରେକର୍ଡକୁ ପୁଣି ଭାଙ୍ଗିଛନ୍ତି। ଆମେରିକାରେ ଅନୁଷ୍ଠିତ ୱାର୍ଲ୍ଡ ଆଥ୍‌ଲେଟିକ କଣ୍ଟିନେଣ୍ଟାଲ୍ ଟୁର୍‌ର ପୁରୁଷ ୧୦୦୦୦ ମିଟର ରେସ୍‌କୁ ଗୁଲ୍‌ବୀର ୨୭ ମିନିଟ୍ ୦.୨୨ ସେକେଣ୍ଡରେ ଫିନିଶ୍ କରିଥିଲେ। ଫଳରେ ଏହା ନୂଆ ଜାତୀୟ ରେକର୍ଡ ହୋଇଛି। ପୂର୍ବରୁ ମଧ୍ୟ ୧୦୦୦୦ ମିଟର ଇଭେଣ୍ଟରେ ଭାରତୀୟ ରେକର୍ଡ ଗୁଲ୍‌ବୀରଙ୍କ ନାମରେ ରହିଥିଲା। ଗତ ବର୍ଷ ନଭେମ୍ବରରେ ଗୁଲ୍‌ବୀର ଜାପାନରେ ଅନୁଷ୍ଠିତ ଏକ ରେସ୍‌ରେ ଏହି ଦୂରତାକୁ ୨୭ ମିନିଟ୍ ୧୪.୮୮ ସେକେଣ୍ଡରେ ଶେଷ କରି ଜାତୀୟ ରେକର୍ଡର ଅଧିକାରୀ ହୋଇଥିଲେ। ମାତ୍ର ୪ ମାସ ପରେ ସେ ନିଜ ନାମରେ ରହିଥିବା ଏହି ରେକର୍ଡକୁ ଭାଙ୍ଗିବାରେ ସଫଳ ହୋଇଛନ୍ତି। ୨୬ ବର୍ଷୀୟ ଗୁଲ୍‌ବୀରଙ୍କ ନାମରେ ମଧ୍ୟ ୫୦୦୦ ମିଟର ଜାତୀୟ ରେକର୍ଡ ରହିଛି। ୫୦୦୦ ମିଟର ଦୂରତାକୁ ସେ ୧୩ ମିନିଟ୍ ୧୧.୮୨ ସେକେଣ୍ଡରେ ଶେଷ କରି ଜାତୀୟ ରେକର୍ଡର ଅଧିକାରୀ ରହିଛନ୍ତି।

ପ୍ରଭାତ ସ୍ମାରକୀ କ୍ରିକେଟ ଉଦ୍‌ଯାପିତ

# ଗଙ୍ଗପଡ଼ାକୁ ହରାଇ ଯଦୁପୁର ଚାମ୍ପିଅନ

ଭୁବନେଶ୍ୱର, ୩୦।୩ (ସମିସ)




ଜିତେନ୍ଦ୍ର ଦାସ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ବିକାଶ ରାଉତଙ୍କ ଅଲରାଉଣ୍ଡ ସଫଳତା ବଳରେ ଯଦୁପୁର କ୍ରିକେଟ ଟିମ୍ ୪ ୱିକେଟରେ ଗଙ୍ଗପଡ଼ା କ୍ରିକେଟ ଟିମ୍‌କୁ ପରାସ୍ତ କରି ପ୍ରଭାତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ତମାଣ୍ଡୋ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ କ୍ଲବ୍ ଖେଳ ପଡ଼ିଆରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ଗଙ୍ଗପଡ଼ା ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୯୧ ରନ୍ କରିଥିଲା। ଦଳ ପକ୍ଷରୁ ଶୁଭେନ୍ଦୁ ପ୍ରଧାନ ୪୧, ମହେଶ୍ୱର ସେନାପତି ୩୫ ଓ ରୋଶନ ସେନାପତି ୩୨ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ସେକ୍ ସଲମାନ ୩ଟି ଓ ବିକାଶ ୨ଟି ୱିକେଟ ନେଇଥିଲେ। ଜବାବରେ ୧୯୨ ରନ୍‌ର ବିଜୟ ଲକ୍ଷ୍ୟକୁ ଯଦୁପୁର ୧୭.୫ ଓଭରରେ ୬ ୱିକେଟ ହରାଇ ହାସଲ କରିନେଇଥିଲା। ବିଜୟୀ ଦଳର ଜିତେନ୍ଦ୍ର ୩୪ ବଲ୍‌ରୁ ୬୮ ଓ ବିକାଶ ୪୪ ବଲ୍‌ରୁ ୫୫ ରନ୍ କରିଥିଲେ। ଏହି ମ୍ୟାଚ୍‌କୁ ଅବିନାଶ ପଟ୍ଟନାୟକ ଓ ଖଗେଶ୍ୱର ସୁବୁଦ୍ଧି ପରିଚାଳନା କରିଥିଲେ। ଏବି ଦୀପକ ସ୍କୋରର ଥିଲାବେଳେ ଅଭିଷେକ ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିଲେ। ବିକାଶଙ୍କୁ ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ଖେଳ ଶେଷରେ ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବରେ ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ ମୁଖ୍ୟ ଅତିଥି, ବିରଜାପ୍ରସାଦ ସାମନ୍ତରାୟ ମୁଖ୍ୟ ବକ୍ତା ଓ ପ୍ରଭାତ କୁମାର ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିଅନ ଦଳକୁ ଟ୍ରଫି ସହ ୩୦,୦୦୦ ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୨୦,୦୦୦ ଟଙ୍କାର ପ୍ରଦାନ କରିଥିଲେ।

ଲକ୍ଷ୍ମୀପ୍ରିୟା ସ୍ମାରକୀ ସ୍କୁଲ ଚେସ୍

# ଆୟବନ୍ତ ଚାମ୍ପିଅନ, ଶ୍ରେୟାଂଶ ରନର୍ସଅପ୍



**ଭୁବନେଶ୍ୱର, ୩୦।୩ (ସମିସ):** ଭୁବନେଶ୍ୱରର ଆୟମନ୍ତ ମହାନ୍ତି ଦ୍ୱିତୀୟ ଲକ୍ଷ୍ମୀପ୍ରିୟା ସ୍ମାରକୀ ସ୍କୁଲ ଚେସ୍ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ରବିବାର ଖେଳାଯାଇଥିବା ୫ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ଆୟବନ୍ତ ୫ ପଏଣ୍ଟ ସଂଗ୍ରହ କରି ପ୍ରଥମ ସ୍ଥାନରେ ରହିଛନ୍ତି। ଭୁବନେଶ୍ୱରର ଅନ୍ୟତମ ଖେଳାଳି ଶ୍ରେୟାଂଶ ସୁମିତ ସ୍ୱାଇଁ, ଆୟୁଷ ପରିଡ଼ା ଓ ସତ୍ୟମାଧବ ଶତପଥି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ସାଲେପୁର ଓଏଭିର ଆଦିତ୍ୟ ଲାହା ୩.୫ ପଏଣ୍ଟ ସଂଗ୍ରହ କରି ପଞ୍ଚମ ସ୍ଥାନରେ ରହିଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ଓ ରୟାଲ ପବ୍ଲିକ୍ ସ୍କୁଲ ସହଯୋଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ରାଜଗାଙ୍ଗପୁର ଡାଲମିଆଁ ସିମେଣ୍ଟ ପ୍ରଡକସନ ମ୍ୟାନେଜର ଆଦିତ୍ୟ ମହାନ୍ତି ଉଦ୍‌ଘାଟନ କରିଥିଲାବେଳେ ରୟାଲ ସ୍କୁଲ ଅଧ୍ୟକ୍ଷ ସର୍ବେଶ୍ୱର ସାମଲ ଉଦଯାପନୀ ଉତ୍ସବରେ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ନିବେଦିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ମିଚେଲ ଷ୍ଟାର୍କଙ୍କ ଘାତକ ବୋଲିଂରେ ହାଇଦରାବାଦ୍ ଧରାଶାୟୀ

# ସହଜରେ ଜିତିଲା ଦିଲ୍ଲୀ କ୍ୟାପିଟାଲ୍ସ



**ବିଶାଖାପାଟଣା,୩୦।୩ (ଏଜେନ୍ସି)**

ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କଙ୍କ ଘାତକ ବୋଲିଂ ବଳରେ ଏଠାରେ ରବିବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ସହଜ ବିଜୟ ହାସଲ କରିଛି। ଷ୍ଟାର୍କ ୫ଟି ଓ କୁଲଦୀପ ଯାଦବ ୩ ୱିକେଟ ନେବା ଫଳରେ ଦିଲ୍ଲୀ ୭ ୱିକେଟରେ ସନ୍‌ରାଇଜର୍ସ ହାଇଦରାବାଦ୍‌କୁ ପରାସ୍ତ କରିଛି। ଏହା ଫଳରେ ଅକ୍ଷର ପଟେଲଙ୍କ ନେତୃତ୍ୱରେ ଗଠିତ ଦିଲ୍ଲୀ ୨ଟି ମ୍ୟାଚ୍‌ର ୨ଟି ବିଜୟ ସହ ଶତପ୍ରତିଶତ ସଫଳତା ପାଇଛି। ଏହି ଦଳ ପ୍ରଥମ ମ୍ୟାଚ୍‌ରେ ଆଶୁତୋଷ ଶର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ନାଟକୀୟ ଭାବେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସକୁ ପରାସ୍ତ କରିଥିଲା। ଅନ୍ୟ ପକ୍ଷରେ ପ୍ରଥମ ମ୍ୟାଚ୍‌ରେ ୨୮୬ ରନ୍ କରି ଦମ୍‌ଦାର ବିଜୟ ହାସଲ କରିଥିବା ହାଇଦରାବାଦ ଏହା ପରେ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ଏହି ମ୍ୟାଚ୍‌ରେ ୩୫ ରନ୍ ଦେଇ ୫ଟି ୱିକେଟ ନେଇଥିବା ବିଜୟୀ ଦିଲ୍ଲୀ ଦଳର ମିଚେଲ ଷ୍ଟାର୍କଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

### ● ନାଟକୀୟ ବ୍ୟାଟିଂ ବିପର୍ଯ୍ୟୟ

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ହାଇଦରାବାଦ୍‌ର ଶକ୍ତିଶାଳୀ ବ୍ୟାଟିଂ ଲାଇନ୍ ଅପ୍ ମିଚେଲ ଷ୍ଟାର୍କଙ୍କ ବୋଲିଂରେ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଥିଲା। ଓପନର ଅଭିଷେକ ଶର୍ମା ୧ ରନ୍‌ରେ ରନ୍‌ଆଉଟ ହେବା ପରେ ଷ୍ଟାର୍କ କ୍ରମାଗତ ୩ଜଣ ଖେଳାଳି ଯଥା ଇଶାନ କିଷାନ (୨), ନୀତୀଶ ରେଡ୍ଡୀ (୦) ଓ ଟ୍ରାଭିସ ହେଡ୍ (୨୨)ଙ୍କୁ ଆଉଟ କରି ଆତଙ୍କ ଖେଳାଇଦେଇଥିଲେ। ତାଙ୍କୁ ବୋଲିଂରୁ ହଟାଇଦେବା ପରେ ଅନିକେତ ବର୍ମା ଓ ହେନ୍‌ରିକ କ୍ଲାସେନ ୫ମ ୱିକେଟରେ ୪୨ ବଲ୍‌ରୁ ୭୭ ରନ୍ ଉଠାଇ ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। କିନ୍ତୁ ଉଭୟ ଖେଳାଳି ଅଳ୍ପ ରନ୍ ବ୍ୟବଧାନରେ ଆଉଟ ହୋଇଯିବାରୁ ହାଇଦରାବାଦ୍‌ର ଇନିଂସ ୧୬୩ ରେ ଶେଷ ହୋଇଯାଇଥିଲା। ଅନିକେତ ୪୧ ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ଓ ୬ ଛକା ସହାୟତାରେ ସର୍ବାଧିକ ୭୪ ରନ୍ କରିଥିଲେ। କ୍ଲାସେନ୍ ୧୯ ବଲ୍‌ରୁ ୨ଟି ଲେଖାଏଁ ଚୌକା ଓ ଛକା ସହ ୩୨ ରନ୍ କରିଥିଲେ। ଅନ୍ୟ କେହି ଦୁଇ ଅଙ୍କରେ ପହଞ୍ଚିବାକୁ ସମର୍ଥ ହୋଇ ପାରି ନ ଥିଲେ।

ଷ୍ଟାର୍କ ଶେଷ ସ୍ପେଲ୍‌ରେ ବୋଲିଂ କରିବାକୁ ଆସି ଆଉ ୨ଜଣ ଖେଳାଳି ୱିଆନ ମୁଲ୍ଡର ଓ ହର୍ଷଲ ପଟେଲଙ୍କୁ ପାଭିଲିୟନ ପଠାଇଥିଲେ। ଏହା ଫଳରେ ଷ୍ଟାର୍କ ତାଙ୍କ ସମସ୍ତ ପ୍ରକାର ଟି-୨୦ କ୍ୟାରିୟରରେ ପ୍ରଥମଥର ଗୋଟିଏ ଇନିଂସରେ ୫ ୱିକେଟ ନେବାର ସଫଳତା ହାସଲ କରିଥିଲେ। ବାମହାତୀ ସ୍ପିନର କୁଲଦୀପ ଯାଦବ ମାତ୍ର ୨୨ ରନ୍ ଦେଇ ୩ଜଣ ଖେଳାଳିଙ୍କୁ ଆଉଟ କରିବା ସହ ଉପଯୁକ୍ତ ସହାୟତା ଯୋଗାଇଥିଲେ। ହାଇଦରାବାଦ୍‌ର ଶକ୍ତିଶାଳୀ ବ୍ୟାଟିଂ ଲାଇନ୍ କ୍ରମାଗତ ଦୁଇଟି ମ୍ୟାଚ୍‌ରେ ଧୂଆଁରେ ପରିଣତ ହୋଇଛି।

### ● ଡୁ ପ୍ଲେସିସ୍‌ଙ୍କ ୩୮ତମ ଅର୍ଦ୍ଧଶତକ

୧୬୪ ରନ୍‌ର ଲକ୍ଷ୍ୟ ଦିଲ୍ଲୀ ଲାଗି ଆଦୌ କଷ୍ଟକର ମନେହେଉ ନ ଥିଲା। ଦୁଇ ଓପନର ଫାଫ ଡୁ ପ୍ଲେସିସ ଓ ଜେକ୍ ଫ୍ରେଜର-ମ୍ୟାକ୍‌ଗୁର୍କ୍ ୯ ଓଭରରେ ୮୧ ରନ୍ ଉଠାଇ ଦଳକୁ ବିଜୟ ରାସ୍ତାରେ ନେଇଯାଇଥିଲେ। ପ୍ରଥମେ ସଂଘର୍ଷ କରିଥିବା ଫ୍ରେଜର-ମ୍ୟାକ୍‌ଗୁର୍କ୍ କିଛି ଭଲ ସଟ୍ ଖେଳି ୩୨ ବଲ୍‌ରୁ ୩୮ ରନ୍ କରିଥିଲେ। କିନ୍ତୁ ବରିଷ୍ଠ ଖେଳାଳି ଡୁ ପ୍ଲେସିସ୍ ୨୬ ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିବା ପରେ ଆଉଟ ହୋଇଯାଇଥିଲେ। ଆଇପିଏଲ୍ କ୍ୟାରିୟରରେ ଏହା ତାଙ୍କର ୩୮ତମ ଅର୍ଦ୍ଧଶତକ ଥିଲା। ସେ ମୋଟ ୨୭ଟି ବଲ୍ ଖେଳି ୩ଟି ଲେଖାଏଁ ଚୌକା ଓ ଛକା ସହ ୫୦ ରନ୍ କରିଥିଲେ। ବେଙ୍ଗଲର ଯୁବ ଖେଳାଳି ଅଭିଷେକ ପୋରେଲ ଶେଷପର୍ଯ୍ୟନ୍ତ ୧୮ ବଲ୍‌ରୁ ୩୪ ଓ ଟ୍ରିଷ୍ଟାନ ଷ୍ଟବ୍ସ ୧୪ ବଲରୁ ୨୧ ରନ୍ କରି ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ପୋରେଲ ଛକା ମାରି ଦିଲ୍ଲୀକୁ ୭ ୱିକେଟରେ ଜିତାଇଥିଲେ। ଡାଡି ବା ବାପା ହେବା ପରେ ପ୍ରଥମ ମ୍ୟାଚ୍ ଖେଳିଥିବା ଲୋକେଶ ରାହୁଲ ମାତ୍ର ୫ଟି ବଲ୍‌ରୁ ଏକ ବିରାଟ ଛକା ଓ ୨ଟି ଚୌକା ସହ ୧୫ ରନ୍ କରିଥିଲେ। ହାଇଦରାବାଦ୍ ପକ୍ଷରୁ ଡେବ୍ୟୁଟାଣ୍ଟ ଲେଗ୍‌ସ୍ପିନର ଜୀଶାନ ଆନ୍‌ସାରୀ ୩ଟି ୱିକେଟ ନେବା ଦଳ ଲାଗି ଏକମାତ୍ର ସାନ୍ତ୍ୱନା ରହିଥିଲା। ଜୀଶାନ ଉତ୍ତରପ୍ରଦେଶ ପ୍ରିମିୟର ଲିଗ୍‌ରୁ ଆବିଷ୍କାର ହୋଇଛନ୍ତି।


**ସଂକ୍ଷିପ୍ତ ସ୍କୋର**

**ସନ୍‌ରାଇଜର୍ସ ହାଇଦରାବାଦ୍** : ୧୬୩/୧୦, ୧୮.୪ ଓଭର (ଅନିକେତ ବର୍ମା-୭୪, ହେନ୍‌ରିକ୍ କ୍ଲାସେନ-୩୨, ମିଚେଲ ଷ୍ଟାର୍କ-୫/୩୫, କୁଲଦୀପ ଯାଦବ- ୩/୨୨)।

**ଦିଲ୍ଲୀ କ୍ୟାପିଟାଲ୍ସ** : ୧୬୬/୩, ୧୬ ଓଭର (ଫାଫ୍ ଡୁ ପ୍ଲେସିସ-୫୦, ଫ୍ରେଜର-ମ୍ୟାକ୍‌ଗୁର୍କ-୩୮, ଅଭିଷେକ ପୋରେଲ-୩୪*, ଜୀଶାନ ଆନସାରୀ-୩/୪୨)।

ନୀତୀଶଙ୍କ ଅର୍ଦ୍ଧଶତକ, ହାସରଙ୍ଗାଙ୍କୁ ୪ ୱିକେଟ୍

# ରାଜସ୍ଥାନର ପ୍ରଥମ ବିଜୟ



**ଗୌହାଟୀ,୩୦।୩ (ଏଜେନ୍ସି):** ନୀତୀଶ ରାଣାଙ୍କ ଅର୍ଦ୍ଧଶତକ ଓ ୱାନିନ୍ଦୁ ହାସରଙ୍ଗାଙ୍କ ଚତୁର ବୋଲିଂ ବଳରେ ଚଳିତ ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସ ପ୍ରଥମ ବିଜୟ ହାସଲ କରିଛି। ଏଠାରେ ରବିବାର ଅନୁଷ୍ଠିତ ଆଇପିଏଲ୍‌ର ଏକାଦଶ ଲିଗ୍ ମ୍ୟାଚ୍‌ରେ ରାଜସ୍ଥାନ ୬ ରନ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସକୁ ପରାସ୍ତ କରି ତୃତୀୟ ମୁକାବିଲାରୁ ପ୍ରଥମ ବିଜୟ ହାସଲ କରିଛି। ଅନ୍ୟପକ୍ଷରେ ଚେନ୍ନାଇ ତୃତୀୟ ମ୍ୟାଚ୍‌ରୁ ଦ୍ୱିତୀୟ ପରାଜୟ ବରଣ କରିଛି। ଏଠାରେ ନୀତୀଶ ୩୬ ବଲ୍‌ରେ ୪୧ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ରୟାଲ୍ସ ୯ ୱିକେଟରେ ୧୮୨ ରନ୍ କରିଥିଲା। ଜବାବରେ ଚେନ୍ନାଇ ସୁପର କିଙ୍ଗ୍‌ସ ସମାନ ୨୦ ଓଭରରେ ଖେଳି ୬ ୱିକେଟ ବିନିମୟରେ ୧୭୬ ରନ୍ କରି ଅଳ୍ପକେ ବିଜୟରୁ ବଞ୍ଚିତ ହୋଇଛି। ଦଳ ପକ୍ଷରୁ ଅଧିନାୟକ ଋତୁରାଜ ଗାଏକ୍‌ୱାଡ ସର୍ବାଧିକ ୬୩, ରବୀନ୍ଦ୍ର ଜାଡେଜା ୩୨, ରାହୁଲ ତ୍ରିପାଠୀ ୨୩, ଶିବମ ଦୁବେ ୧୮ ଓ ମହେନ୍ଦ୍ର ସିଂ ଧୋନି ୧୬ ରନ୍ କରିଥିଲେ ମଧ୍ୟ ଦଳକୁ ବିଜୟୀ କରାଇପାରି ନ ଥିଲେ। ରାଜସ୍ଥାନ ପକ୍ଷରୁ ଶ୍ରୀଲଙ୍କା ଲେଗ୍ ସ୍ପିନର ୪ଟି ୱିକେଟ ନେଇ ସର୍ବାଧିକ କ୍ଷତି ଘଟାଇଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ରୟାଲ୍ସ ପ୍ରଥମ ଓଭରରେ ଜୟସ୍ୱାଲ୍‌ଙ୍କ ୱିକେଟ ହରାଇଥିଲା। ଏହା ପରେ ନଂ-୩ରେ ବ୍ୟାଟିଂ କରିବାକୁ ଆସି ନୀତୀଶ ରାଣା ଖେଳର ମଙ୍ଗ ସମ୍ଭାଳିଥିଲେ। ସେ ଦ୍ୱିତୀୟ ୱିକେଟରେ ସଞ୍ଜୁ ସାମସନଙ୍କ ସହ ୪୨ବଲ୍‌ରୁ ୮୨ ଓ ରିଆନ ପରାଗଙ୍କ ସହ ୨୪ ବଲ୍‌ରୁ ୩୮ ରନ୍ ଉଠାଇ ଦଳକୁ ଏକ ବଡ଼ ସ୍କୋର ଅଭିମୁଖେ ନେଇଯାଇଥିଲେ। କିନ୍ତୁ ୮୧ ରନ୍‌ରେ ନୀତୀଶ ଷ୍ଟମ୍ପ ଆଉଟ ହେବା ଓ ପରାଗ ୩୭ ରନ୍‌ରେ ପତିରାଣାଙ୍କ ଦ୍ୱାରା ବୋଲ୍ଡ ହେବା ପରେ ରାଜସ୍ଥାନର ରନ୍ ହାର କମିଯାଇଥିଲା। ଏକଦା ଦଳ ୫ ୱିକେଟରେ ୧୬୬ ରନ୍ କରିଥିଲାବେଳେ ଶେଷ ୫ ୱିକେଟରେ ମାତ୍ର ୧୬ ରନ୍ କରିବାକୁ ସମର୍ଥ ହୋଇଥିଲା। ଚେନ୍ନାଇ ପକ୍ଷରୁ ଖଲୀଲ ଅହମ୍ମଦ୍, ନୁର ଅହମ୍ମଦ୍ ଓ ମାଥୀଶା ପତିରାଣା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଦୁଇ ବିସ୍ଫୋରକ ବ୍ୟାଟର ପରାଗ ଓ ହେଟମାୟରଙ୍କୁ ଆଉଟ କରି ପତିରାଣା ରାଜସ୍ଥାନକୁ ଅଟକାଇଦେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ରାଜସ୍ଥାନ ରୟାଲ୍ସ** : ୧୮୨/୯, ୨୦ ଓଭର (ନୀତୀଶ ରାଣା-୮୧, ରିଆନ ପରାଗ-୩୭, ନୁର ଅହମ୍ମଦ୍-୨/୨୮, ପତିରାଣା-୨/୨୮)।
**ଚେନ୍ନାଇ ସୁପର କିଙ୍ଗ୍‌ସ** : ୧୭୬/୬, ୨୦ ଓଭର (ଗାଏକ୍‌ୱାଡ-୬୩, ରାହୁଲ ତ୍ରିପାଠୀ-୨୩, ଜଡେଜା-୩୨*,ଧୋନି-୧୬, ୱାନିନ୍ଦୁ ହାସରାଙ୍ଗା-୪/୩୫, ଜୋଫ୍ରା ଆର୍ଚର-୧/୧୩)।

**ଆଇପିଏଲ୍‌ରେ ଆଜି**
**ମୁମ୍ବାଇ ବନାମ କୋଲକାତା**
ମୁମ୍ବଇ/ ରାତି ୭.୩୦ | ଷ୍ଟାର ସ୍ପୋର୍ଟ୍‌ସ / ଜିଓ ହଟଷ୍ଟାର

■ ଇଣ୍ଡିଆନ ସୁପର ଲିଗ୍

## ମୋହନ ବାଗାନ-ଜାମସେଦପୁର ସେମିଫାଇନାଲ

**ଶିଲଂ,୩୦।୩(ଏଜେନ୍ସି):** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ର ଚଳିତ ଏକାଦଶ ସଂସ୍କରଣର ସେମିଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଛି। ଚତୁର୍ଥ ତଥା ଅନ୍ତିମ ଦଳ ଭାବେ ଜାମସେଦପୁର ଏଫ୍‌ସି ସେମିକୁ ଉଠିଛି। ରବିବାର ସ୍ଥାନୀୟ ଜବାହରଲାଲ ନେହରୁ ଷ୍ଟାଡିୟମ (ପୋଲୋ) ଗ୍ରାଉଣ୍ଡରେ ଅନୁଷ୍ଠିତ ଅନ୍ତିମ ପ୍ଲେ-ଅଫ୍‌ରେ ଜାମ୍‌ସେଦପୁର ୨-୦ ଗୋଲରେ ନର୍ଥଇଷ୍ଟ ୟୁନାଇଟେଡ ଏଫ୍‌ସିକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଜାମସେଦପୁର ଏବେ ଦୁଇ ଲେଗ୍ ବିଶିଷ୍ଟ ସେମିଫାଇନାଲରେ ଟେବଲ ଟପ୍ପର ମୋହନ ବାଗାନକୁ ଏପ୍ରିଲ ୩ ଓ ୭ ତାରିଖରେ ଭେଟିବ। ଅନ୍ୟଏକ ସେମିଫରେ ଏଫ୍‌ସି ଗୋଆ ଓ ସୁନୀଲ ଛେତ୍ରୀଙ୍କ ବେଙ୍ଗାଲୁରୁ ଏଫ୍‌ସି ପରସ୍ପରକୁ ଏପ୍ରିଲ ୨ ଓ ୬ରେ ତାରିଖରେ ଭେଟିବେ। ଲିଗ୍‌ର ଫାଇନାଲ ମୁକାବିଲା ଶନିବାର ଏପ୍ରିଲ ୧୨ରେ ଖେଳାଯିବ। ଅଙ୍କ ତାଲିକାରେ ନର୍ଥଇଷ୍ଟ ଚତୁର୍ଥ ଓ ଜାମେସେଦପୁର ୫ମ ସ୍ଥାନରେ ରହି ପ୍ଲେ-ଅଫ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଜାମସେଦପୁର ପ୍ରଥମଥର ପାଇଁ ପ୍ଲେ-ଅଫ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା।

ରୋନାଲ୍ଡିନୋ, ରିଭାଲ୍ଡୋ ଖେଳିଲେ

## ଇଣ୍ଡିଆ ଅଲ୍‌ଷ୍ଟାର୍ସକୁ ହରାଇଲା ବ୍ରାଜିଲ ଲିଜେଣ୍ଡ୍‌ସ

**ଚେନ୍ନଇ,୩୦।୩(ଏଜେନ୍ସି):** ସ୍ଥାନୀୟ ଜବାହରଲାଲ ନେହରୁ ଷ୍ଟାଡିୟମରେ ରବିବାର ବ୍ରାଜିଲ ଲିଜେଣ୍ଡସ ଓ ଇଣ୍ଡିଆ ଅଲଷ୍ଟାର୍ସ ଦଳ ମଧ୍ୟରେ ଏକ ହାଇପ୍ରୋଫାଇଲ ପ୍ରଦର୍ଶନ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଫୁଟବଲ ପ୍ଲସ ଏକାଡେମୀ ଓ ବ୍ରାଜିଲ ସକର ଏକାଡେମୀ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ବ୍ରାଜିଲ ୨-୧ ଗୋଲରେ ଭାରତକୁ ପରାସ୍ତ କରିଛି। ୧୯୯୪ ଓ ୨୦୦୨ ଫିଫା ବିଶ୍ୱକପ୍ ବିଜୟୀ ବ୍ରାଜିଲ ଦଳର ସଦସ୍ୟଙ୍କୁ ନେଇ ୧୬ ଜଣିଆ ବ୍ରାଜିଲ ଲିଜେଣ୍ଡସ ଦଳ ଗଠିତ ହୋଇଥିଲା। ସେହିପରି ଭାରତୀୟ ଦଳରେ ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲ ତାରକାମାନେ ସାମିଲ ହୋଇଥିଲେ। ବ୍ରାଜିଲ ଦଳରେ ରୋନାଲ୍ଡିନୋ, ରିଭାଲ୍ଡୋ, କାଫୁ, ଗିଲବେର୍ଟୋ ସିଲଭା, ଏଡମିଲସନ, ମାର୍ସେଲୋ, ଲୁସିଓଙ୍କ ଭଳି କିମ୍ବଦନ୍ତୀ ଫୁଟବଲ ସାମିଲ ହୋଇଥିଲେ।



ସେହିପରି ଭାରତୀୟ ଦଳରେ ଆଇଏମ୍ ବିଜୟନ, ଅର୍ଣ୍ଣବ ମଣ୍ଡଲ, ସୁଭାଶିଷ ରଏଙ୍କ ଭଳି ପୂର୍ବତନ ଫୁଟବଲ ସାମିଲ ଥିଲେ। ୩୫ ମିନିଟ ହାଫ୍ ଅର୍ଥାତ୍ ୭୦ ମିନିଟ୍‌ର ଏହି ମ୍ୟାଚ୍‌ରେ ଭିଓଲା ୪୩ତମ ମିନିଟ୍‌ରେ ଗୋଲ ଦେଇ ବ୍ରାଜିଲକୁ ଅଗ୍ରଣୀ କରାଇଥିଲେ। ଏହାପରେ ଭାରତର ବିବିଆନୋ ଫର୍ଣ୍ଣାଣ୍ଡିଜ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ତେବେ ୬୩ତମ ମିନିଟ୍‌ରେ ଓଲିଭେଇରା ଗୋଲ ଦେଇଓ ବ୍ରାଜିଲକୁ ଜିତାଇଥିଲେ। ଏହି ମ୍ୟାଚ୍ ଦେଖିବାକୁ ଷ୍ଟାଡିୟମରେ ୨୩ ହଜାର ଦର୍ଶକ ଉପସ୍ଥିତ ଥିଲେ।


## ପଦାର୍ପଣରେ ଦରଜୀବାଲା ପୁଅଙ୍କ କମାଲ



**ଗୌହାଟୀ, ୩୦।୩ (ଏଜେନ୍ସି):** ପୁଣି ଜଣେ ଯୁବ କ୍ରିକେଟର୍ ଆଇପିଏଲ୍ ପଦାର୍ପଣରେ ପ୍ରଭାବୀ ପ୍ରଦର୍ଶନ କରି ଛାପ ଛାଡ଼ିବାରେ ସଫଳ ହୋଇଛନ୍ତି। ସେ ହେଲେ ଉତ୍ତରପ୍ରଦେଶର ଲେଗ୍-ସ୍ପିନର ଜୀଶାନ ଅନ୍‌ସାରୀ। ୨୫ ବର୍ଷୀୟ ଜୀଶାନ ରବିବାର ସନ୍‌ରାଇଜର୍ସ ହାଇଦରାବାଦ୍ ପକ୍ଷରୁ ପଦାର୍ପଣ କରି ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୩ଟି ୱିକେଟ୍ ସଫଳତା ପାଇଥିଲେ। ମହାନ ଅଷ୍ଟ୍ରେଲୀୟ ବୋଲର୍ ଶେନ ୱର୍ଣ୍ଣଙ୍କୁ ନିଜର ଆଦର୍ଶ ମାନୁଥିବା ଅନ୍‌ସାରୀଙ୍କ ଏହି ସଫଳତାକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। ଅତ୍ୟନ୍ତ ଗରିବ ପରିବାରରୁ ଆସିଥିବା ଅନ୍‌ସାରୀଙ୍କ ପିତା ନଇମ ଲକ୍ଷ୍ନୌରେ ଦରଜୀ କାମ କରି ଗୁଜରାଣ ମେଣ୍ଟାନ୍ତି। ଆର୍ଥିକ ସଙ୍କଟ ସତ୍ତ୍ୱେ ଜୀଶାନଙ୍କୁ କ୍ରିକେଟ୍ ଖେଳିବାରେ ନଇମ କେବେ କୌଣସି ଊଣା କରି ନ ଥିଲେ। ୨୦୧୬ରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଖେଳିବାର ସୌଭାଗ୍ୟ ଲାଭ କରିଥିବା ଜୀଶାନ ଏହାର ଗୋଟିଏ ବର୍ଷ ପରେ ଉତ୍ତର ପ୍ରଦେଶ ରଣଜୀ ଦଳରେ ସ୍ଥାନ ପାଇଥିଲେ। ତେବେ ସେ ମାତ୍ର ୫ଟି ରଣଜୀ ଖେଳିବାର ସୁଯୋଗ ପାଇଥିଲେ। ତେବେ ଗତବର୍ଷ ଉତ୍ତର ପ୍ରଦେଶ ଟି-୨୦ ଲିଗ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ସେ ୨୪ଟି ୱିକେଟ୍ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଆଇପିଏଲ୍ ମେଗା ନିଲାମୀ ଅନୁଷ୍ଠିତ ହୋଇଥିବାବେଳେ ହାଇଦରାବାଦ୍ ଫ୍ରାଞ୍ଚାଇଜ ତାଙ୍କୁ ୪୦ ଲକ୍ଷ ଟଙ୍କାରେ କ୍ରୟ କରି ଦଳରେ ସାମିଲ କରିଥିଲା।

## ଉତ୍ତେଜକ ଔଷଧ ଶେନ୍ ୱର୍ଣ୍ଣଙ୍କ ମୃତ୍ୟୁର କାରଣ

**ଲଣ୍ଡନ,୩୦।୩(ଏଜେନ୍ସି):** ଅଷ୍ଟ୍ରେଲିଆ କିମ୍ବଦନ୍ତୀ ସ୍ପିନର ଶେନ ୱର୍ଣ୍ଣଙ୍କ ମୃତ୍ୟୁର ୩ ବର୍ଷ ବିତିଗଲାଣି। ୨୦୨୨ ଏପ୍ରିଲ୍‌ରେ ୱର୍ଣ୍ଣ ମାତ୍ର ୫୨ ବର୍ଷରେ ଥାଇଲାଣ୍ଡରେ ହୃଦ୍‌ଘାତ କାରଣରୁ ପରଲୋକଗମନ କରିଥିଲେ। ସମ୍ପୂର୍ଣ୍ଣ ସୁସ୍ଥ ଓ ଫିଟ୍ ଥିବା ବେଳେ ତାଙ୍କର ମୃତ୍ୟୁ ନେଇ ସମସ୍ତେ ସେତେବେଳେ ଚକିତ ହୋଇଥିଲେ। ଏବେ କିନ୍ତୁ ମୃତ୍ୟୁର କାରଣ ନେଇ ଏକ ଚକିତ କଲା ଭଳି ସୂଚନା ମିଳିଛି। ଏକ ରିପୋର୍ଟ ଅନୁଯାୟୀ ତାଙ୍କ କୋଠରୀରେ ସେତେବେଳେ ଏକ ଉତ୍ତେଜକ ଔଷଧର ଶିଶି ମିଳିଥିଲା। ଏହି ଔଷଧ ସେବନ କରିବା କାରଣରୁ ତାଙ୍କର ହୃଦ୍‌ଘାତ ହୋଇଥିଲା ବୋଲି ସେତେବେଳେ ତଦନ୍ତ କରିଥିବା ନିଜର ନାମ ଗୋପନ ରଖି ଜଣେ ପୁଲିସ ଅଧିକାରୀ କହିଛନ୍ତି। କିନ୍ତୁ ସେତେବେଳେ ଏହାକୁ ଛପାଇବା ପାଇଁ ତାଙ୍କୁ ନିର୍ଦ୍ଦେଶ ମିଳିଥିଲା ବୋଲି ସେ କହିଛନ୍ତି।



### କୋଠରୀରେ କାମାଗ୍ରା ଶିଶି ମିଳିଥିଲା

ଇଂଗ୍ରେଜ ୱେବ୍‌ସାଇଟ୍ 'ଡେଲି ମେଲ୍' ଅନୁଯାୟୀ ଯେଉଁ କୋଠରୀରେ ୱର୍ଣ୍ଣଙ୍କ ମୃତ୍ୟୁ ହୋଇଥିଲା ସେଠାରେ ଏକ ଉତ୍ତେଜକ ଔଷଧ 'କାମାଗ୍ରା'ର ଶିଶି ମିଳିଥିଲା। ଏହା ଭାଏଗ୍ରା ଭଳି ଏକ ଯୌନ ଉତ୍ତେଜକ ଔଷଧ ଭାବେ ଜଣାଶୁଣା। ଯୌନ ଅକ୍ଷମତା ପାଇଁ ଏହାକୁ ବ୍ୟବହାର କରାଯାଇଥାଏ। କିନ୍ତୁ ଯେଉଁମାନଙ୍କ ହାର୍ଟ ଇସ୍ୟୁ ଅର୍ଥାତ ହୃଦ୍‌ଘାତଜନିତ ସମସ୍ୟା ଅଛି ସେମାନଙ୍କୁ କାମାଗ୍ରା ବ୍ୟବହାର କରିବାକୁ ବାରଣ କରାଯାଇଛି। ଏହି ଔଷଧକୁ ଲୁଚାଇବା ପାଇଁ ମୋତେ ବରିଷ୍ଠ ପୁଲିସ ଅଧିକାରୀମାନେ ନିର୍ଦ୍ଦେଶ ଦେଇଥିଲେ। ୱର୍ଣ୍ଣଙ୍କ ଭଳି ଜଣେ ବିଶ୍ୱସ୍ତରୀୟ ଖେଳାଳି ଓ କିମ୍ବଦନ୍ତୀ କ୍ରିକେଟରଙ୍କ ମୃତ୍ୟୁ ଏହି କାରଣରୁ ହୋଇଛି ବୋଲି ସାରା ବିଶ୍ୱକୁ ଛପାଇବା ପାଇଁ ପ୍ରୟାସ କରାଯାଇଥିଲା ଓ ଅଷ୍ଟ୍ରେଲିଆ ବିରଷ୍ଠ ଅଧିକାରୀମାନେ ୱର୍ଣ୍ଣଙ୍କ ଯଶ ଓ ଖ୍ୟାତିକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନେଇଥିଲେ ବୋଲି ପୁଲିସ ଅଧିକାରୀ ଜଣକ କହିଛନ୍ତି। ତେବେ ୱର୍ଣ୍ଣଙ୍କ ମୃତ୍ୟୁ ସ୍ୱାଭାବିକ ଥିଲା ଓ ଏଥିରେ କୌଣସି ଷଡ଼ଯନ୍ତ୍ର ହୋଇ ନଥିଲା ବୋଲି ଥାଇଲାଣ୍ଡର ସୁରାତ ଥାନି ହସ୍ପିଟାଲ ତରଫରୁ ଶବ ବ୍ୟବଚ୍ଛେଦ କରାଯାଇ ସୂଚନା ଦିଆଯାଇଥିଲା।

## ୮୦ ଥର ଲାଗି ଏକ ଅଙ୍କ ସ୍କୋର୍‌ରେ ଆଉଟ୍ ହେଲେ ରୋହିତ୍



**ନୂଆଦିଲ୍ଲୀ, ୩୦।୩ (ଏଜେନ୍ସି)**

ଚଳିତ ଆଇପିଏଲ୍‌ରେ ଶନିବାର ରାତିରେ ଖେଳାଯାଇଥିବା ଏକ ମ୍ୟାଚରେ ଗୁଜରାଟ ଟାଇଟନ୍ସ ୩୬ ରନରେ ୫ଥରର ବିଜେତା ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ମୁମ୍ବାଇର ଏହା କ୍ରମାଗତ ୨ୟ ପରାଜୟ ଥିଲା। ପୂର୍ବରୁ ପ୍ରଥମ ମ୍ୟାଚରେ ମୁମ୍ବାଇ ୪ ୱିକେଟ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ ନିକଟରୁ ହାରିଯାଇଥିଲା। ଏହି ଦୁଇଟିଯାକ ମ୍ୟାଚରେ ମୁମ୍ବାଇର ସବୁଠୁ ଅଭିଜ୍ଞ ବ୍ୟାଟର୍ ରୋହିତ୍ ଶର୍ମାଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଦେଖିବାକୁ ମିଳିଛି। ଚେନ୍ନାଇ ବିପକ୍ଷରେ ରୋହିତ୍ ୪ଟି ବଲ୍ ସାମ୍ନା କରିଥିଲେ ମଧ୍ୟ ଖାତା ଖୋଲିପାରି ନ ଥିଲେ। ସେହିଭଳି ଗୁଜରାଟ ବିପକ୍ଷରେ ମଧ୍ୟ ସେ ୮ ରନ କରିଥିବାବେଳେ ମହମ୍ମଦ ସିରାଜଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଯାଇଥିଲେ। ଅର୍ଥାତ୍ ଦୁଇଟିଯାକ ମ୍ୟାଚରେ ରୋହିତ୍ ଦୁଇଅଙ୍କ ବିଶିଷ୍ଟ ସ୍କୋର ଛୁଇଁପାରି ନ ଥିଲେ। ଯାହାକୁ ନେଇ ଭାରତୀୟ ଦଳର ଅଧିନାୟକ ରୋହିତ୍ ନିଜ ନାମରେ ରହିଥିବା ଏକ ଅଲୋଡ଼ା ରେକର୍ଡକୁ ଆହୁରି ଆଗକୁ ବଢ଼ାଇଛନ୍ତି। ଆଇପିଏଲ୍ ଇତିହାସରେ ସର୍ବାଧିକଥର ଏକ ଅଙ୍କବିଶିଷ୍ଟ ସ୍କୋରରେ ଆଉଟ୍ ହେବାରେ ରୋହିତ୍‌ଙ୍କ ନାମରେ ରେକର୍ଡ ରହିଛି। ଆଇପିଏଲ୍‌ର ୧୮ ବର୍ଷ ଇତିହାସରେ ରୋହିତ୍ ୮୦ଥର ଏକଅଙ୍କ ସ୍କୋରରେ ପ୍ୟାଭିଲିୟନ ଫେରିଛନ୍ତି। ରୋହିତ୍‌ଙ୍କ ପଛକୁ ଦୀନେଶ କାର୍ତ୍ତିକ ୭୨ଥର ଏକ ଅଙ୍କ ସ୍କୋରରେ ଆଉଟ୍ ହୋଇଛନ୍ତି।

**ଆଇପିଏଲ୍‌ରେ ସର୍ବାଧିକ ଥର ଏକ ଅଙ୍କରେ ଆଉଟ୍**

| ବ୍ୟାଟର୍ | ମ୍ୟାଚ୍ | ଏକଅଙ୍କ |
|---|---|---|
| ରୋହିତ୍ ଶର୍ମା | ୨୫୯ | ୮୦ଥର |
| ଦୀନେଶ କାର୍ତ୍ତିକ | ୨୫୭ | ୭୨ଥର |
| ବିରାଟ କୋହଲଇ | ୨୫୪ | ୫୭ଥର |
| ରବିନ ଉଥପ୍ପା | ୨୦୫ | ୫୭ଥର |
| ଶିଖର ଧାୱନ | ୨୨୨ | ୫୬ଥର |
| ସୁରେଶ ରାଇନା | ୨୦୫ | ୫୩ଥର |
| ଆଜିଙ୍କ୍ୟା ରାହାଣେ | ୧୮୭ | ୫୨ଥର |
| ଅମ୍ବାତି ରାୟୁଡୁ | ୨୦୪ | ୫୨ଥର |
| ଡେଭିଡ୍ ୱାର୍ଣ୍ଣର | ୧୮୪ | ୫୧ଥର |
| ମହେନ୍ଦ୍ର ସିଂ ଧୋନି | ୨୬୭ | ୫୦ଥର |
| ସୁନିଲ ନାରିନ | ୧୭୮ | ୫୦ଥର |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS